ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୧୨/୨୦୨୨ (୮+୮=୧୬ ପୃଷ୍ଠା) Sambalpur, Wednesday, October 12/2022 Page 16 ₹ 7.00 | ★★

୧୮ଶ ଭାଗ ୨୯୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 294 ମୂଲ୍ୟ₹୭/-





ଉଦ୍‌ଘାଟନୀ ସମାରୋହ ଅବସରରେ (ବାମରୁ) ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ, ଫିଫା ମହାସଚିବ ଫାତମା ସମୋଉରା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କ୍ରୀଡ଼ା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ଗୋଆ କ୍ରୀଡ଼ା ମନ୍ତ୍ରୀ ଗୋବିନ୍ଦ ଗୌଡେ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବଢୁଛି ବାତ୍ୟା ଭୟ

## ୨୪ରୁ ୨୬ ମଧ୍ୟରେ ପୁରୀ, ପାରାଦୀପ ଦେଇ ଅତିକ୍ରମ କରିପାରେ

**ଭୁବନେଶ୍ୱର, ୧୧।୧୦ (ବ୍ୟୁରୋ)**

ଓଡ଼ିଶାକୁ ବାତ୍ୟା ଭୟ ବଢ଼ିବାରେ ଲାଗିଛି। ଅକ୍ଟୋବର ୨୪ରୁ ୨୬ ମଧ୍ୟରେ ଉତ୍ତର ଓଡ଼ିଶା, ପାରାଦୀପ କିମ୍ବା ପୁରୀଠାରେ ବାତ୍ୟା ପିଟି ହେବା ଆଶଙ୍କା ବଢ଼ିବାରେ ଲାଗିଛି। ଅନ୍ତର୍ଜାତୀୟ ପାଣିପାଗ ମଡେଲ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ୍(ଜିଏଫ୍‌ଏସ୍) ଏ ନେଇ ସତର୍କ କରାଇଲାଣି। ଜିଏଫ୍‌ଏସ୍ ସୂଚନା ଅନୁଯାୟୀ ଆସନ୍ତା ୧୭ରୁ ୧୮ ମଧ୍ୟରେ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୧୯ କିମ୍ବା ୨୦ ତାରିଖରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ଧୀରେ ଧୀରେ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ୨୨ ଓ ୨୩ ତାରିଖ ବେଳକୁ ଏହା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହୋଇ ବାତ୍ୟା ରୂପ ନେବ ବୋଲି ଅନୁମାନ କରାଯାଉଛି। ସମୁଦ୍ରରେ ଏହା ୨ ଦିନ ଆହୁରି ଶକ୍ତିଶାଳୀ ହେବ। ଅକ୍ଟୋବର ୨୪ କିମ୍ବା ୨୬ ତାରିଖରେ ଏହା ଉତ୍ତର ପୂର୍ବ ଦିଗକୁ ଗତି କରି ଉତ୍ତର ଓଡ଼ିଶା କିମ୍ବା ପାରାଦୀପ ଓ ପୁରୀ ମଧ୍ୟରେ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଆସନ୍ତା ୪/୫ ଦିନ ପରେ ଏ ନେଇ ଚିତ୍ର ସ୍ପଷ୍ଟ ହୋଇଯିବ। ତେବେ ବାତ୍ୟାର ରୂପରେଖ ନେଇ ଏ ପର୍ଯ୍ୟନ୍ତ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବିଭିନ୍ନ ପାଣିପାଗ ମଡେଲ ଆକଳନ ଯଦି ଠିକ୍ ହୁଏ ତେବେ ଓଡ଼ିଶା ଆଉ ଏକ ବାତ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହେବ।

### ୨୦ରେ ଫେରିଯିବ ମୌସୁମୀ, ଦୁଇଦିନ ହାଲୁକା ବର୍ଷା



ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ବଙ୍ଗୋପସାଗରରୁ ଜଳୀୟବାଷ୍ପ ଓଡ଼ିଶା ମଧ୍ୟକୁ ଆସୁଥିବାରୁ ବାୟୁ ମଣ୍ଡଳରେ ଆର୍ଦ୍ରତା ବଢ଼ିଯାଉଛି। ଦିନ ସମୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହୁଛି। ଆସନ୍ତା ୨୦ ତାରିଖ ମଧ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ନେଇ ପାଣିପାଗ ବିଭାଗ ଅନୁମାନ କରୁଛି। ସ୍ୱାଭାବିକ ଭାବେ ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ଅକ୍ଟୋବର ୧୦ ତାରିଖ ସୁଦ୍ଧା ମୌସୁମୀ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିଥାଏ। ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସପ୍ତାହେ ବିଳମ୍ବରେ ମୌସୁମୀ ବିଦାୟ ନେବ ବୋଲି ଅନୁମାନ କରାଯାଉଛି।

ଆଉ ୨ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୩ ତାରିଖରେ ମଧ୍ୟ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଉଦ୍‌ଘାଟିତ

## ସମାରୋହରେ ଯୋଗଦେଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର

**ଭୁବନେଶ୍ୱର, ୧୧।୧୦ (କ୍ରୀଡ଼ା ପ୍ରତିନିଧି)**

ଭାରତ ଏବଂ ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ଦେଶରେ ପ୍ରଥମଥରପାଇଁ ଆୟୋଜିତ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ। ଟୁର୍ନାମେଣ୍ଟରେ ଭାରତ ମଧ୍ୟ ଡେବ୍ୟୁ କରିଛି। କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି ବିଶ୍ୱକପର ୭ମ ସଂସ୍କରଣ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଅପରାହ୍ନ ୪ଟା ୩୦ରେ ବ୍ରାଜିଲ ଓ ମରକ୍କୋ ମଧ୍ୟରେ ହୋଇଥିଲେ ହେଁ ଉଦ୍‌ଘାଟନୀ ଉତ୍ସବ ରାତି ୮ଟାରେ ଭାରତ–ଆମେରିକା ମ୍ୟାଚ ପୂର୍ବରୁ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଫିଫା ମହାସଚିବ ଫାତମା ସମୋଉରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ସଭାପତି କଲ୍ୟାଣ ଚୌବେ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ହାତଯୋଡ଼ି ସମସ୍ତ ଖେଳାଳି ଓ ଅଫିସିଆଲଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଉତ୍ସବରେ ଯୋଗ ଦେଇଥିଲେ। ଆତସବାଜି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବରୁ ହକି ବିଶ୍ୱକପ ସମେତ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଦେଖି ସାରିଥିବା ଓଡ଼ିଶା ଦର୍ଶକ ଏବେ ଉପଭୋଗ କରିଛନ୍ତି ଫିଫାର ଏକ ମେଗା ପ୍ରତିଯୋଗିତା। ବିଶ୍ୱର ମହିଳା ଫୁଟବଲରେ ରାଜୁତି କରୁଥିବା ଉଦୀୟମାନ ତାରକାଙ୍କ ଆକ୍ସନ ଦେଖିବାକୁ ମିଳିଛି କଳିଙ୍ଗ ଆରେନାରେ। ଓଡ଼ିଶାର ଦର୍ଶକ ମଧ୍ୟ ଏହି ସୁଯୋଗକୁ ହାତଛଡ଼ା କରି ନାହାନ୍ତି। ବହୁ ସଂଖ୍ୟାରେ ଉପସ୍ଥିତ ରହି ଫୁଟବଲର ରୋମାଞ୍ଚକୁ ନିକଟରୁ ଦେଖିବା ସହ ସେମାନଙ୍କ ପ୍ରିୟ ତାରକାଙ୍କୁ ଉତ୍ସାହିତ କରିଥିଲେ।

# ଓସିଏସ୍ କଟ୍ ଅଫ୍ ମାର୍କ ପ୍ରକାଶିତ

**କଟକ ଅଫିସ, ୧୧।୧୦**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)–୨୦୨୦ ପରୀକ୍ଷାର କଟ୍‌ଅଫ୍ ମାର୍କ ମଙ୍ଗଳବାର ପ୍ରକାଶ ପାଇଛି। ବିଭିନ୍ନ ବର୍ଗରେ ପ୍ରିଲିମ ଏବଂ ମୁଖ୍ୟ ପରୀକ୍ଷାର କଟ୍‌ଅଫ୍ ମାର୍କ ସହ ସାକ୍ଷାତ୍କାରରେ କେଉଁ ପ୍ରାର୍ଥୀ କେତେ ମାର୍କ ରଖିଛନ୍ତି ତାହା ଏହି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ପ୍ରିଲିମ ପରୀକ୍ଷାରେ ଅସଂରକ୍ଷିତ ବର୍ଗର ପୁରୁଷ ପ୍ରାର୍ଥୀଙ୍କ ନିମନ୍ତେ ୧୦୬.୦୦୪ କଟ୍‌ଅଫ୍ ମାର୍କ ଥିବାବେଳେ ମହିଳାଙ୍କ ପାଇଁ ୯୬.୭୦୩ ମାର୍କ ରହିଥିଲା। ସେହିପରି ଏସ୍‌ଇବିସି ବର୍ଗରେ ଯଥାକ୍ରମେ ୧୦୨.୧୯୮ ଓ ୮୭.୩୬୩, ଅନୁସୂଚିତ ଜାତିବର୍ଗରେ ୮୨.୪୧୮ ଏବଂ ୬୭.୫୮୨, ଅନୁସୂଚିତ ଜନଜାତି ବର୍ଗରେ ଯଥାକ୍ରମେ ୬୦.୯୮୯ ଏବଂ ୫୮.୭୯୧ କଟ୍‌ଅଫ୍ ମାର୍କ ରହିଥିଲା। ଅନ୍ୟପକ୍ଷରେ ଓସିଏସ୍ ମେନ୍ ପରୀକ୍ଷାରେ ଅସଂରକ୍ଷିତ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ନିମନ୍ତେ ୧୨୬୩ ଲେଖାଏ ମାର୍କ, ଏସ୍‌ଇବିସିରେ ଯଥାକ୍ରମେ ୧୨୪୪ ଓ ୧୨୪୫.୫ ମାର୍କ, ଅନୁସୂଚିତ ଜାତିବର୍ଗରେ ଯଥାକ୍ରମେ ୧୧୭୩ ଏବଂ ୧୧୭୧, ଅନୁସୂଚିତ ଜନଜାତି ବର୍ଗରେ ଯଥାକ୍ରମେ ୧୦୨୬ ଏବଂ ୧୦୨୭ କଟ୍ ଅଫ୍ ମାର୍କ ରହିଥିଲା। ତେବେ ଉକ୍ତ ପରୀକ୍ଷାରେ ସମୁଦାୟ ୩୯୨ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ।

**ଆଜିର ସମ୍ପାଦକୀୟ**

**ମିଶୁଛି ବେଲାରୁଷ**






# ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପରବର୍ତ୍ତୀ ସିଜେଆଇ

**ନୂଆଦିଲ୍ଲୀ, ୧୧।୧୦:** ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ୟୁ.ୟୁ. ଲଳିତ ମଙ୍ଗଳବାର ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସିଜେଆଇ ଲଳିତଙ୍କ ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ହେଉଛନ୍ତି ବରିଷ୍ଠତମ ବିଚାରପତି। ନଭେମ୍ବର ୮ରେ ଜଷ୍ଟିସ୍ ଲଳିତଙ୍କ କାର୍ଯ୍ୟକାଳ ଶେଷ ହେଉଥିବାବେଳେ ଉତ୍ତରାଧିକାରୀଙ୍କ ନାଁ ପ୍ରସ୍ତାବ ଦେବା ପାଇଁ ଗତ ଶୁକ୍ରବାର ଆଇନ ମନ୍ତ୍ରଣାଳୟ ସିଜେଆଇଙ୍କୁ ଚିଠି ଲେଖିଥିଲା।



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

୨୦୧୬ରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ପାଇଥିଲେ। ଜଷ୍ଟିସ୍ ଲଳିତଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ନଭେମ୍ବର ୯ରେ ସେ ଦେଶର ୫୦ତମ ସିଜେଆଇ ଭାବେ ନିଯୁକ୍ତ ହେବେ। ୬୨ ବର୍ଷୀୟ ଚନ୍ଦ୍ରଚୂଡ଼ ହେଉଛନ୍ତି ଦେଶରେ ସର୍ବାଧିକ ସମୟ ସିଜେଆଇ ରହିଥିବା ଜଷ୍ଟିସ୍ ୱାଇ.ଭି. ଚନ୍ଦ୍ରଚୂଡ଼ଙ୍କ ପୁଅ। ୧୯୯୮ରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ବମ୍ବେ ହାଇକୋର୍ଟଙ୍କ ଦ୍ୱାରା ବରିଷ୍ଠ ଆଡ୍‌ଭୋକେଟ୍ ଭାବେ ପଦୋନ୍ନତି ପାଇଥିଲେ। ୧୯୯୮ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ଆଡିସନାଲ ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ରହିଥିଲେ। ୨୯ ମାର୍ଚ୍ଚ ୨୦୦୦ରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୩୧ ଅକ୍ଟୋବର ୨୦୧୩ରେ ସେ ଆଲ୍ଲାହବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ଅଯୋଧ୍ୟା ମାମଲାର ଶୁଣାଣି କରିଥିବା ୫ ଜଣିଆ ଖଣ୍ଡପୀଠରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ରହିଥିଲେ। ନିକଟରେ ଅବିବାହିତଙ୍କୁ ଗର୍ଭପାତ ଅଧିକାର ପ୍ରଦାନର ରାୟ ଦେଇଥିବା ଖଣ୍ଡପୀଠରେ ମଧ୍ୟ ସେ ରହିଥିଲେ। ପ୍ରଧାନ ବିଚାରପତି ଭାବେ ଡି.ୱାଇ. ଚନ୍ଦ୍ରଚୂଡ଼ ୨ ବର୍ଷ ଦାୟିତ୍ୱ ତୁଲାଇବେ।

# ନଭେମ୍ବର ଦ୍ୱିତୀୟ ସପ୍ତାହରେ ଓଟିଇଟି

**କଟକ ଅଫିସ, ୧୧।୧୦:** ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦ୍ୱିତୀୟ ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର, ରାଉରକେଲା, କଟକ, ବ୍ରହ୍ମପୁର ସହର ଭଳି ସମସ୍ତ ଜିଲା ମୁଖ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯିବ। ଆସନ୍ତା ୧୪ ତାରିଖ ସୁଦ୍ଧା ପରୀକ୍ଷା କେନ୍ଦ୍ରଗୁଡିକର ତାଲିକା ପ୍ରଦାନ କରିବାକୁ ବୋର୍ଡ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପରାମର୍ଶ ଦିଆଯାଇଛି। ପରୀକ୍ଷାର୍ଥୀଙ୍କ ବସିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ସହ ଆବଶ୍ୟକ ଭିତ୍ତିଭୂମି ଥିବା କଲେଜ ଓ ଘରୋଇ ସ୍କୁଲଗୁଡିକୁ ପରୀକ୍ଷା କେନ୍ଦ୍ର କରାଯିବ। ଏହି ସ୍କୁଲର ତାଲିକା ଦେବାକୁ ଡିଇଓଙ୍କୁ କୁହାଯାଇଛି। ଉକ୍ତ ପରୀକ୍ଷା ପାଇଁ ଆସନ୍ତା ୧୯ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଆବେଦନ କରିପାରିବେ। ୨ଟିପେପରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ପେପର–୧ ନିମନ୍ତେ ୧୫୦ ମାର୍କ ରହିଥିବାବେଳେ ପେପର–୨ ଲାଗି ୯୦ ମାର୍କ ରହିଛି।






## ନ୍ୟୁଜିଲାଣ୍ଡ ତଟରେ ୫ଶହ ମୃତ ତିମି

ୱେଲିଂଟନ୍, ୧୧।୧୦

ନ୍ୟୁଜିଲାଣ୍ଡର ଛଥାମ ଦ୍ୱୀପପୁଞ୍ଜରେ ୫ଶହ ପାଇଲଟ ତିମିଙ୍କ ମୃତଦେହ ମିଳିଛି। ସ୍ଥାନୀୟ ପ୍ରଶାସନ ସାର୍କ ଫିଲ୍ଡ ୱାଟରରେ ହ୍ୱେଲ୍‌ମାନଙ୍କ ଉଦ୍ଧାର ପାଇଁ ଯୋଜନା କରିଛନ୍ତି। ଶୁକ୍ରବାର ସମୁଦ୍ର ତଟରୁ ୨୫୦ ହ୍ୱେଲ୍‌ଙ୍କ ମୃତଦେହ ମିଳିଥିବାବେଳେ ସୋମବାର ସମାନ ସ୍ଥାନରେ ଆଉ ୨୪୦ଟି ବିଶାଳ ହ୍ୱେଲ୍‌ଙ୍କ ମରଶରୀର ମିଳିଥିଲା। ହ୍ୱେଲମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ରେସ୍କ୍ୟୁ ଅପରେଶନ୍ ଲଞ୍ଚ କରାଯାଇଛି। ସାର୍କମାନଙ୍କ ଆକ୍ରମଣ ଭୟ ଉଭୟ ମନୁଷ୍ୟ ଓ ହ୍ୱେଲ୍‌ଠାରେ ରହିଥିବାବେଳେ ସ୍ୱତନ୍ତ୍ର ଟ୍ରେନରଙ୍କ ଦ୍ୱାରା ଏମାନଙ୍କ ହତ୍ୟା କରାଯାଉଥିବା ସରକାରୀ ଟେକ୍‌ନିକାଲ ମେରାଇନ୍ ଆଡ୍‌ଭାଇଜର ଡେଭ୍ ଲଣ୍ଡକ୍ୱିଷ୍ଟ କହିଛନ୍ତି।

## ୟୁକ୍ରେନ୍‌ରେ ପୁଣି ବୋମା ବର୍ଷା

କିଭ୍, ୧୧।୧୦

କ୍ରିମିଆର କର୍ଚ ବ୍ରିଜ୍ ବିସ୍ଫୋରଣରେ ପ୍ରତିଶୋଧ ପରାୟଣ ହୋଇ ରୁଷିଆ ୟୁକ୍ରେନ୍ ଉପରେ ସୋମବାର ୮୪ ମିଶାଇଲ ଛାଡ଼ିବା ପରେ ମଙ୍ଗଳବାର ମଧ୍ୟ ଏହି ପୂର୍ବ ୟୁରୋପୀୟ ଦେଶର ବିଭିନ୍ନ ସହରରେ ବୋମା ବର୍ଷା କରିଛି। ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ମସ୍କୋ ଟାର୍ଗେଟ କରିଥିବା ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେବଳ ଲଭିଭ୍‌ରେ ଥିବା ଦୁଇଟି ଏନର୍ଜୀ ଫାସିଲିଟିରେ ୩ଟି ବିସ୍ଫୋରଣ ହୋଇଛି। ସୋମବାର ହୋଇଥିବା କ୍ଷେପଣାସ୍ତ୍ର ମାଡ଼ରେ ମୃତ୍ୟୁସଂଖ୍ୟା ୧୯ରେ ପହଞ୍ଚିଥିବାବେଳେ ଅନ୍ୟୂନ ୧୦୫ ଜଣ ଆହତ ହୋଇଥିବା ୟୁକ୍ରେନ୍‌ର ଏମର୍ଜେନ୍ସି ସର୍ଭିସ୍ ପକ୍ଷରୁ ସୂଚନା ଦିଆଯାଇଛି।



ରୁଷିଆର ବୋମାମାଡ଼ରେ ଜାପୋରିଝିଆରେ ଥିବା ଏକ ଘର ନଷ୍ଟ ହୋଇଯାଇଛି।

# ଜୀବନ ବଞ୍ଚାଇବ ପିଏଲ୍‌ଏକ୍ସ-ଆର୍‌୧୮

## ଆଣବିକ ଯୁଦ୍ଧରେ ଘାତକ ସାଜିବ ବିକିରଣ

ଜେରୁଜେଲମ/ମସ୍କୋ/ୱାଶିଂଟନ୍, ୧୧।୧୦

୬୦ ବର୍ଷ ପୂର୍ବେ ଆଣବିକ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଯାଇଥିଲା ବିଶ୍ୱ। ପାରମ୍ପରିକ ଶତ୍ରୁ ତଥା ଦୁଇ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ଏବଂ ଆମେରିକା ମଧ୍ୟରେ ବିବାଦ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲା। ୧୯୬୨ରେ କାରିବିଆନ ସାଗରରେ ଥିବା ଦ୍ୱୀପଦେଶ କ୍ୟୁବାରେ ରୁଷିଆ ମୁତୟନ କରିଦେଇଥିଲା ନ୍ୟୁକ୍ଲିୟର ଅସ୍ତ୍ର। ଆମେରିକାର ଫ୍ଲୋରିଡା ତଟଠାରୁ ମାତ୍ର ୧୫୦ କିଲୋମିଟର ଦୂରରେ ମସ୍କୋ ଆଣବିକ ଅସ୍ତ୍ର ମୁତୟନ କରି ଆମେରିକାକୁ ଟାର୍ଗେଟରେ ରଖିଥିଲା, ଯାହା କି 'କ୍ୟୁବା ମିଶାଇଲ କ୍ରାଇସିସ୍' ନାମରେ ଜଣା। ନ୍ୟୁକ୍ଲିୟର ଅସ୍ତ୍ରରେ ଆକ୍ରମଣର ପରିଣାମ ଭଲ ଭାବେ ଜାଣିଥିଲା ଆମେରିକା। ଫଳରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍. ଏଫ୍. କେନେଡି ଆଲୋଚନା ପାଇଁ ରୁଷିଆକୁ ପ୍ରସ୍ତାବ ଦେଇଥିଲେ। ଏବେ ପୁଣି ଅନୁରୂପ ସ୍ଥିତି ଉପୁଜିବା ଆଶଙ୍କା ଜଳଜଳ। ୟୁକ୍ରେନ୍ ଯୁଦ୍ଧକୁ ନେଇ ପୁଣି ଆମେରିକା ଓ ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସହ ରୁଷିଆର ତିକ୍ତତା ଚରମରେ ପହଞ୍ଚିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବାରମ୍ବାର ନ୍ୟୁକ୍ଲିୟର ଆକ୍ରମଣର ଧମକ ଦେବା ସହ କେହି ଏହା ଉପରେ ସନ୍ଦେହ କରିବା କଥା ନୁହେଁ ବୋଲି ମଧ୍ୟ ଚେତାଇ ଦେଇଛନ୍ତି। ଯଦି ମସ୍କୋ ସତକୁ ସତ ଆଣବିକ ଆକ୍ରମଣ ଆରମ୍ଭ କରେ ତେବେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହା ଭିତରେ ୟୁକ୍ରେନ୍ ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ଏଥିଜନିତ ବିକିରଣରୁ ରକ୍ଷା ପାଇବା ପାଇଁ ଆଗୁଆ ପ୍ରସ୍ତୁତି କରୁଛନ୍ତି। ନ୍ୟୁକ୍ଲିୟର ଯୁଦ୍ଧ ହେଲେ ରେଡିଏଶନରୁ ବର୍ତ୍ତିବା ଏବଂ ଆକ୍ୟୁଟ ରେଡିଏଶନ ସିଣ୍ଡ୍ରୋମ୍(ଏଆର୍‌ଏସ୍)ର ଚିକିତ୍ସା ପାଇଁ କ'ଣ କରାଯାଇପାରିବ ତାହା ଏବେ ସର୍ବାଧିକ ଚର୍ଚ୍ଚାରେ।




ସୀମା ବାହାରୁ ଆସୁଥିବା ମିଶାଇଲ ଓ ରକେଟ୍‌ଗୁଡ଼ିକୁ ଆକାଶରେ ନିଷ୍କ୍ରିୟ କରି ସେଗୁଡ଼ିକୁ ଖସାଇଦେବା ପାଇଁ ଇସ୍ରାଏଲର ରାଫେଲ୍ ଆଡ୍‌ଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍ ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡଷ୍ଟ୍ରି ଅଦ୍ଭୁତ କ୍ଷମତାସମ୍ପନ୍ନ ଆଇରନ୍ ଡୋମ୍ ନିର୍ମାଣ କରିଛି। ସେହିପରି ଇସ୍ରାଏଲର ଏକ ହାଫିଆ କମ୍ପାନୀ ପ୍ଲୁରି ଇଙ୍କ୍ ଦୀର୍ଘ ବର୍ଷ ଧରି ଏଆର୍‌ଏସ୍ ଉପରେ ଗବେଷଣା କରି ଏଥିରୁ ରକ୍ଷାପାଇବା ପାଇଁ ଉପାୟ ବାହାର କରିଛି। କେବଳ ଆଣବିକ ଯୁଦ୍ଧ କିମ୍ବା ଆତଙ୍କବାଦୀ ଆକ୍ରମଣ ନୁହେଁ ୧୯୮୬ରେ ୟୁକ୍ରେନ୍‌ର ଚେର୍ନୋବିଲ୍ ଦୁର୍ଘଟଣା ଭଳି କୌଣସି ସଙ୍କଟ ସମୟରେ ମଧ୍ୟ ଲୋକେ ବିକିରଣଜନିତ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଥାନ୍ତି। ଇସ୍ରାଏଲର ଉକ୍ତ ପ୍ରମୁଖ ରିଜେନେରେଟିଭ୍ ମେଡିସିନ୍ କମ୍ପାନୀ ପ୍ଲାସେଣ୍ଟା-ବେସ୍‌ଡ୍ ସେଲ୍ ଥେରାପି ପାଇଁ ପିଏଲ୍‌ଏକ୍ସ-ଆର୍‌୧୮ ପ୍ରସ୍ତୁତ କରିଛି। ଆଣବିକ ବିକିରଣର ସମ୍ମୁଖୀନ ହେବା ଆଶଙ୍କା ଥିଲେ ଲୋକେ ଏହାକୁ ଇଞ୍ଜେକଶନ ମାଧ୍ୟମରେ ନେଇପାରିବେ। ଆମେରିକାର ପ୍ରତିରକ୍ଷା ବିଭାଗ (ଡିଓଡି) ଏହାର କ୍ଲିନିକାଲ ପରୀକ୍ଷଣ କରାଇଥିବା ନେଇ ନିକଟରେ ପ୍ଲୁରି ଇଙ୍କ୍ ଘୋଷଣା କରିଥିଲା। ପ୍ରାଣୀମାନଙ୍କ ଉପରେ ଏହାକୁ ପ୍ରୟୋଗ କରାଯାଇଛି।

ଅଧ୍ୟୟନ ଅନୁସାରେ ପିଏଲ୍‌ଏକ୍ସ-ଆର୍‌୧୮କୁ ବିକିରଣର ସାମ୍ନା କରିବାର ୨୪ ଘଣ୍ଟା ପୂର୍ବରୁ ଏବଂ ଏହାର ୭୨ ଘଣ୍ଟା ପରେ ଲୋକଙ୍କୁ ଦିଆଯିବ। ଏହାଦ୍ୱାରା ସେମାନଙ୍କ ବଞ୍ଚିବା ସମ୍ଭାବନା ବଢ଼ିଯିବ। ପିଏଲ୍‌ଏକ୍ସ-ଆର୍‌୧୮ ମଣିଷ ଶରୀରର ବ୍ଲଡ୍ ଲିନେଜ୍, ଶ୍ୱେତ ରକ୍ତ କଣିକା, ଲିମ୍ଫୋସାଇଟ୍‌ସ ଆଦିର ମାତ୍ରାକୁ ସନ୍ତୁଳିତ ରଖିପାରିବ। ଏହା ଅସ୍ଥିମଜ୍ଜା କୋଷିକା ସଂଖ୍ୟା ବଢ଼ାଇବା ସହ ବ୍ଲଡ୍ ଲିନେଜ୍‌ର ପୁନଃସୃଷ୍ଟି କ୍ଷମତା ବୃଦ୍ଧି କରିପାରିବ। ଲୋକଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହେବାକୁ ଏହା ରୋକିପାରିବ। ଆଣବିକ ଯୁଦ୍ଧ ସମୟରେ ବିଶେଷକରି ସେନା ଏବଂ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ବରଦାନ ପାଲଟିବ ବୋଲି ପ୍ଲୁରି ଇଙ୍କ୍‌ର ମୁଖ୍ୟ ୟାକି ୟାନାୟ କହିଛନ୍ତି। ପିଏଲ୍‌ଏକ୍ସ-ଆର୍‌୧୮ ଆକ୍ୟୁଟ୍ ରେଡିଏଶନ ସିଣ୍ଡ୍ରୋମ୍‌ର ଚିକିତ୍ସା ପାଇଁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେନ (ଏଫ୍‌ଡିଏ)ଠାରୁ ମଞ୍ଜୁରୀ ପାଇସାରିଛି।

### ଏଆର୍‌ଏସ୍ କ'ଣ

ଆମ ଶରୀର ଅନେକ ସମୟରେ ବିକିରଣ ବା ରେଡିଏଶନ ସଂସ୍ପର୍ଶରେ ଆସିଥାଏ। ମାତ୍ରାଧିକ ବିକିରଣ ଯୋଗୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜେ। ବିଶେଷକରି କୌଣସି ନ୍ୟୁକ୍ଲିୟର ପ୍ଲାଣ୍ଟରେ ଦୁର୍ଘଟଣା କିମ୍ବା ଆଣବିକ ଯୁଦ୍ଧ ବେଳେ ବିକିରଣ ଜୀବଜଗତ ପାଇଁ ଘାତକ ହୋଇଥାଏ। କାରଣ ସେତେବେଳେ ରେଡିଏଶନର ମାତ୍ରା ଅତ୍ୟଧିକ ଥାଏ। ଏଥିଯୋଗୁ ମଣିଷ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କ୍ଷତିଗ୍ରସ୍ତ ହେବା ସହ ମୃତ୍ୟୁ ମଧ୍ୟ ଘଟିଥାଏ। ବିକିରଣଜନିତ ଅସୁସ୍ଥତାକୁ ଆକ୍ୟୁଟ ରେଡିଏଶନ ସିଣ୍ଡ୍ରୋମ୍ (ଏଆର୍‌ଏସ୍) କୁହାଯାଏ। ଏହା ମୁଖ୍ୟତଃ ୩ ପ୍ରକାରର ହେମାଟୋପୋଏଟିକ୍, ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ଏବଂ ନ୍ୟୁରୋ ଭାସ୍କୁଲାର। ଏଆର୍‌ଏସ୍‌ରେ ପୀଡ଼ିତଙ୍କ ଅସ୍ଥିମଜ୍ଜା ଲୋହିତ ରକ୍ତକଣିକା(ଆର୍‌ବିସି), ଶ୍ୱେତ ରକ୍ତ କଣିକା(ଡବ୍ଲୁବିସି), ପ୍ଲେଟ୍‌ଲେଟ୍ ଆଦି ପ୍ରସ୍ତୁତ କରିବା କ୍ଷମତା ହରାଇଥାଏ। ଫଳରେ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଯାଇଥାଏ। ଏଥିଯୋଗୁ ଡିଏନ୍‌ଏ ନଷ୍ଟ ହେବା ଫଳରେ ତାହା ବଂଶାନୁକ୍ରମିକ ରୋଗକୁ ଡାକିଆଣିଥାଏ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରପିଢ଼ି ମଧ୍ୟ ଏଥିରୁ ମୁକୁଳିପାରି ନ ଥାନ୍ତି।

## ରୁଷିଆର ଗୁପ୍ତ ଭୋଟିଂ ପ୍ରସ୍ତାବ ଜାତିସଂଘରେ ଖାରଜ

ଜାତିସଂଘ, ୧୧।୧୦

ନିକଟରେ ୟୁକ୍ରେନ୍‌ର ଲୁହାନ୍‌ସ୍କ, ଡୋନେସ୍କ,ଜାପୋରିଝିଆ, ଖେରସନରେ ଗଣଭୋଟ କରାଇ ଏହି ୪ ଅଞ୍ଚଳକୁ ରୁଷିଆ ନିଜ ଦଖଲକୁ ନେଇଛି। ଏହି ବିସ୍ତାରବାଦୀ ପଦକ୍ଷେପକୁ କେତେ ଦେଶ ନିନ୍ଦା କରୁଛନ୍ତି ତାହା ଜାଣିବା ପାଇଁ ରୁଷିଆ ଜାତିସଂଘରେ ଗୁପ୍ତ ମତଦାନ ଆହ୍ୱାନ ଦେଇଥିଲା। ଏହି ପ୍ରସ୍ତାବ ଖାରଜ ହୋଇଯାଇଛି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୧୯୩ ସଦସ୍ୟଙ୍କ ମଧ୍ୟରୁ ୧୦୭ ରାଷ୍ଟ୍ର ସାର୍ବଜନୀନ ଭୋଟିଂ ସପକ୍ଷରେ ମତ ଦେଇଥିଲେ। ଭାରତ ମଧ୍ୟ ରୁଷିଆ ପ୍ରସ୍ତାବ ବିରୋଧରେ ଭୋଟ ଦେଇଥିଲା। ଏହି ପ୍ରସ୍ତାବ ସପକ୍ଷରେ ୧୦୭ ଦେଶ ସହମତ ହୋଇଥିବାବେଳେ

### ବିରୋଧରେ ଭୋଟ ଦେଲା ଭାରତ

୧୩ ସଦସ୍ୟ ରାଷ୍ଟ୍ର ବିରୋଧ କରିଥିଲେ। ୩୯ ରାଷ୍ଟ୍ର ଭୋଟଦାନରୁ ବିରତ ରହିଥିଲେ। ଚାଇନା, ଇରାନ ଏବଂ ରୁଷିଆ ଏହି ପ୍ରସ୍ତାବରେ ଭୋଟଦେବାରୁ ଦୂରେଇ ରହିଥିଲେ। ଫଳରେ ୟୁଏନ୍‌ଜିଏରେ ଏହି ପ୍ରସଙ୍ଗରେ ଖୋଲା ଭୋଟିଂ ହେବ। ଗୁପ୍ତ ବାଲଟ୍ ଭୋଟିଂ ପ୍ରସ୍ତାବ ଆଣିଥିବା ରୁଷିଆ ଦାବି କରିଥିଲା ଯେ, ପାଶ୍ଚାତ୍ୟର ଲବି ପାଇଁ ଅନେକ ରାଷ୍ଟ୍ର ଖୋଲାଖୋଲି ସେମାନଙ୍କ ନିଜସ୍ୱ ମତ ରଖିପାରୁନାହାନ୍ତି। ତେଣୁ ଏହା ଉପରେ ଗୁପ୍ତଭୋଟିଂ ହେବା ଆବଶ୍ୟକ। ତେବେ ମସ୍କୋର ଏହି ପ୍ରସ୍ତାବ ଜାତିସଂଘରେ ଖାରଜ ହୋଇଛି।

## ମସ୍କୋର ଆତଙ୍କବାଦୀ ସଙ୍ଗଠନ ତାଲିକାରେ 'ମେଟା'




ମସ୍କୋ, ୧୧।୧୦

ଆମେରିକାର ଟେକ୍ ଜାଏଣ୍ଟ ତଥା ଫେସ୍‌ବୁକ୍‌ର ମୂଳ କମ୍ପାନୀ ମେଟାକୁ ରୁଷିଆ ଆତଙ୍କବାଦୀ ଏବଂ କଟ୍ଟରପନ୍ଥୀ ତାଲିକାରେ ସାମିଲ କରିଛି। ଏହା ପୂର୍ବରୁ ମେଟା ମାଲିକ ମାର୍କ ଜୁକରବର୍ଗଙ୍କ ରୁଷିଆ ଯାତ୍ରା ଉପରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କଟକଣା ଲଗାଇଥିଲେ। ଗତ ମାର୍ଚ୍ଚରେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମକୁ ରୁଷିଆରେ ବ୍ୟାନ୍ କରାଯାଇଥିଲା। ତେବେ ଅନେକ ରୁଷୀୟ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମର ବ୍ୟବହାର ପାଇଁ ଭିପିଏନ୍‌ର ସହାୟତା ନେଉଛନ୍ତି। ବିଜ୍ଞାପନ ଓ ସାମଗ୍ରୀ ବିକ୍ରି ପାଇଁ ରୁଷିଆରେ ବହୁଳ ମାତ୍ରାରେ ଇନ୍‌ଷ୍ଟାଗ୍ରାମ ବ୍ୟବହାର ହୋଇଥାଏ। ତାଲିବାନ୍, ରୁଷିଆର ବିରୋଧୀ ଗୋଷ୍ଠୀ, ଦକ୍ଷିଣପନ୍ଥୀ ଜାତୀୟତାବାଦୀ ସଙ୍ଗଠନ, ବିଦେଶୀ ଆତଙ୍କବାଦୀ ସଙ୍ଗଠନ ଭଳି ଏବେ ମେଟାକୁ ରୁଷିଆ ଟେରରିଷ୍ଟ ତାଲିକାରେ ରଖିଛି।

## ପଞ୍ଚଭୂତରେ ବିଲୀନ ମୁଲାୟମ

ଲକ୍ଷ୍ନୌ, ୧୧।୧୦

ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ମଙ୍ଗଳବାର ଜନ୍ମସ୍ଥାନ ସୈଫାଇ ଗ୍ରାମରେ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ପୁଅ ଅଖିଳେଶ ଯାଦବ ତାଙ୍କ ମରଶରୀରରେ ମୁଖାଗ୍ନି ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସମେତ ବହୁ ବରିଷ୍ଠ ରାଜନେତା ଉପସ୍ଥିତ ଥିଲେ। 'ନେତାଜୀ'ଙ୍କ ଶେଷଦର୍ଶନ ପାଇଁ ବହୁସଂଖ୍ୟାରେ ଲୋକ ଭିଡ଼ ଲଗାଇଥିଲେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ଛତିଶଗଡ଼ର ଭୂପେଶ ବଘେଲ, ତେଲଙ୍ଗାନାର କେ. ଚନ୍ଦ୍ରଶେଖର ରାଓ, ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ, ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଏନ୍. ଚନ୍ଦ୍ରବାବୁ ନାଇଡୁ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ପ୍ରମୁଖ ସୈଫାଲି ମେଳା ଗ୍ରାଉଣ୍ଡରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅଭିନେତ୍ରୀ ତଥା ଏମ୍‌ପି ଜୟା ବଚ୍ଚନ ପୁଅ ଅଭିଷେକ ବଚ୍ଚନଙ୍କ ସହ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଦୀର୍ଘଦିନ ଧରି ଅସୁସ୍ଥତା ପରେ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲରେ ସୋମବାର ମୁଲାୟମ (୮୨)ଙ୍କ ପରଲୋକ ହୋଇଥିଲା।



## ମହାକାଳଲୋକ କରିଡର ଲୋକାର୍ପିତ

ଉଜ୍ଜୟିନୀ, ୧୧।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ମଧ୍ୟପ୍ରଦେଶର ଉଜ୍ଜୟିନୀରେ ମହାକାଳଲୋକ କରିଡରକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ସେ ପାରମ୍ପରିକ ଧୋତିଗାମୁଛା ପରିଧାନ କରି ମହାକାଳେଶ୍ୱର ମନ୍ଦିର ଗର୍ଭଗୃହରେ ପୂଜାର୍ଚ୍ଚନା ପରେ କହିଛନ୍ତି, ଉଜ୍ଜୟିନୀର କୋଣଅନୁକୋଣରେ ଆଧ୍ୟାତ୍ମିକତା ଭରି ରହିଛି। ଏହି ସହର ଅନେକ ହଜାର ବର୍ଷ ଧରି ସମଗ୍ର ଭାରତ ବର୍ଷ ଜ୍ଞାନ, ସମୃଦ୍ଧି, ମର୍ଯ୍ୟାଦା ଓ ସାହିତ୍ୟର ଆଲୋକରେ ଜାଜ୍ଜ୍ୱଲ୍ୟମାନ କରିଛି। ମହାକାଳେଶ୍ୱର ମନ୍ଦିର ହେଉଛି ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମହାକାଳଲୋକ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ବିକାଶମୂଳକ କାର୍ଯ୍ୟ ପାଇଁ ୮୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଉକ୍ତ ଅର୍ଥରେ ଏହି ପ୍ରାଚୀନ ଐତିହ୍ୟର ସଂରକ୍ଷଣ ସହ ମନ୍ଦିର ସଂଲଗ୍ନ ପଥର ପ୍ରଶସ୍ତିକରଣ, ନନ୍ଦିଦ୍ୱାର ଓ ପିନାକୀ ଦ୍ୱାର ନାମରେ ଦୁଇଟି ପ୍ରବେଶ ପଥ ନିର୍ମାଣ ଭଳି ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି।



## ଗର୍ଭସ୍ଥ ଶିଶୁକୁ ହରାଇଲେ ମହିଳା

**ମୋତେ ୨୪ ଘଣ୍ଟା ଧରି ଗୃହବନ୍ଦୀ ରଖିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ପିଟିଲେ। ମୋ ଫୋନ୍‌କୁ ଛଡ଼ାଇନେଲେ ବୋଲି ଭାଜପା କର୍ମୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ନିଜ ଗର୍ଭସ୍ଥ ଶିଶୁକୁ ହରାଇଥିବା ଦଳିତ ମହିଳା ଅର୍ପିତା।**

ବେଙ୍ଗାଲୁରୁ,୧୧।୧୦

ଜଗଦୀଶ ଗୌଡ଼ା କର୍ନାଟକର ଚିକ୍କାମାଗାଲୁରୁ ଜିଲାରେ ଭାଜପାର ଜଣେ ଦୃଢ଼ ସମର୍ଥକ ଭାବେ ଜଣାଶୁଣା। ସେ ୧୬ ଜଣ ଦଳିତଙ୍କୁ ନିଜ କଫି ବଗିଚାରେ ୧୫ ଦିନ ଧରି ଅଟକ ରଖି ଅକଥନୀୟ ନିର୍ଯାତନା ଦେଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଥିଲେ, ଯିଏକି ଆକ୍ରମଣର ଶିକାର ହେବା ପରେ ୨ ମାସର ଗର୍ଭସ୍ଥ ଶିଶୁକୁ ହରାଇବସିଲେ। ଅଭିଯୋଗ ପରେ ପୋଲିସ ଜଗଦୀଶ ଓ ତାଙ୍କ ପୁଅ ତିଲକ ଗୌଡ଼ାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଉଭୟେ ଫେରାର

### ୧୬ ଦଳିତଙ୍କୁ ଅତ୍ୟାଚାର, ଭାଜପା ସମର୍ଥକ ଫେରାର

ଥିବାବେଳେ ପୀଡ଼ିତା ମହିଳାଙ୍କୁ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଭାଜପା ଏଥିରୁ ନିରାପଦ ଦୂରତ୍ୱ ଅବଲମ୍ବନ କରିବାକୁ ଉଚିତ ମଣିଛି। ଜଗଦୀଶ ଦଳୀୟ ନେତା କି ସଦସ୍ୟ ନୁହଁନ୍ତି। ସେ ଅନ୍ୟ ଭୋଟରଙ୍କ ଭଳି ଜଣେ ସମର୍ଥକ ବୋଲି ଭାଜପା ଜିଲା ମୁଖପାତ୍ର ବରସିଦ୍ଧି ବେଣୁଗୋପାଳ କହିଛନ୍ତି। ନିର୍ଯାତନାର ଶିକାର ହୋଇଥିବା ବ୍ୟକ୍ତିମାନେ ଜେନୁଗାଢ୍ଢେ ଗ୍ରାମରେ ଥିବା କଫି ବଗିଚାରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ମାଲିକ ଜଗଦୀଶଙ୍କଠାରୁ ୯ ଲକ୍ଷ ଟଙ୍କା କରଜ ନେଇଥିଲେ। ଋଣ ପରିଶୋଧ କରି ନ ପାରିବାରୁ ସେ ତାଙ୍କୁ ବନ୍ଦ ଘରେ ରଖାଯାଇଥିଲା ବୋଲି ପୋଲିସ କହିଛି।

## ଧନ ପାଇଁ ଦୁଇ ମହିଳାଙ୍କୁ ବଳି

କୋଚି, ୧୧।୧୦

ବିଜ୍ଞାନ ଯେତେ ଅଗ୍ରଗତି କଲେ ବି ସମାଜରୁ ଅନ୍ଧବିଶ୍ୱାସ ଦୂର ହେଉନାହିଁ। ଅନ୍ଧବିଶ୍ୱାସ, କୁସଂସ୍କାର ଓ ନିକୃଷ୍ଟ ପରମ୍ପରା ଧନଜୀବନ ହାନିର କାରଣ ପାଲଟୁଛି। ସମୃଦ୍ଧି ପାଇଁ କେରଳର ଏକ ଦମ୍ପତି ଦୁଇ ଜଣ ମହିଳାଙ୍କୁ ବଳି ଦେବା ଘଟଣା ଚାଞ୍ଚଲ୍ୟ ଖେଳାଇଛି। ବଳି ଦେଇଥିବା ଥିରୁଭଲ୍ଲା ବାସିନ୍ଦା ଭଗୱନ୍ତ ସିଂ, ତାଙ୍କ ସ୍ତ୍ରୀ ଲୈଲା ଏବଂ ଉଭୟଙ୍କୁ ଏଥିପାଇଁ ପ୍ରବର୍ତ୍ତାଇଥିବା ମହମ୍ମଦ ସାଫିଙ୍କୁ ପୋଲିସ ଗିରଫ କରିଛି। କୋଚିର ପୋନ୍ନୁରୁନ୍ନି କଲୋନୀ ବାସିନ୍ଦା ପଦ୍ମମ (୫୨) ଓ ଥିରିସୁର ଜିଲା ଭଡକ୍କେନ୍‌ଚେରି ନିବାସୀ ରୋଜିଲି (୫୦) ଏର୍ନାକୁଲମର କାଲାଡିରେ ରହୁଥିଲେ। ସାଫି ଭଗୱନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଆର୍ଥିକ ସମୃଦ୍ଧିର ସ୍ୱପ୍ନ ଦେଖାଇ ୨ ମହିଳାଙ୍କୁ ବୁଝାଇଶୁଝାଇ ପାଠନମ୍‌ଥିଟ୍ଟାକୁ ନେଇଥିଲେ। ଏହି ଦମ୍ପତି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମହିଳା ଦ୍ୱୟଙ୍କୁ ବଳି ଦେଇଥିଲେ। ଗିରଫ ହେବା ପରେ ୩ ଅଭିଯୁକ୍ତ ଦୋଷ ସ୍ୱୀକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ କହିଛନ୍ତି, ଏହି ଘଟଣା କେରଳର ପ୍ରଗତିଶୀଳ ମାନସିକତାକୁ ଦୋହଲାଇ ଦେଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୨୨,୬୬,୧୦୫ | ୬୫,୬୨,୬୪୦ | ୬୦,୬୯,୭୭,୭୩୮ |
| ଭାରତ | ୪,୪୬,୧୭,୩୯୫ | ୫,୨୮,୮୨୨ | ୪,୪୦,୬୦,୧୯୮ |
| ଓଡ଼ିଶା | ୧୩,୩୫,୦୫୦ | ୯୧୯୯(+୫୩) | ୧୩,୨୫,୩୧୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ାଉ

## ୪ ଦେଶୀ ବନ୍ଧୁକ, ୨ ପିସ୍ତଲ ଜବତ: ଜଣେ ଗିରଫ

**ବୌଦ୍ଧ/ମନମୁଣ୍ଡା/କନ୍ଧମାଳ, ୧୧।୧୦(ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଗୁନ୍ଦୁଲିଆ ପଞ୍ଚାୟତର ସାଲେଇପଡା ଗ୍ରାମରେ ବେଆଇନ ଭାବେ ଚାଲିଥିବା ଏକ ବନ୍ଧୁକ କାରଖାନା ଉପରେ ମନମୁଣ୍ଡା ପୋଲିସ ଚଢ଼ାଉ କରି ଦେଶୀ ବନ୍ଧୁକ, ପିସ୍ତଲ ଓ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ଶେଷଦେବ ବିନ୍ଧାଣୀ(୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଅପରାହ୍ଣରେ ମନମୁଣ୍ଡା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ବୌଦ୍ଧ ଏସ୍‌ଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଏହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ସାଲେଇପଡା ଗ୍ରାମର ଶେଷଦେବଙ୍କ ଘରେ ଦେଶୀ ବନ୍ଧୁକ ଓ ପିସ୍ତଲ ନିର୍ମାଣ କରାଯାଉଥିବା ନେଇ କୌଣସି ସୂତ୍ରରୁ ଖବରପାଇ ମନମୁଣ୍ଡା ପୋଲିସ ସୋମବାର ସନ୍ଧ୍ୟାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୋଲିସ ବିନ୍ଧାଣୀଙ୍କ ଘରୁ ୪ ଗୋଟି ଦେଶୀ ବନ୍ଧୁକ, ୨ ଗୋଟି ପିସ୍ତଲ, ୩ଟି ଜିଲୋଟିନ, ଅଧା ତିଆରି କେତେକ ବନ୍ଧୁକ ଓ ବନ୍ଧୁକ ତିଆରି ପାଇଁ ଆବଶ୍ୟକ ସରଞ୍ଜାମ ଜବତ କରିଥିଲା। ଏହି ବନ୍ଧୁକଗୁଡ଼ିକ ଅଞ୍ଚଳର ଅସାମାଜିକ ବ୍ୟକ୍ତି ଓ ଅପରାଧୀମାନଙ୍କୁ ବିକ୍ରି କରାଯାଉଥିବା ନେଇ ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା। ଏନେଇ ମନମୁଣ୍ଡା ଥାନାରେ ନଂ ୧୯୯/୨୨ରେ ଏକ ମାମଲା ରୁଜୁ ହୋଇଛି। ଏହି ବନ୍ଧୁକ କାରଖାନା କେବେଠାରୁ ଚାଲୁଥିଲା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ଏହି କାରବାରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ଓ ଏହାର ଚେର ରାଜ୍ୟ ବାହାରକୁ ଲମ୍ବିଛି କି ନାହିଁ ଖବରଦାତା ସମ୍ମିଳନୀରେ ପଚାରିବାରେ ଏହାର ତଦନ୍ତ ଚାଲିଥିବା ଏସ୍‌ଡିପିଓ ଗୁରୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଗତ କିଛିବର୍ଷ ତଳେ ହରଭଙ୍ଗା ପୋଲିସ ପକ୍ଷରୁ କୁଶଙ୍ଗଠାରେ ଚାଲିଥିବା ଏକ ବେଆଇନ ବନ୍ଧୁକ କାରଖାନା ଉପରେ ଚଢାଉ କରାଯାଇ ବନ୍ଧୁକ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।


ଖବରଦାତା ସମ୍ମିଳନୀରେ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଓ ଅନ୍ୟମାନେ।

## କୋମ୍ବିଂ ବେଳେ ମହିଳା ମାଓବାଦୀଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୧୧।୧୦:** କିଛି ଦିନର ନୀରବତା ପରେ କନ୍ଧମାଳ ଜିଲାରେ ଯବାନ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ବାଲିଗୁଡା ଥାନା ଅଞ୍ଚଳର ପୋଖରୀବନ୍ଧ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କର ପରିଚୟ ମିଳି ପାରିନାହିଁ। ଅନ୍ୟପକ୍ଷରେ କୌଣସି ଯବାନ ଆହତ ହୋଇ ନ ଥିବା ଏସ୍‌ପି ଭିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ପକ୍ଷରୁ ଜଣେ ମହିଳା ନେତୃତ୍ୱ ନେଉଥିବା ଜଣାପଡ଼ିଛି। କ୍ୟାମ୍ପରେ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଥିବା ଅନୁମାନ କରାଯାଉଛି। କୋମ୍ବିଂ ଜୋରଦାର ପାଇଁ ଅଧିକ ଫୋର୍ସ ପଠାଯାଉଥିବା ସୂଚନା ମିଳିଛି।

## ନଭେମ୍ବର ୨୩ରୁ ଦଶମ ଏସ୍‌ଏ-୧ ପରୀକ୍ଷା

**କଟକ ଅଫିସ, ୧୧।୧୦**

ଆସନ୍ତା ନଭେମ୍ବର ୨୩ରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ସମ୍ମେଟିଭ୍ ଆସେସ୍‌ମେଣ୍ଟ(ଏସ୍‌ଏ-୧) ପରୀକ୍ଷା ଆରମ୍ଭ ହେବ। ଏହା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ବୋର୍ଡ ପକ୍ଷରୁ ପରୀକ୍ଷା ପଦ୍ଧତିରେ କିଛିଟା ପରିବର୍ତ୍ତନ କରାଯାଇଛି। ଏସ୍‌ଏ-୧ରେ ମୋଟ ପାଠ୍ୟକ୍ରମର ୫୦ ପ୍ରତିଶତ ବିଷୟରୁ ପ୍ରଶ୍ନ ଆସିବ। ଏସ୍‌ଏ-୧ରେ ଯେଉଁ ସବୁ ବିଷୟରୁ ପ୍ରଶ୍ନ ଆସିବ, ଏସ୍‌ଏ-୨ରେ ଆଉ ସେ ବିଷୟରୁ ପ୍ରଶ୍ନ ଆସିବ ନାହିଁ। ପୂର୍ବବର୍ଷ ଭଳି ୩ଟି ମୂଲ୍ୟାୟନ ପଦ୍ଧତି ବଦଳରେ ଚଳିତବର୍ଷ ଗୋଟିଏ ପଦ୍ଧତି ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯିବ। ପ୍ରତି ବିଷୟର ମୋଟ ୮୦ ନମ୍ବର ପରୀକ୍ଷାରେ ୫୦ ନମ୍ବର ଅବ୍‌ଜେକ୍ଟିଭ୍ (ଏମ୍‌ସିକ୍ୟୁ) ଓ ଅବଶିଷ୍ଟ ୩୦ ନମ୍ବର ସବ୍‌ଜେକ୍ଟିଭ୍ (ଦୀର୍ଘ ଉତ୍ତରମୂଳକ) ପ୍ରଶ୍ନ ଆସିବ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ୨ ଘଣ୍ଟା ସମୟ ମିଳିବ। ଏହି ପରୀକ୍ଷା ଖାତାର ମୂଲ୍ୟାୟନ ବୋର୍ଡ ନିର୍ଦ୍ଧାରିତ ମୂଲ୍ୟାୟନ କେନ୍ଦ୍ରରେ କରାଯିବ।




# ଚାର୍ଜଫ୍ରେମ୍ ପାଇଁ କୋର୍ଟରେ ହାଜର ହେଲେ ୬ ଅଭିଯୁକ୍ତ

## କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲା

**ଭଦ୍ରକ ଅଫିସ, ୧୧।୧୦**

ବହୁଚର୍ଚ୍ଚିତ ନୟାଗଡ଼ର କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ୬ ଅଭିଯୁକ୍ତଙ୍କୁ ଚାର୍ଜଫ୍ରେମ୍ ପାଇଁ ମଙ୍ଗଳବାର ଭଦ୍ରକ ଜିଲା ଅଦାଲତରେ ହାଜର କରାଯାଇଛି। ଜେଲରୁ କଡ଼ା ସୁରକ୍ଷା ମଧ୍ୟରେ ସେମାନଙ୍କୁ କୋର୍ଟକୁ ଅଣାଯାଇଥିଲା। କ୍ରାଇମବ୍ରାଞ୍ଚ ଦ୍ୱାରା ଦାଖଲ କରାଯାଇଥିବା ଚାର୍ଜଶିଟ୍ ଅନୁଯାୟୀ ସମସ୍ତ ଦଫାରେ ଚାର୍ଜଫ୍ରେମ ହୋଇଛି। ପୂର୍ବରୁ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ପରମେଶ୍ୱର ରାଉତ ଜାମିନରେ ଆସିଥିଲେ। ଗତ ସେପ୍ଟେମ୍ବର ୮ରେ ଅଭିଯୁକ୍ତ ଝୁନା ଭୋଇ ମଧ୍ୟ ଜାମିନ ପାଇଁ ଦରଖାସ୍ତ କରିଥିଲେ। ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ଶୁଣାଣି କରି ତାଙ୍କ ଜାମିନ ଖାରଜ କରିଥିଲେ।

ସୂଚନାଯୋଗ୍ୟ, ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ସହଯୋଗୀ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଝୁନା, କୃଷ୍ଣଚନ୍ଦ୍ର ନାୟକ, ଭାଗ୍ୟଧର ନାୟକ, ବିବେକ ନାୟକ, ପରମେଶ୍ୱର ରାଉତ ଓ ରଞ୍ଜନ କୁମାର ନାୟକଙ୍କୁ ଗିରଫ କରାଯାଇଥିଲା। ଏହାମଧ୍ୟରେ ତଦନ୍ତ ଶେଷ କରି କ୍ରାଇମବ୍ରାଞ୍ଚ ଚୂଡ଼ାନ୍ତ ଚାର୍ଜଶିଟ୍ ଚାନ୍ଦବାଲି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଦାଖଲ କରିବା ପରେ ଚଳିତ ମାସ ୮ ତାରିଖରେ ମାମଲାର ବିଚାର ପାଇଁ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର ହୋଇ ଚାର୍ଜଫ୍ରେମ୍ ପାଇଁ ଧାର୍ଯ୍ୟ କରାଯାଇଥିଲା। ପରମେଶ୍ୱର ଓ ଝୁନାଙ୍କ ବ୍ୟତୀତ ଅନ୍ୟ ୬ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ:.................................
ଜନ୍ମ ତାରିଖ: .............................



ରିଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡେଙ୍ଗା ନଡ଼ିଆ, ବାଙ୍ଗର ଗୁଆ,**
**ମଝି ମଝିକିଆ ତାଳ;**
**ମଞ୍ଜି ଲଗାଇ ଗଛ କଲେ**
**ଫଳୁଥିବ କାଳ କାଳ।**

ଡେଙ୍ଗା ନଡ଼ିଆ ଗଛ, ବାଙ୍ଗର ଗୁଆ ଗଛ ଓ ମଝିମଝିକିଆ ତାଳ ଗଛ ସର୍ବୋତ୍କୃଷ୍ଟ। ଏହି ଧରଣର ଗଛମାନଙ୍କରୁ ସଂଗୃହିତ ମଞ୍ଜି ବା ଚାରାକୁ ବାଡ଼ି ବଗିଚାରେ ଲଗାଇଲେ ତାହା ବହୁ କାଳ ପର୍ଯ୍ୟନ୍ତ ଫଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡରୁ ଯେବେ କରୁ କାହିଁକି ?**
**କରୁ ଯେବେ ଡରୁ କାହିଁକି ?**

କାମ ଆରମ୍ଭ କରିବା ପୂର୍ବରୁ ବା କରି ସାରିବା ପରେ ମନରେ ଯଦି ଫଳାଫଳକୁ ନେଇ ସେଭଳି କିଛି ଡର ବା ଭୟ ରହୁଥାଏ, ତେବେ ସେପରି କାମରୁ ନିବୃତ୍ତ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କାରଣ ଡରି ଡରି କାମ କରିବା ବା କାମ କରି ସାରିବା ପରେ ଡରିବାର ମାନେ କିଛି ରହିନଥାଏ। ଅବସ୍ଥା ଚକ୍ରରେ ଭୟର ସମ୍ମୁଖୀନ ହୋଇ ଦ୍ୱନ୍ଦ୍ୱରେ ପଡିଥିବା ବ୍ୟକ୍ତିର ଦୟନୀୟ ସ୍ଥିତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ହାଇକୋର୍ଟରେ ବଢ଼ିଛି ମାମଲା ଫଇସଲା ହାର

## କୋଭିଡ୍ ଆଣିଲା ଭର୍ଚୁଆଲ କୋର୍ଟ

- ମୋଟର ଭେହିକିଲ ଆକ୍ଟ ଇ-ଚାଲାଣ ବଢ଼ାଇଛି ମାମଲା
- କଟକ, ସମ୍ବଲପୁର, ଗଞ୍ଜାମ ଓ ବାଲେଶ୍ୱରରେ ପାଇଲଟ୍ ପ୍ରକଳ୍ପ

**କଟକ ଅଫିସ,୧୧।୧୦**

ନ୍ୟାୟିକ ବ୍ୟବସ୍ଥାରେ କରୋନା ମହାମାରୀ ବିରାଟ ପରିବର୍ତ୍ତନ ଆଣିଛି। ଅଦାଲତରେ ମାମଲାର ଚାପ ବଢୁଥିବାବେଳେ କରୋନା ଯୋଗୁ କୋର୍ଟ କାର୍ଯ୍ୟ ବନ୍ଦ ହେବାରୁ ବିକଳ୍ପ ବ୍ୟବସ୍ଥା ଆପଣାଇବା ଥିଲା ଏକ ଆହ୍ୱାନ, ଯାହାକି ଭର୍ଚୁଆଲ କୋର୍ଟ ଦ୍ୱାରା ସମ୍ଭବ ହୋଇପାରିଲା। ଏହି ଭର୍ଚୁଆଲ କୋର୍ଟ ଦ୍ୱାରା ଓକିଲ, ସାକ୍ଷୀ ପ୍ରମୁଖ ଅଦାଲତକୁ ନ ଆସି ନିଜ ସ୍ଥାନରେ ରହି ଭର୍ଚୁଆଲ ମାଧ୍ୟମରେ ହାଜର ହୋଇପାରିଲେ। ଫଳରେ ୨୦୨୦ରୁ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ମାମଲା ପରିଚାଳନାର ସ୍ଥିତି ଅତ୍ୟନ୍ତ ଉତ୍ସାହଜନକ ହେବା ସହ ମାମଲା ଫଇସଲାର ହାର ଢେର ବଢ଼ିଛି ବୋଲି ହାଇକୋର୍ଟ ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟ ବିଚାରପତିଙ୍କ ମାର୍ଗଦର୍ଶନ ଦ୍ୱାରା ଅଦାଲତ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଅଦାଲତରେ ମାମଲା ସଂଖ୍ୟା ବଢୁଥିବାବେଳେ ଫଇସଲାର ହାର ଗତ ୩ ବର୍ଷରେ ଅପେକ୍ଷାକୃତ ଢେର ବଢ଼ିଛି। କାଗଜବିହୀନ କୋର୍ଟ, ରେକର୍ଡ ରୁମ ଡିଜିଟାଇଜେଶନ, ଭର୍ଚୁଆଲ କୋର୍ଟ ଆଦି ବ୍ୟବସ୍ଥା ମାମଲା ଫଇସଲା ପଦ୍ଧତିକୁ ସରଳ କରିବା ସହ କାର୍ଯ୍ୟ ସମୟ ହ୍ରାସ କରିବାରେ ସହାୟକ ହୋଇଛି। ମାମଲାଗୁଡ଼ିକର ଅଗ୍ରଗତି ସମ୍ପର୍କିତ ତଥ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଇ ଜନସାଧାରଣଙ୍କ ନିମନ୍ତେ ନ୍ୟାୟିକ ପ୍ରକ୍ରିୟାକୁ ସ୍ୱଚ୍ଛ କରିବାକୁ ଚେଷ୍ଟା କରାଯାଉଛି।

ରେଜିଷ୍ଟ୍ରାର ଜୁଡିସିଆଲ ସୁମନ ମିଶ୍ରଙ୍କ ସୂଚନାନୁସାରେ, ହାଇକୋର୍ଟରେ ବିଚାର ପାଇଁ ୨୦୧୬ରେ ୭୦,୫୯୪ ନୂତନ ମାମଲା ପଞ୍ଜୀକରଣ ହୋଇଥିବାବେଳେ ପୁରୁଣା ମାମଲାକୁ ମିଶାଇ ୭୦,୭୨୮ ଫଇସଲା ହୋଇଥିଲା। ସେହିପରି ୨୦୧୭ରେ ୭୫,୩୮୭ ମାମଲା ପଞ୍ଜୀକରଣ ହୋଇଥିବାବେଳେ ୭୪,୭୯୮ ଫଇସଲା, ୨୦୧୮ରେ ୬୨,୫୬୬ ନୂତନ ମାମଲା ପଞ୍ଜୀକରଣ ହୋଇଥିବାବେଳେ ପୁରୁଣା ମାମଲାକୁ ମିଶାଇ ୬୩,୨୩୬ ଫଇସଲା, ୨୦୧୯ରେ ୮୧,୧୨୧ ନୂତନ ମାମଲା ପଞ୍ଜୀକରଣ ହୋଇଥିବାବେଳେ ପୁରୁଣା ମାମଲାକୁ ମିଶାଇ ୯୩,୨୨୪ ଫଇସଲା, ୨୦୨୦ରେ ୮୩,୪୯୯ ମାମଲା ପଞ୍ଜୀକରଣ ଓ ୬୧,୩୩୫ ମାମଲା ଫଇସଲା, ୨୦୨୧ରେ ୧,୨୮,୭୮୬ ମାମଲା ପଞ୍ଜୀକରଣ ଓ ୧,୦୫,୧୮୨ ଫଇସଲା ଏବଂ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ୭୮,୨୪୫ ମାମଲା ପଞ୍ଜୀକରଣ ହୋଇଥିବାବେଳେ ପୁରୁଣା ମାମଲାକୁ ମିଶାଇ ୧,୦୪,୫୬୦ ମାମଲା ଫଇସଲା ହୋଇଛି। ଏହି ମାମଲା ଫଇସଲା ହାର ମଧ୍ୟ ସବ୍-ଅର୍ଡିନେଟ କୋର୍ଟଗୁଡିକରେ ଅନୁରୂପ ଭାବେ ବୃଦ୍ଧି ପାଇଛି। ଷ୍ଟେଟ୍ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ୨୦୨୧ ଜୁଲାଇରେ ବନ୍ଦ ହେବା ପରେ ତ୍ୱରିତ ମାମଲା ଫଇସଲାକୁ ନେଇ ଯେଉଁ ଆଶଙ୍କା ରହିଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। ଟ୍ରିବ୍ୟୁନାଲରୁ ହାଇକୋର୍ଟକୁ ଆସିଥିବା ୪୯,୮୧୭ ମାମଲା ମଧ୍ୟରୁ ଅଦ୍ୟାବଧି ୪୪,୦୦୦ ଫଇସଲା ହୋଇସାରିଥିବା ବେଳେ ଅବଶିଷ୍ଟ ମାମଲାର ବିଚାର ଆଉ ୩/୪ ମାସରେ ଶେଷ ହୋଇଯିବା ସମ୍ଭାବନା ରହିଛି। ତେବେ ବିଭିନ୍ନ ସମୟରେ ଅଦାଲତର କାର୍ଯ୍ୟନିର୍ଘଣ୍ଟ ନଷ୍ଟ ହେଉଛି, ଯାହା ତ୍ୱରିତ ମାମଲା ଫଇସଲାରେ ଅନ୍ତରାୟ ହୋଇଛି। ୨୦୨୨ ଜାନୁୟାରୀରୁ ସେପ୍ଟେମ୍ବରଯାଏ ମୋଟ କାର୍ଯ୍ୟନିର୍ଘଣ୍ଟ ୧୭,୯୫୮ ଘଣ୍ଟା ହୋଇଥିବାବେଳେ ୨,୨୩୭ ଘଣ୍ଟା କାର୍ଯ୍ୟନିର୍ଘଣ୍ଟ ନଷ୍ଟ ହୋଇଛି। ପୂର୍ବରୁ ଆଣ୍ଟିସିପେଟୋରୀ ବେଲ୍ ଆବେଦନର ପଞ୍ଜୀକରଣ ପାଇଁ ୧ରୁ ୨ ମାସ ଲାଗୁଥିବାବେଳେ ଏବେ ମାତ୍ର ୨ ଦିନରେ ହୋଇପାରୁଛି। ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେତୁ ନ୍ୟାୟିକ ପ୍ରକ୍ରିୟାରେ ଏଭଳି ଆଖିଦୃଶିଆ ସଫଳତା ମିଳିପାରିଛି ବୋଲି ସେ କହିଛନ୍ତି।

ରେଜିଷ୍ଟ୍ରାର ରେକର୍ଡସ୍ ଅବିନାଶ ସେନାପତି କହିଛନ୍ତି, ଓଡ଼ିଶା ହାଇକୋର୍ଟରେ ରେକର୍ଡ ରୁମ୍ ପରିଚାଳନା ନିମନ୍ତେ ସ୍ଥାନାଭାବ ଏକ ପ୍ରମୁଖ ସମସ୍ୟା ଥିଲା। ମାତ୍ର ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ପ୍ରତିଷ୍ଠା ହେବା ପରେ ଗତ ଏକ ବର୍ଷ ହେବ ଆଉ ଏ ସମସ୍ୟା ନାହିଁ। ମାମଲାର ସମସ୍ତ କାଗଜାତ ଡିଜିଟାଲ ରୂପରେ ସର୍ଭରରେ ସଂରକ୍ଷିତ ରହିପାରୁଛି ଓ ସ୍ୱଳ୍ପ ସମୟରେ ଯେକୌଣସି କାଗଜାତକୁ ସହଜରେ ପ୍ରାପ୍ତ କରିହେଉଛି। ଅଦ୍ୟାବଧି ୨ ଲକ୍ଷ ୨୦୬ଟି ଦେୱାନୀ ଓ ୩ ଲକ୍ଷ ୫ ହଜାର ୯୩୯ଟି ଫୌଜଦାରି ମାମଲାର ରେକର୍ଡ ଡିଜିଟାଇଜ୍‌ଡ ହୋଇଛି। ଏଥିସହ କଟକ, ସମ୍ବଲପୁର, ଗଞ୍ଜାମ ଓ ବାଲେଶ୍ୱର ଜିଲା ଅଦାଲତରେ ରେକର୍ଡ ରୁମ୍ ଡିଜିଟାଇଜେଶନ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ଅଦ୍ୟାବଧି କଟକରେ ୯୯,୯୮୬, ସମ୍ବଲପୁରରେ ୩୮,୧୨୨, ବାଲେଶ୍ୱରରେ ୮୬,୬୦୦, ଗଞ୍ଜାମରେ ୧,୨୩,୭୭୨ ରେକର୍ଡ ଡିଜିଟାଇଜ୍ ହୋଇସାରିଛି।



ରେଜିଷ୍ଟ୍ରାର ଇନ୍ସପେକ୍ସନ୍ ପ୍ରଭାକର ଗାନ୍ଧିଆଙ୍କ ସୂଚନାନୁସାରେ, ଜିଲା କୋର୍ଟଗୁଡ଼ିକରେ ୨୦୨୧ରେ ୨,୩୮,୫୮୮ ମାମଲା (୫୩,୬୮୮ ଦେୱାନୀ ଓ ୧,୮୪,୯୦୦ ଫୌଜଦାରି) ଫଇସଲା ହୋଇଥିବାବେଳେ ୨୦୨୨ ସେପ୍ଟେମ୍ବର ଯାଏ ୩,୩୧,୬୬୬ ମାମଲା ଫଇସଲା ହୋଇଛି। ଅନ୍ୟପକ୍ଷରେ ମୋଟର ଭେହିକିଲ ଆକ୍ଟର ଇ-ଚାଲାଣ ପାଇଁ ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଇଛି। ୨୦୨୧ରେ ୩୩,୯୭୪ ମାମଲା ଓ ୨୦୨୨ରେ ୫୬,୪୧୩ ଇ-ଚାଲାଣ ମାମଲା ପଞ୍ଜୀକୃତ ହୋଇଛି। ମାମଲା ଫଇସଲା ନିମନ୍ତେ ବିଚାରପତିଙ୍କ ଅଭାବ ରହିଛି, ଯାହାକି ୨୦୨୧ରେ ଜଣେ ବିଚାରପତିଙ୍କ ନିମନ୍ତେ ୩୧୧ ମାମଲା ଫଇସଲା ପାଇଁ ରହୁଥିବାବେଳେ ୨୦୨୨ରେ ଏହା ୪୨୭ରେ ପହଞ୍ଚିଛି। ତେବେ ମାମଲା ଫଇସଲା ହାର ୨୦୨୧ରେ ୩୬.୮୪%ରୁ ୭୬.୮୬% ରହୁଥିବାବେଳେ ୨୦୨୨ରେ ୪୫.୭୬ରୁ ୧୭୭.୩୨% ରହୁଥିବା ପରିସଂଖ୍ୟାନରୁ ଜଣାପଡିଛି।

ହାଇକୋର୍ଟ ପରିସରସ୍ଥ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରେଜିଷ୍ଟ୍ରାର ଭିଜିଲାନ୍ସ ଅଖିଳ କୁମାର ପଶ୍ଚିମକବାଟ, କୋଅର୍ଡିନେଶନ ଆର୍ବିଟ୍ରାରୀ ସେଣ୍ଟର ସୌମ୍ୟକ ପାତ୍ର, ରେଜିଷ୍ଟ୍ରାର ଏକ୍‌ଜାମିନେଶନ ସନ୍ତୋଷ କୁମାର ଦାସ ରାୟ, ଜଏଣ୍ଟ ରେଜିଷ୍ଟ୍ରାର ତଥା ମୁଖ୍ୟ ବିଚାରପତିଙ୍କ ପ୍ରିନ୍ସିପାଲ ସେକ୍ରେଟାରି ଆନନ୍ଦ ଦାସ, କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ ସତ୍ୟପ୍ରକାଶ ରାୟଚୌଧୁରୀ, ଡେପୁଟି ରେଜିଷ୍ଟ୍ରାର ପ୍ରୋଟୋକଲ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଚାଳକଙ୍କୁ ନିର୍ମମ ହତ୍ୟା

**ଝାରସୁଗୁଡ଼ା ଅଫିସ,୧୧।୧୦**

ଝାରସୁଗୁଡ଼ା ସଦର ଥାନା ପଞ୍ଚପଡା ବାଲିଘାଟ ରାସ୍ତାରେ ମଙ୍ଗଳବାର ଜଣେ ଅଟୋ ଚାଳକଙ୍କୁ ନିର୍ମମ ହତ୍ୟା କରାଯାଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ଭଷ୍ମା ଗ୍ରାମର ପ୍ରମୋଦ କୁମାର ସିଂହ(୨୮)। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତକଙ୍କ ବଡଭାଇ ରଞ୍ଜନ ସିଂହଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଭଷ୍ମାଙ୍କ ଓଡି୧୫ଏମ୍-୮୮୪୮ନଂ. ଅଟୋକୁ ପୋଲିସ୍ ଜବତ କରିଛି। ରଞ୍ଜନ କହିବା ଅନୁଯାୟୀ ସାନଭାଇ ପ୍ରମୋଦ ପ୍ରତିଦିନ ଭଳି ସକାଳ ୮ଟାରେ ଅଟୋଧରି ଘରୁ ବାହାରିଥିଲେ। ହେଲେ ପରେ ସେ ଆଉ ଘରକୁ ଫେରି ନ ଥିଲେ। ସୂଚନାମତେ ପଞ୍ଚପଡା ବାଲିଘାଟ ରାସ୍ତାରେ ଏକ ଅଟୋ ଛିଡା ହୋଇଥିବାବେଳେ ୧ଶହ ମିଟର ଦୂରରେ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖି ରାସ୍ତାରେ ଯାତାୟତ କରୁଥିବା ଲୋକେ ପୋଲିସ୍‌କୁ ଜଣାଇଥିଲେ। ପୋଲିସ୍ ପହଞ୍ଚି ଅଟୋ ନମ୍ବର ଯାଞ୍ଚ କଲାପରେ ମୃତ ଚାଳକଙ୍କ ପରିଚୟ ମିଳିଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ହତ୍ୟାର କାରଣ ଜଣାପଡ଼ି ନାହିଁ।

# ଶିଶୁକନ୍ୟା ମୃତ୍ୟୁ ପରେ ଉତ୍ତେଜନା



ପରିବାର ଲୋକେ ଶିଶୁ କନ୍ୟାର ମୃତଦେହକୁ ମେଡିକାଲ ସମ୍ମୁଖରେ ରଖି ଧାରଣା ଦେଇଛନ୍ତି।

**ନୀଳଗିରି, ୧୧।୧୦(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ୫ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାର ମୃତଦେହକୁ ମେଡିକାଲ ସମ୍ମୁଖରେ ରଖି ପରିବାର ଲୋକେ ଧାରଣା ଦେବା ସହ ମୃତ୍ୟୁ ପାଇଁ ଡାକ୍ତର ଓ କର୍ମଚାରୀ ଦାୟୀ ବୋଲି ଅଭିଯୋଗ କରିଥିଲେ। ଦୀର୍ଘ ଘଣ୍ଟା ଧରି ଧାରଣାସ୍ଥଳକୁ କୌଣସି ପଦସ୍ଥ ଅଧିକାରୀ ନ ଆସିବାରୁ ନିରୁପାୟ ହୋଇ ପରିବାର ଲୋକେ ନିଜ ମୃତ ଶିଶୁ କନ୍ୟାକୁ ଧରି ଗାଁକୁ ଫେରିଯାଇଥିଲେ।

ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ ଅଧୀନ କେସିପୁର ପଞ୍ଚାୟତ ବାରାଖେଦା ଗ୍ରାମର ଜଗମୋହନ ମୁର୍ମୁଙ୍କର ୫ବର୍ଷର ଶିଶୁ କନ୍ୟାଙ୍କ ଥଣ୍ଡା, ଜ୍ୱର ହୋଇଥିଲା। ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ମଙ୍ଗଳବାର

### ଚିକିତ୍ସାରେ ଅବହେଳା ଅଭିଯୋଗ

ସକାଳ ୭ଟାରେ ପରିବାର ଲୋକେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଉକ୍ତ ସମୟରେ ଜଣେ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିଲେ। ସେଠାରେ କୌଣସି ସହ କର୍ମଚାରୀ ନ ଥିବାରୁ ଜଣେ ଅନଭିଜ୍ଞ କର୍ମଚାରୀ ଅଚଳ ଅକ୍ସିଜେନ ସିଲିଣ୍ଡର ଶିଶୁକନ୍ୟା ମୁହଁରେ ଲଗାଇଥିଲେ। ପରିବାର ଲୋକ ଏହା ଏକ ଅଚଳ ଅକ୍ସିଜେନ ବୋଲି ଜାଣିବା ପରେ ଏ ବିଷୟରେ ଡାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମେଡିକାଲ ପରିସରରେ ଉତ୍ତେଜନା ଲାଗି ରହିଥିଲା। ପରେ କର୍ମଚାରୀଜଣକ ନୂତନ ଅକ୍ସିଜେନ ସିଲିଣ୍ଡର ଆଣି ଲଗାଇଥିଲେ। କିଛି ସମୟ ପରେ ଶିଶୁ କନ୍ୟାର ମୃତ୍ୟୁ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ରାଇରଙ୍ଗପୁର ସବ୍‌ଜେଲରେ କଏଦୀଙ୍କ ମୃତ୍ୟୁ

**ରାଇରଙ୍ଗପୁର,୧୧।୧୦(ଡି.ଏନ.ଏ.)**

ଏକ ବଳାତ୍କାର ମାମଲାରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଜେଲରେ ଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ ବିଶୋଇ ଥାନା ଅଧୀନ କୁଆଝରୀ ଗ୍ରାମର ଚୈତନ୍ୟ ବେହେରା(୬୦)। କିଛି ମାସ ହେବ ସେ ଅସୁସ୍ଥ ଥିଲେ ବୋଲି ସବ୍‌ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବୁଲୁ ମାଟିଆ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭ରେ ଏକ ବଳାତ୍କାର ମାମଲାରେ ଚୈତନ୍ୟଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଥିଲା। ୨୦୧୯ ଅକ୍ଟୋବର ୩୧ତାରିଖରେ ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେହିଦିନଠାରୁ ସେ ଜେଲରେ ରହି ଆସୁଥିଲେ। ତେବେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୨) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତେ ଅନୁତାପ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ। ବିଗତ ଦିନର ସମସ୍ୟାଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ।

**ବୃଷ**
କୌଣସି ଖବର ପାଇ ଏତେଦୂର ଖୁସି ହୋଇଯିବେ ଯେ, ଯାହାକୁ ଭାଷାରେ ବର୍ଣ୍ଣନା କରିପାରିବେ ନାହିଁ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ହଡ଼ବଡ଼େଇ ଯିବେ।

**ମିଥୁନ**
ଆଜିର ଯାତ୍ରା ସମୟରେ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିଯାଇ ପାରନ୍ତି। କଳିତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଅପରାହ୍ନେ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କର୍କଟ**
ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକ ସହଯୋଗ କରିବେନି। ପରିସ୍ଥିତି ବଦଳି ଯିବାରୁ ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ର ଓ ଅଦାଲତର ରାୟ ସପକ୍ଷରେ ଯିବ।

**ସିଂହ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଆଜି ହିଁ ଶେଷ କରିବାକୁ ମନସ୍ଥ କରିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ପରିବହନରେ ଉନ୍ନତି କରି ଋଣମୁକ୍ତ ହେବାର ସୂଚନା ରହିଛି। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା**
ବିଭିନ୍ନ କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖ, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା**
ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ ।

**ବିଛା**
ଦିନସାରା ଟେନ୍ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବାର ସୁଯୋଗ ପାଇବେ ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ । ମାମଲାରେ ଟେନ୍ସନ ଜନିତ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ ; ଯାହା କି ବନ୍ଧୁ ମାନଙ୍କ ମନକୁ ବେଶ୍ ପାଇବ। ପ୍ରଶାସନ, ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି ।

**ମକର**
ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ । ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ବୃଥାରେ ସମୟ ଅପଚୟ କରିପାରନ୍ତି।

**କୁମ୍ଭ**
ଆଜି ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ**
ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଅପରାହ୍ନେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ । ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି ଅକ୍ଟୋବର ୧୨ ତାରିଖ, କାର୍ତ୍ତିକ କୃଷ୍ଣ ତୃତୀୟା ବୁଧବାର, ରାଶିନକ୍ଷତ୍ର- ଦ୍ୱିଜା/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୪୩ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୩ମି. ଗତେ ଘ.୦୧.୦୦ମି. ଗତେ ରାହୁକାଳ।


# classifieds

**Everyday**
**0674-2580101, 2549302**





**BRIDE WANTED**

Divorced Khandayat Boy 48+ Govt Professor, BHUBANESWAR "SUHAG" 9090486408, 9938199964. D-1732

SM4 Engr. 33+ 5'7" Manager PSU GOI Delhi PQM Slim fair kayastha wrkg NCR. Contact 9971816844. D-1724

**GROOM WANTED**

ବୟସ 38 Government Job କରୁଥିବା ସୁନ୍ଦରୀ divorce କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658194237. D-73724

Govt. ଚାକିରିଆ 30 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1733

real estate

**SALE**

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

Looking for min. 2400 sqft. Land area with or without house constructed. Min. 30 ft. road approach. Niladri Vihar, Cspur, Pokhariput, Jagmara, Bomikhal, Jharpada. Preferably BDA/GA plot. Arjun Kharbanda, +91-9776660088. D-1752

construction

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

healthcare

Herbal full body massage by smart/expert therapist. Contact: 9040171280. D-73984

Newly open full body massage ladies and gents. 8327740003, 8093860513. D-73985

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly opened full body massage center by expert therapist. 7381172169. D-73651

**AFFIDAVIT**

By affidavit I, Dhanabalraj Singh, S/o Late Khageswar Singh have changed my name to Dhanbal Bag, S/o Late Khageswar Bag for all official purposes vide affidavit No. 57AA517883, Dated 5.10.2022. D-1754

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ଶିନ୍ଦେ ଗୋଷ୍ଠୀକୁ ଖଣ୍ଡା, ଢାଲ




**ନୂଆଦିଲ୍ଲୀ,୧୧।୧୦**

ନିର୍ବାଚନ କମିଶନ ମଙ୍ଗଳବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀକୁ 'ଦୁଇଟି ଖଣ୍ଡା ଓ ଗୋଟିଏ ଢାଲ' ନିର୍ବାଚନୀ ଚିହ୍ନ ପ୍ରଦାନ କରିଛନ୍ତି। ନଭେମ୍ବର ୩ରେ ହେବାକୁ ଥିବା ଅନ୍ଧେରି ୱେଷ୍ଟ ବିଧାନସଭା ଉପନିର୍ବାଚନରେ ଶିନ୍ଦେ ଗୋଷ୍ଠୀ 'ବାଲାସାହେବାଞ୍ଚି ଶିବସେନା' ନାମରେ ପରିଚିତ ହେବ। ଉକ୍ତ ନିର୍ବାଚନରେ ଏହି ଗୋଷ୍ଠୀ ଉକ୍ତ ଚିହ୍ନକୁ ବ୍ୟବହାର କରିବ।

ମୁଖ୍ୟମନ୍ତ୍ରୀ ଶିନ୍ଦେ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି, ଆମେ ହେଉଛୁ ହିନ୍ଦୁ ହୃଦୟ ସମ୍ରାଟ ତଥା ଦଳର ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ପ୍ରକୃତ ଉତ୍ତରାଧିକାରୀ। ଆମେ ହିଁ ତାଙ୍କ ବିଚାରଧାରାକୁ ଆଗକୁ ବଢ଼ାଇବୁ। ଖଣ୍ଡାରେ ଦୁଷ୍ଟମାନଙ୍କ ବିନାଶ ଏବଂ ଢାଲରେ ନିରୀହମାନଙ୍କ ସୁରକ୍ଷା କରିବୁ ବୋଲି ଶିନ୍ଦେ ଟୁଇଟ୍ କରିଛନ୍ତି। ଶିନ୍ଦେ ଗୋଷ୍ଠୀ ଏହା ପୂର୍ବରୁ ପିପଳ ଗଛ, ଖଣ୍ଡା ଓ ଢାଲ ଏବଂ ସୂର୍ଯ୍ୟ ମଧ୍ୟରୁ କୌଣସି ଚିହ୍ନ ପ୍ରଦାନ ପାଇଁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଥିଲେ। ତେବେ କମିଶନ ଦୁଇଟି ଖଣ୍ଡା ଓ ଢାଲ ଚିହ୍ନ ଦେଇଛନ୍ତି। ପୂର୍ବରୁ ପିପୁଲ୍ସ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟକୁ ଏହି ଚିହ୍ନ ଦିଆଯାଇଥିଲା। ଅପରପକ୍ଷେ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ କମିଶନ ମଶାଲ ଚିହ୍ନ ଦେଇଛନ୍ତି। ତାଙ୍କ ନେତୃତ୍ୱାଧୀନ ଗୋଷ୍ଠୀ 'ଶିବସେନା–ଉଦ୍ଧବ ବାଲାସାହେବ ଠାକ୍‌ରେ' ରୂପେ ପରିଚିତ ହେବ ବୋଲି କହିଛନ୍ତି। ପ୍ରକାଶ ଯେ, ଦଳରେ ବିଦ୍ରୋହ ଘଟାଇ ଉଦ୍ଧବଙ୍କଠାରୁ ମୁଖ୍ୟମନ୍ତ୍ରୀ ଆସନ ଛଡ଼ାଇନେଇଥିବା ଶିନ୍ଦେ ନିଜକୁ ଅସଲ ଶିବସେନା ଦାବି କରି ଦଳୀୟ ସଙ୍କେତ 'ଧନୁତୀର' ମାଗିଥିଲେ। ଉଦ୍ଧବ ମଧ୍ୟ ଅନୁରୂପ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ନିକଟରେ ନିର୍ବାଚନୀ ଚିହ୍ନ ଓ ଦଳର ନାମ ଦେବା ନେଇ କମିଶନଙ୍କୁ ଅନୁମତି ପ୍ରଦାନ ପରେ ଦୁଇ ଗୋଷ୍ଠୀଙ୍କୁ ଭିନ୍ନ ଭିନ୍ନ ନାଁ ଓ ସଙ୍କେତ ମିଳିଛି।



ନାଗାଲାଣ୍ଡ ଜେଡିୟୁ ପକ୍ଷରୁ ଡିମାପୁରଠାରେ ମଙ୍ଗଳବାର ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।

# ନାମାଙ୍କନ ଦାଖଲ କଲେ ଭାଜପା ପ୍ରାର୍ଥୀ ସୂରଜ

## ଧାମନଗର ଉପନିର୍ବାଚନ

**ଭଦ୍ରକ ଅଫିସ/ ଧାମନଗର(ଡି.ଏନ୍.ଏ.), ୧୧।୧୦**

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନ ପାଇଁ ମଙ୍ଗଳବାର ଭାଜପା ପ୍ରାର୍ଥୀ ଭାବେ ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ନାମାଙ୍କନ ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ସକାଳେ ସୂରଜ ପୈତୃକ ଗ୍ରାମ ତିହିଡ଼ି ବ୍ଲକର ମଙ୍ଗରାଜପୁରଠାରେ ପହଞ୍ଚି ସ୍ୱର୍ଗୀୟ ପିତାଙ୍କ ସମାଧିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଭଦ୍ରକ ଦକ୍ଷିଣେଶ୍ୱରୀ କାଳୀମନ୍ଦିରରେ ପୂଜାର୍ଚ୍ଚନା କରି ଦଳୀୟ ନେତା ଓ ସମର୍ଥକମାନଙ୍କ ଗହଣରେ ଶୋଭାଯାତ୍ରାରେ ଆସି ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରିଟର୍ନିଂ ଅଫିସର ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁଙ୍କ ନିକଟରେ ସେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଶୁଭ ମୁହୂର୍ତ୍ତ ଥିବାରୁ ସେ ପୂର୍ବାହ୍ନ ୧୧ଟା ୫ରେ ନିରାଡ଼ମ୍ବରରେ ଆସି ଦୁଇ ସେଟ୍ ନାମାଙ୍କନପତ୍ର ଭରିଥିଲେ। ପରେ ଶୋଭାଯାତ୍ରାରେ ଆସି ଆଉ ଗୋଟିଏ ସେଟ୍ ଦାଖଲ କରିଥିବା ଭାଜପା ପକ୍ଷରୁ କୁହାଯାଇଛି।



ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ଭାଜପା ନେତାଙ୍କ ଗହଣରେ ସୂର୍ଯ୍ୟବଂଶୀ ସୂରଜ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଫୁଲ ସଜ୍ଜା ହୋଇଥିବା ଏକ ଗାଡ଼ିରେ ସ୍ୱର୍ଗତ ସେଠୀଙ୍କ ଫଟୋଚିତ୍ର ରଖାଯାଇ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ନାମାଙ୍କନ ଦାଖଲ ସମୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, କେନ୍ଦୁଝର ସଦର ବିଧାୟକ ମୋହନ ମାଝି, ସାରସକଣା ବିଧାୟକ ବୁଢାନ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ସିପ୍ରା ବାଜପେୟୀ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ତରାଇ, ଜିଲା ସଭାପତି ହେମନ୍ତ ପାଢ଼ୀ, ବରିଷ୍ଠ ନେତା ମନମୋହନ ସାମଲ, ପ୍ରଦୀପ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ମନସ୍ୱିତା ଖୁଣ୍ଟିଆ, ମାଧବାନନ୍ଦ ମଲ୍ଲିକ, ଜଗନ୍ନାଥ ଦାସ, ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଆଇ ତଦନ୍ତ ହେଉ: ଭାଜପା

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ):** ଶାସକ ଦଳର ନେତା ଏବଂ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଓ ପୃଷ୍ଠପୋଷକତାରେ ବିଭିନ୍ନ ଯୌନ କେଲେଙ୍କାରୀ ଘଟଣା ଘଟୁଛି। ରାଜ୍ୟରେ ମହିଳାଙ୍କ ଇଜ୍ଜତ ଓ ସ୍ୱାଭିମାନ ଏବେ ଲୁଣ୍ଠିତ ହେଉଛି। ଅତୀତରେ ସ୍ମିତାରାଣୀ, ମମିତା ମେହେର ଘଟଣାରେ ଶାସକ ବିଜେଡିର ବହୁ ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି ଲୋକଙ୍କ ମନରୁ ଯାଇ ନ ଥିବାବେଳେ ବର୍ତ୍ତମାନ ପୁଣି ଥରେ ଅର୍ଚ୍ଚନା ନାଗ ଏବଂ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ମର୍ମାହତ କରିଛି। ଏହି ଦୁଇ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଦାବି କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ରାଜଧାନୀର ଅର୍ଚ୍ଚନା ନାଗଙ୍କ ନାଗଫାଶରେ ବଡ ସମ୍ପୃକ୍ତି ଓ ପୃଷ୍ଠପୋଷକତାର ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରୁଛି। ପୋଲିସ ହାର୍ଡ ଡିସ୍କ, ଲାପ୍‌ଟପ୍, ଲକରରୁ ପ୍ରମାଣ ସମ୍ବନ୍ଧିତ ତଥ୍ୟ ଉଦ୍ଧାର କରିଥିବା କହୁଥିବା ବେଳେ ଏଥିରେ କ'ଣ ଅଛି ଓ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତା'ର ତଥ୍ୟ ସାର୍ବଜନୀନ କରୁନାହିଁ। ଅର୍ଚ୍ଚନା ନାଗ ହନିଟ୍ରାପ୍ ଓ ବ୍ଲାକ୍‌ମେଲିଂ ଘଟଣା ଶାସକ ବିଜେଡିର ପୃଷ୍ଠପୋଷକତାରେ ଚାଲିଆସୁଥିଲା। ଉଭୟ ଅର୍ଚ୍ଚନା ନାଗ ଏବଂ ଜଗବନ୍ଧୁ ଚାନ୍ଦ ବିଜେଡି କାର୍ଯ୍ୟକର୍ତ୍ତା ବୋଲି ସ୍ପଷ୍ଟ ହୋଇସାରିଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବା କୌଣସି ସହଯୋଗୀଙ୍କୁ ଜାଣିଶୁଣି ପୋଲିସ ଗିରଫ ନ କରି ପ୍ରମାଣ ନଷ୍ଟ କରିବା ପାଇଁ ସୁଯୋଗ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର ରଚାଯାଉଥିବା ସନ୍ଦେହ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ସେହିପରି ଜଣେ ବରିଷ୍ଠ ମନ୍ତ୍ରୀ ସମୀର ଦାଶଙ୍କ କଳା କାରନାମା କାରଣରୁ ଖୋଦ୍ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା କରିଛନ୍ତି। ଜିଲା ପରିଷଦ ସଦସ୍ୟ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଉଦ୍ଧାର ୨ ମୋବାଇଲରେ କ'ଣ ଭିଡିଓ ଅଛି ଏବଂ ଏଥିରୁ ପ୍ରମାଣ ମିଳିବାର ସ୍ଥିତି କ'ଣ ଅଛି ପୋଲିସ ଜାଣିଶୁଣି ଅହେତୁକ ନୀରବତା ଅବଲମ୍ବନ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଉପରୋକ୍ତ ୨ଟି ଯାକ ସମ୍ବେଦନଶୀଳ ଘଟଣାରେ ଶାସକ ଦଳର ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତିର ଅଭିଯୋଗ ଥିବାରୁ ନାରୀର ସମ୍ମାନ ଓ ସୁରକ୍ଷା ପାଇଁ ନିରପେକ୍ଷ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ସ୍ମୃତି ଦାବି କରିଛନ୍ତି।

## ଅର୍ଚ୍ଚନା ହନିଟ୍ରାପ୍ ଘଟଣା

# ଅଫିସର ସମ୍ପୃକ୍ତ ଥିବାରୁ ପୋଲିସ ଚୁପ୍: କଂଗ୍ରେସ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ରଙ୍ଗମହଲକୁ ଶାସକ ଦଳର ବିଧାୟକ, ମନ୍ତ୍ରୀ, ପୂର୍ବତନ ବାଚସ୍ପତି, ଆଇପିଏସ୍ ଓ ଆଇଏଏସ୍ ଅଫିସର ଏବଂ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିୟମିତ ଯାଉଥିଲେ। ପ୍ରଶାସନର ଜ୍ଞାତସାରରେ ଏହା ଚାଲୁଥିଲା ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି।

କଂଗ୍ରେସ ଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନୱାଜ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଚ୍ଚନା ନାଗଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ ଭାବେ ଖୋଲାଯାଇଥିଲା। ସେହି ରହସ୍ୟମୟୀ ମହିଳା ନିଜେ ଦେହ ବ୍ୟବସାୟ କରିବା ସହିତ ସେଠାରେ ଗ୍ରାହକମାନଙ୍କଠାରୁ ଚଢ଼ାଦର ନେଇ ସୁନ୍ଦରୀ ମହିଳା ଯୋଗାଇ ଦେଉଥିଲେ। ଗ୍ରାହକ ଯୋଗାଡ଼ କାର୍ଯ୍ୟରେ ଅର୍ଚ୍ଚନା ନାଗଙ୍କ ସ୍ୱାମୀ, ଖଗେଶ୍ୱର ପ୍ରମୁଖ ସମ୍ପୃକ୍ତ ରହିଛନ୍ତି। ପୋଲିସ ପ୍ରଶାସନ ଜାଣିଶୁଣି ଚୁପ୍ କାରଣ ଏଥିରେ ବଡ଼ ବଡ଼ ପୋଲିସ ଅଫିସର ଗ୍ରାହକ ଭାବେ ଅଛନ୍ତି। ପୋଲିସ ପାଖରେ ଏ ବେଶ୍ୟାଳୟର କାରବାର ସମ୍ପର୍କରେ ଖବର ଥିଲା ମାତ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାହସ ନ ଥିଲା। ଲୋକସେବା ଭବନକୁ ଖବରଦାତାଙ୍କୁ ଯିବାକୁ ମନା ଥିବାବେଳେ ଅର୍ଚ୍ଚନା ନାଗକୁ କୌଣସି ପ୍ରତିବନ୍ଧକ ନ ଥିଲା। ନବୀନ ସରକାର ଏହି ଘୃଣ୍ୟ ଘଟଣାକୁ ଚପାଇଦେବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଯେହେତୁ ନେତା, ଉଚ୍ଚପଦସ୍ଥ ଅଫିସର ଏହି ଘଟଣା ସହ ଜଡ଼ିତ ତେଣୁ ଏହାର ତଦନ୍ତ ବାଟବଣା ହେବ ବୋଲି ନୱାଜ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ ମମିତା ମେହେର, ଧର୍ମେନ୍ଦ୍ର ସାହୁଙ୍କର ମୋବାଇଲର ଠିକଣା ନାହିଁ। ସେହି ଘଟଣାର ସବୁ ପ୍ରମାଣ ନଷ୍ଟ କରିଦିଆଯାଇଛି। ମନ୍ତ୍ରୀ ସମୀର ଦାଶଙ୍କୁ ସୁରକ୍ଷା ଦିଆଯାଉଛି। ପୋଲିସ ନିଜର ବିଶ୍ୱସନୀୟତା ହରାଇସାରିଲାଣି। ଭାଜପାର ବରିଷ୍ଠ ନେତାମାନେ ମଧ୍ୟ ଏହି ଯୌନ କେଲେଙ୍କାରୀରୁ ବାଦ୍ ପଡ଼ିନାହାନ୍ତି। କମିଶନରେଟ ପୋଲିସର ବିଶ୍ୱସନୀୟତା ଉପରେ ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତ ବୋଲି ନୱାଜ କହିଛନ୍ତି।

# କଂଗ୍ରେସ ଗଠନ କଲା କମିଟି

## ଓଡ଼ିଶାରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସମ୍ପ୍ରତି କନ୍ୟାକୁମାରୀଠାରୁ କଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ୋ ଯାତ୍ରା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଛି। ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିପକ୍ଷରୁ 'ଭାରତ ଯୋଡ଼ୋ(ପରିବର୍ତ୍ତନ) ଯାତ୍ରା' ଆସନ୍ତା ୩୧ ତାରିଖ ଭୁବନେଶ୍ୱର ଇନ୍ଦିରା ଗାନ୍ଧୀ ପାର୍କଠାରୁ ଆରମ୍ଭ ହେବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଯାତ୍ରାକୁ ରାଜ୍ୟର ୩୩ଟି କଂଗ୍ରେସ ସାଙ୍ଗଠନିକ ଜିଲାରେ ସଫଳତାର ସହ ଅନୁଷ୍ଠିତ କରାଇବା ପାଇଁ ପିସିସି ସଭାପତି ଏକ 'ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ କମିଟି' ଗଠନ କରିଛନ୍ତି। ଜିଲାରେ କାର୍ଯ୍ୟକ୍ରମ ସଫଳ ହେବା ନିମନ୍ତେ ଏହି କମିଟି ସମସ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି। ଏହି କମିଟିରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସହ ଅଧ୍ୟକ୍ଷ ଏବଂ ସଞ୍ଜୟ ତ୍ରିପାଠୀ ଆବାହକ ଭାବେ ରହିଛନ୍ତି। ଅନ୍ୟତମ ସଭ୍ୟ ଭାବେ ନେତୃବୃନ୍ଦ ସୁଦର୍ଶନ ଦାସ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ସଞ୍ଜୀବ ଗିରି, ବିଶ୍ୱଜିତ ଦାଶ, ବିସ୍ମୟ ମହାପାତ୍ର, ଅମିୟ ପାଣ୍ଡବ ଓ ଦୁର୍ଗାପ୍ରସାଦ ପାଢ଼ୀ ପ୍ରମୁଖ ଅଛନ୍ତି ବୋଲି କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି।

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ଏଆଇ3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 959054.78
2) ମଡେଲ ନଂ. ଅଶୋକ ଲେଲ୍ୟାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD16E4445
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1247093.76
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ।
ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED 29NOS (M/F) CANDIDATES
Post of Asst.Engg Asst. Manager / Jr. Engg / Supervisor Electrician / Technician / Store keeper/ Store In-charge/ Welder / Cleark / Peon.
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Food & Accommodation facility
Email your CV to : sinterpower12@gmail.com
Contact : 99385 91098

GREEN TRENDS UNISEX SALOON
PATRAPADA
STAFF REQUIREMENT
Hair and beauty (Female)
Beautician (Female)
Saloon Manager (Female)
9078426667,7325932612

REQUIRED
1. FRONT OFFICE RECEPTION
2. FRONT OFFICE ASSISTANT
3. DATA ENTRY OPERATOR
Salary : Rs.6000/- to Rs.10000/-
English & Hindi speak must
(Only Female candidates apply)
GREY RECRUITMENT CONSULTANT
Manmath Nivas, 4th floor, Jagannath Vihar, Balikuda, Gopalpur, Cuttack or Mumbai Office. Please share your CV & Photo Email : hr.grey-recruitment@gmail.com
Website : www.grey-recruitmrnt.com
CONTACT : 9776397019

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

Urgently Required
D.T.P OPERATOR
Photoshop, Microsoft Office & CorelDRAW 5-6 years of Experience in Online work
Time : 10am to 8pm (Full Time / Part Time)
Salary : 10,000/- to 15,000/- & above
CHELSHHA
2977, Ravi Talkies Road, Bhubaneswar-02
Contact : 9040821015 / 9437387034

See Career Appointment on every Wednesday & Saturday

FAKIR MOHAN AUTONOMOUS COLLEGE, BALASORE
Admission Notification - 2022-23
Applications are invited from candidates desirous of taking admission to 4 Year Integrated B.A. B.Ed./ B.Sc. B.Ed. Details of form, prospectus, fees & eligibility criteria are available in the college website www.fmcollege.nic.in. Form will be received from 12.10.2022. Last date of submission of application is **22.10.2022 by 4.00 PM.**
Sd./- Principal

Your classified advertisement published in Dharitri will be listed free in Dharitri online edition : **www.dharitri.com**

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha
SPOT ADMISSION NOTICE 2022-23
IMBA
INTEGRATED MASTER OF BUSINESS ADMINISTRATION
(Affiliated to Utkal University)
QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed **+2 or its equivalent** in any discipline with minimum **45% marks** in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed **3 year BBA** (six semesters) from any recognized university with minimum **50% marks** in aggregate. | |

Applications are invited for taking Spot Admission into **IMBA 5 years programme** for the session **2022-23.** The Application Form is available in Institute's website **www.iedodisha.org.in.** Interested eligible candidates can take spot admission into IMBA Course after verifying all required original documents and deposit of requisite fees in the Institute.
**Hostel Facilities is available in the Institute's Campus.**

| | |
|---|---|
| Last Date for Spot Admission into **IMBA 1st Semester and IMBA 7th Semester (Lateral Entry) at IED Odisha** | **15.10.2022** |
| Commencement of Classes | **18.10.2022** |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 7978120939, 9437163828, 9437491548
Website : www.iedodisha.org.in, Email : iedodisha87@gmail.com

## ODISHA SUB-ORDINATE STAFF SELECTION COMMISSION

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ.: ୩, ଏବଂ ୫, ୟୁନିଟ୍ – ୧, ଭୁବନେଶ୍ୱର – ୭୫୧୦୦୯
ଦୂରଭାଷ: ୦୬୭୪–୨୫୯୭୧୪୯, ୨୫୯୭୧୫୨ (ଅଫିସ୍)
ଫାକ୍ସ: ୦୬୭୪–୨୫୯୭୧୫୫, ୱେବ୍‌ସାଇଟ୍: www.osssc.gov.in

**CORRIGENDUM**

No. IIE-60/2022-1598/OSSSC Dated: 10th October, 2022

**FOR SELECTION OF SERVICE PROVIDERS FOR SERVICES RELATED TO RECRUITMENT EXAMINATIONS OF DISTRICT CADRE GROUP - B & C POSTS OF GOVT. OF ODISHA**

No. T-167: Reference to the Tender Notice No. 1581/OSSSC dated 30th September 2022 uploaded in the Website: **www.odisha.gov.in** and **www.osssc.gov.in** respectively, the following amendment is hereby made.
In Para - 5 of the Bidding Notification the last date for submission of Bid may be read as **30.11.2022** which is inadvertently written as 31.10.2022.
All other terms and conditions of the aforesaid tender Notice remains unaltered.

OIPR-09007/11/0031/2223 Sd./- Secretary

## ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା: MCL/JA/Hiring of Services/Rev.Pers/2022/5415 ତା.01/10/2022ରିଖ

**ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ**

ଜଗନ୍ନାଥ ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୧୭.୧୦.୨୦୨୨ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, ଜଗନ୍ନାଥ ଏରିଆ, ପୋଷ୍ଟ-ଡେରା, ଅନୁଗୁଳ, ଓଡ଼ିଶା-୭୫୯୧୦୩ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 02 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୩.୧୦.୨୦୨୨ରିଖ ଠାରୁ ତା.୧୭.୧୦.୨୦୨୨ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ। ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ।

ମହାପ୍ରବନ୍ଧକ, ଏମ୍‌ସିଏଲ୍, ଜଗନ୍ନାଥ ଏରିଆ
R- 5122

## ODISHA PUBLIC SERVICE COMMISSION, CUTTACK

**NOTICE**

No. 9286/PSC Dt.11.10.2022
PF-1E-11-2021/22 (DR-III)

No. D-182: It is for information of all concerned that, pursuant to Advt. No. 24 of 2021-22, 48 (forty Eight) candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Mathematics**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 26.10.2022, 27.10.2022 & 28.10.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 26.10.2022 | 10.30 A.M. | 00100900, 00123646, 00020327, 00100599, 00100401, 00119342, 00103287, 00120121 & 00053817 = **09 Candidates** |
| | | 3.00 P.M. | 00104161, 00122152, 00103772, 00115455, 00104533, 00033928 & 00121554 = **07 Candidates** |
| 2 | 27.10.2022 | 10.30 A.M. | 00104489, 00128342, 00103332, 00117760, 00115193, 00102977, 00123095, 00050334 & 00104242 = **09 Candidates** |
| | | 3.00 P.M. | 00124248, 00119429, 00124860, 00118214, 00104442, 00115566 & 00055452 = **07 Candidates** |
| 3 | 28.10.2022 | 10.30 A.M. | 00118208, 00103924, 00100435, 00061301, 00039100, 00116581, 00025182, 00046534 & 00015923 = **09 Candidates** |
| | | 3.00 P.M. | 00128130, 00101049, 00103966, 00122747, 00046727, 00102968 & 00115357 = **07 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.
**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

OIPR-12002/11/0176/2223 Sd./- Secretary

## DIRECTORATE OF TECHNICAL EDUCATION & TRAINING, ODISHA, CUTTACK

**COUNSELLING CUM ADMISSION NOTICE UNDER PWD SCHEME OF MHRD, GOI FOR THE SESSION 2022-23**

No. KK-184: ORTHOPAEDICALLY HANDICAPPED (OH) Candidates having 40% disability and above (BOTH MALE AND FEMALE CANDIDATES HAVING PERMANENT RESIDENT CERTIFICATE OF ODISHA) for admission into 03 years regular Diploma Engineering Course under Persons with Disabilities (PWD) scheme of MHRD, Government of India, New Delhi against 75 numbers of supernumerary seats (25 Nos. per each Institute) as per the details mentioned below for the academic session 2022-23 at 11 A.M. onwards on 18.10.2022 fulfilling the other criteria available in the website.

**Name of the Institution & Course:**
**Bhubanananda Orissa School of Engineering (BOSE), Cuttack, Engineering:** Civil/Electrical/Mechanical/Applied ETC & Instrumentation/ Automobile/Electronics & Telecommunication/Information Technology/ Computer Science & Engineering.
**Government Polytechnic, Bhubaneswar, Engineering:** Arch. Assistantship / Civil / Electrical / Mechanical / Electronics & Telecommunication / Information Technology, **Non-Engineering:** Modern Office Management (MOM)/ Beauty Culture.
**Government Polytechnic, Berhampur, Engineering:** Civil/ Electrical/ Mechanical/ Computer Science/Food Technology, **Non-Engineering:** Hotel Management & Catering Technology.
**Entry Qualification & Age Limit:**
**Engineering Course/Beauty Culture:** Pass in HSC Examination conducted by BSE, Odisha/10th Standard Examination declared equivalent by BSE, Odisha, **Non-Engg. Courses: MOM/HM&CT:** Pass in 10+2 Examination from CHSE, Odisha or its equivalent examination in Science/Arts/Commerce/Vocational recognized by CHSE, Odisha.
**Age:** The lower age is 14 years and 16 years as on 01.07.2022 for all Engg. Course including Beauty Culture and Non-Engg. Course respectively. No upper age limit.
**FOR OTHER INFORMATION AND APPLICATION FORM, PLEASE VISIT OUR WEBSITE: www.bosecuttack.in. ALSO CAN CONTACT ON MOBILE Nos.: 7008398031/7978066054.**

OIPR-14032/11/0005/2223 Sd./- Principal, BOSE, Cuttack

ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। –ଶ୍ରୀମା



# ମିଶୁଛି ବେଲାରୁଷ

ରୁଷିଆ–ୟୁକ୍ରେନ୍ ଯୁଦ୍ଧ ପୁଣି ଭୟଙ୍କର ରୂପ ଧାରଣ କରିଛି। ଜୁନ୍‌ରୁ ଏହା ଟିକେ ଶିଥିଳ ପଡ଼ିଆସିଥିବା ବେଳେ ୮ ଅକ୍ଟୋବରରେ ରୁଷିଆରୁ କ୍ରିମିଆକୁ ସଂଯୋଗ କରୁଥିବା ସେତୁ 'କର୍ଚ୍ଚ'କୁ ୟୁକ୍ରେନ୍ ଉଡ଼ାଇ ଦେଇଥିବା କୁହାଯାଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍‌ର ଏଭଳି କାଣ୍ଡକୁ ଆତଙ୍କବାଦୀଙ୍କ କାର୍ଯ୍ୟ ବୋଲି ଆଖ୍ୟା ଦେଇ ଉଗ୍ର ହୋଇଉଠିଥିବା ଭଳି ମନେହୁଏ। ପୁଟିନ୍ ବୋଧହୁଏ ଭୁଲିଯାଉଛନ୍ତି ଯେ, ତାଙ୍କ ନିର୍ଦ୍ଦେଶରେ ଗତ ଫେବୃୟାରୀ ୨୪ରୁ ଏହି ଯୁଦ୍ଧ ଆରମ୍ଭ ହୋଇଯାଇଛି। ବିଗତ ୯ ମାସ ମଧ୍ୟରେ ରୁଷିଆର କୌଣସି ଅଧିକାରୀ କେବେହେଲେ କହିନାହାନ୍ତି ଯେ ଯୁଦ୍ଧ ୟୁକ୍ରେନ୍ ତରଫରୁ ଆରମ୍ଭ ହୋଇଥିଲା। ଅନ୍ୟପଟେ ପୁଟିନ୍ ଅନେକ ଥର ଯୁଦ୍ଧରେ ରୁଷିଆ ଜିତିବ ବୋଲି ଘୋଷଣା କରିଆସିଛନ୍ତି। ତେବେ ନିଜର ସୁରକ୍ଷା ନିମନ୍ତେ ୟୁକ୍ରେନ୍ ପ୍ରତିରୋଧ କରିବାକୁ ଯାଇ ଯାହା କିଛି କରିଥିବ, ତାହା ତା'ର ସାର୍ବଭୌମତ୍ୱ ରକ୍ଷା ପାଇଁ। ସେଥିରେ ଉଗ୍ରବାଦର ପ୍ରଶ୍ନ ଉଠୁ ନାହିଁ।

କର୍ଚ୍ଚ ଧ୍ୱଂସ ପରେ ୟୁକ୍ରେନ୍‌ର ବିଭିନ୍ନ ସ୍ଥାନରେ ରୁଷିଆ ୮୪ କ୍ଷେପଣାସ୍ତ୍ର ମାଡ଼ କରି ୧୯ ଜଣଙ୍କ ଜୀବନ ନେଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି ଓ ବୃହତ୍ ଅଟ୍ଟାଳିକା ଧୂଳିସାତ୍ ହୋଇଯାଇଛି। ୧୧ ଅକ୍ଟୋବରରେ ମଧ୍ୟ କିଭ୍ ଉପରେ ମସ୍କୋ ଆକ୍ରମଣ ଜାରି ରଖିଛି। ଯୁଦ୍ଧ ଆହୁରି ଭୀଷଣ ରୂପ ଧାରଣ କରିବାର ଆଶଙ୍କା ମଧ୍ୟ ସୃଷ୍ଟି ହେଲାଣି। କାରଣ ରୁଷିଆ ସମର୍ଥକ ବେଲାରୁଷ ଏବେ ୟୁକ୍ରେନ୍ ସୀମାନ୍ତରେ ରୁଷିଆ ସେନା ସହ ତା'ର ସେନାକୁ ମିଶାଇ ଜାଗତିଆର ହୋଇଯାଇଛି। ଯଦି ବେଲାରୁଷ ସେନା ସକ୍ରିୟ ଭାବେ ୟୁକ୍ରେନ୍ ବିରୋଧରେ ଯାଏ, ତାହା ହେଲେ ସେହି ସଂଘର୍ଷ ବିଶ୍ୱବ୍ୟାପୀ ନୂଆ ଅପ୍ରୀତିକର ସ୍ଥିତି ସୃଷ୍ଟି କରିପାରେ। ଖବର ମିଳୁଛି ଯେ, ବେଲାରୁଷ ଉପରେ ୟୁକ୍ରେନ୍ ଆକ୍ରମଣ କରିବାକୁ ଯୋଜନା ମଧ୍ୟ ପ୍ରସ୍ତୁତ କଲାଣି। ତେବେ ଚିନ୍ତା କରାଯାଇପାରେ ଯେ ବେଲାରୁଷ କାହିଁକି ଯୁଦ୍ଧରେ ପ୍ରବେଶ କରିବାକୁ ଚାହୁଁଥାଇପାରେ। ସମ୍ଭବତଃ ରୁଷିଆର ନିଜସ୍ୱ ଶକ୍ତି ଯଥେଷ୍ଟ ହେଉ ନ ଥିବାରୁ ପୁଟିନ୍ ତାଙ୍କର ବନ୍ଧୁ ତଥା ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋଙ୍କଠାରୁ ସାହାଯ୍ୟ ଲୋଡ଼ିଲେଣି।

**ଦୁଇ ଦେଶକୁ ଶାନ୍ତିର ଆଲୋଚନା ଟେବୁଲକୁ ଆଣିବା ଦାୟିତ୍ୱ ଅନ୍ତର୍ଜାତୀୟ ସମୁଦାୟ ନେଇ କିଛି ଗୋଟେ ଉପାୟ ବାହାର କରିବା ଦରକାର। ନ ହେଲେ କେବଳ ଜାତିସଂଘ ଉପରେ ନିର୍ଭର କରି ରହିଗଲେ ଇତିହାସରେ ଆଜିର ପିଢ଼ିକୁ ଭବିଷ୍ୟତ ବଂଶଧର ସବୁବେଳେ ଧିକ୍କାର କରିବେ।**

କୁହାଯାଉଛି ଯୁଦ୍ଧର ଗତି ଭିନ୍ନ ଦିଗକୁ ଗଲେ ଅନ୍ତର୍ଜାତୀୟ ସ୍ତରରେ ଅର୍ଥନୈତିକ ସ୍ଥିତି ଆହୁରି ବିଗିଡ଼ିଯିବ। ଯୁଦ୍ଧ ଯୋଗୁ ଅଦ୍ୟାବଧି ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ଅନେକମାତ୍ରାରେ ବାଧାପ୍ରାପ୍ତ ହୋଇଛି। ଇନ୍ଧନ ଓ ଖାଦ୍ୟସାମଗ୍ରୀ କ୍ଷେତ୍ର ଘୋର ପ୍ରଭାବିତ ହୋଇଗଲାଣି। ରୁଷିଆ ଓ କ୍ରିମିଆ ମଧ୍ୟରେ ଯୋଗାଯୋଗ କରୁଥିବା ସେତୁକୁ ଧ୍ୱଂସ କରାଯିବା ଦ୍ୱାରା କିଭ୍‌କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ପୁଟିନ୍ କହି ଗର୍ଜନ ଛାଡୁଛନ୍ତି। ଅନ୍ୟପକ୍ଷରେ ରୁଷିଆର ଗୁରୁତ୍ୱପୂର୍ଣ୍ଣ ସାମରିକ ଭିତ୍ତିଭୂମି ନଷ୍ଟ କରିବା ସହ କର୍ଚ୍ଚକୁ ଧ୍ୱଂସ କରି ୟୁକ୍ରେନ୍ ଜଣାଇଦେଲା ଯେ, ଶକ୍ତିଶାଳୀ ବୋଲାଉଥିବା ରୁଷିଆ ଏବେ କେତେ ଅସହାୟ ହୋଇପଡ଼ିଛି। ୟୁରୋପିଆନ୍ ପଲିସି ଆନାଲିସିସ୍‌ର ବିଶେଷଜ୍ଞ କର୍ ଭୋକାର କହିଛନ୍ତି, ୟୁକ୍ରେନ୍‌ର ବିଭିନ୍ନ ସହର ଉପରେ ରୁଷିଆର ଘନ ଘନ ଆକ୍ରମଣ ତା'ର ଦୁର୍ବଳତାକୁ ପ୍ରଦର୍ଶନ କରୁଛି। ବାସ୍ତବରେ ରୁଷିଆ ହତାଶ ହୋଇ ୟୁକ୍ରେନ୍‌ର ସାଧାରଣ ନାଗରିକଙ୍କୁ ହତ୍ୟା କରିବା ଦ୍ୱାରା ଯୁଦ୍ଧ ଅପରାଧ ବଢ଼ାଇ ଚାଲିଛି। ରୁଷିଆ ସହଯୋଗୀ ରାଷ୍ଟ୍ର ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡରଙ୍କ ଭୂମିକା ଏହି ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ହୋଇପଡୁଥିବାରୁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ର ଉଦ୍‌ବେଗ ପ୍ରକାଶ କରୁଛନ୍ତି। ନାଟୋ ମୁଖ୍ୟ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗ ରୁଷିଆ ଆକ୍ରମଣକୁ ନିନ୍ଦା କରିବା ସହ ୟୁକ୍ରେନ୍‌ବାସୀଙ୍କୁ ନାଟୋ ସମର୍ଥନ ଜାରି ରଖିବ କହିବା ପରେ ଭୂରାଜନୈତିକ ସ୍ଥିତି ଭିନ୍ନ ଆଡ଼କୁ ଗତି କରିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଇତିହାସ ପ୍ରମାଣ ଦେଇଛି ଯେ, ଅତୀତରେ ଯେତେ ବଡ଼ ଯୁଦ୍ଧ ସଂଘଟିତ ହୋଇଥିଲେ ମଧ୍ୟ ତା'ର ଅନ୍ତ ଘଟିଛି। କିନ୍ତୁ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଅଧିକ ଦିନ ଗଡ଼ି ଚାଲିଲେ ସମଗ୍ର ବିଶ୍ୱ ଘୋର ପ୍ରଭାବିତ ହୋଇସାରିଥିବ। ଭୟ ଏମିତି ହେଲାଣି ଯେ, ଭ୍ଲାଡିମିର ପୁଟିନ୍‌ଙ୍କ ଭଳି ଏକଜିଦିଆ ବ୍ୟକ୍ତି ନିଜ କ୍ରୋଧ ନିୟନ୍ତ୍ରଣ କରି ନ ପାରି ଆଣବିକ ଅସ୍ତ୍ର ମଧ୍ୟ ପ୍ରୟୋଗ କରିଦେଇପାରନ୍ତି। ପୁଣି ଥରେ ବିଶ୍ୱମଣ୍ଡଳରେ ଆଣବିକ ଯୁଦ୍ଧ ଆରମ୍ଭ ହୋଇଗଲେ ଅନେକ ଦେଶ ଛାରଖାର ହୋଇଯିବେ। ତେଣୁ ଦୁଇ ଦେଶକୁ ଶାନ୍ତିର ଆଲୋଚନା ଟେବୁଲକୁ ଆଣିବା ଦାୟିତ୍ୱ ଅନ୍ତର୍ଜାତୀୟ ସମୁଦାୟ ନେଇ କିଛି ଗୋଟେ ଉପାୟ ବାହାର କରିବା ଦରକାର। ନ ହେଲେ କେବଳ ଜାତିସଂଘ ଉପରେ ନିର୍ଭର କରି ରହିଗଲେ ଇତିହାସରେ ଆଜିର ପିଢ଼ିକୁ ଭବିଷ୍ୟତ ବଂଶଧର ସବୁବେଳେ ଧିକ୍କାର କରିବେ।

# ସୁଖୀର ମନସ୍ତତ୍ତ୍ୱ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ଭ୍ରମବଶତଃ ଇନ୍ଦ୍ରିୟାନୁଭୂତ ଆନନ୍ଦକୁ ସୁଖ ମଣେ। ଇନ୍ଦ୍ରିୟତୃପ୍ତି ପାଇଁ ସେ ଅମାପ ଧନ ଅର୍ଜନ କରେ। ସେ ଭାବେ ଧନ ହିଁ ସୁଖ ଆଣିପାରିବ। ତା' ଦୃଷ୍ଟିରେ ସୁଖ ଏକ ପଣ୍ୟଦ୍ରବ୍ୟ ପାଲଟିଯାଏ। ଏହି ସୁଖ ଅନ୍ତରାଳରେ ଥିବା ମନସ୍ତତ୍ତ୍ୱକୁ ଆଧାର କରି ରହିଛି ଅନେକ କାହାଣୀ। ଦାରିଦ୍ର ଲୋକଟିଏ ତପସ୍ୟା କରି ଭଗବାନଙ୍କୁ ସନ୍ତୁଷ୍ଟ କଲା। ଭଗବାନ ତାକୁ ବର ଯାଚନ୍ତେ ସେ କହିଲା, ''ପ୍ରଭୁ! ମୋତେ ଏମିତି ଏକ ବର ଦିଅନ୍ତୁ, ଯେମିତି ମୁଁ ସୁଖରେ ରହିବି।'' ଭଗବାନ୍ କହିଲେ, ''ମୁଁ ଏକ ବର ଦେଉଛି। ତୁ ଯାହା ଚାହିଁବୁ ତାହା ପାଇବୁ। ମାତ୍ର ତୁ ଏକୁଟିଆ ସୁଖୀ ରହିପାରିବୁ ନାହିଁ। ତୋର ଚତୁଃପାର୍ଶ୍ୱରେ ଥିବା ଗରିବ ପଡ଼ୋଶୀମାନଙ୍କୁ ମଧ୍ୟ ସୁଖୀ କରିବାକୁ ପଡ଼ିବ। ଏଣୁ ତୁ ଯାହା ତୋ' ପାଇଁ ମାଗିବୁ, ତୋର ପଡ଼ୋଶୀମାନେ ବି ମନକୁ ମନ ତାହା ପାଇବେ।'' ଲୋକଟି ସେହି ବର ବଳରେ ନିଜ ଇଚ୍ଛାନୁଯାୟୀ ସବୁ କିଛି ଭୋଗ ସାମଗ୍ରୀ ପାଇଲା। କିଛି ଦିନ ପରେ ସେ ପୁଣି ତପସ୍ୟାରେ ବସିଲା ଓ ଭଗବାନ ଆବିର୍ଭୂତ ହୁଅନ୍ତେ କହିଲା, ''ପ୍ରଭୁ! ମୁଁ ଏତେ କଷ୍ଟରେ ତପସ୍ୟା କରି ବର ଲାଭ କଲି, ଅଥଚ ମୋର ପଡ଼ୋଶୀମାନେ ବିନା କଷ୍ଟରେ ସେଇ ଫଳ ପାଇଲେ।'' ଭଗବାନ୍ କହିଲେ, ''ମୁଁ ତୋତେ ଏପରି ଏକ ଜାଗାରେ ରଖିବାର ବ୍ୟବସ୍ଥା କରିବି ଯେଉଁଠି ତୋର ପଡ଼ୋଶୀ କେହି ନ ଥିବେ।'' ସେ ନିଜକୁ ଏକ ନିର୍ଜନ ଦ୍ୱୀପରେ ଆବିଷ୍କାର କଲା। ସେଠାରେ ସୁଖ ଭୋଗ ପାଇଁ ସବୁକିଛି ଥିଲା। ମାତ୍ର କିଛିଦିନ ପରେ ସେ ଅସନ୍ତୁଷ୍ଟ ହୋଇ ପୁଣି ତପସ୍ୟା କଲା। ଭଗବାନ୍ ଆବିର୍ଭୂତ ହେଲେ। ସେ କହିଲା, ''ପ୍ରଭୁ! ମୁଁ ସୁଖ ଭୋଗ କରୁଛି ଠିକ୍। ମାତ୍ର ମୋ' ସୁଖଭୋଗ ଦେଖିବା ପାଇଁ ସେଠି କେହି ନାହାନ୍ତି।'' ଭଗବାନ୍ କହିଲେ, ''ତା'ହେଲେ ସମସ୍ତ ଭୋଗସାମଗ୍ରୀ ଥାଇ ବି ତୁ ସୁଖୀ ନୁହଁ। କାରଣ ତୁ ଚାରିପାଖରେ ଏମିତି ଲୋକ ଚାହୁଁଛୁ, ଯେଉଁମାନେ ତୋତେ ଈର୍ଷା କରିବେ। ନ ହେଲେ ତୋତେ ସୁଖ ମିଳିବ ନାହିଁ।'' ମଣିଷର ସୁଖ ଭାବନା ପଛରେ ରହିଛି ଏଭଳି ମନସ୍ତତ୍ତ୍ୱ। ସେ ଚାହେଁ ତାର ଚତୁଃପାର୍ଶ୍ୱସ୍ଥ ଲୋକେ ତା'ଠାରୁ ନିମ୍ନସ୍ତରରେ ଜୀବନଯାପନ କରନ୍ତୁ। ସେ ନିଜକୁ ସେମାନଙ୍କ ସହ ତୁଳନା କରି ନିଜକୁ ସୁଖୀ ମଣିବ।

ସୁଖୀର ମନସ୍ତତ୍ତ୍ୱ ସମ୍ପର୍କରେ ଅତୀତର ପ୍ରାଜ୍ଞମାନଙ୍କ ଦ୍ୱାରା କଥିତ ଅନେକ କାହାଣୀ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି ବିଶିଷ୍ଟ ଲେଖକ ମନୋଜ ଦାସ। ସୁଖ ସନ୍ଧାନ କରିବାକୁ ଯାଇ ଜଣେ ବ୍ୟକ୍ତି ଭେଟିଲେ ଜଣେ ମହାପୁରୁଷଙ୍କୁ। ସେ ବିଷୁବ ସଂକ୍ରାନ୍ତି ପୂର୍ବରାତ୍ରରେ ଧ୍ୟାନମଗ୍ନ ହୁଅନ୍ତି ଓ ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟୋଦୟ ସମୟରେ ଅନ୍ୟର ମନସ୍କାମନା ପୂରଣ କରିବା ପାଇଁ ଶକ୍ତିସମ୍ପନ୍ନ ହୁଅନ୍ତି। ଠିକ୍ ସେହିଭଳି ଏକ ପ୍ରଭାତରେ ସେହି ବ୍ୟକ୍ତି ତାଙ୍କୁ ଭକ୍ତିପୂତ ପ୍ରଣାମ କରି ତାଙ୍କର ମନୋବାଞ୍ଛା ପୂରଣ କରିବା ପାଇଁ ପ୍ରାର୍ଥନା କଲେ। ମହାପୁରୁଷ ପଚାରିଲେ, ''କ'ଣ ଚାହୁଁଛ!'' ସୁଖସନ୍ଧାନୀ କହିଲେ, ''ମୋତେ ଲୁହାକୁ ସୁନାରେ ପରିଣତ କରିବାର ମନ୍ତ୍ର ଶିଖାଇଦିଅନ୍ତୁ।'' ମହାପୁରୁଷ ''ତଥାସ୍ତୁ'' କହି ପଚାରିଲେ, ''ଏହି ବର ଦ୍ୱାରା ତୋର କି ଉପକାର ହେବ?'' ଲୋକଟି ଉତ୍ତରଦେଲା, ''ଲୁହାର ମୂଲ୍ୟ ନଗଣ୍ୟ, ମାତ୍ର ସୁନାର ମୂଲ୍ୟ ବହୁ ଉଚ୍ଚ। ମୁଁ ଆପଣଙ୍କ ବର ସାହାଯ୍ୟରେ ସବୁ ଲୁହା ସାମଗ୍ରୀକୁ ସୁନାରେ ପରିଣତ କରି ଅଜସ୍ର ଅର୍ଥ ରୋଜଗାର କରିପାରିବି।'' ଲୋକଟିର ପଡ଼ୋଶୀ ଥିଲା ଜଣେ ଲୁହା ବ୍ୟବସାୟୀ। ସେ ଚାହିଁଲା ତା' ପଡ଼ୋଶୀ ପାଖରୁ ଲୁହା କିଣି ତାକୁ ସୁନା କରିବ। ମାତ୍ର ସେତେବେଳେ ଲୁହା କିଣିଲେ ପଡ଼ୋଶୀ ଜଣକ ଲାଭବାନ୍ ହେବ। ଏଣୁ ସେ ଲୁହାର ମୂଲ୍ୟ ତଳକୁ ଖସିଲା ପରେ କିଣିବ। ସେ ସମୟକୁ ଅପେକ୍ଷା କରୁକରୁ ଛଅ ମାସ ଅତିକ୍ରାନ୍ତ ହୋଇଗଲା। ଲୁହାର ଦାମ ସର୍ବନିମ୍ନ ହେଲା ପରେ ଲୁହା କିଣି ତାକୁ ସୁନାରେ ପରିଣତ କରିବା ପାଇଁ ମନ୍ତ୍ରଟି ପଢ଼ିବାକୁ ଉଦ୍ୟତ ହେଲା। ମାତ୍ର ସେ ମନ୍ତ୍ରଟିକୁ ମନେପକାଇ ନ ପାରି ସେହି ମହାପୁରୁଷଙ୍କ ନିକଟକୁ ଦୌଡ଼ିଲା ଆଉ ଥରେ ମନ୍ତ୍ରଟି ପାଇବା ପାଇଁ। ମାତ୍ର ସେତେବେଳକୁ ମହାପୁରୁଷ ସେହି ବର ଦେବାପାଇଁ ଶକ୍ତି ସମ୍ପନ୍ନ ନ ଥିଲେ। ସେ ତାକୁ ପଚାରିଲେ, ''ବତ୍ସ! ତୁ କାହିଁକି ଲୁହାକୁ ସୁନା କରିବାକୁ ଚାହୁଁଥିଲୁ?'' ଲୋକଟି ଉତ୍ତରଦେଲା, ''ସୁଖ ଲାଭ ପାଇଁ।'' ମହାପୁରୁଷ କହିଲେ, ''ତା'ହେଲେ ତୁ ସିଧାସଳଖ ମୋତେ ସୁଖ ମାଗିଲୁ ନାହିଁ କାହିଁକି?'' ଏହିଠାରେ କାହାଣୀର ସମାପ୍ତି।



ମହାପୁରୁଷ ସିଧାସଳଖ ସୁଖ ଦେଇପାରିଥାନ୍ତେ କି ନାହିଁ ତାହା ଭିନ୍ନ କଥା। ମାତ୍ର ସୁଖ ସନ୍ଧାନୀ ବ୍ୟକ୍ତିର ଧାରଣା ଥିଲା ଯେ, ସୁଖ ଥାଏ ଧନ ସମ୍ପଦରେ। ସେ ଭୁଲିଯାଇଥିଲା ଯେ ପ୍ରାଚୁର୍ଯ୍ୟ ଭିତରେ ବୁଡି ରହି ଅନେକ ସୁଖୀ ହୋଇ ପାରିନାହାନ୍ତି। ଅପରପକ୍ଷରେ ଦାରିଦ୍ର୍ୟ ଭିତରେ ରହିବି ଅନେକ ନିଜକୁ ସୁଖୀ ମଣିଥାନ୍ତି। ଖ୍ରୀ:ପୂ. ପଞ୍ଚମ ଶତାବ୍ଦୀରେ ଗ୍ରୀସ୍‌ରେ ଡାୟୋଜିନିସ ଭୌତିକ ଆବଶ୍ୟକତାକୁ ତୁଚ୍ଛ ମଣୁଥିଲେ। ଭୋଗବିଳାସରୁ ଦୂରରେ ରହି ଏକ ସରଳ ଜୀବନ ଜିଇ ସେ ଥିଲେ ସୁଖୀ। ଏଣୁ ଥରେ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର କହିଥିଲେ, ''ମୁଁ ଯଦି ଆଲେକ୍‌ଜାଣ୍ଡାର ହୋଇ ନ ଥା'ନ୍ତି, ତେବେ ନିଶ୍ଚୟ ଡାୟୋଜିନିସ୍ ହେବାକୁ ପସନ୍ଦ କରନ୍ତି।''

ଧର୍ମବିଶ୍ୱାସୀ ମଣିଷ ସ୍ୱର୍ଗକୁ ସୁଖାଳୟ ଭାବରେ ବିଶ୍ୱାସ କରେ। ମାତ୍ର ସୁଖର ପ୍ରତୀକ ସ୍ୱର୍ଗ ଏକ ସ୍ଥୂଳ ଲୋକାଳୟ ନୁହେଁ। ଜଣେ ଗୁରୁ ସର୍ବଦା କହୁଥାନ୍ତି ତାଙ୍କର ଶିଷ୍ୟ ହେମଚନ୍ଦ୍ର ଯେଉଁଠି, ସ୍ୱର୍ଗ ସେଇଠି। ବ୍ରଜ ନାମକ ଶିଷ୍ୟ ସ୍ୱର୍ଗ ସୁଖ ପ୍ରତି ଆକର୍ଷିତ ହୋଇ ଆଶ୍ରମର ଅନ୍ତେବାସୀଙ୍କଠାରୁ ହେମଚନ୍ଦ୍ର ରହୁଥିବା ତଥାକଥିତ ସ୍ୱର୍ଗର ଠିକଣା ସଂଗ୍ରହ କଲା ଓ ସେଠାରେ ପହଞ୍ଚିଲା। ନିଜେ ରହୁଥିବା ଆଶ୍ରମଠାରୁ ହେମଚନ୍ଦ୍ର ରହୁଥିବା ତଥାକଥିତ ସ୍ୱର୍ଗ କୌଣସି ଗୁଣରେ ଆକର୍ଷଣୀୟ ମନେ ହେଲାନାହିଁ। ବ୍ରଜ ବୁଝିପାରିଲା ନାହିଁ, ସେହିଭଳି ଏକ ନିରସ ଉପତ୍ୟକାକୁ ଗୁରୁଦେବ କାହିଁକି ସ୍ୱର୍ଗ କହୁଥିଲେ। ହତାଶ ହୋଇ ସେ ନିଜ ଆଶ୍ରମକୁ ଫେରି ଆସିଲା। ଗୁରୁଙ୍କୁ କହିଲା, ''ଆପଣ ତ କହୁଥିଲେ ହେମଚନ୍ଦ୍ର ଯେଉଁଠି, ସ୍ୱର୍ଗ ସେଇଠି। ମାତ୍ର ମୁଁ ସେଠାରେ ପହଞ୍ଚିବା ପରେ ଜାଣିଲି ତାହା ଏକ ସାଧାରଣ ଉପତ୍ୟକା ଓ ଆମ ଆଶ୍ରମଠାରୁ କୌଣସି ଦୃଷ୍ଟିରୁ ଉନ୍ନତ ନୁହେଁ।'' ଗୁରୁଦେବ ବ୍ରଜକୁ କହିଲେ, ''ହେମଚନ୍ଦ୍ରକୁ ଭେଟିବା ପଛରେ ତୋର ଉଦ୍ଦେଶ୍ୟ ଯଦି ମୋତେ ଜଣାଇଥା'ନ୍ତୁ ମୁଁ ତୋତେ ସତ୍ୟଟି କହିଥାନ୍ତି।'' ବ୍ରଜ ପଚାରିଲା, ''ତେବେ ସତ୍ୟ କ'ଣ ଗୁରୁଦେବ?'' ଗୁରୁ ଉତ୍ତରଦେଲେ, ''ହେମଚନ୍ଦ୍ର ଯେଉଁଠି, ସ୍ୱର୍ଗ ସେଇଠି। ମାତ୍ର ହେମଚନ୍ଦ୍ର ସ୍ୱର୍ଗରେ ନୁହେଁ, ସ୍ୱର୍ଗ ହେମଚନ୍ଦ୍ର ଭିତରେ ଥାଏ। ଏହାହିଁ ସତ୍ୟ।'' ସୁଖ ସ୍ଥୂଳ ଜଗତରେ ନ ଥାଏ କି ଭୋଗ ସାମଗ୍ରୀରେ ନଥାଏ। ଏହା ଥାଏ ମଣିଷର ଚେତନାରେ। ମଣିଷ ଚାହିଁଲେ ଅଳ୍ପରେ ବି ସନ୍ତୁଷ୍ଟ ହୋଇପାରିବ ଏବଂ ପ୍ରାଚୁର୍ଯ୍ୟ ମଧ୍ୟରେ ବି ଅସନ୍ତୁଷ୍ଟ ହେବ। ଯେଉଁଠି ତୃଷ୍ଣା ବେଶି, ସେଠି ଅତୃପ୍ତି ବି ବେଶି। ସେଥିପାଇଁ ବୁଦ୍ଧ କହିଥିଲେ, କାମନା ହିଁ ଦୁଃଖର କାରଣ। କାମନାର ବିନାଶରେ ଦୁଃଖର ବିନାଶ।

ମୋ:୯୪୩୭୩୨୯୨୬୩

# ମମି ଓ ମୋବାଇଲ



ଉପେନ୍ଦ୍ର ବିଶ୍ୱାଳ

ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜଣଙ୍କ ଶ୍ରେଣୀ ଗୃହରେ ସେଦିନ ପ୍ରବେଶକରି ପିଲାଙ୍କ ସହିତ ଆରମ୍ଭ କରିଦେଲେ କେତେକେତେ ମିଠାମିଠା ମଜାଳିଆ କଥା। ହାତରେ ଧରିଥିବା ଛୋଟ ଏକ ଫଳଟିକୁ ଦେଖାଇ ପଚାରିଲେ – ପିଲେ, କହିଲ ଦେଖି ଏହା କେଉଁଗଛର ଫଳ? ପିଲାଙ୍କ ଖିଆଲ ନ ପଡିବାରୁ ଶିକ୍ଷୟିତ୍ରୀ ବାଧ ହୋଇ କହିଲେ– ଏହା ହେଉଛି ବରଗଛର ଫଳ। ଏହାର ମଞ୍ଜିକୁ ଦେଖ, କେତେ ଛୋଟ ଛୋଟ। ବରଗଛଟି କିନ୍ତୁ ଖୁବ୍ ବିଶାଳକାୟ। ଅର୍ଥାତ୍ ଅତି କ୍ଷୁଦ୍ରମଞ୍ଜି ଭିତରେ ଛପିରହିଛି ଏକ ବିରାଟ ସମ୍ଭାବନା। ସେହିଭଳି ତୁମମାନଙ୍କ ପରି ଛୋଟପିଲାଙ୍କ ଭିତରେ ଲୁଚିରହିଛି ବଡ଼ମଣିଷ ହେବାର ଉଜ୍ଜ୍ୱଳ ସମ୍ଭାବନା। ଅତି ଗରିବଘରେ ଜନ୍ମ ନେଇଥିବା ଅବ୍‌ଦୁଲ କଲାମ, ଯିଏକି ଦିନେ ଖବରକାଗଜ ବିକି ପାଠ ପଢୁଥିଲେ, ସିଏ ପୁଣି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହୋଇପାରିଲେ କେମିତି? ଏଣୁ ତୁମେସବୁ ଏବେଠୁ ବଡ଼ମଣିଷ ହେବାକୁ ଲକ୍ଷ୍ୟ ରଖ। ଏବେ ତୁମେମାନେ କୁହ, ଜୀବନରେ କ'ଣ ହେବାକୁ ଚାହୁଁଛ? ଜୀବନରେ ତୁମେ ସବୁ କ'ଣ ହେବାକୁ ଇଚ୍ଛା କରୁଛ? ସେଇଠୁ କିଏ ଡାକ୍ତର ହେବାକୁ ତ ଆଉ କିଏ ଇଞ୍ଜିନିୟର ଅବା ଆଉ କିଏ କଲେକ୍ଟର ଅବା ବୈଜ୍ଞାନିକ ହେବାକୁ ଇଚ୍ଛା ଅଛି ବୋଲି କହିଲେ। ତଳକୁ ମୁହଁପୋତି ବସିଥିବା ଝିଅଟିକୁ ଶିକ୍ଷୟିତ୍ରୀ ପଚାରିଲେ, ତୁମର କ'ଣ କିଛି ସ୍ୱପ୍ନ ବା ଇଚ୍ଛା ନାହିଁ? ଝିଅଟି ଛିଡ଼ା ହୋଇ ଅତ୍ୟନ୍ତ ଧୀର ଗଳାରେ କହିଲା – ମୋର ଇଚ୍ଛା ହେଉଛି, ମୁଁ ଗୋଟେ ଦାମିକା ମୋବାଇଲଟିଏ ହୁଅନ୍ତି କି? ଏକସଙ୍ଗରେ ସବୁପିଲା ହସିଉଠିଲେ। ଏହି ସମୟରେ ସ୍କୁଲଛୁଟି ଘଣ୍ଟି ବାଜିବାରୁ ସବୁପିଲା ଘରମୁହାଁ ହେଲେ। ଶିକ୍ଷୟିତ୍ରୀ ଜଣଙ୍କ ଝିଅଟି ପାଖକୁ ଆସି ପଚାରିଲେ – ତୁମର ଏମିତି ଅଜବ ଇଚ୍ଛା କାହିଁକି? ଝିଅଟି କାନ୍ଦି ଉଠିଛି। ଶିକ୍ଷୟିତ୍ରୀ ଖୁବ୍ ସାନ୍ତ୍ୱନା ଦେଲେ ଏବଂ ଜାଣିବାକୁ ଚାହିଁଲେ ତା'ର ରହସ୍ୟ। ଝିଅଟି କହିଲା – ବାପା ଆମର ବାହାରେ ଚାକିରି କରନ୍ତି। ମମି ଓ ମୁଁ ଆମେ ଦୁହେଁ ଘରେ ରହୁ। ମମି ସବୁବେଳେ ମୋବାଇଲରେ ବ୍ୟସ୍ତ ଥାଏ। ତା'ର ଟିକିଏ ବି ତର ନ ଥାଏ ମୋ ସହିତ ଟିକେ ଖେଳିବାକୁ, କଥାହେବାକୁ। ଘରେ କିଛି ଖାଇବାକୁ ମନ କଲେ, ବାହାରୁ ମଗେଇ ଆଣେ। ମୋ ସହିତ ଭଲରେ ଟିକେ କଥାଭାଷା ହେବାକୁ ତା'ର ତର ନ ଥାଏ। ଥରେ ରବିବାର ସେ ରୋଷେଇ କରୁଥିଲାବେଳେ ଭୁଲି ଯାଇଥିଲା ମୋବାଇଲ ନେବାକୁ। ମୋତେ କହିଲା, ବେଡ୍‌ରୁମ୍‌ରୁ ମୋବାଇଲ ଆଣି ତାକୁ ଦେବାକୁ। ମୋବାଇଲଟି ଆଣୁଥିବାବେଳେ ହାତରୁ ତଳେ ଖସିପଡ଼ିଲା। ସେଇଠୁ ସେ ଧାଇଁଆସି ମୋତେ ଢେର୍ ପିଟିଲା। ମୋ ଅପେକ୍ଷା ମୋବାଇଲ ହିଁ ତା'ପାଇଁ ଅଧିକ ମୂଲ୍ୟବାନ ଏବଂ ତା'ଠୁ ପାଇଥାଏ ଅଧିକ ଆଦର। ସେଥିପାଇଁ ମନରେ ଇଚ୍ଛା ଆସେ, ସତରେ ମୁଁ ଯଦି ମୋବାଇଲଟିଏ ହୁଅନ୍ତି, ମମିଠାରୁ କେତେ ଆଦର ଯତ୍ନ ପାଆନ୍ତି...। ଶିକ୍ଷୟିତ୍ରୀଙ୍କ ଦୁଇ ଆଖିରୁ ଗଡି ଚାଲିଥିଲା ଲୁହଧାର।

ଭୁବନେଶ୍ୱର ଷ୍ଟେଶନର ଏକନମ୍ବର ପ୍ଲାଟଫର୍ମରେ ଜଣେ ମମି ଏକାନ୍ତରେ ବସି ମୋବାଇଲ ଦେଖିବାରେ ବ୍ୟସ୍ତ। ପ୍ରାୟ ଦୁଇବର୍ଷର ଶିଶୁଟି ମା' ଚାରିପଟେ ବୁଲୁଥାଏ। ଖେଳିବା–ବୁଲିବା ଭିତରେ ରେଳଧାରଣା କଡ଼ରେ ଆସି ପହଞ୍ଚିଗଲାଣି କେତେବେଳେ। ଏହି ସମୟରେ ଦ୍ରୁତଗତିରେ ମାଡି ଆସୁଥାଏ ଗାଡିଟିଏ। ପ୍ଲାଟ୍‌ଫର୍ମର ସ୍ୱଚ୍ଛତା କାମରେ ନିୟୋଜିତ ଜଣେ ମହିଳା କର୍ମଚାରୀଙ୍କର ହଠାତ୍ ନଜର ପଡିଯାଇଛି। ତୁରନ୍ତ ଝପଟି ଆସି ଶିଶୁଟିକୁ ଟାଣିଆଣିଲେ ସେ। ନିଶ୍ଚିତ ଦୁର୍ଘଟଣାରୁ ବଞ୍ଚିଗଲା ବିଚରା ପିଲାଟି, ପ୍ଲାଟଫର୍ମ ଓଳାଉଥିବା ସେହି ମହିଳାଙ୍କ ଦ୍ୱାରା।

ଅନ୍ୟ ଏକ ମର୍ମନ୍ତୁଦ ଘଟଣା, ମୋବାଇଲପ୍ରେମୀ ସହରୀମମିଙ୍କୁ ନେଇ, ଯାହାକି ଘୂରି ବୁଲୁଥିଲା ସାମାଜିକ ଗଣମାଧ୍ୟମରେ। ଶର୍ଟପ୍ୟାଣ୍ଟ ଓ ଟପ୍ ପିନ୍ଧି ଜଣେ ଯୁବତୀ ମୋବାଇଲ ଦେଖିଦେଖି ଚାଲୁଥାନ୍ତି ଟିକେ ରହି ରହି। ମା' ହାତଧରି ଚାଲିବାର ସୁଯୋଗ ନ ପାଇ ବର୍ଷେ–ଦେଢ଼ବର୍ଷର ପୁଅଟି ଚାଲୁଥାଏ ଆଗେ ଆଗେ। ସହରର ଗଳି ଭିତରୁ ହଠାତ୍ ଝଡ଼ବେଗରେ ଝପଟି ଆସିଲା ହିଂସ୍ର କୁକୁରଟିଏ ଏବଂ ଶିଶୁଟିକୁ ଝୁଣି ପକେଇଲା। ମମିଜଣଙ୍କ ଦାମିକା ମୋବାଇଲଟିକୁ ନା ଛାଡିପାରୁଛନ୍ତି ନା ପିଲାଟିକୁ କୁକୁର କବଳରୁ ଦୁଇହାତରେ ଛଡାଇ ଆଣି ପାରୁଛନ୍ତି। ଉହଳବିକଳ ହୋଇ ଚିତ୍କାର ଛାଡୁଥାଏ ଶିଶୁଟି। ଲୋକମାନେ ଦୌଡ଼ିଆସି କୁକୁରଟିକୁ ଯେତେ ପିଟାପିଟି କଲେ ବି ସେ କିନ୍ତୁ ଶିଶୁକୁ କାମୁଡି ଧରିଥାଏ। ମାଡ଼ ଖାଇଖାଇ କୁକୁରଟି ମରିଗଲା ପଛେ, ଛାଡିଲାନାହିଁ ଶିଶୁଟିକୁ। ରକ୍ତମୁଖା ସେହି ଶ୍ୱାନଟିର ହିଂସ୍ର ଆକ୍ରମଣରେ ବିଚରା ଶିଶୁଟିର ଜୀବନ ଚାଲିଗଲା ସେଇଠି, ମମିଙ୍କ ମୋବାଇଲ ନିଶା ଯୋଗୁ।

ନଏଡାର ଏକ ଇଂଲିଶ ମିଡିୟମ ସ୍କୁଲ। ପଞ୍ଚମ ଶ୍ରେଣୀ କକ୍ଷକୁ ଜଣେ ଟିଚର ଆସି ପିଲାଙ୍କୁ କହିଲେ – Write an essay about your Mother. ସେଇଠୁ ପିଲାମାନେ ମା'ଙ୍କ ବିଷୟରେ କେତେକେତେ ମିଠାମିଠା କଥା ଲେଖୁଥାନ୍ତି। ''ମା' ଆମର ପ୍ରାଣ। ଓଠର ହସ। ମା' – ଆମ ପୂଜା। ଆମ ଘରମନ୍ଦିରରେ ଦିଅଁଟିଏ। ମା' ସହନଶୀଳତାର ସାଗର। ବାତ୍ସଲ୍ୟର ବାରିଧାରା। ଉତ୍ସାହର ଉତ୍‌ପ୍ରେରକ। ମା' ଆମ୍ଭର ସରଗଠୁ ବି ସରସ ସୁନ୍ଦର।'' ଉଦାସ ଉଦାସ ଲାଗୁଥିବା ଗୋଟେ ପିଲାର ଭିନ୍ନ ଧରଣର ଲେଖାଟି କିନ୍ତୁ ସେଦିନ ଚହଲାଇ ଦେଇଥିଲା ଶିକ୍ଷକଙ୍କ ଚେତନାର ଚୌହଦୀକୁ। ସାର୍‌ଙ୍କ ଆଖିରୁ ବୋହିଥିଲା ଲୁହରଧାର। ''ମୁଁ ଚାହେଁ ଜଣେ 'ଅଫଲାଇନ' ମମି। ଯାହାପାଖେ ସମୟ ଥିବ ମୋ ସହ ଟିକେ କଥାହେବାକୁ। ଟିକେ ଗେଲହେବାକୁ।



ପିଠି ଥାପୁଡ଼େଇ ମୋତେ ଶୁଆଇଦେଇ ନାନାବାୟା ଗୀତ ଗାଇଗାଇ। ଖୁବ୍ ସରାଗରେ ନିଜ ହାତେ ରାନ୍ଧି ମୋତେ ଖୁଆଇଦେବ। ମୁଁ ଏମିତି ମା'ଟିଏ ପାଆନ୍ତି କି, ଯିଏ ମୋବାଇଲ ଠାରୁ ଦୂରେଇ ରହୁଥିବ। ମୋର ଆଦର, ଯତ୍ନ ନେଉଥିବ। ମୋତେ ନିତି ସ୍କୁଲ ଆସିବାକୁ ସଜେଇ ଦେଉଥିବ। ନିଜହାତେ ମୋ ମନଲାଖି ଟିଫିନ ତିଆରି କରି ମୋତେ ଦେଉଥିବ। କେବେ ସେ ମୋତେ ଦୂରଦୂର କରୁ ନ ଥିବ। ଆହୁରି ଭଲ ହୁଅନ୍ତା ଯଦି ଜଣେ ଅପାଠୋଇ ମା' ମୋତେ ମିଳି ଥାଆନ୍ତେ, ଯିଏ ମୋବାଇଲ ବ୍ୟବହାର ଜାଣି ନ ଥିବ। ଭିଡିଓ ଗେମ୍ ଖେଳି ପାରୁ ନ ଥିବ। ମୋତେ ସମୟ ଦେଇ ପାରୁଥିବ। ଯାହାପାଇଁ ମୁଁ ଥିବି ଦୁନିଆର ସବୁଠୁ ମୂଲ୍ୟବାନ ସମ୍ପତ୍ତି। ଯାହାକୁ ନେଇ ଗର୍ବର ସହିତ ସମସ୍ତଙ୍କୁ କହି ପାରିବି – ମୋ ମା' ପରି କିଏ ହେବ?

**ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ –୯୪୩୭୪୩୬୦୭୩**

## ଏଇ ଭାରତରେ

ପରିବେଶ ସୁରକ୍ଷା ଆଗରେ ଚାକିରିର ମୂଲ୍ୟ କିଛି ନୁହେଁ, ଏହା ପ୍ରମାଣ କରିଛନ୍ତି ମୀରା ଚନ୍ଦ୍ରନ। କେରଳର ଉକ୍ତ ମହିଳା ବନ ବିଭାଗ ଓ ସ୍ଥାନୀୟ ଆଦିବାସୀମାନଙ୍କୁ ନେଇ ପଶ୍ଚିମଘାଟ ପର୍ବତମାଳାର ସୁରକ୍ଷାରେ ଲାଗିଛନ୍ତି। ମୀରା ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍‌ଟ୍ରୋନିକ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ଭଲ ଚାକିରି କରିଥିଲେ। ହେଲେ ତାହାକୁ ଛାଡ଼ି ପଶ୍ଚିମଘାଟ ପର୍ବତମାଳାରେ ଜଙ୍ଗଲ ସୁରକ୍ଷା ଲାଗି କାର୍ଯ୍ୟ କରୁଛନ୍ତି। ୨୦୧୦ରେ 'ଫରେଷ୍ଟ ଫାଷ୍ଟ ସମିତି' ଗଠନ କରି ସେ ଅଭିଯାନ ଚଳାଇଛନ୍ତି। ଜଙ୍ଗଲ ଧ୍ୱଂସ ଭଳି ପରିବେଶ ବିରୋଧୀ କାର୍ଯ୍ୟକଳାପରେ ବିଲୁପ୍ତ ହୋଇଯାଉଥିବା ମୂଲ୍ୟବାନ ଗଛର ସୁରକ୍ଷା କରିବା ସହ ସେ ୩୦୦ ଏକର ଜମିରେ ପୁନର୍ବାର ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଜଙ୍ଗଲରେ ମାଟିକୁ ଆଚ୍ଛାଦିତ କରି ଜଙ୍ଗଲିଗଛକୁ ବଢ଼ାଇ ଦେଉ ନ ଥିବା ଜଙ୍ଗଲି ଘାସ ଜାତୀୟ ଗଛଗୁଡ଼ିକୁ ସଫା କରି ସ୍ଥାନୀୟ ଜଙ୍ଗଲି ଗଛ ଲଗାଉଛନ୍ତି। ଏବେ ସୁଦ୍ଧା ମୀରା ଓ ତାଙ୍କ ଟିମ୍ ବିଭିନ୍ନ ଔଷଧୀୟ ବୃକ୍ଷ ସମେତ ୧୫୦ ପ୍ରଜାତିର ଦେଶୀ ଗଛ ସୁରକ୍ଷା କରିସାରିଲେଣି। ଜଙ୍ଗଲରୁ ବିଲୁପ୍ତ ହେବାକୁ ଯାଉଥିବା ବହୁ ପ୍ରଜାତି ବୃକ୍ଷର ମଧ୍ୟ ସେ ସଂରକ୍ଷଣ କରୁଛନ୍ତି। କେରଳର ୱେନାଡା ଏବଂ କର୍ନାଟକର କୋଡାଗୁରେ ସେ ୩୦୦ ଏକରରେ ଏହିସବୁ ଗଛ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ମୀରା ଏହି କାର୍ଯ୍ୟ କରି ସ୍ଥାନୀୟ ଲୋକମାନଙ୍କୁ ଜୀବିକା ଯୋଗାଇବାରେ ସକ୍ଷମ ହୋଇଛନ୍ତି।

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku – Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | | | 1 | |
| 1 | | 8 | | | | | 7 | |
| 6 | | 9 | 4 | | 7 | | | |
| | 5 | | | | 4 | | | |
| 7 | | | | | | | | 1 |
| 4 | | 1 | | 2 | | | | 8 |
| | | | | 9 | 2 | 1 | | |
| | | | | | 5 | | | |
| | | | | | | 3 | 6 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 1 | 5 | 7 | 3 | 4 | 6 | 2 |
| 5 | 7 | 3 | 2 | 6 | 4 | 1 | 8 | 9 |
| 4 | 6 | 2 | 8 | 1 | 9 | 3 | 7 | 5 |
| 9 | 5 | 4 | 6 | 3 | 7 | 2 | 1 | 8 |
| 1 | 2 | 6 | 4 | 9 | 8 | 5 | 3 | 7 |
| 7 | 3 | 8 | 1 | 2 | 5 | 6 | 9 | 4 |
| 6 | 4 | 5 | 9 | 8 | 1 | 7 | 2 | 3 |
| 2 | 8 | 7 | 3 | 4 | 6 | 9 | 5 | 1 |
| 3 | 1 | 9 | 7 | 5 | 2 | 8 | 4 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କଟକଣା ମାନୁନାହାନ୍ତି ବାଲିବୋଝେଇ ଗାଡ଼ି

ମହାଶୟ,

ସହରର ଅଧିକାଂଶ ରାସ୍ତାରେ ନଈବାଲିର ମୋଟା ଆସ୍ତରଣ ଦେଖିବାକୁ ମିଳୁଛିକ୍, ଯାହା ଦୁର୍ଘଟଣାର କାରଣ ପାଲଟିଛି। ରାସ୍ତା ଉପରେ ଜମା ହୋଇରହୁଥିବା ବାଲି କଢ଼ାଯାଉନି କି ବାଲି ପରିବହନ ବେଳେ ନିୟମ ପାଳନ ହେଉନି। ଯେଉଁଥିପାଇଁ ବାଲିରେ ଫସି ଯାନବାହନଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ବେଆଇନ ଭାବେ ବାଲି ଚାଲାଣ ହୋଇ ଆସୁଥିବା ଦେଖିବାକୁ ମିଳୁଛି। ଦୈନିକ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରକ୍ କଟକ ସହରର କେତେକ ପ୍ରମୁଖ ରାସ୍ତାଘାଟ ଦେଇ ଯାତାୟାତ କରୁଥିଲା ବେଳେ ଏଥିଲାଗି ସମ୍ପୃକ୍ତ ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଧୂଳି ବାଲିମୟ ହୋଇପଡୁଛି। ବାଲି ପରିବହନ ବେଳେ ନିର୍ଦ୍ଦେଶନାମାକୁ ମଧ୍ୟ ଠିକ୍ ଢଙ୍ଗରେ ପାଳନ କରାଯାଉନାହିଁ। କଟକ ଖପୁରିଆ ନୂଆପଡ଼ା ରାସ୍ତାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହି ରାସ୍ତାରେ ଦିନରାତି ବାଲିବୋଝେଇ ଗାଡ଼ି ଚଳାଚଳ କରୁଥିବାବେଳେ ଏହାକୁ ଘୋଡାଇ ନ ନେବାରୁ ବାଲି ଉଡ଼ି ରାସ୍ତାରେ ଜମା ହେଉଛି। ବୟାଳିଶମୌଜା ସମେତ ସହରର ପୂର୍ବାଞ୍ଚଳକୁ ବାଲି ଏହି ରାସ୍ତା ଦେଇ ବାଲି ଚାଲାଣ ହେଉଛି। ପାଲ ଅଥବା ଅନ୍ୟାନ୍ୟ ସାମଗ୍ରୀ ଦ୍ୱାରା ଘୋଡେଇ କରି ନେବାକୁ ଅତୀତରେ ଆର୍‌ଡିସିଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏ ଦିଗରେ ଏନ୍‌ଫୋର୍ସମେଣ୍ଟ ଠିକ୍ ଢଙ୍ଗରେ ହେଉନି। ଏହାବ୍ୟତୀତ ବାଲିବୋଝେଇ ପରେ ଜଳ ସିଞ୍ଚନ କରି ଏହାକୁ ନେବାକୁ ବି ସେହି ସମୟରେ ନିର୍ଦ୍ଦେଶ ଦେଇଥିଲେ ଆର୍‌ଡିସି। ବାଲି ପରିବହନ ସମୟରେ ପବନରେ ଏହା ନ ଉଡି ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଯେପରି ସମସ୍ୟାରେ ନ ପକାଏ କୁହାଯାଇଥିଲା। ଏବେ ଏହାକୁ ଠିକ୍ ଢଙ୍ଗରେ ପାଳନ କରାଯାଉନାହିଁ। କଟକ ସହର କାଠଯୋଡ଼ି ଓ ମହାନଦୀର ବଳୟରେ ରହିଥିଲା ବେଳେ ଏହି ଦୁଇ ନଦୀର ରିଂରୋଡ ଏବେ ବାଲିମୟ ହୋଇପଡୁଛି। ସେହିପରି ମର୍କତ ନଗରର ବିଭିନ୍ନ ସେକ୍ଟର ରାସ୍ତାରେ ବାଲିର ମୋଟା ଆସ୍ତରଣ ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି।

**– ଯଯାତି କେଶରୀ ନାୟକ, ସେକ୍ଟର–୧୦, ସିଡିଏ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସେନ୍‌ସେକ୍ସରେ ୮୪୪ ପଏଣ୍ଟ ହ୍ରାସ**

ନୂଆଦିଲ୍ଲୀ,୧୧।୧୦: ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଫଳାଫଳ ଭାରତର ଶେୟାର ମାର୍କେଟ ଉପରେ ପଡୁଥିବା ଆକଳନ କରାଯାଇଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ମାର୍କେଟର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଫଳରେ କ୍ରମାଗତ ଭାବେ ଷ୍ଟକ୍ ବଜାରର କାରବାର ଉପରେ ତଳ ରହିବା ଯୋଗୁ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ ଅନିଶ୍ଚିତତା ମଧରେ ଶେଷ ହେଉଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୪୪ (୮୪୩.୭୯) ପଏଣ୍ଟ ହ୍ରାସ ପାଇ ୫୭,୧୪୭ (୫୭,୧୪୭.୩୨) ଅଙ୍କରେ କାରବାର ବନ୍ଦ କରିଥିଲା।

# ଜିଡିପି ପୂର୍ବାନୁମାନକୁ ହ୍ରାସ କରିଛି ଆଇଏମ୍‌ଏଫ୍

ନୂଆଦିଲ୍ଲୀ,୧୧।୧୦





ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ସର୍ବଶେଷ (ଲାଟେଷ୍ଟ) ୱାଲର୍ଡ ଇକୋନମି ଆଉଟଲୁକ୍ (ଡବ୍ଲ୍ୟୁଇଓ) ରିପୋର୍ଟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିର ପୂର୍ବାନୁମାନକୁ ୬୦ ବେସିସ୍ ପଏଣ୍ଟ (ବିପିଏସ୍)ରେ ୬.୮% କୁ ହ୍ରାସ କରିଥିବା ଜଣାପଡିଛି। ଏପରିକି ୨୦୨୨ ମଧରେ ଭାରତ ପାଇଁ ୬.୮%ର ଅଭିବୃଦ୍ଧି ଜୁଲାଇ ପୂର୍ବାନୁମାନଠାରୁ ୦.୬% ହ୍ରାସ ହୋଇଛି। ଫଳରେ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ଆଶା କରାଯାଉଥିବା ଅଭିବୃଦ୍ଧି ପ୍ରଥମ ତ୍ରୈମାସ ଅପେକ୍ଷା ଦୁର୍ବଳ ଏବଂ ଅଧିକ ବାହ୍ୟ ଚାହିଦାକୁ ପ୍ରତିଫଳିତ କରିଛି ବୋଲି ଆଇଏମ୍‌ଏଫ୍ ତା'ର ରିର୍ପୋଟରେ ଉଲ୍ଲେଖ କରିଛି। ସେହିଭଳି ଆଇଏମ୍‌ଏଫ୍ ପାରାଲାନ୍ସ ୨୦୨୨-୨୩ ଆର୍ଥକ ବର୍ଷରେ ସୂଚିତ କରିଛି ଯଦି କୌଣସି ଦେଶ ଏପ୍ରିଲଠାରୁ ଆର୍ଥିକ ବର୍ଷ ଅନୁସରଣ କରେ ତା'ହେଲେ ସାମ୍ପ୍ରତିକ କ୍ୟାଲେଣ୍ଡର ବର୍ଷକୁ ସୂଚିତ କରିବ। ସେହିପରି ଚଳିତ ବର୍ଷ ଜୁଲାଇର ଡବ୍ଲ୍ୟୁଇଓ ରିପୋର୍ଟ ଅନୁସାରେ ଆଇଏମ୍‌ଏଫ୍ ଭାରତର ଅଭିବୃଦ୍ଧିର ପୂର୍ବାନୁମାନକୁ ୮୦ ବିପିଏସ୍ ହ୍ରାସ କରି ୭.୪% କୁ କମାଇ ଦେଇଥିବା ଜଣାପଡିଛି। ଏହା ସହିତ ଆଇଏମ୍‌ଏଫ୍ ଅନ୍ୟାନ୍ୟ ଏଜେନ୍ସିଗୁଡିକିରେ ମଧ ଯୋଗ ଦେଇ ବର୍ତ୍ତମାନ ପରିସ୍ଥିତିରେ ଭାରତର ଜିଡିପି ୭% ରୁ କମ୍ ବୃଦ୍ଧି ପାଉଛି, ଯେପରିକି ବିଶ୍ୱ ବ୍ୟାଙ୍କ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଳି ଅନ୍ୟ ବୃହତ ବ୍ୟାଙ୍କଗୁଡିକ ମଧ ଏ ସମ୍ପର୍କରେ ଧାନ ଦେଉଥିବା ବେଳେ ଆଇଏମ୍‌ଏଫ୍ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୬.୧% ପୂର୍ବାନୁମାନ ବଜାୟ ରଖିଛି। ଅପରପକ୍ଷରେ ତିନି ଶକ୍ତିଶାଳୀ ଦେଶର ଶକ୍ତିର ଦୀର୍ଘ ପ୍ରଭାବ ଦ୍ୱାରା ଆକୃଷ୍ଟ ହୋଇଥିବା ବିଶ୍ୱ ଅର୍ଥନୀତି ବର୍ତ୍ତମାନ ଏକ ବଡ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ବର୍ତ୍ତମାନ ୨୦୨୨ ପାଇଁ ବିଶ୍ୱର ଅଭିବୃଦ୍ଧି ପୂର୍ବାନୁମାନକୁ ୩.୨% ରେ ଅପରିବର୍ତ୍ତିତ ରଖିବା ସହ ଏହାକୁ ୨୦ବିପିଏସ୍‌ରୁ ୨.୭% କୁ ହ୍ରାସ କରାଯାଇଛି।

## ଆମେରିକା, ଲଣ୍ଡନ, ଦୋହାକୁ ଉଡ଼ିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୧।୧୦

ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ ଅଧିଗ୍ରହଣ କରିବା ପରେ ଅନେକ ବଡ଼ ପରିବର୍ତ୍ତନ କରାଯାଉଛି। ଏପରିକି ଚଳିତ ବର୍ଷ ଅକ୍ଟୋବର ୩୦ରୁ ଦେଶର ପ୍ରମୁଖ ସହରରୁ ଅନେକ ଅନ୍ତର୍ଜାତୀୟ ବିମାନ ଚଳାଚଳ କରିବ ବୋଲି ଜଣାପଡ଼ିଛି। ଆମେରିକା, ଦୋହା ଏବଂ ଲଣ୍ଡନ ଭଳି ଦେଶ ପାଇଁ ଅନେକ ନୂଆ ବିମାନ ସେବା ମଧ ଆରମ୍ଭ ହେବ। ବିଶେଷ କରି ହାଇଦ୍ରାବାଦ ଏବଂ ଚେନ୍ନାଇରୁ ଦୋହାକୁ ୨୦ଟି ସାପ୍ତାହିକ ବିମାନ ଉଡ଼ାଣ ଆରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଏୟାର ଇଣ୍ଡିଆ ଅହମ୍ମଦାବାଦ, ଅମୃତସର, କୋଚି, ହାଇଦ୍ରାବାଦ, ଗୋଆ, ଦିଲ୍ଲୀ, ମୁମ୍ବାଇ ଆଦିରୁ ଲଣ୍ଡନ ଅଭିମୁଖେ ବିମାନ ସେବା ଆରମ୍ଭ କରିବାକୁ ଘୋଷଣା କରିଛି। ଭାରତରୁ ଆମେରିକା ପାଇଁ ୪୦ଟି ବିମାନ ଓ ଲଣ୍ଡନ ପାଇଁ ୪୨ଟି ନୂଆ ବିମାନ ସେବା ଆରମ୍ଭ ହେବ।

## ୩ ବିଲିୟନ ଡଲାରର ମେଟାଭର୍ସ ନିର୍ମାଣ କରିବ ଟ୍ରାନ୍ସଲୁସିଆ

ନୂଆଦିଲ୍ଲୀ,୧୧।୧୦

ଟି ଆଣ୍ଡ୍ ବି ମିଡିଆ ଗ୍ଲୋବାଲ (ଥାଇଲାଣ୍ଡ)ର ଏକ ସହାୟକ କମ୍ପାନୀ ଟ୍ରାନ୍ସଲୁସିଆ ୩ ବିଲିୟନ ଡଲାର ମୂଲ୍ୟର ଏକ ଭର୍ଚୁଆଲ ୱାର୍ଲ୍ଡ ସୃଷ୍ଟି କରିବା ପାଇଁ ମେଟାଭର୍ସ ଏଲିମେଣ୍ଟ ସହ ଏକ ବିସ୍ତୃତ ଇକୋସିଷ୍ଟମ ନିର୍ମାଣ କରିବା ଲାଗି ଭାରତୀୟ ବଜାରରେ ପ୍ରବେଶ କରିଛି। ସେଥିପାଇଁ କମ୍ପାନୀ ଏକ ସ୍ପେଶିଆଲିଷ୍ଟ ଇମର୍ସିଭ୍ ଓ ଏକ୍ସଟେଣ୍ଡେଡ୍ ରିୟଲିଟି କମ୍ପାନୀ ସୁନୋଭାଟେକ୍ ଇଣ୍ଡିଆ ସହ ସହଭାଗିତା ମଧ କରିଛି। ଏହି ଅନ୍ତର୍ଜାତୀୟ ସହଭାଗିତାରେ ଅନ୍ୟ ସହଯୋଗୀଙ୍କ ମଧରେ ସିଗ୍‌ନମ୍, ଟୁ ବୁଲ୍‌ସ ଓ ବ୍ଲାକ୍ ଫ୍ଲେମ୍ ମଧ ସାମିଲ ରହିଛନ୍ତି। ଏହି ସହଭାଗିତା ଅଧୀନରେ ସୁନୋଭାଟେକ୍ ୩ଡି ସମ୍ପତ୍ତି, ପରିବେଶ ଓ ମେଟାଭର୍ସର ମଡ୍ୟୁଲ ନିର୍ମାଣ କରିବା ପାଇଁ ଏକ ପ୍ରଡକ୍ସନ ହବ୍ ଭାବେ କାର୍ଯ୍ୟ କରିବ।

ଏ ସମ୍ପର୍କରେ ଟ୍ରାନ୍ସଲୁସିଆର ପ୍ରତିଷ୍ଠାତା ଏବଂ ଟି ଆଣ୍ଡ୍ ବି ମିଡିଆ ଗ୍ଲୋବାଲର ପ୍ରତିଷ୍ଠାତା ଓ ସିଇଓ ଡ. କ୍ୱାନୱତ୍ ଅହରିୟାବ୍ରାରେମ୍ପ କହିଛନ୍ତି, ଗ୍ଲୋବାଲ ଏକ୍ସପର୍ଟଙ୍କ ସହ ସହଭାଗିତା ଟ୍ରାନ୍ସଲୁସିଆକୁ ଅନ୍ୟ ମେଟାଭର୍ସ ସହ ଉପଯୁକ୍ତ ଭାବେ ଏକୀଭୂତ ହେବା ପାଇଁ ସକ୍ଷମ କରିବ। ଆମର ଗ୍ଲୋବାଲ ପାର୍ଟନରଙ୍କ ସମେତ ସୁନୋଭାଟେକ୍ ସହ କାର୍ଯ୍ୟ କରି ଆମେ ଖୁସି ଅନୁଭବ କରୁଛୁ। ଆସନ୍ତା ବର୍ଷ ଆମେ ଆମର ଭର୍ଚୁଆଲ ଏକ୍ସପେରିଏନ୍ସର ଶୁଭାରମ୍ଭରେ ଟ୍ରାନ୍ସଲୁସିଆର ସ୍ୱତନ୍ତ୍ରତାକୁ ଉନ୍ମୋଚନ କରିବୁ। ଟ୍ରାନ୍ସଲୁସିଆ ୱେବ୍ ୩.୦ର କ୍ଷମତାଗୁଡିକୁ ବ୍ୟବହାର କରି ଅନ୍ୟ ମେଟାଭର୍ସ ସହ ଇଣ୍ଟର କନେକ୍ଟିଭିଟି ପାଇଁ ସକ୍ଷମ ଏକ 'ଇନ୍‌ଫିନାଇଟ୍ ୟୁନିଭର୍ସ' ବିକଶିତ କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ସୁନୋଭାଟେକ୍‌ର ପ୍ରତିଷ୍ଠାତା ରିଷି ଆହୁଜା କହିଛନ୍ତି, ଏହି ସହଭାଗିତା ସ୍ୱତନ୍ତ୍ର ଭାବେ ସୁନୋଭାଟେକ୍ ମାଲିକାନାରେ ଟ୍ରାନ୍ସଲୁସିଆ ପାଇଁ ବହୁସଂଖ୍ୟକ ୩ଡି ଆସେଟ୍ ପାଇଁ ପହଞ୍ଚ ପ୍ରଦାନ କରିବ। ସୁନୋଭାଟେକ୍‌ର ସଂଶୋଧନଗୁଡିକ ଟ୍ରାନ୍ସଲୁସିଆର ଇଣ୍ଟରକନେକ୍ଟେଡ୍ ମେଟାଭର୍ସକୁ ଡେଲିଭର କରିବା ପାଇଁ ବିଭିନ୍ନ ହିତାଧିକାରୀଙ୍କ ସହ ଏକ ସର୍ଭିସ୍ କଣ୍ଟ୍ରାକ୍ଟ ଭାବେ ମେଟାଭର୍ସର ବିଭିନ୍ନ ଉପାଦାନ ଓ ସମ୍ପତ୍ତି ନିର୍ମାଣ କରିବ।

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ବିକ୍‌ସିତା (ରିଧି)
ସବୁବେଳେ ତୋ ଜୀବନେ ହସଟିଏ ଥାଉ
ତୋ ଜୀବନେ ହସର ଲହର ଖେଳିଯାଉ।
ଶୁଭେଚ୍ଛା ସହ- ଜେଜେ, ମା', ବାପା, ମାମା, ଅପା, ଦାଦା ଓ ପରିବାରବର୍ଗ।
ଧ-୬୫୯୩୦

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount
under all Government schemes
9417930815

## ସୋଚ୍‌ର ନୂଆ ଫେଷ୍ଟିଭ କଲେକ୍ସନ

ନୂଆଦିଲ୍ଲୀ,୧୧।୧୦



ଚଳିତ ପାର୍ବଣ ଉପଲକ୍ଷେ ସୋଚ୍ ପକ୍ଷରୁ ଆକର୍ଷଣୀୟ ନୂଆ ଫେଷ୍ଟିଭ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ସିଲ୍କ, ସିଲ୍କ ବ୍ଲେଣ୍ଡ୍, ଆର୍ଟ ସିଲ୍କ, ଅର୍‌ନେଟ୍ ବ୍ରୋକେଡ୍, ଚନ୍ଦେରି ଓ ଜର୍ଜେଟ୍ ଭଳି ସୁନ୍ଦର ଓ ସମୃଦ୍ଧ ଫ୍ୟାବ୍ରିକ୍‌ର ପୋଷାକ ଆଦି ସାମିଲ ରହିଛି। ନୂଆ କଲେକ୍ସନରେ ସାଲ୍‌ୱାର୍ ସୁଟ୍, କୁର୍ତ୍ତି ସୁଟ୍, ଶାଢ଼ି ଭଳି ଅନେକ କିଛି ଅନ୍ତର୍ଭୁକ୍ତ ରହିଛି। ସୋଚ୍‌ର ସିଇଓ ବିନୟ ଚଟ୍‌ଲାନି କହିଛନ୍ତି, ପାର୍ବଣ କଲେକ୍ସନ ସହ ଆମେ ସବୁଠାରୁ ଅର୍ଦ୍ଧ ଟିଣ୍ଟସ, ଷ୍ଟାରି ହ୍ୟୁସ୍, ଷ୍ଟାଇଲିଶ ପ୍ରିଣ୍ଟ ସହ ଏକ ବିସ୍ତୃତ ରେଞ୍ଜ୍‌ର ପୋଷାକକୁ ସାମିଲ କରିଛୁ, ଯାହା ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବ। ଉକ୍ତ କଲେକ୍ସନରେ ହେରିଟେଜ୍ ଟେକ୍ସଟାଇଲ୍, ସ୍ୱତନ୍ତ୍ର କ୍ରାଫ୍ଟ, ହ୍ୟାଣ୍ଡୱର୍କ, ଏମ୍ବେଲିଶ୍‌ମେଣ୍ଟ ଓ ଏକ ବିଶାଳ କଲର ପ୍ୟାଲେଟ୍ ରହିଛି। ସେହିଭଳି ସୋଚ୍‌ର ନୂଆ କଲେକ୍ସନ ହେଉଛି ଆଧୁନିକ ଓ କ୍ଲାସିକ୍ ଫ୍ୟାଶନ ଏଥୋସ୍, ରୟାଲ୍ ବାର୍‌କ୍ୟୁ ଓ ସିମରିଂ ଷ୍ଟାରଡଷ୍ଟର ଏକ ଉତ୍କୃଷ୍ଟ ମିଶ୍ରଣ ବୋଲି ବିନୟ ମତବ୍ୟକ୍ତ କରିଛନ୍ତି।

## ଏୟାରଟେଲ୍‌ଠାରୁ ଜିଓର ସ୍ପିଡ୍ ୩ ଗୁଣା ଅଧିକ

### ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୫୦୦ ଏମ୍‌ବିପିଏସ୍

ନୂଆଦିଲ୍ଲୀ,୧୧।୧୦





ରିଲାଏନ୍ସ ଜିଓ ୫ଜି ସ୍ପିଡ୍ ପରୀକ୍ଷଣରେ ପାଖାପାଖି ୬୦୦ ଏମ୍‌ବିପିଏସ୍ ସ୍ପିଡ୍ ହାସଲ କରିଛି। ଏପରିକି ନିକଟରେ ଶୁଭାରମ୍ଭ କରାଯାଉଥିବା ୫ଜି ସେବାର ଡାଉନ୍‌ଲୋଡ୍ ସ୍ପିଡ୍ ୫୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ପହଞ୍ଚିଛି ବୋଲି ଓକ୍‌ଲା ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ବିଶେଷକରି ରିଲାଏନ୍ସ ଜିଓ ଏବଂ ଏୟାରଟେଲ୍ ଯେଉଁ ସହରଗୁଡ଼ିକରେ ନିଜର ୫ଜି ନେଟ୍‌ୱର୍କ ସ୍ଥାପନ କରିଛନ୍ତି ସେହିସବୁ ସହରରେ ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ରହିଥିବା ଓକ୍‌ଲା ପକ୍ଷରୁ ତୁଳନା କରାଯାଇଛି। ସେହିଭଳି ଏୟାରଟେଲ୍ ପକ୍ଷରୁ ୮ଟି ସହରରେ ୫ଜି ସେବା ଆରମ୍ଭ ଘୋଷଣା କରାଯାଇଥିବା ବେଳେ ଜିଓ ପକ୍ଷରୁ ଟ୍ରୁ-୫ଜି ଭାବେ ପରିଚିତ ୫ଜି ସେବାର ବିଟା ପରୀକ୍ଷଣକୁ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବାରାଣସୀ ସହରର କେତେଜଣ ନିର୍ଦ୍ଦିଷ୍ଟ ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଯାଇଛି। ସେହିପରି ଓକ୍‌ଲାର ସ୍ପିଡ୍ ଟେଷ୍ଟ ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁସାରେ ଗତ ଜୁନ୍‌ରୁ ଏ ପର୍ଯ୍ୟନ୍ତ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଦିଲ୍ଲୀରେ ଏୟାରଟେଲ୍‌ର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୯୭.୯୮ ଏମ୍‌ବିପିଏସ୍ ରହିଥିବା ବେଳେ ରିଲାଏନ୍ସଜିଓର ନେଟ୍‌ୱର୍କରେ ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୫୯୮.୫୮ ଏମ୍‌ବିପିଏସ୍ ରହିଛି। ଅପରପକ୍ଷରେ ଜିଓର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ଏୟାରଟେଲ୍‌ର ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ତୁଳନାରେ ୩ ଗୁଣା ଅଧିକ ରହିଛି, ୫ଜିର ହାରାହାରି ଡାଉନ୍‌ଲୋଡ୍ ସ୍ପିଡ୍‌ରେ ସର୍ବାଧିକ ପାର୍ଥକ୍ୟ କୋଲକାତାରେ ଦେଖିବାକୁ ମିଳିଛି।

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫୁର୍‌ସତ୍

# 'ରାମ ସେତୁ' ଟ୍ରେଲର ରିଲିଜ୍



ଅକ୍ଷୟ କୁମାର

ମୁମ୍ବାଇ

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ବହୁଚର୍ଚ୍ଚିତ ଫିଲ୍ମ 'ରାମ ସେତୁ'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଫିଲ୍ମରେ ଅକ୍ଷୟଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଓ ନୁଶରତ୍ ଭରୁଚା। ପ୍ରସିଦ୍ଧ ରାମ ସେତୁ ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଫିଲ୍ମରେ ସରକାର ରାମ ସେତୁକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ଅକାମୀ କରିବା ପାଇଁ ଅକ୍ଷୟ କୁମାର ୩ ଦିନିଆ ଏକ ମିଶନ୍ ତିଆରି କରୁଛନ୍ତି। ଫିଲ୍ମରେ ସେ ଜଣେ ପତ୍ନତତ୍ତ୍ୱବିତ୍ ଭୂମିକାରେ ନଜରକୁ ଆସିବେ। ଫିଲ୍ମର ଟ୍ରେଲରକୁ ଅକ୍ଷୟ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। କିଛିଦିନ ପୂର୍ବେ ସେ ରାମସେତୁ ଶେଟ୍‌ର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହାକୁ ତାଙ୍କ ଫଲୋୟର୍ସ ବେଶ୍ ପସନ୍ଦ ମଧ କରିଥିବାର ଦେଖିବାକୁ ମିଳିଛି। ଫିଲ୍ମଟି ଅକ୍ଟୋବର ୨୫ରେ ମୁକ୍ତିଲାଭ କରିବ। ପ୍ରେକ୍ଷାଳୟରେ ଫିଲ୍ମ 'ଥ୍ୟାଙ୍କ୍ ଗଡ୍' ସହ ଏହାର କଡ଼ା ଟକ୍କର ହେବା ନେଇ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

## ଆଗକୁ ଅସହ୍ୟ ହେବ ଗ୍ରୀଷ୍ମ ପ୍ରବାହ



### ବିଶେଷଜ୍ଞଙ୍କ ଚେତାବନୀ

**ଲଣ୍ଡନ:** ଆଗକୁ ବିଶ୍ୱରେ ଗ୍ରୀଷ୍ମ ପ୍ରବାହର ମାତ୍ରା ବଢ଼ିବା ଫଳରେ ତାପମାତ୍ରା ମଧ ବୃଦ୍ଧି ପାଇବ। ଲୋକେ ଧରାପୃଷ୍ଠରେ ବାସ କରିବା ଏକପ୍ରକାର କଷ୍ଟକର ହୋଇପଡ଼ିବ ବୋଲି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ରିପୋର୍ଟରୁ ଜାଣିବାକୁ ମିଳିଛି। ଆଫ୍ରିକାର ସହେଲ, ଏସିଆର ଦକ୍ଷିଣାଞ୍ଚଳ ଏବଂ ଦକ୍ଷିଣ-ପଶ୍ଚିମାଞ୍ଚଳ ଓ ୟୁନାଇଟେଡ୍ ନେଶନ୍‌ରେ ଆଗକୁ ଅସହ୍ୟ ତାତି ଅନୁଭୂତ ହେବ, ଯାହା ରେଡ୍‌କ୍ରସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଚଳିତବର୍ଷ ସୋମାଲିଆ ଏବଂ ପାକିସ୍ତାନରେ ତାପମାତ୍ରା ସର୍ବାଧିକ ରହିଥିବାବେଳେ ଏହା ଆଗାମୀ ଦିନରେ ହେବାକୁ ଥିବା ଅସହ୍ୟ ଗରମର ଆଭାସ ବୋଲି କୁହାଯାଇ ପାରିବ। ତେବେ ବିଶ୍ୱରେ ଅନୁଭୂତ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ରୋକିବା ଲାଗି ତୁରନ୍ତ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରୀ। କାରଣ ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ସକାଶେ ଧରାରେ ବସବାସ କରିବା ଲୋକଙ୍କ ପକ୍ଷେ ବହୁ କଷ୍ଟକର ହୋଇ ପଡ଼ିବ। କ୍ୟାନ୍‌ସର ଓ ଅନ୍ୟ ଇନ୍‌ଫେକ୍ସନରେ ଲୋକଙ୍କର ହେଉଥିବା ମୃତ୍ୟୁ ତୁଳନାରେ ଅସହ୍ୟ ଗରମ ପାଇଁ ଅଧିକମାତ୍ରାରେ ଲୋକଙ୍କ ପ୍ରାଣ ଚାଲିଯିବାର ଆଶଙ୍କା ରହିଛି। ନବଜାତ ଶିଶୁ, ଗର୍ଭବତୀଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧିକୁ ଏଡ଼ାଇ ଦିଆଯାଇ ନ ପାରେ। ଫସଲ କାମ ଅସହଜ ହେବା କାରଣରୁ ବିଶ୍ୱରେ ଖାଦ୍ୟ ସଙ୍କଟ ଭଳି ପରିସ୍ଥିତି ଉପୁଜିବ।

## ଚର୍ଚ୍ଚାରେ ସରପଞ୍ଚ ପ୍ରାର୍ଥୀଙ୍କ ପୋଷ୍ଟର

### 'ମାଗଣା ବ୍ୟୁଟି କିଟ୍ସ ଦେବି, ଗାଁରେ ଏୟାରପୋର୍ଟ କରିବି'

ଚଣ୍ଡିଗଡ





ନିର୍ବାଚନ ସମୟରେ ପ୍ରାର୍ଥୀମାନେ ଭୋଟ ହାତେଇବା ପାଇଁ ଲୋକଙ୍କୁ ନାନା ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଥାନ୍ତି। ସେହିପରି ହରିୟାଣାର ସିରସାଢ଼ ଗ୍ରାମରେ ହେବାକୁ ଥିବା ସରପଞ୍ଚ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜୟକରଣ ଲାଥୱାଲ ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଇ ଏବେ ଚର୍ଚ୍ଚାରେ। ତାଙ୍କ ପୋଷ୍ଟରରେ ସେ ଏହାକୁ ବର୍ଣ୍ଣନା କରିଥିବା ଦେଖିବାକୁ ମିଳିଛି। ଯଦି ଜୟକରଣ ସରପଞ୍ଚ ହୁଅନ୍ତି ତେବେ ଗ୍ରାମର ସମସ୍ତ ମହିଳାଙ୍କୁ ମାଗଣା ବ୍ୟୁଟି କିଟ୍ସ ଦେବେ। ଏଥିସହ ଯେଉଁବ୍ୟକ୍ତିମାନେ ନିୟମିତ ମଦ୍ୟପାନ କରନ୍ତି, ସେମାନଙ୍କୁ ପ୍ରତିଦିନ ଗୋଟିଏ ଲେଖା ମଦ ବୋତଲ ଯୋଗାଯିବ। ଜୟକରଣଙ୍କ ପ୍ରତିଶ୍ରୁତି ସୂଚୀ ଏତିକିରେ ସରୁ ନାହିଁ। ଇନ୍ଧନ ଦର ବୃଦ୍ଧି ନେଇ ଲୋକେ ନାନା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି।। ସୌଭାଗ୍ୟବଶତଃ ସେ ଯଦି ସରପଞ୍ଚ ହୁଅନ୍ତି ତେବେ ଇନ୍ଧନ ଲିଟର ପିଛା ୨୦ ଟଙ୍କା କରିବା ସହ ଗ୍ୟାସ୍ ସିଲିଣ୍ଡର ଦର ୧୦୦ ଟଙ୍କା କରିଦେବେ। ଏଥିସହ ସେବା ଓ ଜିନିଷରେ ଲାଗୁ ଟାକ୍ସ ସେ ହଟାଇ ଦେବେ। ପ୍ରତ୍ୟେକ ପରିବାରକୁ ମାଗଣା ବାଇକ୍ ଓ ଗାଁରେ ମାଗଣା ୱାଇଫାଇ ସୁବିଧା ଯୋଗାଇ ଦେବା କଥା ଜୟକରଣ କହିଛନ୍ତି। ଗ୍ରାମ ସିରସାଢ଼ରୁ ଦିଲ୍ଲୀ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍‌ର ବ୍ୟବସ୍ଥା କରିବା ସହ ପ୍ରତି ୫ ମିନିଟରେ ହାମଲେଟରୁ ଗୋହାନା ହେଲିକପ୍ଟର ଉଡ଼ିବ। ଜୟକରଣଙ୍କ ପ୍ରତିଶ୍ରୁତିର କେତେଅଂଶ ସତ ହେବ ତାହା ଅଜଣା। କିନ୍ତୁ ଏହା ଭୋଟରମାନଙ୍କୁ କେତେ ମାତ୍ରାରେ ଆକୃଷ୍ଟ କରିବ ତାହା ଭୋଟିଂରୁ ହିଁ ଜଣାପଡ଼ିବ। ଜୟକରଣଙ୍କ ପୋଷ୍ଟର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଇପିଏସ୍ ଅରୁଣ ବୋଥ୍ରା ଏହାର ଫଟୋ ଟୁଇଟରରେ ଶେୟାର କରିଥିବା ଦେଖିବାକୁ ମିଳିଛି।

ଏଜେଣ୍ଟ ସ୍ୱାଗତ | ସ୍ୱୟଂ ନିଯୁକ୍ତି ଯୋଜନା | ଏଜେଣ୍ଟ ସ୍ୱାଗତ



ଅଳ୍ପ ବିନିଯୋଗରେ କମ୍ପାନୀ ସାହାଯ୍ୟରେ ନିଜ ଘରେ କିମ୍ବା କମ୍ପାନୀରେ ବିଭିନ୍ନ ପ୍ରକାରର ଛୋଟ ମେସିନ୍ ଲଗାଇ ମାସକୁ ୨୫,୦୦୦/- ରୁ ୩୫,୦୦୦/- ଟଙ୍କା ରୋଜଗାର କରନ୍ତୁ। ସମସ୍ତ କଞ୍ଚା ମାଲ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯିବ ଏବଂ ଉତ୍ପାଦିତ ସାମଗ୍ରୀ କମ୍ପାନୀ ଦ୍ୱାରା ନିଆଯିବ। ୧୦ ବର୍ଷର କୋର୍ଟ କାଗଜ ଚୁକ୍ତି ଉପଲବ୍ଧ।
ଯୋଗାଯୋଗ: ୯୫୫୭୭୯୦୮୪୦

OZAZ CABS (P) LTD.
Since-2015



ଏହି ସମୟରେ ନିରାଶ ନରହି ଆମ କମ୍ପାନୀର ସହଯୋଗରେ ସ୍ୱଳ୍ପ Down Paymentରେ ନିଜ ନାମରେ ଏକ କାର୍ କିଣନ୍ତୁ ଏବଂ ତିନି ରୁ ସାତ ବର୍ଷର କୋର୍ଟ କାଗଜ ଚୁକ୍ତିରେ ମାସକୁ ୫ ରୁ ୨୫ ହଜାର ଟଙ୍କା ରୋଜଗାର କରନ୍ତୁ। ଏଠାରେ ସମସ୍ତ ପ୍ରକାରର ଗାଡି କିଣାଯାଇ ବିକ୍ରି ମଧ ହେଉଅଛି। ସ୍ୱଳ୍ପ ଏବଂ ଦୀର୍ଘ ସମୟ ଭିତ୍ତିରେ ଭଡା ପାଇଁ ଉପଲବ୍ଧ କରାଯାଉଅଛି। ଓଡ଼ିଶାର ସମସ୍ତ ସହରରେ ଭେଣ୍ଡରମାନଙ୍କୁ ନିଯୁକ୍ତି ଦିଆଯାଉଛି।
ଯୋଗାଯୋଗ: ୮୨୪୯୮୭୬୦୭୬

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗୀୟ ଶରତ କୁମାର କର
ଆବିର୍ଭାବ- ୫।୧।୧୯୩୯
ତିରୋଧାନ- ୧୨।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକାକୁଳ - କର ପରିବାର ଓ ଆତ୍ମୀୟସ୍ୱଜନ
ଧ-୧୭୫୫

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱଡାକ୍ତର ବାବୁଲୁ ସିଂହ
Lt. Col. Indian Army
ଆବିର୍ଭାବ : ୧୮.୦୯.୧୯୭୦
ତିରୋଧାନ : ୧୨.୧୦.୨୦୧୬
ଭାରତମାତାର ଯୋଗ୍ୟତମ ସୁତ
ତୁମେ ଚାଲିଗଲା ପରେ,
ଝୁରେ ଏହି ମାଟି, ଝୁରେ ପରିବାର
ଝୁରୁଥିବ ନିରନ୍ତରେ।
ଅବେଳରେ ତୁମେ ଚାଲିଗଲ ସିନା
ବିତରି ଯାଇଛ ବାସ,
ସେ ବାସରେ ଆଜି ବିଶ୍ୱ ଚହଟୁଛି
ରଖିଗଲ ଚିର ଯଶ।
ଶୋକସନ୍ତପ୍ତ : ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
D-71043

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅକ୍ଟୋବର ୧୨/୨୦୨୨ Sambalpur, Wednesday, October 12/ 2022

# ବିଜୟ ସହ ଓଡ଼ିଶାର ଅଭିଯାନ

**ଲକ୍ଷ୍ନୌ,୧୧।୧୦**

ମଙ୍ଗଳବାର ଆରମ୍ଭ ହୋଇଥିବା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଓଡ଼ିଶାର ବିଜୟ ଅଭିଯାନ ହୋଇଛି। ପ୍ରଥମ ମ୍ୟାଚରେ ସିକିମ୍‌କୁ ୯ ଉଇକେଟରେ ପରାସ୍ତ କରିବା ସହିତ ଦଳ ବୃହତ୍ ବିଜୟ ହାସଲ କରିଛି। ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଏହି

**ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ**



ଜୟନ୍ତ ବେହେରା

ମ୍ୟାଚଟି ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସିକିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୧୦୦ ରନ୍ କରିଥିଲା। ଜବାବରେ ୨୮ ବଲ ବାକି ଥାଇ ମାତ୍ର ଗୋଟିଏ ଉଇକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସିକିମ ପକ୍ଷରୁ ଓପନର ପଙ୍କଜ ରାଓ୍ୱତ ସର୍ବାଧିକ ୩୪ ରନ୍ କରିଥିଲେ। ବଲ୍ ପିଛା ରନର ଏହି ଇନିଂସରେ ୪ ଚୌକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନ୍ୱେଷ ଶର୍ମା ୧୫, ଆଶିଷ ଥାପା ୧୪ ଓ ଅଙ୍କୁର ମଲିକ ୧୩* ରନର ଇନିଂସ ଖେଳିଥିଲେ। ରାଓ୍ୱତଙ୍କ ବ୍ୟତୀତ ଅନ୍ୟ ସମସ୍ତ ଖେଳାଳିଙ୍କ ଷ୍ଟ୍ରାଇକ ରେଟ୍ ୧୦୦ରୁ କମ୍ ରହିଥିଲା। ଓଡ଼ିଶା ପକ୍ଷରୁ ଜୟନ୍ତ ବେହେରା ୧୯ ରନରେ ଦୁଇଟି ଓ ମୁସ୍ତାକ ବେଗ୍ ୧୫ ରନରେ ଗୋଟିଏ ଉଇକେଟ ନେଇଥିଲେ। ୩ ଜଣ ସିକିମ ବ୍ୟାଟର ରନ ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ୧୦୧ ରନର ପିଛା କରୁଥିବା ଓଡ଼ିଶା ପକ୍ଷରୁ ଅଂଶୁମାନ ରଥ ଓ ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ଇନିଂସ ଓପନ କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୫୦ ରନ ଯୋଡିଥିଲେ। ଆଶୀର୍ବାଦ ୩୨ ବଲ ଖେଳି ୩ ଚୌକା ସହିତ ୩୦ ରନ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଅଂଶୁମାନ ରଥ(୩୩) ଓ ଶୁଭ୍ରାଂଶୁ ସେନାପତି(୩୩) ଅବିଭାଜିତ ୫୧ ରନ ଯୋଡି ଦଳକୁ ବିଜୟୀ କରିଥିଲେ। ଅଂଶୁମାନ ୩୯ ବଲ ଖେଳି ୩ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଶୁଭ୍ରାଂଶୁ ୨୧ ବଲ ଖେଳି ୧ ଚୌକା ଓ ଦୁଇ ଛକା ମାରିଥିଲେ। ସିକିମ୍ ପକ୍ଷରୁ ଲି ୟଙ୍ଗ ଲେପଚା ଏକମାତ୍ର ଉଇକେଟଟି ଅକ୍ତିଆର କରିଥିଲେ। ବୁଧବାର ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ତାମିଲନାଡୁକୁ ଭେଟିବ।

# ଦିନିକିଆ ସିରିଜ ଜିତିଲା ଭାରତ

**ନୂଆଦିଲ୍ଲୀ,୧୧।୧୦(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଦିନିକିଆ ଅନ୍ତର୍ଜାତୀୟ ସିରିଜକୁ ଜିତି ନେଇଛି ଭାରତ। ପ୍ରଥମ ମ୍ୟାଚରେ ପରାଜିତ ହେବା ପରେ ଭାରତ ପରବର୍ତ୍ତୀ ଦୁଇଟି ମ୍ୟାଚ ଜିତିବା ସହିତ ସିରିଜ କବ୍‌ଜା କରି ନେଇଛି। ମଙ୍ଗଳବାର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳା ଯାଇଥିବା ନିର୍ଣ୍ଣାୟକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ମାତ୍ର ୯୯

**ସ୍ପିନରଙ୍କ ଘାତକ ବୋଲିଂ**

ରନରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୧୯.୧ ଓଭରରେ ୩ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ବିଗତ କିଛି ଦିନ ଧରି ଦିଲ୍ଲୀରେ ଲଗାଣ ବର୍ଷା କାରଣରୁ ପିଚ୍‌ରେ ବଲ ତଳୁଆ ରହିବା ଆଶା କରାଯାଉଥିଲା। ଟସ୍ ଜିତି ଅଧିନାୟକ ଶିଖର ଧାଓ୍ୱନ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଦକ୍ଷିଣ ଆଫ୍ରିକା ମାତ୍ର ୨୭.୧ ଓଭରରେ ୯୯ ରନରେ ଅଲଆଉଟ ହୋଇ ଯାଇଥିଲା। ପ୍ରଥମେ ବୋଲିଂ ଓପନ କରିଥିବା ଓ୍ୱାଶିଂଟନ୍ ସୁନ୍ଦର ଓ ମହମ୍ମଦ ସିରାଜ ଦକ୍ଷିଣ ଆଫ୍ରିକାର ଟପ୍-୪ଙ୍କୁ ଆଉଟ କରିଥିଲେ। ଏହାପରେ ଶାହବାଜ ଅହମ୍ମଦ ମଧ୍ୟକ୍ରମରେ ଦୁଇଟି ଉଇକେଟ ନେବା ପରେ ନିମ୍ନକ୍ରମ ସଫା କରି ଦେଇଥିଲେ କୁଲଦୀପ ଯାଦବ। ହେନରିଚ କ୍ଲାସେନ୍ ସର୍ବାଧିକ ୩୪ ରନ କରିଥିବା ବେଳେ ଜାନେମନ୍ ମଲାନ ୧୫ ଓ ମାର୍କୋ ଜାନସେନ୍ ୧୪ ରନ୍ କରିଥିଲେ। ଏହି ଖେଳାଳିଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। କୁଲଦୀପ ଯାଦବ ୧୮ ରନରେ ୪ ଉଇକେଟ ଅକ୍ତିଆର କରିଥିଲେ। ଓ୍ୱାଶିଂଟନ୍ ସୁନ୍ଦର, ମହମ୍ମଦ ସିରାଜ ଓ ଶାହବାଜ ଅହମଦ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୦୦ ରନର ବିଜୟ ଲକ୍ଷ୍ୟ ନେଇ ଭାରତ ଇନିଂସ ଆରମ୍ଭ କରିଥିଲା। ଓପନିଂ ଯୋଡିରେ ଶିଖର ଧାଓ୍ୱନ ଓ ଶୁବମନ ଗିଲ୍ ୪୨ ରନ୍ ଯୋଡିଥିଲେ। ତେବେ ଖରାପ ଫର୍ମ ଜାରି ରଖି ଧାଓ୍ୱନ ୮ ରନ କରି ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଇଶାନ କିଷନ (୧୦) ମଧ୍ୟ ଫର୍ଚ୍ୟୁନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଗିଲ୍(୪୯) ଓ ଶ୍ରେୟସ ଆୟର(୨୮*) ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲେ। ବିଜୟ ପାଇଁ ୩ ରନ ଦରକାର ଥିବା ବେଳେ ୪୯ ରନ କରି ଗିଲ୍ ଆଉଟ ହୋଇଥିଲେ। ୫୭ ବଲର ଏହି ଇନିଂସରେ ୮ ଚୌକା ସାମିଲ ଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି ଓ ବିୟର୍ନ ଫର୍ଚ୍ୟୁନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କୁଲଦୀପ ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଓ ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା। ଏହି ମ୍ୟାଚରେ ବିଜୟ ହାସଲ କରିବା ସହିତ ଭାରତ ୧୯ ବର୍ଷ ତଳର ଅଷ୍ଟ୍ରେଲିଆ ରେକର୍ଡର ସମକକ୍ଷ ହୋଇଛି। ୨୦୦୩ରେ ଅଷ୍ଟ୍ରେଲିଆ ଗୋଟିଏ ସିଜନରେ ୩୮ ବିଜୟ ହାସଲ କରିଥିବା ବେଳେ ୨୦୨୨ରେ ଭାରତ ସମାନ ରେକର୍ଡର ସମକକ୍ଷ ହୋଇଛି। ଏହା ସହିତ ୯୯ ରନ ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର। ପୂର୍ବରୁ ନାଇରୋବିରେ ଦଳ ୧୧୭ ରନରେ ଅଲଆଉଟ ହୋଇଥିଲା।



ଟ୍ରଫି ସହ ସିରିଜ୍ ବିଜୟୀ ଭାରତୀୟ ଦଳ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ : ୨୭.୧ ଓଭରରେ ୯୯/୧୦ (ହେନରିଚ୍ କ୍ଲାସେନ-୩୪, ଜାନେମନ ମଲାନ-୧୫ ; କୁଲଦୀପ ଯାଦବ-୪/୧୮, ଶାହବାଜ ଅହମଦ-୨/୩୨, ଓ୍ୱାଶିଂଟନ ସୁନ୍ଦର-୨/୧୫, ମହମ୍ମଦ ସିରାଜ-୨/୧୭ । ଭାରତ ଇନିଂସ: ୧୯.୧ ଓଭରରେ-୧୦୫/୩ (ଶୁବମନ୍ ଗିଲ୍-୪୯, ଶ୍ରେୟସ ଆୟର-୨୮* ; ଲୁନ୍‌ଗି ଏନ୍‌ଗିଡି-୧/୨୧, ବିୟର୍ନ ଫର୍ଚ୍ୟୁନ-୧/୨୦)।

# ଲକ୍ଷ୍ୟ ସେନ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୧୧।୧୦ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟୀ ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ବିଡବ୍ଲ୍ୟୁଏଫ୍ ପୁରୁଷ ସିଙ୍ଗଲ୍ସ ବିଶ୍ୱ ର୍‍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ଡବଲ୍ସ ଯୋଡ଼ି ଏମ୍‌ଆର ଅର୍ଜୁନ ଓ ଧ୍ରୁବ କାପିଲା ଦୁଇ ସ୍ଥାନ ଉପରକୁ ଉଠି ଟପ୍ ୨୦ ନିକଟତର ହୋଇଛନ୍ତି। ତାଲିକାରେ ସେମାନଙ୍କୁ କ୍ୟାରିୟର ଶ୍ରେଷ୍ଠ ୨୧ତମ ସ୍ଥାନ ମିଳିଛି। ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ପୁରୁଷ ଡବଲ୍ସ ବିଭାଗରେ ୮ମ ସ୍ଥାନରେ ଅଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ୨୦୨୧ରେ ଏକ ବ୍ରୋଞ୍ଜ ଜିତିଥିବା ସେନ୍ ଚମତ୍କାର ଫର୍ମ ସହ ବର୍ଷ ଆରମ୍ଭ କରିଥିଲେ। ୟୋନେକ୍ସ ସନରାଇଜ୍ ଇଣ୍ଡିଆ ଓପନରେ ସେ ସ୍ୱର୍ଣ୍ଣ ଜିତିଥିଲେ। ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍ ଓ ଜର୍ମାନୀ ଓପନରେ ସେ ରନର-ଅପ୍ ହୋଇଥିଲେ।

# ଓଡ଼ିଶାକୁ ଆହୁରି ୩ ରୌପ୍ୟ



ଓଇନାମ ବିଦ୍ୟା ଦେବୀ



ଲିଚୋଙ୍ଗବାମ୍ ନେହା ଦେବୀ



ଟମ୍‌ଥିଲ୍‌ଙ୍ଗାବା ଏଙ୍ଗାସେପମା

**ଭୁବନେଶ୍ୱର, ୧୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଚାଲିଥିବା ୩୬ତମ ନ୍ୟାଶନାଲ ଗେମ୍ସରେ ଓଡ଼ିଶା ମଙ୍ଗଳବାର ୩ଟି ପଦକ ଜିତିବାରେ ସମର୍ଥ ହୋଇଛି। କାୟାକିଂ ମହିଳା କେ-୧ ୨୦୦ମିଟରରେ ଓଇନାମ ବିଦ୍ୟା ଦେବୀ ଓ ପୁରୁଷ କେ-୧, ୨୦୦ ମିଟରରେ ଟମ୍‌ଥିଲ୍‌ଙ୍ଗାବା ଟମ୍‌ଥିଲ୍‌ଙ୍ଗାବା ଏଙ୍ଗାସେପମା ଏବଂ ମହିଳା ସି-୧, ୨୦୦ ମିଟରରେ ଲିଚୋଙ୍ଗବାମ୍ ନେହା ଦେବୀ ଗୋଟିଏ ଲେଖାଏଁ ରୌପ୍ୟ ଜିତିଥିଲେ। ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୪ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୧ ବ୍ରୋଞ୍ଜ ସମେତ ମୋଟ ୧୫ ପଦକ

**ନ୍ୟାଶନାଲ ଗେମ୍ସ**

ସହ ଏହାର ଅଭିଯାନ ଶେଷ କରିଛି। କୌଣସି ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ଏହା ସର୍ବାଧିକ ପଦକ। ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ସାଧାରଣ ଅଭିଜିତ୍ ପାଲ ନ୍ୟାଶନାଲ ଗେମ୍ସରେ ସଫଳତା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ, ନବୀନ ପଟ୍ଟନାୟକ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଯୁବସେବା ଓ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣାଙ୍କ ସମେତ କ୍ରୀଡ଼ା ବିଭାଗ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ତୃତୀୟ ସ୍ଥାନକୁ ଫେରିଲେ ଦୀପ୍ତି ଶର୍ମା

**ଦୁବାଇ, ୧୧।୧୦ (ପି.ଟି.)**

ଆଇସିସି ମହିଳା ଟି୨୦ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ଦୀପ୍ତି ଶର୍ମା ତାଙ୍କ କ୍ୟାରିୟର ଶ୍ରେଷ୍ଠ ତୃତୀୟ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଲରାଉଣ୍ଡର ତାଲିକାରେ ମଧ୍ୟ ସେ ସମାନ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶର ସିଲ୍‌ହେଟ୍‌ଠାରେ ଚାଲିଥିବା ଏସିଆ କପ୍‌ରେ କେତେକ ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କ ର୍‍ୟାଙ୍କିଙ୍ଗ ତାଲିକାରେ ଉନ୍ନତି ଘଟିଛି। ପାକିସ୍ତାନ ବିପକ୍ଷରେ ସେ ୩ ଉଇକେଟ ଅକ୍ତିଆର କରିଥିଲେ। ବାଂଲାଦେଶ ଓ ଥାଇଲାଣ୍ଡ ବିପକ୍ଷରେ ସେ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେ ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ଶବନିମ୍ ଇସ୍‌ମାଇଲଙ୍କୁ ଅତିକ୍ରମ କରି ବର୍ତ୍ତମାନ ଇଂଲଣ୍ଡ ସ୍ପିନର ସୋଫି ଏକ୍ଲେଷ୍ଟୋନ୍ ଓ ସାରା ଗ୍ଲେନଙ୍କଠାରୁ ପଛରେ ରହିଛନ୍ତି। ଦୀପ୍ତି ପ୍ରଥମ ତୃତୀୟ ର୍‍ୟାଙ୍କ ୨୦୧୯ ନଭେମ୍ବରରେ ହାସଲ କରିଥିଲେ। ବ୍ୟାଟର ତାଲିକାରେ ସେ ଗୋଟିଏ ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ଅଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ସେ ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନରଙ୍କୁ ଅତିକ୍ରମ କରି ତୃତୀୟ ସ୍ଥାନ ଦଖଲ କରିଛନ୍ତି। ବୋଲର ର୍‍ୟାଙ୍କିଙ୍ଗରେ ରେଣୁକା ସିଂ ( ୩ ସ୍ଥାନ ପଦୋନ୍ନତି ସହ ୮ମ ସ୍ଥାନରେ), ସ୍ନେହ ରାଣା (୩୦ ସ୍ଥାନ ଜମ୍ପ କରି ୧୫ତମ ସ୍ଥାନରେ) ଏବଂ ପୂଜା ବସ୍ତ୍ରାକାର (୭ ସ୍ଥାନ ପଦୋନ୍ନତି ସହ ୨୮ତମ ସ୍ଥାନରେ)ଙ୍କର ମଧ୍ୟ ଅଗ୍ରଗତି ଘଟିଛି। ବ୍ୟାଟରମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ ୬ଷ୍ଠ ସ୍ଥାନରେ ପହଞ୍ଚିଥିବା ବେଳେ ଉପ ଅଧିନାୟକ ସ୍ମୃତି ମନ୍ଧାନା ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ତେବେ ଶେଫାଳୀ ବର୍ମା ବ୍ୟାଟର ତାଲିକାରେ ୨ ସ୍ଥାନ ତଳକୁ ୮ମ ସ୍ଥାନକୁ ଖସି ଆସିଛନ୍ତି। ଅଷ୍ଟ୍ରେଲିଆର ମେଗ୍ ଲାନିଂ ବ୍ୟାଟର ତାଲିକାର ଶୀର୍ଷରେ ରହିଛନ୍ତି।




# ବିସିସିଆଇ ସଭାପତି ପଦ ପାଇଁ ନାମାଙ୍କନ କଲେ ବିନ୍ନି

**ନୂଆଦିଲ୍ଲୀ, ୧୧।୧୦ (ପି.ଟି.)**

ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ହୋଇପାରନ୍ତି ୧୯୮୩ ବିଶ୍ୱକପ୍ ବିଜୟୀ ହିରୋ ରୋଜର ବିନ୍ନି। ଏପରି କି ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରନ୍ତି ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ସୂଚନା ଦେଇଛନ୍ତି। ଅକ୍ଟୋବର ୧୮ରେ ବୋର୍ଡର ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ଏହା ସ୍ପଷ୍ଟ ହେବ। ମଙ୍ଗଳବାର ବିନ୍ନି ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଗତ ଏକ ସପ୍ତାହ ହେଲା ବିସିସିଆଇର ୩୬ତମ ସଭାପତି କାହାରିକୁ କରାଯିବ ସେ ନେଇ ଭିତିରି ଜୋର୍‌ଦାର ଆଲୋଚନା ଚାଲିଥିଲା। ଏଥିରେ ବେଙ୍ଗାଲୁରୁର ୬୭ ବର୍ଷୀୟ ବିନ୍ନିଙ୍କୁ ପରବର୍ତ୍ତୀ ସଭାପତି କରିବା ଲାଗି ଆପାତତଃ ସ୍ଥିର ହୋଇସାରିଥିବା କୁହାଯାଉଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁତ୍ର ଜୟ ଶାହା ଦ୍ୱିତୀୟ ଥର ପାଇଁ ବିସିସିଆଇ ସମ୍ପାଦକ ପଦବୀରେ ରହିବେ। ଶାହା ଆହୁରି ମଧ୍ୟ ସବୁଠାରୁ କ୍ଷମତାଶାଳୀ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡରେ ଗାଙ୍ଗୁଲିଙ୍କ ସ୍ଥାନରେ ଭାରତରୁ ପ୍ରତିନିଧିତ୍ୱ



ରୋଜର ବିନ୍ନି

କରିବେ। ବୋର୍ଡ ସେଟ୍‌ଅପ୍‌ରେ କେନ୍ଦ୍ର ସରକାରଙ୍କ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ବିସିସିଆଇରେ କିଏ କେଉଁ ପଦବୀରେ ରହିବେ ତାହା ସ୍ଥିର କରୁଥିବା ବିସିସିଆଇ ଭିତିରି ସୂତ୍ରରୁ ଜଣାପଡ଼ିଛି। ବିନ୍ନିଙ୍କୁ ବିସିସିଆଇ ମୁଖ୍ୟ ଭାବେ ପସନ୍ଦ କରିବା ଆଶ୍ଚର୍ଯ୍ୟଜନକ ମନେ ହେଉଥିଲେ ମଧ୍ୟ ଏନେଇ ପୂର୍ବରୁ ସଙ୍କେତ ମିଳିଥିଲା, ଯେତେବେଳେ କର୍ଣ୍ଣାଟକ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ବିସିସିଆଇ ଏଜିଏମ୍ ପାଇଁ ଏହାର ପ୍ରତିନିଧି ଭାବେ ସମ୍ପାଦକ ସନ୍ତୋଷ ମେନନଙ୍କ ସ୍ଥାନରେ ବିନ୍ନିଙ୍କୁ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲା। ବିନ୍ନି ହେଉଛନ୍ତି ଜଣେ ବିଶ୍ୱକପ୍ ହିରୋ। ତାଙ୍କର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ରହିଛି। ତାଙ୍କ ପୁଅ ଯେତେବେଳେ ଭାରତୀୟ ଦଳରେ ସ୍ଥାନ ପାଇଁ ଦୌଡ଼ରେ ରହିଥିଲା ସେ ସିଲେକ୍ସନ କମିଟିରୁ ତାଙ୍କର ଇସ୍ତଫା ପ୍ରଦାନ କରିଥିଲେ। ବିସିସିଆଇ କ୍ୟାବିନେଟ୍‌ରେ କଂଗ୍ରେସ ପାର୍ଟିର କେବଳ ଜଣେ ରହିଛନ୍ତି ସେ ହେଲେ ରାଜୀବ ଶୁକ୍ଳା। ବ୍ରିଜେଶ ପଟେଲଙ୍କ ସ୍ଥାନରେ ବର୍ତ୍ତମାନ କୋଷାଧ୍ୟକ୍ଷ ଥିବା କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ସିଂ ଧୁମଲ ଆଇପିଏଲ୍ ଚେୟାରମ୍ୟାନ ହେବେ। ମହାରାଷ୍ଟ୍ରର ପ୍ରଭାବଶାଳୀ ନେତା ଆଶିଷ ସେଲାର କୋଷାଧ୍ୟକ୍ଷ ହେବେ। ଫଳରେ ସେ ଆଉ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ସଭାପତି ରହିବେ ନାହିଁ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଘନିଷ୍ଠ ବୋଲି କୁହାଯାଉଥିବା ଦେବଜିତ୍ ସାଇକିଆ ନୂଆ ଯୁଗ୍ମ ସମ୍ପାଦକ ହେବେ। ଅକ୍ଟୋବର ୧୮ରେ ମୁମ୍ବାଇଠାରେ ହେବାକୁଥିବା ବିସିସିଆଇ ଏଜିଏମ୍‌ରେ ବିନ୍ନି ବିଧିବଦ୍ଧ ଭାବେ ବିସିସିଆଇ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ବୋର୍ଡର କୌଣସି ପଦବୀ ପାଇଁ ନିର୍ବାଚନ ହେବ ନାହିଁ। ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ବିସିସିଆଇ ପ୍ରାର୍ଥୀ ଦେବ କି ନା ତାହ ସ୍ଥିର ହୋଇ ନାହିଁ। ସୂଚନାଯୋଗ୍ୟ, ପୂର୍ବତନ ମିଡିୟମ ପେସ୍ ବୋଲର ବିନ୍ନି ୧୯୮୩ରେ ଭାରତର ଐତିହାସିକ ବିଶ୍ୱକପ୍ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୮ଟି ଗେମ୍‌ରେ ୧୮ଟି ଉଇକେଟ ନେଇଥିଲେ। ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟର ଏହି ସଂସ୍କରଣରେ ଏହା ସର୍ବାଧିକ ଥିଲା।

## ଆଇପିଏଲ୍ ଚେୟାରମ୍ୟାନ ହେବାକୁ ମନାକଲେ ଗାଙ୍ଗୁଲି

ମୁମ୍ବାଇରେ ସୋମବାର ପହଞ୍ଚିଥିବା ଗାଙ୍ଗୁଲି ଗତ ସପ୍ତାହରେ ନୂଆଦିଲ୍ଲୀରେ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ବିସିସିଆଇ ସଭାପତି ପଦବୀରେ ରହିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ଦ୍ୱିତୀୟ ଥର ପାଇଁ ଏହି ପଦବୀରେ ରଖାଯିବା କୌଣସି ପ୍ରସ୍ତାବ ନାହିଁ ବୋଲି ତାଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଥିଲା। ତାଙ୍କୁ ଆଇପିଏଲ ଚେୟାରମ୍ୟାନ ପଦବୀ ଯଚା ଯାଇଥିଲା। ମାତ୍ର ସେ ବିସିସିଆଇର ମୁଖ୍ୟ ଭାବେ କାର୍ଯ୍ୟ କରିସାରିଥିବାରୁ ଏକ ସବ୍ କମିଟିର ମୁଖ୍ୟ ହୋଇପାରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅକ୍ଟୋବର ୧୨/୨୦୨୨ (୮+୮=୧୬ ପୃଷ୍ଠା)
Sambalpur, Wednesday, October 12/2022 Page 16 ₹ 7.00





## ଭାରତ ବିପକ୍ଷରେ ଗୋଲ କଲେ ମିଆ

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପରେ ଆମେରିକା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଭାରତୀୟ ବଂଶୋଦ୍ଭବ ମିଆ ଭୁତା ଭାରତ ବିପକ୍ଷରେ ଗୋଲ ସ୍କୋର କରିଛନ୍ତି।

୦୮

୦୨

## ପାକିସ୍ତାନରେ ମାଲାଲା

୧୦ ବର୍ଷ ପରେ ନୋବେଲ ଶାନ୍ତି ବିଜୟିନୀ ମାଲାଲା ୟୁସଫଜାଇ ମଙ୍ଗଳବାର ସ୍ୱଦେଶ ପାକିସ୍ତାନରେ ପହଞ୍ଚିଛନ୍ତି।






୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ମଙ୍ଗଳବାର ଭାରତ-ଆମେରିକା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆମେରିକାର ଗୋଲ୍ ବର୍ଷା

### ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

### ୮-୦ରେ ହାରିଲା ଭାରତ

ଭୁବନେଶ୍ୱର, ୧୧।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍। ଭାରତ ଏହାର ପ୍ରଥମ ମ୍ୟାଚରେ ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଆମେରିକା ସମକକ୍ଷ ପ୍ରଦର୍ଶନ କରିପାରିନାହିଁ। ଆମେରିକା ଗୋଲ ବର୍ଷା କରି ଘରୋଇ ଦଳକୁ ୮-୦ ଗୋଲରେ ପରାସ୍ତ କରିଛି। ଫଳରେ ନିଜର ଡେବ୍ୟୁ ମ୍ୟାଚ ଭାରତ ପାଇଁ ଦୁଃସ୍ୱପ୍ନ ସଦୃଶ ହୋଇଛି। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆମେରିକା ୫-୦ ଗୋଲରେ ଅଗ୍ରଣୀ ରହି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ଏଥିରୁ ଭାରତ ଆଉ ମୁକୁଳିପାରି ନ ଥିଲା। ସବୁ ବିଭାଗରେ ଆମେରିକା ଭଲ ଖେଳିଥିଲା। ବଲ୍‌କୁ ୭୮ ପ୍ରତିଶତ ନିଜ ନିୟନ୍ତ୍ରଣରେ ରଖିଥିଲା ଏହି ଦଳ। ଭାରତ ପକ୍ଷରୁ ମାତ୍ର ୨ଟି ଶଟ୍ ଟାର୍ଗେଟ କରାଯାଇଥିବାବେଳେ ଆମେରିକା ୩୦ଟି ଶଟ୍ ଭାରତୀୟ ଗୋଲପୋଷ୍ଟକୁ ମାରିଥିଲା। ଏଥିରୁ ୭ଟିକୁ ଗୋଲରେ ପରିଣତ କରିଥିଲା। ଭାରତ ମାତ୍ର ଗୋଟିଏ କର୍ନର ପାଇଥିବାବେଳେ ଆମେରିକା ୧୧ କର୍ନର ପାଇ ଆଗରେ ରହିଥିଲା। ଶଟ୍ ଆକୁରେସି ଦୃଷ୍ଟିରୁ ଭାରତର ଆକ୍ରମଣ ୦ ପ୍ରତିଶତ ଥିବାବେଳେ ଆମେରିକା ୪୬ ପ୍ରତିଶତ ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରିଥିଲା। କୌଣସି ଦଳର ଖେଳାଳି ୟେଲୋ କିମ୍ବା ରେଡ୍ କାର୍ଡ ପାଇ ନ ଥିଲେ।

ଆମେରିକା ପକ୍ଷରୁ ଗୋଲ ସ୍କୋରିଂର ଧାରା ଆରମ୍ଭ କରିଥିଲେ ମେଲିନା ରେବିମ୍ବାସ। ମ୍ୟାଚର ୯ମ ମିନିଟରେ ସେ ଜ୍ୟାକସନଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ଆମେରିକାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଦ୍ୱିତୀୟ ଗୋଲ ଦେଇଥିଲେ ଚାର୍ଲୋଟି କୋଲେର। ସେ ମଧ୍ୟ ଜ୍ୟାକସନଙ୍କଠାରୁ ପାଇଥିବା ପାସ୍‌ର ସଦ୍‌ବ୍ୟବହାର କରିଥିଲେ। ୨୩ତମ ମିନିଟରେ ଓନ୍ୟେକା ଗାମେରୋ ଏବଂ ୩୧ତମ ମିନିଟରେ ମେଲିନା ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ୩୯ତମ ମିନିଟରେ ଜିସେଲେ ଥମ୍ପସନ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆମେରିକାର ଅଗ୍ରଣୀ ବ୍ୟବଧାନକୁ ୫-୦ରେ ପହଞ୍ଚାଇ ଦେଇଥିଲେ। ପଟ ପରିବର୍ତ୍ତନ ହୋଇଥିଲେ ହେଁ ଭାରତର ଭାଗ୍ୟ ବଦଳି ନ ଥିଲା। ☞ପୃଷ୍ଠା-୨

### ତଳମୁହାଁ ଅର୍ଥନୀତି

# ମାନ୍ଦାବସ୍ଥା ଜଳଜଳ

## ଭାରତର ଅଭିବୃଦ୍ଧି ହାର ୬.୮%କୁ ହ୍ରାସ କଲା ଆଇଏମ୍ଏଫ୍

ନୂଆଦିଲ୍ଲୀ,୧୧।୧୦

କୋଭିଡ୍-୧୯ ମହାମାରୀ ବିଶ୍ୱ ଅର୍ଥନୀତିକୁ ବହୁ ତଳକୁ ଟାଣିନେବା ପରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଓ ଅନ୍ୟ ରପ୍ତାନିକାରୀ ରାଷ୍ଟ୍ରଗୁଡ଼ିକରେ ଲାଗିରହିଥିବା ସଂଘର୍ଷ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଏହି ପୃଷ୍ଠଭୂମିରେ ଭାରତ ସମେତ ବିଭିନ୍ନ ଦେଶରେ ଆର୍ଥିକ ସଙ୍କଟ ଘନେଇବାରେ ଲାଗିଛି। ଭାରତରେ ଖାଦ୍ୟଶସ୍ୟ, ଔଷଧ, ଫଳମୂଳ, ପନିପରିବା ଭଳି ପ୍ରତ୍ୟେକ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିଚାଲିଛି। ଖାଇବା ତେଲଠୁ ନେଇ ଇନ୍ଧନ ତୈଳ, ଏଲ୍‌ପିଜି-ପିଏନ୍‌ଜି-ସିଏନ୍‌ଜି ସବୁକିଛି ମହଙ୍ଗା ହୋଇଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ନିଆଯାଉଥିବା ରେପୋ ରେଟ୍ ବୃଦ୍ଧି ଭଳି ପଦକ୍ଷେପର କୌଣସି ସୁଫଳ ଦେଖିବାକୁ ମିଳୁନାହିଁ। ଓଲଟା ଗାଡ଼ି, ଘର ଓ ଅନ୍ୟ ଉପକରଣ ପାଇଁ ଋଣ ନେଇଥିବା ଲୋକଙ୍କ ଉପରେ ଅଧିକ ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟଲମେଣ୍ଟ (ଇଏମ୍ଆଇ) ବା ମାସିକ କିସ୍ତି ବୋଝ ଉପରେ ନଳିତାବିଡ଼ା ସାଜୁଛି। ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ସୁଧହାର ବୃଦ୍ଧି ଏକ ପ୍ରକୃଷ୍ଟ ଉପାୟ ନୁହେଁ ବୋଲି ଇନ୍‌ଫ୍ଲେଶନ୍ ରେଟ୍, କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ), ବେକାରି ହାର, ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ଡାଟା ଭଳି ସୂଚକାଙ୍କ ଦର୍ଶାଉଛି। ରେପୋ ରେଟ୍ ବଢ଼ାଇଚାଲିବା ଦରଦାମ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ନୁହେଁ, ବରଂ ଏଥିଯୋଗୁ ଆର୍ଥିକ ଅଚଳାବସ୍ଥା ଉପୁଜିବା ନେଇ ଅନେକ ଅର୍ଥନୀତିଜ୍ଞ ଆଶଙ୍କା ବ୍ୟକ୍ତ କଲେଣି। ସେହିପରି ବିଶ୍ୱବ୍ୟାଙ୍କ ସମେତ ମୁଡିଜ୍, ମୋର୍ଗାନ୍ ଷ୍ଟାନ୍‌ଲି ଭଳି ଅନେକ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନୁମାନକୁ ଖସାଇ ୬.୫%ରେ ସୀମିତ ରଖିଛନ୍ତି। ପୂର୍ବରୁ ଏହି ଅଭିବୃଦ୍ଧି ହାର ୭.୫% ରହିବା ନେଇ ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲା। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଙ୍ଗଳବାର ଭାରତର ଅଭିବୃଦ୍ଧି ୬.୮%କୁ ହ୍ରାସ କରିଛି, ଯାହାକି ୭.୪% ରହିବ ବୋଲି ଗତ ଜୁଲାଇରେ ପୂର୍ବାନୁମାନ କରିଥିଲା।




ଭାରତର ଫରେନ୍ ଏକ୍ସଚେଞ୍ଜ ରିଜର୍ଭ (ଫରେକ୍ସ ରିଜର୍ଭ) ସେପ୍ଟେମ୍ବର ୩୦ରେ ୫୩୨.୬୬ ବିଲିୟନ୍ ଡଲାରକୁ ଖସିଥିବା ନେଇ ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି, ଯାହାକି ୨୦୨୦ ଜୁଲାଇ ପରେ ସର୍ବନିମ୍ନ ସ୍ତର। ଡଲାର ଇଣ୍ଡେକ୍ସ ବଢ଼ିଚାଲିଥିବାରୁ ଆମେରିକୀୟ ଡଲାର ଶକ୍ତିଶାଳୀ ହେବାରେ ଲାଗିଛି। ଅପରପକ୍ଷେ ଏହାର ବିପରୀତ ପ୍ରଭାବ ଭାରତୀୟ ଟଙ୍କା ଉପରେ ପଡୁଥିବା ଦେଖିବାକୁ ମିଳୁଛି। ଗତ ଶୁକ୍ରବାର ଡଲାର ସୂଚକାଙ୍କ ୧୧୨.୬୩୫ ଥିବାବେଳେ ସୋମବାର ଟ୍ରେଡିଂ ସେସନ୍‌ରେ ଏହା ଆହୁରି ମଜଭୁତ ହୋଇ ୧୧୩ ଉପରକୁ ଉଠିଥିଲା। ଫଳରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୮୩ ଟଙ୍କା ପାଖକୁ ଗଲାଣି। ଟଙ୍କା ପ୍ରତିଦିନ ସର୍ବକାଳୀନ ରେକର୍ଡ ଭାଙ୍ଗି ସର୍ବନିମ୍ନ ଦୁର୍ବଳ ସ୍ତରକୁ ଯିବା ଭାରତୀୟ ଅର୍ଥନୀତି ପାଇଁ ଉଦ୍‌ବେଗଜନକ ବିଷୟ ପାଲଟିଛି। କିନ୍ତୁ ଅନ୍ୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତୀୟ ଅର୍ଥନୀତି ଅଧିକ ମଜଭୁତ ଏବଂ ପ୍ରତିକୂଳ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଏହାର ସାମର୍ଥ୍ୟ ଅଧିକ ବୋଲି ସରକାର କହିଚାଲିଛନ୍ତି। ତେଣୁ ଏହି ବୃହତ୍ ସଙ୍କଟକୁ ନେଇ କେନ୍ଦ୍ରର ମୁଣ୍ଡବ୍ୟଥା ହେଉଥିବା ଭଳି ମନେହେଉନାହିଁ। ଏଭଳି ସ୍ଥିତିରେ ଭୁଶୁଡ଼ିପଡୁଥିବା ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ କୌଣସି ପ୍ରଭାବଶାଳୀ ନୀତି ପ୍ରଣୟନ କରାଯାଉ ନ ଥିବାରୁ ଆଗକୁ ମାନ୍ଦାବସ୍ଥା ମାଡ଼ିଆସୁଥିବା ଜଳଜଳ ଦେଖାଗଲାଣି।

ଆଇଏମ୍ଏଫ୍‌ର ପରିସଂଖ୍ୟାନକୁ ଭିତ୍ତିକରି ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାବେ ଉଭା ହୋଇଥିବା କେତେକ ☞ପୃଷ୍ଠା-୨

# ଜେନ୍ ଜେଡ୍‌ର ଯୁଦ୍ଧଂଦେହି

## ଇରାନରେ ମହସା ଅମିନୀଙ୍କ ହତ୍ୟାରୁ ମୁଣ୍ଡ ଟେକିଛି ଅଭୂତପୂର୍ବ ଆନ୍ଦୋଳନ




ଜେରୁଜେଲମ୍,୧୧।୧୦

୧୯୯୬ରେ ପ୍ରତିଷ୍ଠିତ ୱାଶିଂଟନର ପିଉ ରିସର୍ଚ୍ଚ ସେଣ୍ଟର ବିଶ୍ୱରେ ପରିବର୍ତ୍ତନ ଆଣୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ମନୋଭାବ ଓ ଧାରାକୁ ନେଇ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରିବାରେ ସୁନାମ ଅର୍ଜିଛି। ଏହି କ୍ରମରେ ଉକ୍ତ ସଂସ୍ଥା ପିଢ଼ିଗତ ଅନୁଧ୍ୟାନ କରି ୧୯୮୧ରୁ ୧୯୯୬ ମଧ୍ୟରେ ଜନ୍ମିତ ବ୍ୟକ୍ତିମାନଙ୍କୁ 'ମିଲେନିଆଲ୍ସ' ଆଖ୍ୟା ଦେଇଥିଲା। ଏହାର ପରବର୍ତ୍ତୀ ପିଢ଼ି ଅର୍ଥାତ୍ ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ବ୍ୟକ୍ତିମାନଙ୍କ ସମୂହକୁ 'ଜେନେରେଶନ୍ ଜେଡ୍' ନାମକରଣ କରିଥିଲା, ଯାହାକି 'ଜେନ୍ ଜେଡ୍' ରୂପେ ପରିଚିତ। ଇରାନର ଏକ କୁର୍ଦିସ୍ ପରିବାରରେ ଜନ୍ମିତ ୨୨ ବର୍ଷୀୟା ମହସା ଅମିନୀ ଗତ ସେପ୍ଟେମ୍ବର ୧୩ରେ ତେହରାନରେ ନିଜ ଭାଇଙ୍କ ସହ ☞ପୃଷ୍ଠା-୨

### ଆନ୍ଦୋଳନରେ ଜେନ୍ ଜେଡ୍‌ର ଭୂମିକା

ବର୍ତ୍ତମାନ ଇରାନରେ ଚାଲିଥିବା ଦଙ୍ଗାରେ ଦେଶର ଜେନ୍ ଜେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁଶନ୍ ଗାର୍ଡ କର୍ (ଆଇଆର୍‌ଜିସି) ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅତି ରକ୍ଷଣଶୀଳ ଜଭାନ ଖବରକାଗଜ ଅନୁସାରେ ଜୁମର୍ସ ନାମରେ ପରିଚିତ ଏହି ପିଢ଼ିର ୯୩% ବିକ୍ଷୋଭକାରୀଙ୍କ ବୟସ ୨୫ରୁ ଊର୍ଦ୍ଧ୍ୱ ନୁହେଁ। ତେଣୁ ଦେଶରେ ଦଙ୍ଗାକାରୀଙ୍କ ଏକ ନୂଆ ପିଢ଼ିର ଅଭ୍ୟୁଦୟ ହୋଇଥିବା ଏହି ଖବରକାଗଜ ଉଲ୍ଲେଖ କରିଛି। ଜୁମର୍ସମାନଙ୍କୁ ଦେଶରେ ବିଶ୍ୱ ସମ୍ପର୍କରେ ସଂଶୟୀ ରୂପେ ଦେଖାଯାଇଥାଏ। ରାଜନୀତି, ଧର୍ମ, ପ୍ରଥା ଓ ପରମ୍ପରାରେ ସେମାନଙ୍କ କୌଣସି ଆଗ୍ରହ ନ ଥିବା କୁହାଯାଏ। ସେମାନେ ନିଜ ମା'ବାପା ଓ ପୂର୍ବପୁରୁଷଙ୍କ ତୁଳନାରେ ବାହ୍ୟ ଦୁନିଆ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ କରିଥାଆନ୍ତି। ଅନ୍‌ଲାଇନ୍ ସୋସିଆଲ ମିଡିଆ ଏହି ଗୋଷ୍ଠୀକୁ ନିଜ ଅସନ୍ତୋଷର ସ୍ୱର ଉତ୍ତୋଳନ ପାଇଁ ଏକ ପ୍ଲାଟଫର୍ମ ବା ମଞ୍ଚ ଯୋଗାଇଛି। ୱାଶିଂଟନସ୍ଥିତ ମିଡିଲ୍ ଇଷ୍ଟ୍ ଇନ୍‌ଷ୍ଟିଚ୍ୟୁଟ୍ ନିକଟରେ ଇରାନର ଜେନ୍ ଜେଡ୍ ଜନସଂଖ୍ୟାକୁ ନେଇ ଏକ ବିଶ୍ଳେଷଣ କରିଥିଲା। ଏହି ପିଢ଼ି କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିବା ସହ ସମାଜର ଲକ୍ଷ୍ମଣରେଖାକୁ ଲଂଘୁଥିବା ଏବଂ ଧର୍ମ, ଆଇନ ତଥା ନୀତି ନିୟମକୁ ମାନିବା ପାଇଁ ଅନିଚ୍ଛୁକ ଥିବା ଉକ୍ତ ସଂସ୍ଥା ଏହି ବିଶ୍ଳେଷଣରୁ ଜାଣିବାକୁ ପାଇଛି। ମହସା ଅମିନୀଙ୍କୁ ରାଷ୍ଟ୍ର ପ୍ରାୟୋଜିତ ହତ୍ୟାର ପ୍ରତିବାଦକୁ ନେଇ ଅଧିକାରୀମାନଙ୍କ ସହ ଏହା ପ୍ରଥମ ସଂଘର୍ଷ ନୁହେଁ ବୋଲି ଜେନ୍ ଜେଡ୍ ବିବେଚନା କରେ।



**ମନ୍ଦାକିନୀ କର ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା**

ଭୁବନେଶ୍ୱର,୧୧।୧୦(ବ୍ୟୁରୋ): ରାଜ୍ୟ ସରକାର ମଙ୍ଗଳବାର ମନ୍ଦାକିନୀ କରଙ୍କୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ଭାବେ ନିଯୁକ୍ତି ଦେଇଛନ୍ତି। ଗତ ରବିବାର ରାଜ୍ୟ ସରକାର ବିଭିନ୍ନ ନିଗମ ଓ ବୋର୍ଡର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ବିଜେଡିର ବହୁ ନେତାଙ୍କୁ ନିଯୁକ୍ତି ଦେବାର ୨ ଦିନ ପରେ କରଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ପୂର୍ବରୁ ସେ ଓଏସ୍‌ସିପିସିଆର୍‌ର ସଦସ୍ୟା ଥିଲେ। ରାଜ୍ୟ ସରକାର ଶିଶୁ ଅଧିକାର ସୁରକ୍ଷା କମିଶନ ଆଇନ ୨୦୦୫ର ସେକ୍ସନ-୧୭ ଅନୁଯାୟୀ ଓଏସ୍‌ସିପିସିଆର୍ ଗଠନ କରିଛନ୍ତି। ଏହା ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନ୍‌ସିପିସିଆର), ବିଭିନ୍ନ ବିଭାଗ ଓ ଅନ୍ୟ ରାଜ୍ୟର କମିଶନଙ୍କ ସହ ମିଶି କାର୍ଯ୍ୟ କରୁଛି।

# ନିଶା ଦେଇ ନଗ୍ନ ଭିଡିଓ କରିଥିଲେ ଅର୍ଚ୍ଚନା

## ପଦାକୁ ଆସିଲା ପୀଡ଼ିତାଙ୍କ ଏତଲା କପି

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ତଥା ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କ ଗିରଫ ଘଟଣାକୁ ୫ ଦିନ ବିତିଛି। ଦିନ ବଢ଼ିବା ସହ ଏହି ବ୍ଲାକ୍‌ମେଲରଙ୍କ ଗୋଟିଏ ପରେ ଗୋଟିଏ କଳା କାରନାମା ସାମ୍ନାକୁ ଆସୁଛି। ଅର୍ଚ୍ଚନାଙ୍କ ବ୍ଲାକ୍‌ମେଲର ଶିକାର ହୋଇଥିବା ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଦେଇଥିବା ଏତଲା କପି ସୋମବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅର୍ଚ୍ଚନା କିପରି ତାଙ୍କୁ ୩ କୋଟି ଟଙ୍କା ମାଗିବା ସହ ତାଙ୍କୁ ଖଣ୍ଡ ଖଣ୍ଡ କରି କାଟିଦେବାକୁ ହତ୍ୟା ଧମକ ଦେଇଥିଲେ ତାହା ଜଣାପଡ଼ିଥିଲା। ଏବେ ଖଣ୍ଡଗିରି ଥାନାରେ ଅର୍ଚ୍ଚନାଙ୍କ ନାମରେ ଅଭିଯୋଗ ଆଣିଥିବା ଜଣେ ପୀଡିତା ଯୁବତୀଙ୍କ ଏତଲା କପିରୁ ଆଉଏକ ଚାଞ୍ଚଲ୍ୟକର କଥା ସାମ୍ନାକୁ ଆସିଛି। ନିଶା ଦେଇ ନଗ୍ନ ଭିଡ଼ିଓ କରିବା ପରେ ଉକ୍ତ ଯୁବତୀଙ୍କୁ ବ୍ଲାକମେଲ କରି ବଡ଼ବଡ଼ିଆଙ୍କ ସହ ଖରାପ ସମ୍ପର୍କ ରଖିବାକୁ ବାଧ୍ୟକରିଥିଲେ ବୋଲି ଜଣାପଡ଼ିଛି। ୨୦୧୮ରେ ଚାକିରି ଖୋଜିବା ପାଇଁ ଭୁବନେଶ୍ୱର ଆସିଥିବାବେଳେ ଅର୍ଚ୍ଚନାଙ୍କ ସହ ଉକ୍ତ ଯୁବତୀଙ୍କର ପରିଚୟ ହୋଇଥିଲା। ଖଣ୍ଡଗିରି ଜାଗମରାସ୍ଥିତ ଜଗନ୍ନାଥ ବିହାରରେ ଗୋଟିଏ କୋଠାରେ ଘରଭଡ଼ା ନେଇ ରହୁଥିବାରୁ ଉଭୟଙ୍କ ସମ୍ପର୍କ ଘନିଷ୍ଠ ହୋଇଥିଲା। ଦିନେ ରାତିରେ ଅର୍ଚ୍ଚନା ଓ ଜଗବନ୍ଧୁ ପାର୍ଟି ନାଁରେ ନିଶା ପାନୀୟ ପିଆଇ ଅଚେତ କରିବା ପରେ ତାଙ୍କର ନଗ୍ନ ଭିଡିଓ ପ୍ରସ୍ତୁତ କରିଥିଲେ। ଏହି ଭିଡିଓ ଜରିଆରେ ତାଙ୍କୁ ବ୍ଲାକମେଲ କରିଥିଲେ। ଅର୍ଚ୍ଚନା ଗତ ଏପ୍ରିଲରେ ଅକ୍ଷୟ ପରିଜାଙ୍କ ମୋବାଇଲ ନମ୍ବର ଦେଇ ତାଙ୍କୁ ଫଶାଇବାକୁ କହିଥିଲେ। ଏପରିକି ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱର ଅନେକ ଲୋକଙ୍କଠାରୁ ବଳପୂର୍ବକ କୋଟି କୋଟି ଟଙ୍କା ଆଦାୟ କରିଥିଲେ ବୋଲି ପୀଡିତା ତାଙ୍କ ଏତଲାରେ ଦର୍ଶାଇଥିଲେ। ପୋଲିସ ଏସବୁକୁ ଗଣମାଧ୍ୟମକୁ ଲୁଚାଇଥିଲେ ମଧ୍ୟ ଏତଲା କପି ଏସବୁକୁ ପଦାରେ ପକାଇ ଦେଇଛି।

### ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେଲେ ଅର୍ଚ୍ଚନା

ଜାମିନ ଆବେଦନର ବିଚାର ପାଇଁ ଅର୍ଚ୍ଚନାଙ୍କୁ ତାଙ୍କ ଓକିଲ ସମ୍ପର୍କରେ ସ୍ପଷ୍ଟ କରିବାକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ମଙ୍ଗଳବାର ବ୍ୟକ୍ତିଗତ ହାଜିରା ଦେବାକୁ ନିର୍ଦ୍ଦେଶ ଥିଲା। ହେଲେ ସୁରକ୍ଷା ଦୃଷ୍ଟିରୁ ଭିଡିଓ କନ୍‌ଫରେନ୍ସରେ ଅର୍ଚ୍ଚନା ହାଜର ହୋଇଥିଲେ। ତାଙ୍କ ପକ୍ଷରୁ ୨ଜଣ ଓକିଲ ପାୱାର ଫାଇଲ କରିଥିଲେ। ଉଭୟଙ୍କ ମଧ୍ୟରୁ ସେ କାହାକୁ ରଖିବାକୁ ଚାହୁଁଛନ୍ତି ସେନେଇ କୋର୍ଟ ଅର୍ଚ୍ଚନାଙ୍କୁ ପଚାରିଥିଲେ। ଓକିଲ ଦେବାଶିଷ ମାହାପାତ୍ର ତାଙ୍କ ପକ୍ଷରୁ ମାମଲାରେ ପରିଚାଳନା କରିବେ ବୋଲି ଅର୍ଚ୍ଚନା ସ୍ପଷ୍ଟ କରିଥିଲେ।

### ଖଗେଶ୍ୱରଙ୍କୁ ପୋଲିସର ଅନୁକମ୍ପାକୁ ନେଇ ଚର୍ଚ୍ଚା

ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ମୁଖ୍ୟ ସହଯୋଗୀ ଥିଲେ ଖଗେଶ୍ୱର। ବ୍ଲାକ୍‌ମେଲିଂ ଟଙ୍କାରେ ପଲାଶୁଣୀରେ ଜଗବନ୍ଧୁଙ୍କ ସହ ସେକେଣ୍ଡ ହ୍ୟାଣ୍ଡ୍ କାର୍ ଶୋରୁମ୍ କରିଥିବା ଚର୍ଚ୍ଚା ହେଉଛି। ଏପରିକି ସତ୍ୟବିହାରରେ ମଧ୍ୟ ଅର୍ଚ୍ଚନାଙ୍କ ବିଳାଶମୟ ଘରକୁ ଲାଗି ଖଗେଶ୍ୱର ବିପୁଳ ଟଙ୍କା ଖର୍ଚ୍ଚ କରି ଘର ତିଆରି କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୀଡିତାଙ୍କ ଏତଲାରେ ଖଗେଶ୍ୱରଙ୍କ ନାଁ ମଧ୍ୟ ରହିଛି। ହେଲେ ପୋଲିସ ଖଗେଶ୍ୱରଙ୍କୁ ଅନୁକମ୍ପା ଦେଖାଇ କେବଳ ପଚରାଉଚରା କରି ଛାଡ଼ି ଦେଇଥିବାରୁ ଆଉଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି, ଖଗେଶ୍ୱରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ପ୍ରମାଣ ମିଳିଲେ ତାଙ୍କ ଉପରେ ଦୃଢ଼ ପଦକ୍ଷେପ ନିଆଯିବ।

### ଅର୍ଚ୍ଚନାଙ୍କ ନାଁରେ ୧୬ ଦଫା

ଅର୍ଚ୍ଚନାଙ୍କ ନାଁରେ ମାନବ ଚାଲାଣ, ନିଶା ବା ବିଷ ଦେବା, ଧମକାଇ ଟଙ୍କା ଆଦାୟ କରିବା, ଠକେଇ, ସମ୍ପତ୍ତି ହଡ଼ପ କରିବା ଆଦି ୧୬ ଦଫା ଲାଗିଛି। ସେଗୁଡ଼ିକ ହେଲା ଆଇପିସି ଦଫା ୩୪୧, ୩୨୮, ୩୨୪, ୩୫୪(ସି), ୩୭୦, ୩୮୬, ୩୮୭, ୩୮୮, ୩୮୯, ୪୧୯, ୪୨୦, ୪୬୫, ୫୦୬, ୧୨୦ (ବି) ଏବଂ ଆଇଟି ଆକ୍ଟର ଦଫା ୬୬ (ଇ) ଓ ୭୭। ହେଲେ କୋର୍ଟରେ ଏହାର ତଥ୍ୟ ଓ ପ୍ରମାଣ ରଖିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହେବ।




### ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏନ୍‌ଏଚ୍‌ଆର୍‌ସିରେ ମାମଲା

ଗିରଫ ପରଠାରୁ ଅର୍ଚ୍ଚନାଙ୍କ କଳାକାର୍‌ନାମା ଓ ବ୍ଲାକ୍‌ମେଲିଂ ଟଙ୍କାରେ ବିଳାଶମୟ ଜୀବନ ବିତାଇ ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିବାବେଳେ ଏହାକୁ ନେଇ 'ନ୍ୟାୟ ପାଇଁ ଲଢ଼େଇ ପରିବାର' ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁବ୍ରତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଅର୍ଚ୍ଚନାଙ୍କ ପଛରେ ବଡ଼ ବଡ଼ିଆ ନେତା, ସରକାରୀ ଅଫିସର ରହିଥିବା ଚର୍ଚ୍ଚା ହେଉଛି। ପୋଲିସ ନୀରବଦ୍ରଷ୍ଟା ସାଜିଛି। ଏହି ଘଟଣାରେ କମିଶନଙ୍କ ଟିମ୍ ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ୩,୪୬୫ ବିଦ୍ୟାଳୟରେ ନୂଆ ପ୍ରକଳ୍ପ

**'ମୋ ସ୍କୁଲ୍ ଅଭିଯାନ'ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

- **୭୬୯ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ**
- **ରୂପାନ୍ତରିତ ସ୍କୁଲ୍‌ରେ 'ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଷ୍ଟାବିଲାଇଜେଶନ ପ୍ରୋଗ୍ରାମ'**

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

'ମୋ ସ୍କୁଲ୍ ଅଭିଯାନ' ଆସନ୍ତା ନଭେମ୍ବର ୧୪ ତାରିଖରେ ୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ଏହି ଅବସରରେ ରାଜ୍ୟ ଓ ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଅଭିଯାନର ୩୬ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ୨୯ ଜିଲାର ମୋଟ ୭୬୯ କୋଟି ୭୦ ଲକ୍ଷ ଟଙ୍କାର ନୂଆ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତା ରହିଛି। ଏହା ୩,୪୬୫ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ବିନିଯୋଗ ହେବ। ଏଥିସହ ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଉପଲବ୍ଧ ଭିତ୍ତିଭୂମିର ଉପଯୁକ୍ତ ବ୍ୟବହାର ନିମନ୍ତେ ୯୦ ଦିନିଆ 'ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଷ୍ଟାବିଲାଇଜେଶନ ପ୍ରୋଗ୍ରାମ' ଆରମ୍ଭ ହୋଇଛି। ଉପଲବ୍ଧ ହୋଇଥିବା ଅତ୍ୟାଧୁନିକ ସୁବିଧାସୁଯୋଗ ଯେପରି ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିବ, ସେ ନେଇ ନଭେମ୍ବର ୧୦ ସୁଦ୍ଧା ରିପୋର୍ଟ ଦେବାକୁ ସ୍କୁଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ୩ୟ ପର୍ଯ୍ୟାୟ ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସ୍କୁଲ୍‌ଗୁଡ଼ିକରେ ବେସ୍‌ଲାଇନ୍ ସର୍ଭେ କରାଯିବ ଓ ପ୍ରଧାନଶିକ୍ଷକଙ୍କ ସହ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯିବ।

ଅନ୍ୟପକ୍ଷରେ ଚଳିତବର୍ଷଠାରୁ ସର୍ଭିସ୍ ଭଲ୍ୟୁଣ୍ଟିୟରିଂକୁ ସର୍ବାଧିକ ପ୍ରୋତ୍ସାହନ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେବା ପ୍ରଦାନ ମାଧ୍ୟମରେ 'ମୋ ସ୍କୁଲ୍' ସହ ଯେପରି ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ର ଯୋଡ଼ି ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ନିଜର ଦକ୍ଷତା, ଜ୍ଞାନକୌଶଳ ଓ ଅଭିଜ୍ଞତା ଅନୁଯାୟୀ ସେମାନେ ଭବିଷ୍ୟତ ପିଢ଼ିଙ୍କୁ ମାର୍ଗଦର୍ଶନ କରିବେ। 'ମୋ ସ୍କୁଲ୍' ତତ୍ତ୍ୱାବଧାନରେ ପ୍ରତି ଜିଲାର ଜିଲାପାଳ ଏବଂ 'ମୋ ସ୍କୁଲ୍' ଜିଲାସ୍ତରୀୟ କମିଟି ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସେହିଭଳି ୫ବର୍ଷ ପୂର୍ତ୍ତି ଅବସରରେ ଚଳିତବର୍ଷ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ 'ମୋ ସ୍କୁଲ୍' ଅଂଶଗ୍ରହଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବ। 'ମିଟ୍ ଦି ପର୍ସନାଲିଟି' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଶାର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ ଭାବର ଆଦାନପ୍ରଦାନ କରିବାକୁ ସୁଯୋଗ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ପାକିସ୍ତାନରେ ମାଲାଲା

**୧୦ ବର୍ଷ ତଳେ ତାଲିବାନ୍ ଆକ୍ରମଣ କରିଥିଲା କରାଚୀ,**

୧୧।୧୦: ତାଲିବାନ୍‌ର ମରଣାନ୍ତକ ଆକ୍ରମଣରୁ ବର୍ତ୍ତିବାର ୧୦ ବର୍ଷ ପରେ ନୋବେଲ ଶାନ୍ତି ବିଜୟିନୀ ମାଲାଲା ୟୁସଫଜାଇ ମଙ୍ଗଳବାର ସ୍ୱଦେଶ ପାକିସ୍ତାନରେ ପହଞ୍ଚିଛନ୍ତି। ସେଠାରେ ସେ ବନ୍ୟା ପ୍ରପୀଡ଼ିତଙ୍କୁ ଭେଟି ତାଙ୍କ ଦାତବ୍ୟ ସଂସ୍ଥା ମାଲାଲା ଫଣ୍ଡ୍‌ରୁ ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି। ପାକିସ୍ତାନରେ ପ୍ରଳୟଙ୍କାରୀ ବନ୍ୟା ଦେଶର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଥିବାବେଳେ ଲୋକେ ବହୁ ଦୁର୍ଦ୍ଦଶା ମଧ୍ୟରେ ଦିନ କାଟୁଛନ୍ତି। ବନ୍ୟା ଯୋଗୁ ଦେଶର ପ୍ରାୟ ୨୮ ବିଲିୟନ ଡଲାର କ୍ଷତି ହୋଇଥିବା ଆକଳନ କରାଯାଇଛି। ୨୦୧୪ରେ ମାଲାଲାଙ୍କୁ ୧୫ ବର୍ଷ ହେଉଥିବାବେଳେ ଝିଅମାନଙ୍କ ଶିକ୍ଷା ପାଇଁ ସେ ନିଜ ଦେଶରେ ସଚେତନତା ସୃଷ୍ଟି କରୁଥିଲେ। ଏହି ସଂସ୍କାରମୂଳକ ପଦକ୍ଷେପ ଯୋଗୁ ରୁଢ଼ିବାଦୀ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ ମାଲାଲାଙ୍କୁ ଆକ୍ରମଣ କରିଥିଲା। ଅନେକ ମାସ ଧରି ଜୀବନ ସହ ସଂଗ୍ରାମ କରିବା ପରେ ସୁସ୍ଥ ହୋଇ ସେ ବ୍ରିଟେନରେ ରହୁଛନ୍ତି। ଏହି ଆକ୍ରମଣ ପରେ ମାଲାଲା ୟୁସଫଜାଇ ସାରା ବିଶ୍ୱରେ ନାରୀ ଶିକ୍ଷାର ପ୍ରତୀକ ପାଲଟିଯାଇଥିଲେ।



# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

**ପ୍ରଥମ ଦିନରେ ନାମ ଲେଖାଇଲେ ୧୨,୧୯୪**

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ରାଜ୍ୟରେ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୨,୧୯୪ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ନାମଲେଖା ପାଇଁ ରାଜ୍ୟରେ ୨,୦୬୬ ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୦୯,୧୩୦ ସିଟ୍ ରହିଛି। ପୂର୍ବରୁ ୩,୭୨,୦୦୫ରେ ସିଟ୍ ନାମଲେଖା ହୋଇଥିଲା। ୧,୩୭,୧୨୫ ସିଟ୍ ବଳକା ପଡ଼ିଥିଲା। ପ୍ରଥମ ଦିନରେ ୧୨,୧୯୪ ଜଣ ନାମ ଲେଖାଇବା ପରେ ଆଉ ୧,୨୪,୯୩୧ ସିଟ୍ ଖାଲିପଡ଼ିଛି। କଳାରେ ୩୬,୮୦୦ ସିଟ୍, ବିଜ୍ଞାନରେ ୫୫,୪୬୫, ବାଣିଜ୍ୟରେ ୨୦,୭୯୫, ସଂସ୍କୃତରେ ୬,୩୫୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୫୧୯ ସିଟ୍ ଖାଲି ପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆସନ୍ତା ୧୩ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ ନାମଲେଖା ପାଇଁ ୧୮ ତାରିଖ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୧୮ ତାରିଖ ଅପରାହ୍ନ ସାଢ଼େ ୨ଟାରୁ ୧୯ତାରିଖ ଅପରାହ୍ନ ୪ଟା ଭିତରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ପଞ୍ଜୀକରଣ କରିପାରିବେ। ୨୦ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ୨୦ତାରିଖ ଅପରାହ୍ନ ୨ଟାରୁ ୨୧ତାରିଖ ଅପରାହ୍ନ ୪ଟା ମଧ୍ୟରେ ନାମ ଲେଖାଇବେ। ସୂଚନାଯୋଗ୍ୟ, ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇସାରିଥିବା ବେଳେ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଯାଇଛି।

# ବର୍ଜ୍ୟଜଳରୁ ଜାଣିହେବ କୋଭିଡ୍ ସ୍ଥିତି

- **ଗବେଷଣା କରିବ ଆର୍‌ଏମ୍‌ଆର୍‌ସି**
- **ପ୍ରଥମ ପର୍ଯ୍ୟାୟରେ ୩ ସହରରେ ହେବ ଅଧ୍ୟୟନ**

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ବର୍ଜ୍ୟଜଳରୁ କିପରି କୋଭିଡ୍ ସ୍ଥିତି ଜାଣିହେବ ସେ ନେଇ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି) ଗବେଷଣା କରିବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। କୋଭିଡ୍ କ୍ଷେତ୍ରରେ ଏଭଳି ଅଧ୍ୟୟନର ଗୁରୁତ୍ୱ ରହିଥିବା ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ପକ୍ଷରୁ କୁହାଯାଇଛି। ତେଣୁ ଆମ ରାଜ୍ୟରେ ରୋଗ ଉପଦ୍ରବ ସ୍ଥିତି ଜାଣିବା ନିମନ୍ତେ ଏଭଳି ଗବେଷଣା କରାଯିବ। ଅଧ୍ୟୟନରେ କୋଭିଡ୍ ସମେତ ହଇଜା, ଜଣ୍ଡିସ୍ ଆଦି ରୋଗର ସଂକ୍ରମଣ ବୃଦ୍ଧି ସ୍ଥିତି ଜାଣି ହେବ। ଫଳରେ ସରକାର ଶୀଘ୍ର ଓ ଆଗୁଆ ଏହାର ନିରାକରଣ ପ୍ରସ୍ତୁତି କରିପାରିବେ। ଆଇସିଏମ୍‌ଆର୍ କହିବାନୁସାରେ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ଅଧ୍ୟୟନ କରିବା ପାଇଁ ଆର୍‌ଏମ୍‌ଆର୍‌ସିକୁ ଦାୟିତ୍ୱ ଦେଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଆର୍‌ଟି-ପିସିଆର୍ ଟେଷ୍ଟ ମାଧ୍ୟମରେ ସାମ୍ପଲ ଟେଷ୍ଟ କରାଯିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରରେ ଅଧ୍ୟୟନ ହେବ। ପରେ ରାଉରକେଲା ଓ ଅନ୍ୟ ସହରରେ ଏଭଳି ପରୀକ୍ଷଣ କରାଯିବ। ଆମ ଦେଶର ବିଭିନ୍ନ ରାଜ୍ୟର ସହରଗୁଡ଼ିକରେ ଏଭଳି ଅଧ୍ୟୟନ କରାଯାଇ କୋଭିଡ୍ ସ୍ଥିତି ଜାଣି ହେଉଛି। ଯାହା ଫଳରେ କୋଭିଡ୍‌ର ପରବର୍ତ୍ତୀ ଲହର ନେଇ ଅନୁମାନ ଲଗାଯାଇପାରୁଛି। ତେଣୁ ଓଡ଼ିଶାରେ ଏଭଳି ଅଧ୍ୟୟନର ଯଥେଷ୍ଟ ଗୁରୁତ୍ୱ ରହିଛି। କେଉଁଠାରୁ, କେତେ ପରିମାଣର ନମୁନା ସଂଗ୍ରହ କରାଯିବ, ସେନେଇ ଆଇସିଏମ୍‌ଆର୍ ଗାଇଡ୍‌ଲାଇନ୍ ଅନୁଯାୟୀ ଆର୍‌ଏମ୍‌ଆର୍‌ସି କାମ କରିବ। ସ୍ଥିତି ଆଧାରରେ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ସମୟରେ ଆବଶ୍ୟକ ନୀତି ନିର୍ଦ୍ଧାରଣ କରାଯିବ। ତେବେ ଆର୍‌ଏମ୍‌ଆର୍‌ସି କେବେ କାମ ଆରମ୍ଭ କରିବ ଖୁବ୍‌ଶୀଘ୍ର ଏହା ଜଣାପଡ଼ିବ ବୋଲି ନିରଞ୍ଜନ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଗତମାସରେ ଏ ନେଇ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶକ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଓ କଟକ ଏସ୍‌ସିବି ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତ ଥିଲେ।



## ପ୍ରଥମ ପୃଷ୍ଠାରୁ...

### ଜେନ୍ ଜେଡ୍‌ର ...

ଥିବାବେଳେ ଠିକ୍ ଢଙ୍ଗରେ ହିଜାବ ପିନ୍ଧି ନ ଥିବା ଦର୍ଶାଇ କୁଖ୍ୟାତ ମୋରାଲିଟି ପୋଲିସ (ଧର୍ମୀୟ ବ୍ୟାପାର ପୋଲିସ) ତାଙ୍କୁ ଗିରଫ କରିଥିଲା। ଝିନା ରୂପେ ପରିଚିତ ମହସାଙ୍କୁ ଭୋଜାରା ଡିଟେନ୍‌ଶନ ସେଣ୍ଟରକୁ ନିଆଯାଉଥିବାବେଳେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଏହାର ୩ ଦିନ ପରେ ମହସାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ତାଙ୍କ ମୁଣ୍ଡରେ ଲାଠିରେ ପ୍ରହାର କରିଥିଲା। ଏଥିସହ ମୁଣ୍ଡକୁ ଏକ ଗାଡ଼ିରେ ବାରମ୍ବାର ପିଟିବାରୁ ମହସାଙ୍କ ମୃତ୍ୟୁ ଘଟିଥିବା ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ଇରାନୀୟ ଅଧିକାରୀମାନେ ଅଭିଯୋଗକୁ ଖଣ୍ଡନ କରିବା ସହ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ସଫେଇ ଦେଇଛନ୍ତି। ମହସାଙ୍କ ମୃତ୍ୟୁ ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ତେହରାନ, ଇସ୍‌ଫାହନ, କରାଜ, ମଶହଦ, ରଶ୍‌ତ, ସକିସ୍ ଓ ସନାନ୍ଦଜ ସହରର ରାସ୍ତାକୁ ଅନେକ ହଜାର ଯୁବତୀ, ମହିଳା ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସୁରକ୍ଷା ବଳ ପେଲେଟ୍ ଗନ୍ ଓ ଲୁହବୁହା ବାଷ୍ପ ପ୍ରୟୋଗ କରି ସେମାନଙ୍କୁ ଘଉଡ଼ିବାକୁ ଉଦ୍ୟମ ଚଳାଇଛି। ମୋରାଲିଟି ପୋଲିସ ଓ ସଶସ୍ତ୍ର ବଳର ଗୁଳିମାଡ଼ରେ ଅକ୍ଟୋବର ୬ ସୁଦ୍ଧା ଅନ୍ୟୁନ ୧୩୩ ଜଣଙ୍କ ମୃତ୍ୟୁ ଘଟିଛି। ଅନେକ ଖବରଦାତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସର ଏହି ବର୍ବରତାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ନିଜ ୱେବ୍‌ସାଇଟ୍‌ରେ ଅକ୍ଟୋବର ୬ ସୁଦ୍ଧା ୩୫ ସାମ୍ବାଦିକଙ୍କୁ ଗିରଫ କରାଯାଇଥିବା ପ୍ରକାଶ କରିଛି। ଇରାନରେ ଇସ୍‌ଲାମିକ ରିଭୋଲ୍ୟୁଶନର ୪୩ ବର୍ଷ ପରେ ମହସାଙ୍କ ମୃତ୍ୟୁକୁ ନେଇ ପୁଣିଥରେ ସରକାର ବିରୋଧୀ ବୃହତ୍ ଆନ୍ଦୋଳନ ଜୋର୍ ଧରିଛି। କିନ୍ତୁ ଆଜି ଯାହା ଘଟୁଛି ପୂର୍ବ ଆନ୍ଦୋଳନ ସହ ତାହାର ମୌଳିକ ପ୍ରଭେଦ ରହିଛି।

**ଶାସନ ବିରୋଧରେ ଲଢ଼େଇ**

୨୦୧୪ରେ ସୁନାମଧନ୍ୟ ପପ୍ ସିଙ୍ଗର ମୋର୍ତେଜା ପଶେଇଙ୍କ ମୃତ୍ୟୁ ପରେ ତାଙ୍କ ଶେଷକୃତ୍ୟରେ ଅନେକ ଲକ୍ଷ ଯୁବତୀଯୁବକ ସାମିଲ ହୋଇଥିଲେ। ଏହା ପୂର୍ବରୁ ଇସ୍‌ଲାମୀୟ ମୂଲ୍ୟବୋଧ ପ୍ରତି ବିପଦ ବିବେଚିତ ଜଣେ ମ୍ୟୁଜିକ୍ ଆଇକନ୍‌ଙ୍କ ମୃତ୍ୟୁ ପରେ ଏତେ ବିଶାଳ ସମାବେଶ ଦେଖିବାକୁ ମିଳି ନ ଥିଲା। ଏହା ପରେ କିଛି ବର୍ଷ ଧରି ଯୁବପିଢ଼ିଙ୍କ ଅନେକ ସମାବେଶକୁ ପୋଲିସ ଭଙ୍ଗ କରିଦେଇଥିଲା। ସେଥିରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିଥିଲା। ବର୍ତ୍ତମାନ ଜେନ୍ ଜେଡ୍ ନେତୃତ୍ୱାଧୀନ ଦେଶବ୍ୟାପୀ ଆନ୍ଦୋଳନକୁ ନେଇ ଶାସକ ବିସ୍ମିତ ହେବାର କାରଣ ନାହିଁ। ଗତ କିଛି ବର୍ଷ ହେଲା ଶିକ୍ଷାନୁଷ୍ଠାନ ଓ ଗବେଷକମାନଙ୍କ ପକ୍ଷରୁ ଅନେକ ଥର ଏନେଇ ସତର୍କତା ଜାରି କରାଯାଇଥିଲା। ୨୦୧୭ ଡିସେମ୍ବରରେ ସମାଜବିଜ୍ଞାନୀ ସଇଦ ରଜାଭି ଫକିହ ଇରାନର ଜେନ୍ ଜେଡ୍ ସମ୍ପର୍କରେ ଏକ ନିବନ୍ଧ ପ୍ରକାଶ କରିଥିଲେ। ସେ ଲେଖିଥିଲେ, ଏହି ନୂଆ ଜେନେରେଶନର ଦାବି, ଧାରା ଓ ମତ ସମ୍ପୂର୍ଣ୍ଣ ଭିନ୍ନ। ଦେଶର ପ୍ରଶାସନ, ଅଧିକାରୀ ତଥା ପରିଚାଳକଙ୍କ ଆଭିମୁଖ୍ୟ ସହ ସେଗୁଡ଼ିକ ଆଦୌ ମେଳ ଖାଉ ନ ଥିବା ସେ ଦର୍ଶାଇଥିଲେ। ଏହି ପିଢ଼ି ନିଜ ରାଜନୈତିକ ଶକ୍ତିକୁ ହୃଦୟଙ୍ଗମ କରିବା ପର୍ଯ୍ୟନ୍ତ ଅପେକ୍ଷା କର। ସେମାନେ ସବୁକିଛି ବଦଳାଇଦେବେ ବୋଲି ସଇଦ ସତର୍କ କରାଇଥିଲେ। ୨୦୧୮ ପ୍ରାରମ୍ଭରେ ଇରାନରେ ୧ ଦଶନ୍ଧି ମଧ୍ୟରେ ସର୍ବାଧିକ ବ୍ୟାପ୍ତ ଗଣବିକ୍ଷୋଭ ଦେଖିବାକୁ ମିଳିଥିଲା। ସରକାର ସମର୍ଥିତ ଅଫିସ ଅଫ୍ କଲ୍‌ଚରାଲ ଷ୍ଟଡିଜ୍ ପକ୍ଷରୁ କରାଯାଇଥିବା ତଦନ୍ତରୁ ଜଣାଯାଇଛି ଯେ, ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅସନ୍ତୋଷ ସମେତ ଏହି ଇସ୍‌ଲାମିକ୍ ରିପବ୍ଲିକ୍ ଏବେ ଏକ ନୂଆ ସମସ୍ୟାକୁ ସାମ୍ନା କରୁଛି। ତାହା ହେଉଛି ପିଢ଼ିଗତ ବ୍ୟବଧାନ।

ସଦ୍ୟ ବିକ୍ଷୋଭ ଏକ ଭିନ୍ନ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ଅନେକ ଲକ୍ଷ ଇରାନୀୟଙ୍କୁ ନିର୍ବାସିତ ଜୀବନ ବିତାଇବାକୁ ବାଧ୍ୟ କରିଛି। ସେପ୍ଟେମ୍ବର ୨୪ ଓ ୨୫ ତାରିଖରେ ଲସ୍ ଏଞ୍ଜେଲେସ୍‌ରେ ଲକ୍ଷାଧିକ ଇରାନୀୟ ସରକାର ବିରୋଧୀ ଆନ୍ଦୋଳନ ସପକ୍ଷରେ ବାହାରି ଏକତ୍ରିତ ହୋଇଥିଲେ। ଇରାନ ନେତୃତ୍ୱ ଏଥିପାଇଁ ଆନ୍ଦୋଳନ ପଛରେ ଶତ୍ରୁରାଷ୍ଟ୍ର ଆମେରିକାର ହାତ ଥିବା ସମାଲୋଚନା କରିଛନ୍ତି। କିନ୍ତୁ ବାସ୍ତବରେ ଜେନ୍ ଜେଡ୍ ବିକ୍ଷୋଭକାରୀମାନେ ନିଜ ଜୀବନକୁ ବାଜି ଲଗାଇ ଏହାର ନେତୃତ୍ୱ ନେଉଛନ୍ତି। ସେମାନଙ୍କ ସ୍ୱପ୍ନଗୁଡ଼ିକ କେତେଦିନ ଯାଏ ଭଙ୍ଗ ହେଉଥିବ? ଏକବିଂଶ ଶତାବ୍ଦୀରେ ଇରାନ ଶାସକ ନିଜ ଲୋକମାନଙ୍କୁ ସବୁଦିନ ନିରାଶ କରିପାରିବେ ନାହିଁ।

### ମାନ୍ଦାବସ୍ଥା ଜଳଜଳ...

ଗଣମାଧ୍ୟମଗତ ସେପ୍ଟେମ୍ବର ମଧ୍ୟଭାଗରେ ଦର୍ଶାଇଥିଲେ। ଆମେରିକା, ଚାଇନା, ଜାପାନ ଓ ଜର୍ମାନୀ ପରେ ପଞ୍ଚମରେ ବ୍ରିଟେନ ଥିବାବେଳେ ଭାରତ ଏହି ସ୍ଥାନକୁ ଉନ୍ନୀତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ, ଭାରତ ୧ ଦଶନ୍ଧି ମଧ୍ୟରେ ଏକାଦଶ ସ୍ଥାନରୁ ପଞ୍ଚମ ପାହ୍ୟାକୁ ଉଠିବା କମ୍ କଥା ନୁହେଁ। ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ବଡ଼ ସଫଳତା। ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତାଙ୍କ ମତରେ ଭାରତ ଖୁବ୍‌ଶୀଘ୍ର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବାକୁ ଯାଉଛି। ସମ୍ଭବତଃ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ସ୍ୱପ୍ନକୁ ଦେଖି ଏପରି ମନ୍ତବ୍ୟ ଦେଇଥିଲେ। କାରଣ ବାସ୍ତବ ସ୍ଥିତି ଉପରେ ନଜର ପକାଇଲେ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଗତ ମାସରେ ଦେଶରେ ବେକାରି ହାର ୮.୨% ରହିଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ଦର୍ଶାଇଥିଲା, ଯାହାକି ୨୦୧୪ରେ ୫.୪୪%ରେ ସୀମିତ ଥିଲା। ୨୦୧୪ ପୂର୍ବରୁ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ କେନ୍ଦ୍ରରେ ଭାଜପା କ୍ଷମତାସୀନ ହେଲେ ୧ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ୨୦୧୯ ନିର୍ବାଚନ ବେଳେ ସେ ନିଯୁକ୍ତି ପ୍ରତିଶ୍ରୁତି ସଂଖ୍ୟାକୁ ଅଢ଼େଇ କୋଟିକୁ ବଢ଼ାଇଦେଇଥିଲେ। ତାଙ୍କ ଶାସନ କାଳର ସାଢ଼େ ୮ ବର୍ଷ ମଧ୍ୟରେ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି ସେହି ତଥ୍ୟ ସରକାର ଦେଇପାରୁ ନ ଥିବାବେଳେ ୨୦୨୩ ସୁଦ୍ଧା ୧୦ ଲକ୍ଷ ଆଶାୟୀଙ୍କୁ କର୍ମନିଯୁକ୍ତି ପ୍ରଦାନ ନେଇ ନୂଆ ଘୋଷଣା କରିଛନ୍ତି। ଦେଶରେ ହୁ ହୁ ହୋଇ ବଢ଼ିଚାଲିଥିବା ଦରଦାମ ଉପରେ ଅଙ୍କୁଶ ଲଗାଇବା ପାଇଁ ଆର୍‌ବିଆଇ ପକ୍ଷରୁ ସେପ୍ଟେମ୍ବର ୩୦ରେ ପୁଣିଥରେ .୫୦% ରେପୋ ରେଟ୍ ବଢ଼ାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ୫ ମାସ ମଧ୍ୟରେ କ୍ରମାଗତ ଚତୁର୍ଥ ଥର ପାଇଁ ସୁଧହାର ୫.୪୦%ରୁ ୫.୯୦%କୁ ବୃଦ୍ଧି କରାଯାଇଛି। ୨୦୧୯ ଏପ୍ରିଲ ପରେ ଏହା ହେଉଛି ସର୍ବୋଚ୍ଚ ସୁଧହାର। ସେହିପରି ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୭.୮% ରହିବ ବୋଲି ପୂର୍ବରୁ ଆକଳନ କରାଯାଇଥିଲା। ଗତ ଏପ୍ରିଲରେ ଆର୍‌ବିଆଇ ଏହି ଅନୁମାନକୁ ୭.୨%କୁ ଖସାଇ ଦେଇଥିଲା। ବିଶ୍ୱ ବଜାରର ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ଆର୍‌ବିଆଇ ଏହାକୁ ବର୍ତ୍ତମାନ ୭%ରେ ସୀମିତ ରଖିଛି। ଗତ ଗୁରୁବାର ବିଶ୍ୱବ୍ୟାଙ୍କ ଏହି ହାରକୁ ୬.୫%କୁ ଖସାଇ ଦେଇଛି। ଏଥିସହ ମହାମାରୀ ଯୋଗୁ ୫.୬ କୋଟି ଭାରତୀୟ ଅତି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଥିବା ଦର୍ଶାଇଛି। ଅନ୍ୟ କେତେଜଣ ଅର୍ଥନୀତିଜ୍ଞଙ୍କ ମତରେ ମହାମାରୀଜନିତ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଭାରତୀୟଙ୍କ ପ୍ରକୃତ ସଂଖ୍ୟା ୨୭ରୁ ୩୦ କୋଟି ହେବ।

୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରିବାକୁ ପୂର୍ବରୁ ସରକାର ବାରମ୍ବାର ଦୋହରାଉଥିଲେ। ୨୦୨୨ ଶେଷ ହୋଇ ୨୦୨୩ ଆସିବାକୁ ଯାଉଛି, ସରକାର ଦୁଇଗୁଣା ଆୟ କଥା ଆଉ କହୁନାହାନ୍ତି। ଦେଶରେ ଚାଷୀ ଆତ୍ମହତ୍ୟା ବଢ଼ିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ କେବଳ ବିକାଶର ପରିସଂଖ୍ୟାନକୁ ବଢ଼ାଇ ଚଢ଼ାଇ ଭାଷଣ ଦେଉଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ତହସିଲ ଅଫିସଠୁ ନେଇ ସେନା ପର୍ଯ୍ୟନ୍ତ ଅନେକ ଲକ୍ଷ ପଦବୀ ଖାଲିପଡ଼ିଛି। ସଶସ୍ତ୍ର ବଳରେ 'ଅଗ୍ନିପଥ' ଭଳି ଠିକା ନିଯୁକ୍ତି ଦେଇ ଆର୍ଥିକ ବୋଝ କମାଇବା ପାଇଁ ଉଦ୍ୟମ ଚାଲିଛି। ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ କ୍ରମାଗତ ପୁଞ୍ଜି ପ୍ରତ୍ୟାହାର ସହ ସରକାରୀ ବ୍ୟାଙ୍କଗୁଡ଼ିକର ଘରୋଇକରଣ ପାଇଁ ଚାଲିଥିବା ପ୍ରୟାସ ବାସ୍ତବ ସ୍ଥିତି ଉପରୁ ପରଦା ହଟାଇଛି। ଏଭଳି ସମୟରେ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇଆଣିବା ଲାଗି କେନ୍ଦ୍ର କିମ୍ବା ଏହାର ସର୍ବୋଚ୍ଚ ପଲିସି ମ୍ୟାକିଂ ଥିଙ୍କଟ୍ୟାଙ୍କ ନୀତି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ଆୟୋଗ ପାଖରେ କୌଣସି ନୀତି ନାହିଁ। ଏହା ମଧ୍ୟରେ ଆର୍ଥିକ ମହାସଂଘାତର ପଦଧ୍ୱନି ଆଉ ଏକ ମାନ୍ଦାବସ୍ଥାର ସ୍ପଷ୍ଟ ସଙ୍କେତ ଦେଉଛି।

### ଆମେରିକାର ଗୋଲ୍ ....

ଆମେରିକାର ଆଧିପତ୍ୟ ଅବ୍ୟାହତ ରହିଥିଲା। ୫୧ତମ ମିନିଟରେ ଭାରତୀୟ ବଂଶୋଦ୍ଭବ ମିଆ ଭୂତାଙ୍କଠାରୁ ପାସ୍ ପାଇ ଇମ୍ରି ଦଳ ପକ୍ଷରୁ ୬ଷ୍ଠ ଗୋଲଟି ସ୍କୋର କରିଥିଲେ। ଏତିକିରେ ଭାରତର ଦୁର୍ଦ୍ଦଶା ସରି ନ ଥିଲା। ୫୯ତମ ମିନିଟରେ ଭାରତର କାଜଲ ଗୋଲ ଏରିଆ ମଧ୍ୟରେ ଫାଉଲ କରି ବସିବାରୁ ଆମେରିକାକୁ ପେନାଲ୍ଟି ଶୁଟ୍ ସୁଯୋଗ ମିଳିଥିଲା। ଟେଲର ସୁଆରେଜ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଏହାପରେ ଆସିଥିଲା ଭାରତୀୟ ବଂଶୋଦ୍ଭବ ମିଆ ଭୂତାଙ୍କ ପାଳି। ସେ କୋଲେରଙ୍କଠାରୁ ପାଇଥିବା ପାସ୍‌କୁ ଗୋଲକରି ୬୨ତମ ମିନିଟରେ ଆମେରିକାର ଅଗ୍ରଣୀକୁ ୮-୦ରେ ପହଞ୍ଚାଇ ଦେଇଥିଲେ। ମାନସିକ ସ୍ତରରେ ଭାଙ୍ଗି ପଡ଼ିବା ସହ ଭାରତୀୟ ଖେଳାଳିମାନେ କ୍ଳାନ୍ତ ହୋଇ ଯାଇଥିଲେ ହେଁ ଅବଶିଷ୍ଟ ସମୟ ଗୋଲ ବରଣରୁ ନିଜକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ଏଠାରେ ବିଜୟ ଫଳରେ ଆମେରିକା ପୂରା ୩ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ମରକ୍କୋକୁ ଭେଟିବ। ଗୋଆର ମାର୍ଗାଓରେ ଅନୁଷ୍ଠିତ ଗ୍ରୁପ୍ 'ବି'ର ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ୨-୧ ଗୋଲରେ ନାଇଜେରିଆକୁ ପରାସ୍ତ କରିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୨ ଅକ୍ଟୋବର, ୨୦୨୨



## ମହିଳାଙ୍କୁ ଘରେ ପଶି ଆକ୍ରମଣ ଅଭିଯୋଗ

ରାଉରକେଲା ଅଫିସ: ପ୍ଲାଣ୍ଟସାଇଟ ଥାନା ଗୁରୁଦ୍ୱାରା ରୋଡ ଅଞ୍ଚଳରେ ଜଣେ ମହିଳାଙ୍କୁ ଘରେ ପଶି ଆକ୍ରମଣ କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୯୯।୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ସକାଳ ୯ଟା ସମୟରେ ରାଉରକେଲା ଗୁରୁଦ୍ୱାରା ରୋଡର ମଞ୍ଜୁ ଅଗ୍ରୱାଲ(୩୯) ନିଜ ଝିଅ ସହ ଘରେ ଥିଲେ। ଏହି ସମୟରେ ୩ଜଣ ହଠାତ ତାଙ୍କ ଘରେ ପଶି ତାଙ୍କୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ସେଠାରୁ ମଞ୍ଜୁ କୌଶଳ କ୍ରମେ ଖସିଯାଇ ଥାନାରେ ଅଭିଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଗୁଲ୍‌ସାନ



@ ଜ୍ୟୋତିନ୍



@ ଦେବଦତ୍ତ



@ ମୁକେଶ



@ ପ୍ରିୟବ୍ରତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାହାଡିପଡ଼ା ବିସ୍ଥାପନ ନେଇ ବିଜେଡି-ଭାଜପା ମୁହାଁମୁହିଁ

ଝାରସୁଗୁଡ଼ା ଅଫିସ,୧୧।୧୦

ଝାରସୁଗୁଡା ପୌରାଞ୍ଚଳ ୧୬ନଂ ୱାର୍ଡର ପାହାଡିପଡା ବିସ୍ଥାପନକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ଦଳ ତରଫରୁ ମଙ୍ଗଳବାର ଖବରଦାତା ସମ୍ମିଳନୀ ମାଧ୍ୟମରେ ଆରୋପ ପ୍ରତ୍ୟାରୋପ କରିବାକୁ ପଛାଇନାହାନ୍ତି। ପାହାଡିପଡାବାସୀ ଦୀର୍ଘ ୫୦ବର୍ଷ ହେଲାଣି ଗ୍ରାମ୍ୟ ଜଙ୍ଗଲ ସରକାରୀ ଜମିରେ ବସବାସ କରିଆସୁଛନ୍ତି। ଏହି ଜମିକୁ ସହରର ଜଣେ ବ୍ୟକ୍ତି ତାଙ୍କ ନାମରେ ଲିଜ୍‌ପଟ୍ଟା କରାଇନେଇଛନ୍ତି। ଫଳରେ ଏହି ଜମିରୁ ସମ୍ପୃକ୍ତ ପଡାବାସୀଙ୍କୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରିବାପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୌର ପ୍ରଶାସନ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଏହାକୁ ପଡାବାସୀ ବିରୋଧକରି ଗତ ସୋମବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇ ବସବାସ କରୁଥିବା ଜମିକୁ ସେମାନଙ୍କ ନାମରେ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ କରିବାପାଇଁ ଦାବି କରିଛନ୍ତି। ଜିଲା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି ପଡାବାସୀ ଦୀର୍ଘ ୫୦ବର୍ଷଧରି ବସବାସ କରୁଥିବା ଜମିକୁନେଇ ସ୍ଥାନୀୟ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏହା କୋର୍ଟରେ ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ପଡାବାସୀଙ୍କୁ ସହଯୋଗ ନ କରି ଉଚ୍ଛେଦ କରିବାପାଇଁ ପ୍ରୟାସ ଚଳାଇଛନ୍ତି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସ୍ୱାର୍ଥ ରହିଛି ବୋଲି ଭାଜପା ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଯୁବନେତା ତ୍ରିନାଥ ଗୁଆଲ, ନେତାଜୀ ପଟ୍ଟନାୟକ ଓ ସତ୍ୟନାରାୟଣ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବିରୋଧକରି ଜିଲା ବିଜେଡି ତରଫରୁ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରି ବିଧାୟକଙ୍କ ବିରୋଧରେ ଭାଜପାର ଏଭଳି ମନ୍ତବ୍ୟକୁ ସମାଲୋଚନା କରାଯାଇଛି। ଏହାକୁ ନେଇ ଭାଜପା ରାଜନୀତି କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ବିଧାୟକ କୌଣସି ସ୍ୱାର୍ଥ ନ ରଖି ପଡାବାସୀ କିଭଳି ସମସ୍ତ ସୁବିଧା ସୁଯୋଗ ପାଇ ଥଇଥାନ ହେବେ ଏ ନେଇ ପ୍ରୟାସ କରୁଛନ୍ତି ବୋଲି ବିଜେଡି ନେତାମାନେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ନେତା ତାପସ ରାୟ ଚୌଧୁରୀ, ସନ୍ଦିପ ଅବସ୍ଥି, ହରିଶ ଗଣତ୍ରା ଓ ରଘୁମଣି ପଟେଲ ପ୍ରମୁଖ ଉପସ୍ଥିତଥିଲେ।





ବିଜେଡି ଓ ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

## ବାଇକ୍‌ରେ ଆସି ଝାମ୍ପିନେଲେ ୧୧ଲକ୍ଷ

ସମ୍ବଲପୁର,୧୧।୧୦(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ହସ୍ପିଟାଲ ରୋଡ୍‌ର ଏକ ଏସି ମରାମତି ଦୋକାନ ମାଲିକ ମହମ୍ମଦ ଜିସାମଙ୍କଠାରୁ ମଙ୍ଗଳବାର ଲୁଟ୍ ହୋଇଛି। ସ୍ପଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଏକ ପଲସର ବାଇକ୍‌ରେ ଆସି ତାଙ୍କଠାରୁ ୧୧ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ସିସିଟିଭିକୁ ଆଧାରକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଦୋକାନ ଖୋଲିବା ପାଇଁ ଜିସାମ ଓ ଜଣେ କର୍ମଚାରୀ ୧୧ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଦୋକାନକୁ ଆସିଥିଲେ। ଦୋକାନ ଶଟର ଖୋଲିବା ସମୟରେ ଟଙ୍କା ବ୍ୟାଗଟିକୁ ତଳେ ଥୋଇଥିଲେ। ହଠାତ ଜଣେ ଯୁବକ ପହଞ୍ଚି ଟଙ୍କା ବ୍ୟାଗ୍ ଧରି ଫେରାର ଉଦ୍ୟମ କରିଥିଲେ। ଦୋକାନ କର୍ମଚାରୀ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ଲୁଟେରା ଜଣକ ତାଙ୍କୁ ଠେଲି ଟଙ୍କା ବ୍ୟାଗ ଧରି ଅନ୍ୟ ଜଣଙ୍କ ସହ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।



ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବସଷ୍ଟାଣ୍ଡ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା।

## ୧୮ରେ ଆର୍‌ଏସ୍‌ପି କର୍ମଚାରୀଙ୍କ ବୋନସ୍ ବୈଠକ

ରାଉରକେଲା ଅଫିସ,୧୧।୧୦

ଦୁର୍ଗାପୂଜା ସରିବା ପରେ ମଧ୍ୟ ଆରଏସ୍‌ପି କର୍ମଚାରୀଙ୍କ ବୋନସ୍ ପ୍ରଦାନ ନିଷ୍ପତ୍ତି ହୋଇ ପାରୁନାହିଁ। ଗତ ୧୦ ତାରିଖରେ ଦିଲ୍ଲୀଠାରେ ସେଲ୍ କର୍ତ୍ତୃପକ୍ଷ ଓ ବିଭିନ୍ନ ୟୁନିୟନର ମିଳିତ ବୈଠକ ପୂଜା ବୋନସ୍‌କୁ ନେଇ ହୋଇଥିଲା। ବୈଠକରେ କାରଖାନା କର୍ତ୍ତୃପକ୍ଷ ୨୯ ହଜାର ୪ଶହ ପର୍ଯ୍ୟନ୍ତ ବୋନସ ଦେବାକୁ ରାଜି ହୋଇଥିବାବେଳେ ବିଭିନ୍ନ ୟୁନିୟନ ଏହାକୁ ବିରୋଧ କରିଥିଲେ। ଚଳିତ ବର୍ଷ କାରଖାନା ସର୍ବାଧିକ ଲାଭ କରିଥିବାରୁ ସର୍ବନିମ୍ନ ୪୪ ହଜାର ଟଙ୍କା ବୋନସ ପ୍ରଦାନ ଲାଗି ସମସ୍ତ ୟୁନିୟନର ସଦସ୍ୟ ଦାବି କଏ ନେଇ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଆରଏସ୍‌ପିର ବୋନସ୍ ପ୍ରଦାନ ବୈଠକ ଦୁଇ ଥର ବିଫଳ ହୋଇଛି। ପ୍ରଥମ ବୈଠକରେ କର୍ତ୍ତୃପକ୍ଷ ୨୨ ହଜାର ଟଙ୍କା ବୋନସ୍ ଦେବାକୁ ରାଜି ହୋଇଥିବାବେଳେ ଗତ ମାସ ୨୪ ତାରିଖରେ ଆୟୋଜିତ ଦ୍ୱିତୀୟ ବୈଠକରେ ୨୬ ହଜାର ଓ ଚଳିତ ମାସ ୧୦ ତାରିଖରେ ୨୯ ହଜାର ୪ଶହ ପର୍ଯ୍ୟନ୍ତ ବୋନସ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

## ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ବାଳିକା ଦିବସ

ସମ୍ବଲପୁର,୧୧।୧୦(ବ୍ୟୁରୋ)

ଆନ୍ତର୍ଜାତିକ ବାଳିକା ଦିବସ ସମ୍ବଲପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ପୌରୋହିତ୍ୟରେ ସାମ୍ପ୍ରତିକ ସମୟରେ ଆମ ଅଧିକାର, ଆମ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ପ୍ରଫେସର ଜିତେନ କୁମାର ମିଶ୍ର, ଡ. ଉମାଶଙ୍କର ଦାଶ, ପ୍ରଫେସର ମନସ୍ୱିନୀ ପରିଡ଼ା ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ମାଧ୍ୟମରେ ବାଳିକାମାନଙ୍କର ସ୍ୱାବଲମ୍ବନଶୀଳତା, ସଶକ୍ତୀକରଣ, ବ୍ୟକ୍ତି ସ୍ୱାଧୀନତାକୁ ସୁଦୃଢ଼ କରିଥାଏ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଡ. ଲିଲି ସାହୁ, ନମ୍ରତା ମିଶ୍ର, ଦେବସ୍ମିତା ନାୟକ, ପ୍ରସେନଜିତ ସିହ୍ନା ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପିକା ଆରତୀ ମିଶ୍ର ଧନ୍ୟବାଦ ଦେଇଥିଲେ।




## ଚାକିରି ଆଳରେ ଅନ୍‌ଲାଇନ୍ ଠକେଇ

**ରାଉରକେଲା ଅଫିସ,୧୧।୧:** ରାଉରକେଲା ସହରର କିଛି ଯୁବତୀଙ୍କୁ ବିଏସ୍‌ଏନ୍‌ଏଲରେ ଚାକିରି କରାଇ ଦେବାକୁ କହି ଅନ୍‌ଲାଇନ ଠକେଇ ହୋଇଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଯୁବତୀମାନେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ସାଇବର ଠକମାନେ ବିଏସ୍‌ଏନ୍‌ଏଲରେ ଚାକିରି କରାଇଦେବାକୁ କହି ନାମ ପଞ୍ଜୀକରଣ ପାଇଁ ପ୍ରଥମେ ଜଣ ପିଛା ୧୧ ହଜାର ଟଙ୍କା ନେଇଥିଲେ। ଯେଉଁମାନେ ୧୧ ହଜାର ଟଙ୍କା ବ୍ୟାଙ୍କ ଏକାଉଣ୍ଟରେ ପୈଠ କରିବେ ସେମାନଙ୍କୁ ନିଯୁକ୍ତିପତ୍ର ସହ ମାସିକ ୯ ହଜାର ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଭଳି ଭାବେ ସେମାନେ ୧୨ଜଣ ଯୁବତୀଙ୍କଠାରୁ ୧ ହଜାର ଟଙ୍କା ଲେଖାଏ ନେଇଥିଲେ। ଏହାପରେ ସମ୍ପୃକ୍ତ ଯୁବତୀମାନଙ୍କୁ ଦୁଇ ମାସ ଧରି ଦରମା ନ ମିଳିବାରୁ ସେମାନେ ଫୋନ କରିବାରୁ ଉକ୍ତ ଫୋନ ନମ୍ବର ସୁଇଚ୍ ଅଫ୍ ଦେଖାଇଥିଲା। ଫଳରେ ଠକାମିର ଶିକାର ହୋଇଥିବା ଜାଣି ଯୁବତୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସାଇବର ଥାନା ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ମୁନା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ଅଭିଯୋଗକାରୀମାନେ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି। ଠକେଇର ଶିକାର ହୋଇଥିବା ଯୁବତୀମାନେ ଠିକ୍ ତଥ୍ୟ ପ୍ରମାଣ ପ୍ରଦାନ କଲେ ଆମେ ତଦନ୍ତ କରିବୁ ବୋଲି ସବ୍‌ଇନ୍ସପେକ୍ଟର ନାୟକ କହିଥିଲେ।




## ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଦେବଗଡ,୧୧।୧୦(ଡି.ଏନ.ଏ.)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୋଦ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ୩ଟି ବ୍ଲକର ୮୨ଟି ବିଦ୍ୟାଳୟରୁ ଚୟନ ହୋଇଥିବା ପିଲାମାନେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ଏହି କ୍ରୀଡ଼ାକୁ ଖେଳ ଶିକ୍ଷକ ଦିଲେଶ୍ୱର ସ୍ୱାଇଁ, ରୋହିତ ପ୍ରଧାନ, ରଞ୍ଜିତା ମିଶ୍ର ପରିଚାଳନା କରିଥିଲେ। ୬୦ଜଣ କ୍ରୀଡ଼ା ଶିକ୍ଷକ, ୨୦ଜଣ ପ୍ରଧାନ ଶିକ୍ଷକ ଓ ୨୧ଜଣ ସହକାରୀ ଶିକ୍ଷକ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାପଡିଛି।

## ବେଆଇନ ବାଣ ବ୍ୟବସାୟକୁ ବିରୋଧ କରି ଦାବିପତ୍ର ପ୍ରଦାନ



ରାଉରକେଲା ଅଫିସ,୧୧।୧୦

ଆଗକୁ ଦୀପାବଳି ଆସୁଥିବାରୁ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ବାଣ ବ୍ୟବସାୟ ଆରମ୍ଭ ହୋଇଗଲାଣି। ସହରରେ କିଛି ବ୍ୟବସାୟୀ ଲାଇସେନ୍ସ ନ ଥାଇ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବାରୁ ଏହାକୁ ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ବହୁ କର୍ମୀ ରାଉରକେଲା ଏଡିଏମ୍‌ଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସହରରେ ବେଆଇନ ବାଣ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଶିବୁ ଦୀପ, ପ୍ରବୋଦ ଦାସ, ବାସୁ ବାନାର୍ଜୀଙ୍କ ସମେତ ବହୁ କର୍ମକର୍ତ୍ତା ଦାବି କରିଛନ୍ତି।

## ସଂକ୍ଷେପରେ

### ବାପୁଜୀ ହାଇସ୍କୁଲରେ ଅନ୍ତର୍ଜାତୀୟ ବାଳିକା ଦିବସ



**ନାକଟିଦେଉଳ,୧୧।୧୦(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଡ଼ଇଁଚା ବାପୁଜୀ ହାଇସ୍କୁଲରେ ମଙ୍ଗଳବାର ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ, ସୁପରଭାଇଜର ମିନତି ପ୍ରଧାନ, ରେଢ଼ାଖୋଲ ଚାଇଲ୍ଡ ଲାଇନର ସଞ୍ଜୟ ସାଗର, ଜ୍ୟୋସ୍ନା ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସମାଜରେ ଶିଶୁ କନ୍ୟା ଜନ୍ମଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଅବହେଳିତ ନିର୍ଯାତିତ ହେଉଛନ୍ତି। ତେଣୁ ବାଳିକା ଶିକ୍ଷାକୁ ପ୍ରତ୍ୟେକ ପରିବାର ଅଗ୍ରାଧିକାର ଦେଇ ସେମାନଙ୍କର ଅଧିକାର ଉପରେ ସଚେତନ କରାଇଲେ ଏହା କ୍ରମଶଃ ହ୍ରାସ ପାଇବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହାଛଡା ବାଳିକାଙ୍କ ସୁରକ୍ଷା ନେଇ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। ନାବାଳିକା ବିବାହ, ଶିଶୁ ଚାଲାଣ ସମ୍ପର୍କରେ ଚାଇଲ୍ଡ ଲାଇନ କର୍ମକର୍ତ୍ତା ଆଲୋକପାତ କରି ଏହାର ନିରାକରଣ ପାଇଁ ସମସ୍ତେ ଯତ୍ନବାନ ହେବାକୁ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ବାଳିକା ଶିକ୍ଷା ସମ୍ପର୍କରେ ଏକ ଏକାଙ୍କିକା ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ମଧୁସୂଦନ ରାଉଳ ଧନ୍ୟବାଦ ଦେଇଥିଲେ।

### ସମ୍ବଲପୁର ଡାକମଣ୍ଡଳର ସୁକନ୍ୟା ସମୃଦ୍ଧି ମହୋତ୍ସବ

**ସମ୍ବଲପୁର,୧୧।୧୦(ବ୍ୟୁରୋ):** ସମ୍ବଲପୁର ଡାକ ମଣ୍ଡଳ ପକ୍ଷରୁ ସୁକନ୍ୟା ସମୃଦ୍ଧି ମହୋତ୍ସବ ମଙ୍ଗଳବାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ସଭାକକ୍ଷରେ ପାଳିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଯୋଜନା ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ଲାଗି ସହାୟକ ହେବ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସୁକନ୍ୟା ସମୃଦ୍ଧି ଯୋଜନାର କଳ୍ପନା କରିଛନ୍ତି ବୋଲି ମୁଖ୍ୟଅତିଥି କହିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ନିଳାଞ୍ଚଳ ସେଠୀ, ଶ୍ରୀଅରବିନ୍ଦ ସ୍କୁଲର ବ୍ରଜକିଶୋର ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।ସମ୍ବଲପୁର ଡାକମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ନେଗୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁର ପଶ୍ଚିମ ଉପଖଣ୍ଡ ଡାକ ନିରୀକ୍ଷୀକା ଶ୍ରାବଣୀ ପ୍ରଧାନ ଅତିଥି ସ୍ୱାଗତ କରିଥିଲେ। ଫିଲାଟେଲି ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର, ସୁକନ୍ୟା ଯୋଜନା ଖାତା ଖୋଲି ଶ୍ରେଷ୍ଠତ୍ୱ ସ୍ଥାନ ହାସଲ କରିଥିବା ଡାକବିଭାଗ କର୍ମଚାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ଷେତରାଜପୁର ଉପଡାକପାଳ ବି ଶାନ୍ତିସୁଧା ସଂଯୋଜନା କରିଥିବା ବେଳେ ଗୋଲବଜାର ଉପଡାକପାଳ କଳ୍ପନା ପଟେଲ ଧନ୍ୟବାଦ ଦେଇଥିଲେ।

# 'ନିଷ୍ପତ୍ତି ପଛରେ ଥାଇପାରେ ରହସ୍ୟ'

**ବୈଦିକ କଲେଜ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

- ମେଡିକାଲରେ ପହରା ଦେଉଛନ୍ତି କଲେଜ କର୍ମଚାରୀ

ସମ୍ବଲପୁର,୧୧।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ପରଧିଆପାଲିସ୍ଥିତ ବୈଦିକ କଲେଜର ହଷ୍ଟେଲରେ ମହିଳା କର୍ମଚାରୀ ଅଞ୍ଜଳି କୁମ୍ଭାର (୧୯) ସୋମବାର ସକାଳେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସେ ବୁର୍ଲା ଭିମ୍‌ସାର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। ୩୬ଘଣ୍ଟା ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିନାହିଁ। ଡାକ୍ତର ଜରୁରୀ ଅପରେଶସନ କରିବା ସହ ଆଇସିୟୁକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିବା ପରିବାର ବର୍ଗ କହିଛନ୍ତି। କାଳେ କୌଣସି ଅଘଟଣ ଘଟିଯିବ, ପୀଡିତା ପରିବାର ଓ ପୀଡିତା ଭିନ୍ନ ବୟାନ ଦେଇଦେବେ ଏହାକୁ ରୋକିବା ପାଇଁ କଲେଜ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ନିୟୋଜିତ କରିଛନ୍ତି।

ଅନ୍ୟପଟେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଆତ୍ମହତ୍ୟା ଉଦ୍ୟମ କାରଣ ଖୋଜି ବାହାର କରି ପାରିନାହିଁ। ପୀଡିତାଙ୍କ ବୟାନ ବାରମ୍ବାର ପରିବର୍ତ୍ତନ ହେଉଛି। ପରିବାର ପାଖରେ ପୀଡିତା କିଛି କହୁ ନ ଥିବା ସେମାନେ କହିଛନ୍ତି। ଏହାକୁ ନେଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବା ପଛରେ ବଡ ରହସ୍ୟ ଥାଇପାରେ ବୋଲି ସେମାନେ ସନ୍ଦେହ କରୁଥିବା କହିଛନ୍ତି। ତାଙ୍କ ସହକର୍ମୀଙ୍କୁ ପଚାରିଲେ ମଧ୍ୟ କିଛି କହୁ ନ ଥିବା ଅଭିଯୋଗ ଆଣିଛନ୍ତି ପରିବାର। ହେଲେ ଘଟଣାଦିନ ପୂର୍ବ ରାତି ପୂର୍ଣ୍ଣମୀ ଥିଲା। ପୁନେଇ ରାତିରେ କ'ଣ ଘଟିଥିଲା ଯଦ୍ୱାରା ଅଞ୍ଜଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ପୂର୍ବ ରାତିରେ ଅଞ୍ଜଳିଙ୍କୁ ବାହାରକୁ ଛଡା ଯାଇଥିବା ଜଣାପଡିଛି। କେଉଁ କାରଣରୁ ସେ ହଷ୍ଟେଲରୁ ବାହାରକୁ ଯାଇଥିଲେ, ତାଙ୍କ ସହିତ କ'ଣ ହୋଇଥିଲା ଯେ ସେ ପରଦିନ ସକାଳେ ଆତ୍ମହତ୍ୟା କରିଥିଲେ। ଅଞ୍ଜଳି ସୁସ୍ଥ ହେବା ପରେ ସମସ୍ତ କଥା ପଦାକୁ ଆସିବ ବୋଲି ପରିବାର ବର୍ଗ ଅପେକ୍ଷା କରିଛନ୍ତି। ପୋଲିସ ଅଞ୍ଜଳିଙ୍କ



କଲେଜର କର୍ମଚାରୀଙ୍କ ସହ ପୀଡିତାଙ୍କ ପରିବାର।

ମୋବାଇଲ ଜବତ କରି ସିଡିଆର ସଂଗ୍ରହ ପାଇଁ ପଠାଇଛି। ମୋବାଇଲ କଲ୍ ଡିଟେଲ୍ସ ଆସିବା ପରେ ପ୍ରକୃତ କାରଣ ଜଣାପଡି ପାରେ ବୋଲି କୁହାଯାଉଛି। ଏ ସମ୍ପର୍କରେ ଶାସନ ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି, ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି। କଲ୍ ଡିଟେଲ୍ସ ପାଇଁ ପଠାଯାଇଛି। ଆତ୍ମହତ୍ୟା ଉଦ୍ୟମ କରିବା ପଛରେ ନିଶ୍ଚିତ କାରଣ ରହିଛି। ତାହା ଖୋଜି ବାହାର କରାଯିବ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ସୋମବାର ସକଳେ କଲେଜର ତୁଳପି ବାଳିକା ହଷ୍ଟେଲର ୫ ମହଲାରୁ ଅଞ୍ଜଳି ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କଲେଜ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ନେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏପରି କି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଥିଲା। ହେଲେ ପୂର୍ବ ବୟାନ ଓ ମାଜିଷ୍ଟ୍ରେଟଙ୍କୁ ଦିଆଯାଇଥିବା ବୟାନରେ ତାଳମେଳ ରହିଲା ନାହିଁ। ଏଭଳି ପରିସ୍ଥିତିରେ ଅଞ୍ଜଳି ଆତ୍ମହତ୍ୟା ଉଦ୍ୟମ ଘଟଣା ରହସ୍ୟଘେରରେ ରହିଯାଇଛି।

### ନୂତନ ରେଳମଣ୍ଡଳ ପ୍ରବନ୍ଧକଙ୍କ ଯୋଗଦାନ



ସମ୍ବଲପୁର,୧୧।୧୦(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳରେ ନୂତନ ରେଳ ମଣ୍ଡଳ ପ୍ରବନ୍ଧକ (ଡିଆର୍‌ଏମ) ଭାବେ ଭିନୀତ ସିଂ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ରେଳ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଡିଆର୍‌ଏମ୍ ଭାବେ ଯୋଗଦେବା ପୂର୍ବରୁ ସେ ନୂଆଦିଲ୍ଲୀ ରେଲଟେଲ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। ୧୯୯୨ରେ ଭିନୀତ ଭାରତୀୟ ରେଳ ସେବାରେ ଯୋଗଦେଇଥିଲେ। ସେ ଗୁରୁଗ୍ରାମର ଏମ୍‌ଡିଆଇରୁ ମେକାନିକାଲ୍ ଇଞ୍ଜିନିୟରିଂ ଓ ପିଜିଡିବିଏମ୍ ଡିଗ୍ରୀ ହାସଲ କରିଛନ୍ତି।

# ୨୦ଦିନ ହେଲା ଅନ୍ଧାରରେ ହାତିପଡ଼ାବାସୀ

**ବକେୟା ପାଇଁ ଦଣ୍ଡ**

ସମ୍ବଲପୁର,୧୧।୧୦(ବ୍ୟୁରୋ)

ବିଦ୍ୟୁତ୍ ଘରୋଇକରଣ ହେବା ପରେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ମିଳିବ ବୋଲି ଆଶା କରାଯାଉଥିଲା। ହେଲେ ଘରୋଇ କମ୍ପାନୀ ଟାଟା ପାୱାର ହାତକୁ ଗଲାପରେ ଲୋକମାନଙ୍କ ସମସ୍ୟାର ଦୂର ହେବା ପରିବର୍ତ୍ତେ ବଢିଯାଇଛି। ବକେୟା ବିଲ୍ ଦେଇ ନ ପାରିବାରୁ ପ୍ରାୟ ୨୦ଦିନ ହେଲା ଅନ୍ଧାରରେ ଦିନ କାଟୁଛନ୍ତି ଯୁଯୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତ ହାତିପଡ଼ାବାସୀ।

ସେମାନେ ଅଭିଯୋଗ କରିଛନ୍ତି, ଆଦିବାସୀ ବହୁଳ ଏହି ଗ୍ରାମରେ ବିପିଏଲ୍ ଓ ଏପିଏଲ୍ ବିଦ୍ୟୁତ୍ ଗ୍ରାହକ ସଂଖ୍ୟା ପ୍ରାୟ ୨୫ ରହିଛି। ବହୁ ବର୍ଷରୁ ଦେଢଲକ୍ଷ ଟଙ୍କା ବକେୟା ରହିଛି। ତାହାକୁ ଧୀରେ ଧୀରେ ଗ୍ରାମବାସୀ ଦେଇଆସୁଥିଲେ। ଏପରିସ୍ଥଳେ ୨୦ଦିନ ପୂର୍ବରୁ ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖରାପ ହୋଇଯାଇଥିଲା। ନୂତନ ଟ୍ରାନ୍ସଫର୍ମର ପାଇଁ ହାତିବାରି ସେକ୍ସନ ଅଫିସକୁ ଯାଇଥିଲେ। ସେଠାରେ ଅବସ୍ଥାପିତ କମ୍ପାନୀ ଅଧିକାରୀ ୨୫ ହଜାର ଟଙ୍କା ଜମା କଲେ ନୂତନ ଟ୍ରାନ୍ସଫର୍ମର ଦିଆଯିବ ବୋଲି କହିଥିଲେ। ଗରିବ ଶ୍ରେଣୀର ପରିବାର ବହୁ କଷ୍ଟରେ ୨୫ ହଜାର ଟଙ୍କା ଅଦାୟ କରି ଦେବାକୁ ଆସିଥିଲେ। ହେଲେ ଅଧିକାରୀ ଜଣକ ୫୦ ହଜାର ଟଙ୍କା ଦେଲେ ବିଦ୍ୟୁତ୍ ପାଇବ ବୋଲି କହି ଫେରାଇ ଦେଇଥିଲେ। ଫଳର ଗ୍ରାମବାସୀ ନିରୁପାୟ ହୋଇ ଚୁପ ବସିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମାଗଣାରେ ବିପିଏଲ୍ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଇ ଦେବାକୁ ଘୋଷଣା କରୁଛନ୍ତି। ମାସିକ ରିହାତି ଦରରେ ୫ଶହ ଟଙ୍କା ଜମା ଦେବାକୁ କହୁଛନ୍ତି। ଏହାକୁ ନେଇ ଦଳୀୟ ନେତା ବାହାବା ନେଉଛନ୍ତି। ହେଲେ ବାସ୍ତବରେ ବିଦ୍ୟୁତ ବିଭାଗ ଓ ସରକାରଙ୍କ ଘୋଷଣାରେ ତାଳମେଳ ରହୁ ନାହିଁ। କମ୍ପାନୀ ସରକାରଙ୍କ ନିୟମ ଓ ଚୁକ୍ତି ଅନୁସାରେ ବିଦ୍ୟୁତ ସେବା ଯୋଗାଇ ଦେଉ ନାହିଁ। ଏ ଦିଗରେ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ କମ୍ୟୁନିକେଶନ ମୁଖ୍ୟ ମନୋଜ ପଟ୍ଟନାୟକ କହିଛନ୍ତି, ବକେୟା ବିଦ୍ୟୁତ୍ ବିଲ ସଂଗ୍ରହ ନେଇ କମ୍ପାନୀ ଗୁରୁତ୍ୱ ଦେଉଛି। ହେଲେ ଲୋକମାନଙ୍କ ସମସ୍ୟାକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ଉକ୍ତ ଗ୍ରାମରେ କ'ଣ ସମସ୍ୟା ରହିଛି ସେ ନେଇ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି କହିଥିଲେ।



ଛାମୁଣ୍ଡା ପଞ୍ଚାୟତ ହାତିପଡାବାସୀ ।

### କଲେଜରେ ଆନ୍ତର୍ଜାତିକ କନ୍ୟା ଦିବସ

କୁଚିଣ୍ଡା,୧୧।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ମଙ୍ଗଳବାର ଚାଇଲ୍ଡଲାଇନ ପକ୍ଷରୁ ଆନ୍ତର୍ଜାତିକ କନ୍ୟା ଦିବସ ପାଳିତ ହୋଇଯାଇଛି। ଚାଇଲ୍ଡଲାଇନ କର୍ମୀ ନାମାନୀ ହେମ୍ରମଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଦେବାନନ୍ଦ ମହାପାତ୍ର, ପ୍ରତିମା କୁମାରୀ ନାୟକ ଓ ସମୀନ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ପରିବାର ମଧ୍ୟରେ ଦେଖାଯାଉଥିବା ଝିଅ ପୁଅ ଭେଦଭାବର ମାନସିକତାକୁ ଦୂର କରି ଦୁହିଁଙ୍କୁ ସମାନତାର ଅଧିକାର ଦେବାର ମନୋଭାବ ରଖିବାକୁ ମତ ରଖିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଚାଇଲ୍ଡଲାଇନ ଟିମ୍ ମେମ୍ବର ଶ୍ୱେତାଙ୍ଗିନୀ ବାରିକ ସହଯୋଗ କରିଥିଲେ।

### ଆନ୍ତଃ ବ୍ଲକ ଫିଫା ଫୁଟ୍‌ବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

ସମ୍ବଲପୁର,୧୧।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୧୭ବର୍ଷରୁ କମ ବାଳିକା ଓ ବାଳକ ବର୍ଗର ବ୍ଲକସ୍ତରୀୟ ଫିଫା ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଓ କ୍ରୀଡ଼ାର ଭିତ୍ତିଭୂମି ବିକାଶ ଦିଗରେ ଓଡ଼ିଶା ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ ହେବ ବୋଲି ସେ କହିଥିଲେ। ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସମ୍ମାନିତ ଅତିଥି ଥିଲେ। ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ରେଙ୍ଗାଲି ବ୍ଲକ ଓ ମାନେଶ୍ୱର ବ୍ଲକର ବାଳିକା ଦଳ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ରେଙ୍ଗାଲି ବ୍ଲକ ୪-୨ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ସେହିପରି ଦ୍ୱିତୀୟ ମ୍ୟାଚ ରେଙ୍ଗାଲି ବ୍ଲକ ଓ ମାନେଶ୍ୱର ବ୍ଲକ ବାଳକ ଦଳ ମଧ୍ୟରେ ହୋଇଥିଲା। ଏଥିରେ ରେଙ୍ଗାଲି ବ୍ଲକ ୩-୦ ଗୋଲରେ ମାନେଶ୍ୱର ଦଳକୁ ପରାସ୍ତ କରିଥିଲା। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ନାଥ, ଶାନ୍ତା ରନବିଡ଼ା, କିଶୋର କୁମାର ପଣ୍ଡା, ଉଦିତ ପ୍ରତାପ ଦେଓ, ଶ୍ରୀକାନ୍ତ ପଟେଲ, କୈଳାସ ନାୟକ, ଜୟନ୍ତ ଲିଙ୍ଗର, ପ୍ରକାଶ ଚନ୍ଦ୍ର ପଣ୍ଡା, ଦୀପକ କିସାନ, ସମୀର କୁମାର ବିଭାର ମ୍ୟାଚ ପରିଚାଳନା କରିଥିଲେ। ଆସନ୍ତା ୧୭ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ୨୫ବର୍ଷରେ ଗୋବିନ୍ଦପୁର ଲକ୍ଷ୍ମୀପୂଜା

ନାକଟିଦେଉଳ,୧୧।୧୦(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ଗୋବିନ୍ଦପୁର ସାହିର ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି। ଗୋବିନ୍ଦପୁର ଲକ୍ଷ୍ମୀପୂଜା ମଣ୍ଡପରେ ଆୟୋଜିତ ପୂଜାରେ ରମେଶ କୁମାର ଅଗ୍ରୱାଲା ଓ ବବିତା ଅଗ୍ରୱାଲା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ୮ତାରିଖରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜାମଣ୍ଡପକୁ ଆସିଥିଲେ। ୯ତାରିଖରେ ବୈଦିକ ରୀତିନୀତିରେ ପୂଜା ଓ ହୋମକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ନାମସଂକୀର୍ତ୍ତନ ହେଉଥିବାବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପୂଜା କମିଟି ସଭାପତି ଜିତୁ ପ୍ରଧାନ, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି, କୋଷାଧ୍ୟକ୍ଷ ରଞ୍ଜିତ କୁମାର ଧଳ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସୋମବାର ଜଗତ୍‌ସିଂହପୁର ପାୟଲ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଓ ମଙ୍ଗଳବାର ସନ୍ଧ୍ୟାରେ ସାହିର ଶିଶୁ କଳାକାରଙ୍କୁ ନେଇ ନୃତ୍ୟଗୀତ ପ୍ରତିଯୋଗିତା ହୋଇଥିଲା। ବୁଧବାର ସକାଳୁ ପୂର୍ଣ୍ଣାହୁତି ପଡ଼ିବା ସହ ସନ୍ଧ୍ୟାରେ ମା' ଲକ୍ଷ୍ମୀଙ୍କୁ ମେଲାଣି ଦିଆଯିବ। ୨୫ବର୍ଷ ପୂର୍ତ୍ତି ଅବସରରେ ସୋମବାର ସନ୍ଧ୍ୟାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ରମେଶ କୁମାର ଅଗ୍ରୱାଲା, ଗୋଲେଖ ବିହାରୀ ସାହୁ, ପିତାମ୍ବର ଦେହୁରି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କେକ୍ କାଟି ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ।



କେକ୍ କାଟି ରୌପ୍ୟ ଜୟନ୍ତୀ ପାଳନ କରୁଛନ୍ତି କମିଟି କର୍ମକର୍ତ୍ତା।

### ଜମନକିରା ବ୍ଲକରେ ସମିତି ବୈଠକ

ଜମନକିରା,୧୧।୧୦(ଡି.ଏନ.ଏ.)

ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ସମସ୍ତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନଙ୍କୁ ନେଇ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟତଃ ଆବାସ ଯୋଜନା, ପାନୀୟ ଜଳ, ଶିକ୍ଷା ଓ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥଲା। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରୋହିତ ଭୋଇ, ଜିଲାପରିଷଦ ଜୋନ ୧ ସଭ୍ୟା ସୁଜାତା ଝୁଣ୍ଟିଆ, ଜୋନ ୨ର ତାନୟା ଧୁରୁଆ, ସାଂସଦ ପ୍ରତିନିଧି ସୁନିଲ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଡିଓ ଟୁନୁ ମେହେର ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବୁଝିଲେ ବିଧାୟିକା

ବ୍ରଜରାଜନଗର,୧୧।୧୦(ଡି.ଏନ.ଏ.)

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଖଳିଆକାନି ଓ ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ ସେ ଉପରେ ବିଧାୟିକା ଗୁରୁତ୍ୱ ଦେଇଥିଲେ। ସ୍ୱର୍ଗତ କିଶୋର ମହାନ୍ତି ବିଧାୟକ ଥିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କଠାରୁ ୧୦କୋଟି ଅର୍ଥରାଶି ଅନୁଦାନ ଆଣିଥିଲେ। ହେଲେ ଏହି ଟଙ୍କା ଏବେ ପଡ଼ି ରହିଛି। ସେଥିରେ ରୋଗୀ ଓ ମେଡିକାଲ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ତିଆରି କରିବାକୁ ବିଧାୟିକା ପ୍ରସ୍ତାବ ଦେଇଥିଲେ। ରୋଗୀମାନେ କିପରି ଉତ୍ତମ ସେବା ପାଇବେ ସେଥିପାଇଁ ମେଡିକାଲ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ମେଡିକାଲ ପରିଚାଳନା କମିଟି ସଦସ୍ୟ ବିଶ୍ୱନାଥ ନାୟକ, ରାଧାକାନ୍ତ ପ୍ରଧାନ, ନନ୍ଦକିଶୋର ଅଗ୍ରୱାଲ, ରାଜକୁମାର ସାଏ, ଗଣେଶ ରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ମେଡିକାଲ କମିଟି ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ବିଧାୟିକା।

# ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ଜମି ବେବନ୍ଦୋବସ୍ତରେ ଅନିୟମିତତା ଅଭିଯୋଗ**

କୁଚିଣ୍ଡା,୧୧।୧୦ (ଡି.ଏନ.ଏ.)

ସମ୍ବଲପୁର କୁଚିଣ୍ଡା ତହସିଲ କୁଟୁରାଚୁଆଁ ରାଜସ୍ୱ ସର୍କଲର କିରାଶାସନ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଖାତାରେ ଥିବା ଜମି ବେବନ୍ଦୋବସ୍ତରେ ବ୍ୟାପକ ଅନିୟମିତତା ହୋଇଛି। ଗ୍ରାମବାସୀ ଏହି ଅଭିଯୋଗ କରି ମଙ୍ଗଳବାର କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏହାର ତଦନ୍ତ ପାଇଁ ଉପଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କିରାଶାସନ ମୌଜାର ଖାତା ନଂ୧୬୪ରେ ପ୍ରାୟ ୨୦୦ ଗ୍ରାମବାସୀଙ୍କ ୧୧୮ଏକର ୩୩ ଡେସିମିଲ ଚାଷଜମି ରହିଛି। କେତେଜଣ ବ୍ୟକ୍ତି ୨୦୧୭ରେ ସେହି ଖାତାରୁ କିଛି ଚାଷ ଜମିକୁ ନିଜ ନାମରେ କରିବାକୁ ପାର୍ଟିସନ ପାଇଁ ତହସିଲରେ ଆବେଦନ କରିଥିଲେ। ଏ ନେଇ କୁଚିଣ୍ଡା ତହସିଲରେ ବେବନ୍ଦୋବସ୍ତ କେସ୍ ନଂ.୧୦୨/୨୦୧୭ରେ ମାମଲା କରାଯାଇ ବିଚାର ଆରମ୍ଭ ହୋଇଥିଲା। ଏହାର ଅନୁସନ୍ଧାନ ପାଇଁ କୁଟୁରାଚୁଆଁ ଆର୍‌ଆଇଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଆର୍‌ଆଇ ଠିକ୍ ତଥ୍ୟ ନ ଦେଇ ଏକ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ତତ୍କାଳୀନ ତହସିଲଦାର ଏହି ରିପୋର୍ଟ ପାଇବା ପରେ ଗ୍ରାମରେ ଜମି ଆବଣ୍ଟନ ପାଇଁ ଏକ ନୋଟିସ୍ ଜାରି କରିଥିଲେ। ତେବେ ଏଥିରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଉକ୍ତ ଖାତାରେ ୨୦୦ରୁ ଊର୍ଦ୍ଧ୍ୱ ଜମି ମାଲିକ ରହିଥିଲେ ମଧ୍ୟ ତହସିଲଦାର ମାତ୍ର ୭ଜଣ ଜମି ମାଲିକଙ୍କୁ ନୋଟିସ୍ କରିଥିଲେ। ସେ ଏପରି କାହା ସ୍ୱାର୍ଥରେ କରିଥିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ଗ୍ରାମରେ ନୋଟିସ୍ ଲଗାଯାଇ ନ ଥିବାବେଳେ କେତେଜଣ ଜମି ମାଲିକଙ୍କୁ ଡାକି ତହସିଲ ଅଫିସରେ ସେମାନଙ୍କଠାରୁ ସାଦା କାଗଜରେ ଦସ୍ତଖତ ନିଆଯାଇଥିଲା ବୋଲି ଅଭିଯୋଗ ହେଉଛି। ଏହି ଜମିପଟ୍ଟାରୁ ୪୭ ଏକର ଜମିକୁ ଆବେଦନକାରୀଙ୍କ ନାମରେ ପଟ୍ଟା କରାଯାଇ ବାକି ୮୧ ଏକର ଜମିକୁ ସରକାରୀ ଖାତାରେ ଦାଖଲ କରାଯାଇଛି। ଜଣେ ଦୀର୍ଘ ୫୦ବର୍ଷ ଧରି ଚାଷ କରୁଥିବା ଜମିକୁ ଅନ୍ୟଜଣଙ୍କୁ ପ୍ରଦାନ କରାଯାଇଥିବା ଭଳି ଅନେକ ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଉକ୍ତ ବେବନ୍ଦୋବସ୍ତ କେସ୍‌ରେ ପଟ୍ଟା ପ୍ରଦାନ ପାଇଁ ମଞ୍ଜୁରୀ ଲାଗି କୁଚିଣ୍ଡା ଉପଜିଲାପାଳଙ୍କ ନିକଟକୁ ଫାଇଲ ପଠାଯାଇଥିଲା। ସେଠାରୁ ଉପଜିଲାପାଳଙ୍କ ମଞ୍ଜୁରୀ ମିଳି ଫାଇଲ ଗତ ୯।୯।୨୦୨୨ରେ କୁଚିଣ୍ଡା ତହସିଲକୁ ଫେରିଆସିଥିଲା। ସେହିଦିନହିଁ ତହସିଲଦାର ଜମି ପାଇଁ ଆବେଦନ କରିଥିବା ଜମି ମାଲିକଙ୍କୁ ତହସିଲ ଅଫିସକୁ ଡକାଇ ସେମାନଙ୍କଠାରୁ ସଲାମୀ ଅର୍ଥ ଆଦାୟ କରି ସେମାନଙ୍କ ସପକ୍ଷରେ ରେକର୍ଡ ଅଫ ରାଇଟ ସଂଶୋଧନ କରିଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଜମି ଜାଲିଆତି ଘଟଣା ଜଣାପଡ଼ିବା ପରେ କିରାଶାସନ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଉପଜିଲାପାଳ ଗୋୟଲଙ୍କୁ ପଚାରିବାରେ ଅଭିଯୋଗର ତଦନ୍ତ କରାଯିବ। କିନ୍ତୁ ଜମିପଟ୍ଟା ଖାରଜ କରିବାର କ୍ଷମତା ଜିଲା ପ୍ରଶାସନର ରହିଥିବା କହିଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ତୋରିଆ ସୋରିଷ ଚାଷ



**ଉ**ପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ମାସର ଏବେଠାରୁ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ। ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଚଳିତ ମାସ ଦ୍ୱିତୀୟ ସପ୍ତାହ ଶେଷ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

# ଗେଣ୍ଡୁଫୁଲ କିସମ



**ଗେ**ଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଏବେଠାରୁ ପକାନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମ ଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି। ସେବତୀ ଫୁଲ ଗଛ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ)। ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଗୋଲାପ ଗଛ ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଟ୍‌ଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ଗ୍ଲାଡିଓଲସ୍‌ର କନ୍ଦାକୁ ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।

# ପ୍ରାଣୀଙ୍କ ଯତ୍ନ



**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ। ସେମାନଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଳିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

# ସପୁରି ଚାଷ



ଡ. ପରେଶ କୁମାର ପଣ୍ଡା

**ସ**ପୁରିକୁ ଉଭୟ ଖାଦ୍ୟ ଓ ପାନୀୟ ଭାବେ ବ୍ୟବହାର କରାଯାଇଥାଏ। ପ୍ରତି ଋତୁରେ ବର୍ଷସାରା ସପୁରି ଖାଇବା ଶରୀର ପାଇଁ ଲାଭଦାୟକ। ଏଥିରେ ଭିଟାମିନ୍ ଓ ପୁଷ୍ଟିସାର ଭରପୂର ହୋଇ ରହିଥାଏ। ଏହି ଫଳରେ କ୍ୟାଲୋରି ମାତ୍ରା ଏବଂ ମିଠା ଅଂଶ କମ୍ ଥିବାରୁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇପାରିବେ। ଏହାର ରସରୁ ପ୍ରସ୍ତୁତ ଜାମ୍ ଭାରି ଲୋକପ୍ରିୟ। ଏକ ସୁସ୍ୱାଦୁ ଫଳ ରୂପେ ଏହାର ରସରୁ ସ୍କାସ୍, ଜାମ୍, ଟଫି, କାଣ୍ଡି ପ୍ରଭୃତି ସଂରକ୍ଷିତ ଦ୍ରବ୍ୟ ପ୍ରସ୍ତୁତ କରିବା ନିମନ୍ତେ ବ୍ୟବସାୟିକ ଭିତ୍ତିରେ ଚାଷକରି ଚାଷୀମାନେ ଯଥେଷ୍ଟ ଲାଭବାନ୍ ହୋଇପାରିବେ।

**ମୃତ୍ତିକା ଓ କିସମ :** ସପୁରି ଗ୍ରୀଷ୍ମମଣ୍ଡଳୀୟ ଫଳଗଛ ହୋଇଥିବାରୁ ଆମ ରାଜ୍ୟର ସବୁ ଅଞ୍ଚଳରେ ଚାଷ ହେଉଛି। ବିଶେଷଭାବରେ ଗଜପତି, ଗଞ୍ଜାମ, କୋରାପୁଟ, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବାଲେଶ୍ୱର, କଟକ, ପୁରୀ ଓ ଫୁଲବାଣୀ ଜିଲାରେ ଏହାର ବହୁଳ ଚାଷ କରାଯାଏ। ନିଗିଡ଼ା, ଉର୍ବର, ବାଲିଆ, ଦୋରସା ବା ହାଲୁକା ମାଟି ଅଳ୍ପ ଅମ୍ଳୀୟ ଥାଇ ଏହାର ଚାଷ ପାଇଁ ଉପଯୁକ୍ତ। ସପୁରିର ଉନ୍ନତ କିସମ ମଧ୍ୟରେ ରହିଛି କୁଇନ୍, କ୍ୟୁ, ମରିସିଅସ୍, ଜାଏଣ୍ଟ କ୍ୟୁ ଏବଂ ଜଳଧୂପ। କ୍ୟୁ କିସମର ଫଳ ବଡ଼, କ୍ୟାନିଙ୍ଗ୍ ବା ସଂରକ୍ଷଣ ନିମନ୍ତେ ଉପଯୁକ୍ତ। ଫଳର ହାରାହାରି ଓଜନ ୧.୫-୨.୫ କି.ଗ୍ରା. ମଧ୍ୟରେ, ଅଧିକ ରସୁଆଳ ଓ କମ୍ ପୁଆ ଦେଇଥାଏ। ମାତ୍ର କୁଇନ୍ ଓ ମରିସିଅସ କିସମ ଫଳ ଛୋଟ, ଫଳର ଓଜନ ୦.୯-୧.୨୫ କି.ଗ୍ରା. ମଧ୍ୟରେ, କମ୍ ରସୁଆଳ, ଅଧିକ ବାସ୍ନାଯୁକ୍ତ ଓ ପାଚିଲା ଖାଇବା ନିମନ୍ତେ ଉପଯୁକ୍ତ।

**ବଂଶବିସ୍ତାର, ଲଗାଇବା ପ୍ରଣାଳୀ ଓ ଖତସାର :** ସପୁରିର ବଂଶବିସ୍ତାର ସାଧାରଣତଃ ପୁଆ (ମୂଳପୁଆ, କନ୍ଦାପୁଆ ଏବଂ ସ୍ଲିପ୍ ବା ମୁକୁଟ ପୁଆ)ରୁ ହୋଇଥାଏ। କନ୍ଦପୁଆ ଉତ୍କୃଷ୍ଟ। ପୁଆର ଓଜନ ୩୦୦ ଗ୍ରାମ ହେବା ଭଲ। ୮-୧୦ ମାସ ପୁଆର ନର୍ସରିରୁ ଆଣି ଫଳ ଅମଳର ୧୫-୧୮ ମାସ ପୂର୍ବରୁ ସେପ୍ଟେମ୍ବର-ଅକ୍ଟୋବର, ଫେବୃୟାରୀ-ମାର୍ଚ୍ଚ, ଜୁନ୍-ଜୁଲାଇ ମାସରେ ଗଛକୁ ଗଛ ଦୂରତା ୬୦ସେମି ଓ ୧୦ ସେମି ଗଭୀରରେ ଲଗାଯାଏ। ଏଥିରେ ଏକର ପ୍ରତି ୧୪,୦୦୦ରୁ ୨୧,୨୦୦ ଗଛ ଆସିଥାଏ। ଚାରା ଲଗାଇବା ପୂର୍ବରୁ ପୁଆର ତଳ ପତ୍ରଗୁଡିକୁ ବାହାର କରି ଅଳ୍ପ ଖରାରେ ୩-୪ଦିନ ଶୁଖାଇ ଦିଆଯାଏ। ପୁଆମୂଳକୁ ମିଥାଇଲ ପାରାଥିଅନ୍ ୨ ମିଲି ଅଥବା ଡାଇଫୋଲଟାନ୍ ୫ ଗ୍ରାମ (ଲିଟର ପ୍ରତି) ଦ୍ରବଣରେ ବୁଡ଼ାଇ ଲଗାଇଲେ ରୋଗ ପୋକ ଦାଉରୁ ପୁଆ ରକ୍ଷା ପାଇଥାଏ। ଜମି ଭଲ ରୂପେ ଚାଷ ହୋଇଥିବା ଆବଶ୍ୟକ। ଜଳସେଚନ ଅଭାବ ଥିବା, ଆଂଶିକ ଛାଇ ପଡୁଥିବା ସ୍ଥାନରେ ଓ ଅନ୍ତଫସଲ ସହ ଏହାର





ଚାଷ ହୋଇଥାଏ। ଏକର ପ୍ରତି ୧୫୦ କୁଇଣ୍ଟାଲ ଖତ ଦିଆଯାଏ। ଗଛ ପ୍ରତି ଯବକ୍ଷାରଜାନ ୧୦-୧୨ ଗ୍ରାମ (ୟୁରିଆ ୨୨-୨୬ ଗ୍ରାମକୁ ଦୁଇ ମାସ ଅନ୍ତରରେ ୬ ଭାଗରେ), ଫସ୍‌ଫରସ ୪ ଗ୍ରାମ (ଡିଏପି ୯ ଗ୍ରାମ ମୂଳ ସାର ଭାବେ) ଓ ପଟାସ୍ ୧୨ ଗ୍ରାମ ଏମ୍‌ଓପି ସାର ୨୦ ଗ୍ରାମ ଦୁଇ ଭାଗରେ) ପ୍ରୟୋଗ କରାଯାଏ। ଅଣଜଳସେଚିତ ଜମିରେ ଦୁଇ ଭାଗରେ ବର୍ଷା ଆରମ୍ଭରେ ଓ ଶେଷରେ ସମସ୍ତ ସାର ଦିଆଯାଏ। ସପୁରିରେ ଯବକ୍ଷାରଜାନ ପାଇଁ ୟୁରିଆ ବଦଳରେ ଆମୋନିୟମ ସାର ଦେଲେ ଭଲ। ଅଣୁସାରର ଅଭାବ ଦେଖାଦେଲେ ବୋରନ୍ ଓ ଲୌହ ଆଦି ସିଞ୍ଚନ ଆକାରରେ ଦିଆଯାଏ। ରାଟୁନ୍ ଫସଲ ନିମନ୍ତେ ଗଛ ପ୍ରତି ଦୁଇ ପୁଆ ଛଡ଼ାଯାଏ। ଥରେ ଲଗାଇଲେ ୪-୫ ବର୍ଷ ପର୍ଯ୍ୟନ୍ତ ଫସଲ ଅମଳ କରାଯାଇପାରିବ।

ମାଟିର ବତର ଦେଖି ୧୫-୨୦ଦିନ ଅନ୍ତରରେ ଶୀତ ଓ ଖରାଦିନେ ଜଳସେଚନ ଦିଆଯାଏ। ପ୍ରତିଥର ସାର ଦେବା ସମୟରେ କୋଡ଼ାଖୁସା କରି ଘାସ ବଛାଯାଏ। ଘାସ ନିୟନ୍ତ୍ରଣ ନିମନ୍ତେ ଏକର ପ୍ରତି ରାସାୟନିକ ଘାସମରା ବିଷ ଯଥା-ଡାଇୟୁରନ୍ ୧୨୦୦ଗ୍ରାମ କିମ୍ବା କାର୍‌ମେକ୍ସ ୧୬୦୦ ଗ୍ରାମ ୪୦୦ ଲିଟର ପାଣିରେ ମିଶାଇ ମାଟି ଉପରେ ସିଞ୍ଚାଯାଏ। ଗଛଗୁଡ଼ିକ ଭଲ ବଢ଼ିବା ନିମନ୍ତେ କଳା ପଲିଥିନ୍ କିମ୍ବା ବତର ଗୁଣ୍ଡ ଦ୍ୱାରା ଛାଦିକରଣ କରାଯାଏ। ଫଳଧାରଣର ୪୫ଦିନ ବା ଦେଢ଼ମାସ ବେଳକୁ ଟୋପିର ଅଗ ଛିଡ଼ାଇ ଦେଲେ ଫଳ ବଡ଼ ହୋଇଥାଏ। ସମାନ ଭାବେ ଠିକ୍ ସମୟରେ ଫୁଲ ଆସିବା ନିମନ୍ତେ ପ୍ଲାନୋଫିକ୍ସ ବା ସେଲେମୋନ୍ ୧୦-୨୦ ପିପିଏମ୍ କରି ସିଞ୍ଚନ କରାଯାଏ। ଫୁଲ ଆସିବା ପରେ ପୁଆ ବାହାରେ ଓ ଫଳ ଧାରଣ ପରେ ସ୍ଲିପ୍ ବାହାରେ। ଏନ୍‌ଏଏ ହରମୋନ୍ ୨୦୦ରୁ ୩୦୦ ପିପିଏମ୍ ଫଳ ଧରିବାର ୨-୩ ମାସ ମଧ୍ୟରେ ସିଞ୍ଚନ କରିବାରେ ଫଳର ଆକାର ୨୦ ପ୍ରତିଶତ ବୃଦ୍ଧି ଘଟିଥାଏ।

**ରୋଗପୋକ ପରିଚାଳନା :** ପତ୍ରଦାଗ, କାଣ୍ଡପଚା, କନ୍ଦଶଢ଼ା ରୋଗ ସଂକ୍ରମଣ ନ ହେବାକୁ ନୀରୋଗ ବିଶୋଧିତ ପୁଆ ଲଗାଇବା ସହ ଏହି ରୋଗ ଦେଖାଦେଲେ ଜମିରୁ ଭଲ ଭାବରେ ଜଳ ନିଷ୍କାସନର ବ୍ୟବସ୍ଥା ସହ ଗଛକୁ ଡାଇଫୋଲ୍‌ଟାନ୍ ୫ ଗ୍ରାମ ଲିଟର ପ୍ରତି ସିଞ୍ଚନ କରାଯାଏ। ଫଳପଚା ରୋଗ କ୍ଷେତ୍ରରେ ଫଳ କଟାମୁଣ୍ଡିକୁ ଲିଟର ପ୍ରତି ୧୦୦ ମିଲି ବେନ୍‌ଜୋଇକ୍ ଏସିଡ୍ ଦ୍ରବଣରେ ବୁଡ଼ାଇ ବଜାରକୁ ପଠାଇବା ଆବଶ୍ୟକ। ମିଲି ବଗ୍ ବା ଦହିଆ ପୋକ ଆକ୍ରମଣରୁ ଫସଲରୁ ରକ୍ଷାକରିବା ନିମନ୍ତେ ବଗିଚାକୁ ପରିଷ୍କାର ରଖିବା ସହ ପୁଆକୁ ଫେନ୍‌ଥୋଏଟ୍ ଏକ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ବୁଡ଼ାଯାଏ। ପୁଆ ଲଗାଇବାର ୩ମାସ ପରେ ଫିପ୍ରୋନିଲ୍ ଦାନାଦାର ଏକର ପ୍ରତି ୪ କି.ଗ୍ରା. ପ୍ରୟୋଗ କରାଯାଏ।

**ଉତ୍ପାଦନ ଓ ପ୍ରମାଣନ :** ଫଳ ପାକଳ ଅବସ୍ଥାରେ ଅତିକମ୍‌ରେ ଥରେ ମା' ଗଛର ସ୍ୱାସ୍ଥ୍ୟ ଓ ଫଳର ଗୁଣାବଳୀ ନିରୀକ୍ଷଣ କରାଯାଏ। ଅମ୍ରିତା ଏକ ଲୋକପ୍ରିୟ ବିଜ୍ଞାପିତ କିସମ। କଲମୀ ଗଛର କାଣ୍ଡର ବିକ୍ରି ପୂର୍ବରୁ ତାହାର ଗୁଣାବଳୀ ସମ୍ବନ୍ଧରେ ସୁନିଶ୍ଚିତ କରିବା ଲାଗି ଅତିକମ୍‌ରେ ଥରେ ପରିଦର୍ଶନ କରାଯାଇଥାଏ। ବିଲଗନ ଦୂରତା ସର୍ବନିମ୍ନ ତିନି ମିଟର ରଖାଯାଏ। କଲମୀ ବଂଶବିସ୍ତାର ନିମନ୍ତେ ଲଗାଯାଇଥିବା ଗଛକୁ ଗଛ ଓ ଧାଡ଼ିକୁ ଧାଡ଼ି ମଧ୍ୟରେ ଦୂରତା ୩୦ ସେ.ମି. ଓ ୬୦ ସେ.ମି. ରଖାଯାଏ। ଏକ ନର୍ସରିରେ ସର୍ବାଧିକ ଦୁଇ ଥର ଚାରା ଉଠାଯାଇପାରିବ। ବିହନ ଉତ୍ପାଦନ ନିମନ୍ତେ କ୍ଲୋନ୍ ସମ୍ପୂର୍ଣ୍ଣ ଭାବରେ ଅନୁବଂଶୀୟ ଶୁଦ୍ଧ ରହିବା ସହ ମିଶା କିସମ ଗଛ ବଛାଯାଇ ଓ ମିଲି ବଗ୍ ସଂକ୍ରମଣମୁକ୍ତ ଥିବା ଜରୁରୀ। ପୁଆର ଓଜନ ୪୦୦-୫୦୦ଗ୍ରାମ ରହି କଲମୀ କାଣ୍ଡ ଥାକରେ ଅଯୋଗ୍ୟ ସଂଖ୍ୟା ୫ ପ୍ରତିଶତ ଅଧିକ ନ ରହିବା ଆବଶ୍ୟକ।

**ଅମଳ :** ଚାରା ଲଗାଇବାର ୧୫-୧୮ ମାସ ବେଳକୁ ଫଳ ଅମଳ ହୋଇଥାଏ। ଫୁଲ ଆସିବାର ୩-୪ ମାସ ମଧ୍ୟରେ ଫଳ ଅମଳ ଲାଗି ଉପଯୁକ୍ତ ହୋଇଥାଏ। ଯେତେବେଳେ ଫଳ ହଳଦିଆ ପଡ଼ିବାକୁ ଆରମ୍ଭ କରେ, ଫଳରେ ଆଖି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥାଏ ଓ ଫଳର ତଳ ଅଂଶରେ ଲାଗିରହିଥିବା ବ୍ରାକ୍ଟଗୁଡିକ ମଉଳିପଡ଼ନ୍ତି, ସେହି ସମୟ ହେଉଛି ସପୁରି ଅମଳର ଉପଯୁକ୍ତ ଅବସ୍ଥା। ଫଳ ସହ ୫ ସେ.ମି. ନାଡ଼ି ଲାଗି ଥାଇ କଟାଯାଇ ବଜାରକୁ ପଠାଯାଏ। ଏକର ପ୍ରତି ୪୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ସପୁରି ଅମଳ ହୋଇଥାଏ। ଅଧିକ ଫଳ ପାଇବା ନିମନ୍ତେ ଗଛରେ ୩୫-୪୦ଟି ଗୋଟି ପତ୍ର ଥିବା ସମୟରେ ଗଛ ପ୍ରତି ୫୦ ମି.ଲି. କ୍ୟାଲସିୟମ କାର୍ବାଇଡ୍ (୨୦ ଗ୍ରାମ ଲିଟର ପ୍ରତି) କିମ୍ବା ଇଥ୍ରେଲ୍ ଦ୍ରବଣ (୦.୨୫ ମି.ଲି./ଲିଟର) ପତ୍ର ସନ୍ଧିରେ ସୂର୍ଯ୍ୟାସ୍ତ ପରେ ପ୍ରୟୋଗ କରାଯାଏ। ସପୁରି ଫଳ ସାଇତା ନିମନ୍ତେ ଉପଯୁକ୍ତ ଥିବାରୁ ଏବଂ ବଜାରରେ ବର୍ଷ ସାରା ବିଶେଷ ଚାହିଦା ଥିବାରୁ ଭଲ ଲାଭ ସହ ଦୂର ବଜାରକୁ ପଠାଯାଇପାରିବ। ସେଥିଲାଗି ଫଳଗୁଡ଼ିକୁ ନଡ଼ାରେ ଗୁଡ଼େଇ ବାଉଁଶ ପାଛିଆ ବା କ୍ରେଟ୍‌ରେ ପରସ୍ତ ପରସ୍ତ ରଖି ପଠାଯାଇପାରିବ।

-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

# ପନିପରିବା ଚାଷ ସମୟରେ..

**ଆ**ଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ସଁବାଲୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା,



ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

# ଡାଲିଜାତୀୟ ବିହନର ଉନ୍ନତ କିସମ

**ମୁ**ଗର ଉନ୍ନତ କିସମ ମଧ୍ୟରେ ରହିଛି ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩ । ବିରିର



ଉନ୍ନତ କିସମଗୁଡିକ ହେଲା ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶୀ । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ, ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ । ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଆଖୁ କିଆରିରେ ଜଳ ପରିଚାଳନା

**ଆ**ଖୁକିଆରିରେପାଣିଜମିବାକୁଦିଅନ୍ତୁନାହିଁ। ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର କୀଟନାଶକ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଅଣ୍ଡାର ପୌଷ୍ଟିକତା



ଡା. ବୀରକିଶୋର ପରିଡ଼ା

**ଚଳିତ ମାସ ୧୪ ତାରିଖ ହେଉଛି ବିଶ୍ୱ ଅଣ୍ଡା ଦିବସ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



**ଅ**ଣ୍ଡା ଏକ ସାର୍ବଜନୀନ ଖାଦ୍ୟ। ଚଳିତ ବର୍ଷ ଅକ୍ଟୋବର୧୪ରେ ବିଶ୍ୱ ଅଣ୍ଡା ଦିବସ ସମଗ୍ର ବିଶ୍ୱରେ ପାଳନ ହେଉଛି। ୧୯୯୬ ଠାରୁ ପ୍ରତିବର୍ଷ ଅକ୍ଟୋବର ୨ୟ ଶୁକ୍ରବାର ଏହି ବିଶ୍ୱ ଅଣ୍ଡା ଦିବସ ପାଳିତହୋଇ ଆସୁଛି। ଉକ୍ତ ଦିବସ ଆନ୍ତର୍ଜାତିକ ଅଣ୍ଡା କମିଶନ ଦ୍ୱାରା ୧୯୯୬ରେ ଭିଏନାର ଏକ ସମ୍ମିଳନୀରେ ଆରମ୍ଭ ହୋଇଥିଲା। ସେହି ବର୍ଷଠାରୁ ଅଣ୍ଡାର ଗୁଣବତ୍ତାକୁ ଅନୁଭବକରି ସମଗ୍ର ବିଶ୍ୱରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହେଉଛି। ବିଶ୍ୱ ଅଣ୍ଡା ଦିବସରେ ଅଣ୍ଡାର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଏକ ସୁଯୋଗର ବାତାବରଣ ସୃଷ୍ଟି କରିଥାଏ। ଅଣ୍ଡା ଦିବସର ମୂଳ ଉଦ୍ଦେଶ୍ୟ ହେଲା- ମନୁଷ୍ୟ ସ୍ୱାସ୍ଥ୍ୟର ଉପକାରିତା ନେଇ ସମସ୍ତଙ୍କୁ ଅଣ୍ଡା ଖାଇବା ନିମନ୍ତେ ପ୍ରବର୍ତ୍ତାଇବା ଏବଂ ଅଣ୍ଡା ଶିଳ୍ପର ସମୃଦ୍ଧୀକରଣ କରାଇବା।

ଅଣ୍ଡା ହେଉଛି ପୁଷ୍ଟିସାର, ଖଣିଜଲବଣ ଓ ଭିଟାମିନ୍‌ର ଗନ୍ତାଘର। ଆମ ଜୀବନ ଧାରଣ ନିମନ୍ତେ ଏକ ଉତ୍ତମ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯାହାକି ସ୍ୱାସ୍ଥ୍ୟବର୍ଦ୍ଧକ ବା ଜୀବନର ସମସ୍ତ ଆବଶ୍ୟକତା ପୂରଣ କରିଥାଏ । କାରଣ ଆମ ହାଡ଼, ମାଂସ, ଚର୍ମ ଓ ଜୀବକୋଷ ଆଦି ଗଠନ କ୍ଷେତ୍ରରେ ଅଣ୍ଡାରୂପକ ପୁଷ୍ଟିସାର ଶରୀର ପାଇଁ ଅତ୍ୟାବଶ୍ୟକ । ସାଧାରଣତଃ ଅଣ୍ଡାରେ ଉଚ୍ଚମାନ ସମ୍ପନ୍ନ ପୁଷ୍ଟିସାର ସହିତ ୧୪ଟି ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା- ସ୍ନେହସାର, ଶ୍ୱେତସାର, ସୋଡିୟମ, ପଟାସିୟମ୍, କୋଲେଷ୍ଟରଲ, ଲୌହ, ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ଇ, ଭିଟାମିନ୍-ବି୨, ୫, ୧୨, ଫୋଲେଟ୍, ସେଲେନିୟମ୍, ଲ୍ୟୁଟିନ୍ ଓ ଜିଆଜାନ୍ଥିନ୍, କୋଲିନ୍ ଆଦି ନିହିତ ଥିବା ହେତୁ ଏହା ଆମ ଶରୀରକୁ ଆବଶ୍ୟକ ଶକ୍ତି ଯୋଗାଇବା ସହିତ ସୁସ୍ଥ ରଖିଥାଏ। କଥାରେ ଅଛି – "ସଣ୍ଡେ ଔର ମଣ୍ଡେ, ରୋଜ୍ ଖାଓ ଅଣ୍ଡେ ।" ଅଣ୍ଡାରେ ଉପର ଖୋଳପା ଥିବାରୁ ଏଥିରେ କେହି ମିଶ୍ରଣ କରିପାରନ୍ତି ନାହିଁ । ଅଣ୍ଡା ଗୋଟେ ହେଲେ ମଧ୍ୟ ଏହାର ସ୍ୱାଦ ଭିନ୍ନଭିନ୍ନ । ଅଣ୍ଡାକୁ ନେଇ ଭିନ୍ନଭିନ୍ନ ସ୍ୱାଦ ବା ଫ୍ଲେଭର୍ ଅଣ୍ଡାଜାତୀୟ ଦ୍ରବ୍ୟ ତେଲ ମସଲା ଦେଇ ପ୍ରସ୍ତୁତ କରାଗଲେ ମଧ୍ୟ ଅଧିକାଂଶ ଅଣ୍ଡା ପ୍ରସ୍ତୁତି ଦ୍ରବ୍ୟର ସ୍ୱାଦ ପ୍ରାୟ ଏକାପରି। ଅଣ୍ଡାରୁ ପ୍ରସ୍ତୁତ ଅଣ୍ଡା ଓମ୍‌ଲେଟ୍, ଅଣ୍ଡା ପୋଚ୍, ସିଝା ଅଣ୍ଡା, ଅଣ୍ଡା ଭୁଜିଆ, ଅଣ୍ଡା ରୋଲ୍, ଅଣ୍ଡା ବିରିୟାନୀ, ଅଣ୍ଡା ଝୋଳ, ଅଣ୍ଡା କେକ୍ ଆଦି ଆମ ଖାଦ୍ୟରୁଚି ଅନୁସାରେ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରକାଳୀନ ଖାଦ୍ୟ ଭାବେ ବିଶେଷ ଲୋକାଦୃତ ହୋଇପାରିଛି । ସବୁ ବୟସ୍କର ଲୋକମାନେ ବର୍ଷର ଯେକୌଣସି ସମୟରେ ଯେକୌଣସି ଭୋଜନରେ ଅଣ୍ଡା ବ୍ୟବହାର କରୁଛନ୍ତି। ଏହା ସହଜରେ ରନ୍ଧା ବା ସିଝା ଯାଇପାରିବ ଏବଂ ଅନ୍ୟାନ୍ୟ ଖାଦ୍ୟରେ ସହଜରେ ମିଶାଯାଇପାରିବ।

ଅଣ୍ଡାରେ ଅନେକ ପ୍ରକାର ଭିଟାମିନ୍ ସହିତ ଧାତବଲବଣ ଓ ଖାଦ୍ୟସାର ଥିବା ଯୋଗୁ ଅଣ୍ଡାକୁ ପ୍ରକୃତିର ଭିଟାମିନ୍ ପିଲ୍ ବା ବଟିକା ବୋଲି କହିଥାନ୍ତି। ଗୋଟିଏ ବଡ଼ 'ଏ'ଗ୍ରେଡ୍ ଅଣ୍ଡାରେ ୭ଗ୍ରାମ ପ୍ରୋଟିନ୍ ସହିତ ୭୦ କ୍ୟାଲୋରି ଶକ୍ତି ନିହିତ ଥାଏ। ସାଧାରଣତଃ ୧୦୦ ଗ୍ରାମ୍ ଅଣ୍ଡାରେ ଜଳ ଅଂଶ ୭୫% ଥିବା ବେଳେ ପୁଷ୍ଟିସାର ୧୩%, ସ୍ନେହସାର ୧୦%, ଶ୍ୱେତସାର ୧%, ଧାତବଲବଣ ଓ ଭିଟାମିନ୍ ୧% ଏବଂ ୧୫୪ କ୍ୟାଲୋରି ଶକ୍ତି ନିହିତ ଥାଏ। ମା' କ୍ଷୀର ପରେ ପୁଷ୍ଟି ଦୃଷ୍ଟିରୁ ଅଣ୍ଡା ହେଉଛି ଦ୍ୱିତୀୟ। ଗୋଟିଏ ମାଈ କୁକୁଡ଼ା ବର୍ଷକୁ ୩୦୦ରୁ ୩୨୫ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ଗୋଟିଏ ମାଈ କୁକୁଡ଼ା ଗୋଟିଏ ଅଣ୍ଡା ଉତ୍ପାଦନ ପାଇଁ ୨୪ ରୁ ୨୬ ଘଣ୍ଟା ସମୟ ନିଏ। କୁକୁଡ଼ାର ବୟସ ଯେତେ ବଢ଼ିବ, ଅଣ୍ଡା ଦେବାର ଆକାର ମଧ୍ୟ ସେତେ ବଢ଼ିବ।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨





କଳିଙ୍ଗ ଷ୍ଟାଡିୟମରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଉଦ୍ଘାଟନୀ ଉତ୍ସବର ଆତସବାଜି କାର୍ଯ୍ୟକ୍ରମ। ମ୍ୟାଚର ମଜା ନେଉଛନ୍ତି ଦର୍ଶକ।

# ବିଜୟ ସହ ବ୍ରାଜିଲର ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୧୧।୧୦ (କ୍ରୀଡ଼ା ପ୍ରତିନିଧି)**

ଭାରତ ଓ ଓଡ଼ିଶାରେ ପ୍ରଥମଥର ପାଇଁ ଆରମ୍ଭ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମରକ୍କୋକୁ ୧-୦ ଗୋଲରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି ଟାଇଟଲ ଫେଭ୍‌ରାଇଟ ବ୍ରାଜିଲ। ମ୍ୟାଚର ୫ମ ମିନିଟରେ ବ୍ରାଜିଲର ୯ ନମ୍ବର ଜର୍ସି ପରିହିତ ଖେଳାଳି ଜନସନ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚରେ ଉଭୟ ମରକ୍କୋ ଓ ବ୍ରାଜିଲ ୪-୫-୧ ଷ୍ଟାର୍ଟିଂ ଲାଇନ୍‌ଅପ୍ ନେଇ ଖେଳିଥିଲେ। ମ୍ୟାଚରେ ବଲ ମରକ୍କୋ ନିୟନ୍ତ୍ରଣରେ ୩ ଓ ବ୍ରାଜିଲ ନିୟନ୍ତ୍ରଣରେ ୬୬ ପ୍ରତିଶତ ରହିଥିଲା। ପ୍ରତିପକ୍ଷ ଗୋଲପୋଷ୍ଟକୁ ବ୍ରାଜିଲ ୧୮ଟି ଏବଂ ମରକ୍କୋ ୪ଟି ଶଟ୍ ମାରିଥିଲା। ଏଥିରୁ ବ୍ରାଜିଲ ଗୋଟିଏ ଗୋଲ କରିବାରେ ସକ୍ଷମ ହୋଇଥିଲା। ମରକ୍କୋ ୨ଟି କର୍ନର ପାଇଥିବାବେଳେ ବ୍ରାଜିଲ ୮ଟି କର୍ନର ଶଟ୍ ମାରିଥିଲା। ଫାଉଲ୍ କ୍ଷେତ୍ରରେ ମଧ୍ୟ ବ୍ରାଜିଲ ଆଗରେ ରହିଥିଲା। ଏହି ସଂଖ୍ୟା ମରକ୍କୋର ୯ ଓ ବ୍ରାଜିଲର ୧୨ ରହିଥିଲା। ଆକ୍ରମଣାତ୍ମକ ପ୍ରଦର୍ଶନ କ୍ଷେତ୍ରରେ ଉଭୟ ପ୍ରାୟତଃ ସମକକ୍ଷ ପ୍ରଦର୍ଶନ କରିଥିଲେ। ମରକ୍କୋ ୨୫ ଓ ବ୍ରାଜିଲ ୨୭ ପ୍ରତିଶତ ଆକ୍ରମଣ କରି ଖେଳିଥିଲା। ଉଭୟ ଦଳର ଖେଳାଳି ଗୋଟିଏ ଲେଖାଏ ହଳଦିଆ କାର୍ଡ ପାଇଥିଲେ।

ମ୍ୟାଚର ପ୍ରଥମ ମିନିଟରେ ଆକ୍ରମଣ କରିଥିଲା ମରକ୍କୋ। ୧ମ ମିନିଟରେ ମାସନାଉ ସମୟା ଶୁଟ୍ କରିଥିବା ଶଟ୍‌କୁ ବ୍ରାଜିଲ ଗୋଲ କିପର ଅଟକାଇ ଦେଇଥିଲେ। ମାତ୍ର ତତ୍‌କ୍ଷଣାତ ବ୍ରାଜିଲ ପ୍ରତିଆକ୍ରମଣ କରିଥିଲା। ୩ୟ ମିନିଟରେ ଜନସନଙ୍କ ଶଟ୍‌କୁ ମରକ୍କୋ ଗୋଲକିପର ରୋକିଥିଲେ। ତେବେ ୫ମ ମିନିଟରେ ଲାରାଙ୍କଠାରୁ ପାଇଥିବା ଶଟ୍‌କୁ ବାମ ପଟରୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ ଜନସନ। ୪୦ତମ ମିନିଟରେ ମରକ୍କୋର ୟାଶମିନ ଜୋଉହିରଙ୍କୁ ୟେଲୋ କାର୍ଡ ବ୍ୟତୀତ ପ୍ରଥମାର୍ଦ୍ଧରେ ଆଉ ସେପରି କିଛି ଘଟଣା ଘଟି ନ ଥିଲା। ବ୍ରାଜିଲ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଲୋ ର୍ୟାଙ୍କ୍‌ପ୍ରାପ୍ତ ଦଳ ହୋଇଥିଲେ ହେଁ ମରକ୍କୋ ଶକ୍ତିଶାଳୀ ବ୍ରାଜିଲକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ବ୍ରାଜିଲ ଆକ୍ରମଣକୁ ଜୋରଦାର କରିଥିଲା। ୪୯ତମ ମିନିଟରେ ଆନା ଜୁଲିଆ ଗୋଲ ଉଦ୍ୟମ କରିଥିଲେ ହେଁ ମରକ୍କୋ ଗୋଲକିପର ଦୋର୍ବାଲି ଲୋଇସା ବଲ୍‌କୁ ବାହାରକୁ ପଠାଇ ଦେବାରେ ସକ୍ଷମ ହୋଇଥିଲେ। ୫୬ତମ ମିନିଟରେ ଜନସନ ଓ ୫୭ତମ ମିନିଟରେ ଗୁଟାଙ୍କ ପ୍ରୟାସକୁ ମଧ୍ୟ ଲୋଇସା ସଫଳତାର ସହ ରୋକିଥିଲେ। ମରକ୍କୋ ପକ୍ଷରୁ ମଧ୍ୟ ଏକାଧିକ ପ୍ରୟାସ ହୋଇଥିଲା। ମାତ୍ର କୌଣସି ଦଳ ଆଉ ଗୋଲ କରିପାରି ନ ଥିଲେ। ମୋଟାମୋଟି ଭାବେ ଗୋଟିଏ ଗୋଲ ବରଣ କରିଥିଲେ ହେଁ ମରକ୍କୋ ଭଲ ଖେଳିଥିଲା। ଅନ୍ୟପକ୍ଷରେ ପ୍ରତିଷ୍ଠା ଅନୁସାରେ ବ୍ରାଜିଲ ପ୍ରଦର୍ଶନ କରିପାରି ନ ଥିଲା। ଦଳ ବିଜୟୀ ହୋଇଥିବାରୁ ଖୁସି ଆସିଥିଲେ ହେଁ ଦଳର ପ୍ରଦର୍ଶନରେ ସନ୍ତୁଷ୍ଟ ହୋଇ ନ ଥିଲେ ମୁଖ୍ୟ କୋଚ୍ ସିମୋନି। ଏକାଧିକ ସୁଯୋଗ ହାତଛଡ଼ା ହେଲା, ତେବେ ଆଗାମୀ ମ୍ୟାଚରେ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ବ୍ରାଜିଲ ଓ ମରକ୍କୋ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍**

# କଳିଙ୍ଗ କର୍ନର

## ଗ୍ୟାଲେରିରେ ସଂସ୍କୃତି, ପରମ୍ପରାର ଝଲକ

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍। ଏଥିପାଇଁ ଷ୍ଟାଡିୟମର ଗ୍ୟାଲେରିକୁ ନୂଆ ରୂପ ଦିଆଯାଇଛି। ଏଥିରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଛି। ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରଗୁଡ଼ିକୁ ପଶାପାଲିର ରଙ୍ଗ ଦିଆଯାଇଛି। ଫଳରେ ସମ୍ପୂର୍ଣ୍ଣ ଷ୍ଟାଡିୟମ ଅତି ମନୋରମ ଦୃଶ୍ୟମାନ ହେଉଛି। ଫିଫା ଷ୍ଟାଣ୍ଡାର୍ଡର ବିଶ୍ୱସ୍ତରୀୟ ପଡ଼ିଆ ସାଙ୍ଗକୁ ଗ୍ୟାଲରିର ନବୀକରଣ ଷ୍ଟାଡିୟମର ଗୁରୁତ୍ୱକୁ ବଢ଼ାଇ ଦେଇଛି।

## ଦେଶ ବିଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ସମାଗମ

ଓଡ଼ିଶାରେ ପ୍ରଥମଥର ପାଇଁ ହେଉଛି ଏକ ଫିଫା ପ୍ରତିଯୋଗିତା। ସେଥିପାଇଁ କଳିଙ୍ଗ ଷ୍ଟାଡିୟମରେ ଏବେ ଦେଶ ବିଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ସମାଗମ ଦେଖିବାକୁ ମିଳିଛି। କଳିଙ୍ଗରେ ଭାରତ ସମେତ ବ୍ରାଜିଲ, ଆମେରିକା, ମରକ୍କୋ, ଚିଲି ଓ ନାଇଜେରିଆ ଖେଳିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଭାରତର ବିଭିନ୍ନ ରାଜ୍ୟରୁ ଏବଂ ବିଭିନ୍ନ ଦେଶରୁ ଗଣମାଧ୍ୟମ ପ୍ରତିନିଧିମାନେ ମ୍ୟାଚ ରିପୋର୍ଟିଂ ପାଇଁ ଏକତ୍ରିତ ହୋଇଛନ୍ତି।

## ମନମୋହିଲା ଇଭା

ବ୍ରାଜିଲ-ମରକ୍କୋ ମ୍ୟାଚର ପ୍ରଥମାର୍ଦ୍ଧରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା ଅଫିସିଆଲ ମାସ୍କଟ ଇଭା। ୨୦୨୧ ଅକ୍ଟୋବର ୧୧ରେ ମାସ୍କଟର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଇଭା ହେଉଛି ଏକ ଏସୀୟ ସିଂହୀ। ବାଳିକାମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଇଭାକୁ ମାସ୍କଟ ରୂପେ ଚୟନ କରାଯାଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଇଭା ପଡ଼ିଆ ଚାରିପଟେ ବୁଲିବା ସହ ହାତ ହଲାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲା।

## ଗ୍ୟାଲେରିରେ ମରକ୍କୋ ସମର୍ଥକ

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ମରକ୍କୋ ପ୍ରଥମଥର ପାଇଁ ଭାଗ ନେଉଛି। ଏହି ଦଳ ଗ୍ରୁପ୍ 'ଏ'ରେ ଅନ୍ୟ ସବୁ ଦଳଠାରୁ ର୍ୟାଙ୍କିଙ୍ଗ୍‌ରେ ନିମ୍ନରେ ରହିଥିଲେ ହେଁ ଖେଳାଳିଙ୍କୁ ଉତ୍ସାହ କରିବାକୁ ମରକ୍କୋର କିଛି ପ୍ରଶଂସକ ଭୁବନେଶ୍ୱର ଆସିଛନ୍ତି। ସେମାନେ ଦଳର ପ୍ରତିଟି ମୁଭ୍‌ରେ ଚେୟାର ବାଡ଼େଇ 'ମରକ୍କୋ, ମରକ୍କୋ' ଶବ୍ଦ ଉଚ୍ଚାରଣ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ପିଲାଙ୍କ ସହ ଅଫିସିଆଲ ମାସ୍କଟ ଇଭା।

## ଭାରତ ମ୍ୟାଚ ବେଳକୁ ଷ୍ଟାଡିୟମ ଅଧା ଭର୍ତ୍ତି

ବ୍ରାଜିଲ-ମରକ୍କୋ ମ୍ୟାଚ ବେଳକୁ ଷ୍ଟାଡିୟମ ଗ୍ୟାଲେରିରେ ବିଶେଷ ଦର୍ଶକ ନ ଥିଲେ। ମାତ୍ର ଭାରତ ମ୍ୟାଚ ବେଳକୁ ସ୍କୁଲ ପିଲାଙ୍କ ଆଗମନରେ ଷ୍ଟାଡିୟମ ଅଧା ଭରି ଯାଇଥିଲା। ମହିଳା ଫୁଟବଲର ରାଇଜିଂ ଷ୍ଟାରଙ୍କ ଖେଳ ଦେଖି ପିଲାମାନେ ଉଲ୍ଲସିତ ହୋଇଥିଲେ ଏବଂ ଅନେକ କିଛି ଶିଖିବାକୁ ପାଇଥିଲେ। ବିଶେଷ କରି ଫୁଟବଲକୁ କ୍ୟାରିୟର କରୁଥିବା କିମ୍ବା କରିବାକୁ ଚାହୁଁଥିବା ପିଲାଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ସଦୃଶ ଥିଲା। ଆମେରିକା ବିପକ୍ଷ ମ୍ୟାଚରେ ଭାରତୀୟ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ଓଡ଼ିଶା ଦର୍ଶକ। 'ଭାରତ, ଭାରତ' ଧ୍ୱନିରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା। ଏଥିରେ ଭାରତୀୟ ଖେଳାଳିମାନେ ଉତ୍ସାହ ପ୍ରଦର୍ଶନ ମଧ୍ୟ କରିଥିଲେ।

# ଭାରତ ବିପକ୍ଷରେ ଗୋଲ୍ ଦେଲେ ଭାରତୀୟ ବଂଶୋଦ୍ଭବ

**ଭୁବନେଶ୍ୱର, ୧୧।୧୦ (କ୍ରୀଡ଼ା ପ୍ରତିନିଧି):** ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପରେ ଆମେରିକା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି ଭାରତୀୟ ବଂଶୋଦ୍ଭବ ମିଆ ଭୁତା। ତାଙ୍କ ବାପା ଗୁଜରାଟର ରାଜକୋଟର ଜନ୍ମଗ୍ରହଣ କରିଥିଲେ। ଟେନିସ ପ୍ରତି ଆଗ୍ରହ ଏବଂ ଉଚ୍ଚଶିକ୍ଷା କରିବା ପାଇଁ ମିଆଙ୍କ ବାପା ଆମେରିକା ଯାଇ ସେଠାରେ ରହି ଯାଇଥିଲେ। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପରେ ନିଜ ଦେଶ ଭାରତ ବିପକ୍ଷରେ ଖେଳିବା ତାଙ୍କର ସ୍ୱପ୍ନ ରହିଛି ବୋଲି ଭୁତା ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଭାରତରେ ଅଧିକରୁ ଅଧିକ ବାଳିକା ଫୁଟବଲ ପ୍ରତି ଆକୃଷ୍ଟ ହେଲେ ସେ ଖୁସି ହେବେ ବୋଲି ପ୍ରକାଶ କରିଥିଲେ। ମଙ୍ଗଳବାର ସେ ଷ୍ଟାର୍ଟିଂ ଇଲେଭେନରେ ନ ଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ଆସି ୬୨ତମ ମିନିଟରେ ଦଳ ପକ୍ଷରୁ ୮ମ ଗୋଲଟି ସ୍କୋର କରିଥିଲେ। ୧୦ ନମ୍ବର ଜର୍ସି ପରିହିତ ଭୁତା ଚମତ୍କାର ଖେଳ ମଧ୍ୟ ପ୍ରଦର୍ଶନ କରିଥିଲେ।

# ଫିଫା ସାଧାରଣ ସମ୍ପାଦକଙ୍କୁ ଏଆଇଏଫ୍ଏଫ୍‌ର ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୧।୧୦ (ସ୍ପୋର୍ଟସ ବ୍ୟୁରୋ)**

ଓଡ଼ିଶା ସମେତ ଦେଶର ୩ଟି ଭେନ୍ୟୁରେ ଆୟୋଜିତ ହେବାକୁ ଯାଉଛି ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ଫିଫା ସାଧାରଣ ସମ୍ପାଦକ ଫାଟମା ସମୌରାଙ୍କୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ୍) ଓ ଓଡ଼ିଶା ଫୁଟବଲ ସଂଘ(ଫାଓ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମେ' ଫେୟାରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ, ସାଧାରଣ ସମ୍ପାଦକ ଶାଜି ପ୍ରଭାକରନ୍, କୋଷାଧ୍ୟକ୍ଷ କିପା ଅଜୟ ଓ ଫାଓର ଅବୈତନିକ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖଙ୍କ ସହିତ ଏଆଇଏଫ୍ଏଫ୍ ଓ ଫାଓର ସଦସ୍ୟଗଣ ଉପସ୍ଥିତ ରହିଥିଲେ।



ଫିଫା ସାଧାରଣ ସମ୍ପାଦକ ଫାତମା ସମାଉରାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଉପସ୍ଥିତ ଅଛନ୍ତି ଏଆଇଏଫଏଫ୍ ସଭାପତି କଲ୍ୟାଣ ଚୌବେ, ସାଧାରଣ ସମ୍ପାଦକ ଶାଜି ପ୍ରଭାକରନ୍, କୋଷାଧ୍ୟକ୍ଷ କିପା ଅଜୟ ଓ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ୨୦୧ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସମ୍ମିଳନୀ କକ୍ଷଠାରେ ନୂତନ ଭତ୍ତା ହିତାଧିକାରୀଙ୍କୁ ଚୟନ କରି ଭତ୍ତା ବଣ୍ଟନ କରିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଯୋଗଦେଇ ଚୟନ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ଏବଂ ଏସିଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଗୁଲ୍ସାନ



@ ଜ୍ୟୋତିନ୍



@ ଦେବଦତ୍ତ



@ ମୁକେଶ



@ ପ୍ରିୟବ୍ରତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅପ୍‌ଡେଟ୍ ହେଉନାହିଁ ଜିଲା ୱେବ୍‌ସାଇଟ

## ଲୋକଙ୍କୁ ମିଳୁଛି ଭୁଲ୍ ତଥ୍ୟ

ନୂଆପଡ଼ା ଅଫିସ,୧୧।୧୦

ଡିଜିଟାଲ ଯୁଗରେ ଲୋକଙ୍କୁ ଜିଲାସ୍ତରୀୟ ନିଯୁକ୍ତି, ଟେଣ୍ଡର ଓ ପରୀକ୍ଷା ଫଳ ସହିତ ବିଭିନ୍ନ ତଥ୍ୟ ୱେବସାଇଡ ମାଧ୍ୟମରେ ପ୍ରଦାନ କରିବା ପାଇଁ ନୂଆପଡା ଜିଲାରେ ମଧ୍ୟ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟରେ ଜଣେ ନିୟମିତ ସୂଚନା ବିଜ୍ଞାନ ଅଧିକାରୀଙ୍କ ସହିତ ମୋଟ ୪ଜଣ କର୍ମଚାରୀ ଅଛନ୍ତି। ଜିଲା ଭିତ୍ତିକ ବିଭିନ୍ନ ତଥ୍ୟକୁ ନୂଆପଡା ଜିଲା ପାଇଁ ଉଦ୍ଦିଷ୍ଟ ଥିବା ପୋର୍ଟାଲରେ ପକାଇବା ବିଭାଗର କାମ। ହେଲେ ଅନେକ ଜିଲାସ୍ତରୀୟ ଅଧିକାରୀଙ୍କ ବିଷୟରେ ଭୁଲ ତଥ୍ୟ ଦିଆଯାଇଛି। ନୂଆପଡା ଜିଲାରେ ଜଣେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ଧଳ ଲାଞ୍ଚ ନେଇ ନିଲମ୍ବିତ ଓ ପରେ ରାଜ୍ୟ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିବା ଅନେକ ବର୍ଷ ପରେ ମଧ୍ୟ ପୋର୍ଟାଲରୁ ତାଙ୍କ ନାମ ହଟିନାହିଁ। ସେହିପରି କୋମନା ବ୍ଲକ ପୂର୍ବତନ ବିଡିଓ ଶ୍ୟାମଳ ରୟ ବଦଳି ହେବା ୨ ବର୍ଷରୁ ଅଧିକ ହେବ ଏବଂ ତାଙ୍କ ପରେ ୨ଜଣ ବିଡିଓ ଆସି ସାରିଲେଣି। ହେଲେ ବର୍ତ୍ତମାନ ମଧ୍ୟ ରୟଙ୍କୁ କୋମନା ବିଡିଓ ବୋଲି ଦର୍ଶାଯାଇଛି। ଏମିତି ଅନେକ ଜିଲା ଅଧିକାରୀଙ୍କ ସମ୍ବନ୍ଧୀୟ ସୂଚନା ଅପଡେଟ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଜିଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭମ କୁମାରଙ୍କୁ ପଚାରିବାରୁ ଅଧିକାରୀଙ୍କ ବଦଳି ଓ ନୂଆ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ ସମ୍ବନ୍ଧରେ ଜଣାଇବା ପାଇଁ ଜିଲାର ସମସ୍ତ ବିଭାଗକୁ ଲିଖିତ ଭାବେ ଚିଠି କରିଛୁ। କୌଣସି ସୂଚନା ଆମେ ନ ପାଇଲେ କିଭଳି ପୋର୍ଟାଲରେ ଅପଡେଟ କରିବୁ ବୋଲି କହିଛନ୍ତି। ସିନାପାଲି ବିଡିଓ ସଦାଶିବ ନାଏକ, ବୋଡେନ ବିଡିଓଙ୍କ ବଦଳି ବାବଦରେ ସେମାନଙ୍କୁ ଜଣା ନ ଥିବାରୁ ତାଙ୍କ ନାମ ମଧ୍ୟ ବର୍ତ୍ତମାନ ପୋର୍ଟାଲରେ ହଟିନାହିଁ। ଠିକ ସମୟରେ ପୋର୍ଟାଲକୁ ଅପଡେଟ କଲେ ଜିଲାସ୍ତରୀୟ ଅଧିକାରୀଙ୍କ ସୂଚନା ଓ ବିଭିନ୍ନ ତଥ୍ୟ ଠିକ ଭାବେ ଲୋକେ ପାଇପାରିବେ। ଏହା ଉପରେ ପ୍ରଶାସନ ଗୁରୁତ୍ୱ ଦେବା କଥା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



| | |
|---|---|
| Profile Picture: | |
| Name: | Dr. Trilochan Dhala |
| Designation: | CDVO Nuapada |
| Email: | cdvonuapada[at]gmail[dot]com |
| Phone: | 9438436553 |
| Address: | CDVO Office Nuapada-766105 |

| | |
|---|---|
| Profile Picture: | |
| Name: | Sri Shyamal ku. Roy(OAS) |
| Designation: | BDO, Komna |
| Email: | ori-komna[at]nic[dot]in |
| Phone: | 8328909859 |
| Address: | BDO Komna, Dist- Nuapada Odisha-766105 |
| Profile Picture: | |
| Name: | Sri Purna Ch. Bhoi(OAS) |
| Designation: | BDO Boden |

ବଦଳି ହୋଇ ସାରିଥିବା ଅଧିକାରୀଙ୍କ ନାମ ବର୍ତ୍ତମାନ ମଧ୍ୟ ରହିଛି।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ବୋହିନେଲେ ମାଛ, ଚିଙ୍ଗୁଡ଼ି

- ୧୦ରୁ ଉର୍ଦ୍ଧ୍ୱ ଛେଳି ମୃତ
- ଡ୍ରାଇଭର, ହେଲ୍‌ପର ଫେରାର

କେସିଙ୍ଗା,୧୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ୨୬ ନଂ. ଜାତୀୟ ରାଜପଥ ଚାଞ୍ଚେର ଗ୍ରାମ ନିକଟରେ ଏକ ମାଛ ଓ ଚିଙ୍ଗୁଡ଼ି ବୋଝେଇ ଟ୍ରକ୍ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ଛେଳି ଉପରେ ମାଡିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରାୟ ୧୦ରୁ ୧୫ ଛେଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ମାଛ ଓ ଚିଙ୍ଗୁଡ଼ି ଗ୍ରାମବାସୀ ବୋହି ନେଇଯାଇଥିଲେ। ଡ୍ରାଇଭର ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ସୂଚନା ଅନୁସାରେ ବିଶାଖାପାଟଣାରୁ ମାଛ ଓ ଚିଙ୍ଗୁଡି ବୋଝେଇ ଟ୍ରକ୍ ନମ୍ବର (ଓଡି୦୮୦-୮୨୩୧) କେସିଙ୍ଗାକୁ ଆସୁଥିଲା। ଏହି ସମୟରେ ଝିପିଝିପି ବର୍ଷା ଲାଗି ରହିଥିଲା। ଚାଞ୍ଚେର ଗ୍ରାମ ନିକଟରେ ବର୍ଷା ପାଣିରେ ସ୍ଲିପ ହୋଇ ଟ୍ରକ୍ ଭାରସାମ୍ୟ ହରାଇ ଛେଳି ଉପରେ ମାଡ଼ି ଓଲଟି ପଡିଥିଲା। କିଛି ସମୟ ଏନ୍‌ଏଚ୍ ୨୬ରେ ଯାତାୟାତ ପ୍ରଭାବିତ ହୋଇଥିଲା ଛେଳି ମାଲିକମାନେ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଗାଡି ମାଲିକ ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କେସିଙ୍ଗା ଥାନାଧିକାରୀ ସତ୍ୟକୁମାର ନନ୍ଦ ସଦଳବଳେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ବାଇକ୍ ପୋଡ଼ିଲେ, ମହିଳାଙ୍କୁ ପଥର ବାନ୍ଧି କୁଅରେ ଫିଙ୍ଗିଲେ

- ଗୁରୁତର ଅବସ୍ଥାରେ ମହିଳା ଉଦ୍ଧାର
- ଦୁର୍ବୃତ୍ତଙ୍କ ଉନ୍ମତ୍ତକାଣ୍ଡ

ଭବାନୀପାଟଣା,୧୧।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ପଲସାପଡା ଗାଁରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଗାଁର ଚିତ୍ର ମାଝିଙ୍କ ଘର ବାରଣ୍ଡାରେ ଥିବା ଏକ ବାଇକ୍, ୨ଟି ସାଇକେଲ ଓ ୩ଚକିଆ ସାଇକେଲରେ ନିଆଁ ଲଗାଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଘର ଲୋକ ଏହା ଜାଣିବା ପରେ ନିଆଁକୁ ଲିଭାଇବା ପାଇଁ ପାଖରେ ଥିବା କୁଅରୁ ପାଣି ଆଣିବାକୁ ଯିବାବେଳେ ସେଠାରେ ଜଣେ ମହିଳାଙ୍କୁ କେହି ପଥର ବାନ୍ଧି ଫିଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ। ତେବେ ଭାଗ୍ୟ ବଶତଃ ମହିଳା ଜଣକ କୁଅରେ ଲାଗିଥିବା ପାଇପକୁ ଧରି ଗୁରୁତର ଅବସ୍ଥାରେ ପଡିରହିଥଲେ।

ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ କୁଅରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମହିଳା ଜଣକ ସେହି ଗାଁର ଗୋମତି ମାଝି ବୋଲି ଜଣାପଡିଛି। ସମ୍ଭବତଃ ମହିଳା ଜଣକ ଦୁର୍ବୃତ୍ତମାନଙ୍କୁ ଦେଖି ଦେଇଥିବାରୁ ବେଳେ ସେମାନେ ତାଙ୍କୁ ପଥର ବାନ୍ଧି କୁଅରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ତେବେ ଘଟଣା ସମ୍ପର୍କରେ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିନାହିଁ। ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଜୟପାଟଣା ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



ଡାକ୍ତରଖାନାରେ ଚିକିତ୍ସାଧୀନ ମହିଳା।




# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖଡ଼ିଆଳ,୧୧।୧୦(ଡି.ଏନ.ଏ.):** ଗାନ୍ଧୀ ଜୟନ୍ତୀ ଦିନଠାରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ନୂଆପଡ଼ା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଭୀମାଖୋଲ, ସମସେଦପଦର, ଦାବରୀ, ଭୈରାଜପୁର, ଭାଲୁଡୁଙ୍ଗରି, ବିରିଘାଟ, ଝାରସରମରେ ପହଞ୍ଚିଥିଲା। ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ଜିଲା ପରିଷଦ ସଦସ୍ୟା ତନୟା ଶବର, ଜିଲା ଛାତ୍ର ସଭାପତି ଅମିତ ସିଂଦେଓ, ଜିଲା ପରିଷଦ ଚିତ୍ତରଞ୍ଜନ ବେହେରା, ଜିଲା ପରିଷଦ ମାଲ୍ୟବନ୍ତ ସୁନା, କୋମନା ବ୍ଲକ ୨ ନମ୍ବର ଜୋନ ଜିଲା ପରିଷଦ ଅବନୀରଞ୍ଜନ ଯୋଶୀ, ଜିଲା ସଭାନେତ୍ରୀ ସରସ୍ୱତୀ ବାଗ, ରାଜ୍ୟ ମହିଳା ଉପସଭାପତି ପୁଷ୍ପାଞ୍ଜଳି ପାଣ୍ଡେ, ପୂର୍ବତନ ନଗରପାଳ ୟାସିନ ମହମ୍ମଦ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଟିଟୁ ପାଣ୍ଡେ, ଯୁବ ରାଜ୍ୟ ସାଧାରଣ ସମ୍ପାଦକ ସାହିଦ ମହମ୍ମଦ, ଜିଲା ବିଜେଡି ଉପସଭାପତି ମନୋଜ ଦୀପ, ଜିଲା ଯୁବ ସାଧାରଣ ସମ୍ପାଦକ ଅଭିଷେକ ମେହେର ,ଜିଲ୍ଲା ଯୁବ ସଂପାଦକ ରେହେମନ ମହମ୍ମଦ, ସୁନାରିସିକୁଆ ପଞ୍ଚାୟତ ସଭାପତି ନବଘନ ଦାସ, ଜିଲା ଉପସଭାପତି କୈଳାଶ ତାଣ୍ଡି, ରାଜ୍ୟ ସମ୍ପାଦକ ଅଭିଷେକ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଦିନରେ ୩ ମୃତ,୨୫ ଆକ୍ରାନ୍ତ



ବିଧାୟକ ପ୍ରଦୀପ ଦିଶାରୀ ନୂଆପଡାର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କଲେ ବିଧାୟକ

ଭବାନୀପାଟଣା,୧୧।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ପଞ୍ଚାୟତ ନୂଆପଡାରେ ଗତ ୫ ଦିନରେ ଝାଡ଼ାବାନ୍ତିରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ଜଣ ଆକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂକ୍ରମଣର କାରଣ ଖୋଜିବା ସହ ଲୋକଙ୍କୁ ଚିକିତ୍ସା ସହ ସଚେତନତା ସୃଷ୍ଟି କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଦିଶାରୀ ନୂଆପଡାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଫୋନରେ କଥା ହୋଇ ଯଥାସମ୍ଭବ ଏହାକୁ ନିବାରଣ କରିବା ପାଇଁ କହିଛନ୍ତି। ଲୋକଙ୍କୁ ପୋଖରୀ ଜଳକୁ କିଛିଦିନ କୌଣସି କାର୍ଯ୍ୟରେ ବ୍ୟବହାର ନ କରିବା ସହ ନିଜ ପରିବେଶ ସଫାସୁତୁରା ରଖନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ କିଛି ଆର୍ଥିକ ସହାୟତା ଦେବା ସହ ସାନ୍ତ୍ୱନା ଦେଇଛନ୍ତି। ବିଧାୟକଙ୍କ ସହ ଜୋନ ୨ ଜିଲା ପରିଷଦ ଦେବ ପୂଝାରୀ, ସରପଞ୍ଚ ଚଞ୍ଚଳା ନାଏକ, ସମିତି ସଭ୍ୟ ପୀତାମ୍ବର ହରିଜନ, ପ୍ରଦୀପ ପଟ୍ଟନାୟକ, ଖିରମଣି ଠାକୁର, ମୁରଲୀଧର ଦଳାଇ, ତେଜରାଜ ସାହୁ, ସହଦେବ ଗୌନ୍ତିଆ ଉପସ୍ଥିତ ଥିଲେ।



## ୨୦୧ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସମ୍ମିଳନୀ କକ୍ଷଠାରେ ନୂତନ ଭତ୍ତା ହିତାଧିକାରୀଙ୍କୁ ଚୟନ କରି ଭତ୍ତା ବଣ୍ଟନ କରିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଯୋଗଦେଇ ଚୟନ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ଏବଂ ଏସିଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଗୁଲସାନ


@ ଜ୍ୟୋତିନ୍


@ ଦେବଦତ୍ତ


@ ମୁକେଶ


@ ପ୍ରିୟବ୍ରତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫୨ବର୍ଷରେ ଘୋଡ଼ାଘାଟପଡ଼ା ଗଜଲକ୍ଷ୍ମୀ ପୂଜା

### ପାଳନ ହେଉଛି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

- ୧୪ରେ ସଙ୍ଗୀତଜ୍ଞ ବାବୁଲ ସୁପ୍ରିଓ ଓ ସାରିକା ସିଂଙ୍କ ମେଲୋଡି
- ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ

ସୋନପୁର,୧୧।୧୦(ନି.ପ୍ର.)

ସୁବର୍ଣ୍ଣପୁର ସହରର ଘୋଡାଘାଟପଡା ସ୍ଥିତ ବ୍ୟାସ ଆଶ୍ରମରେ ୫୨ତମ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଗତ ୯ ତାରିଖଠାରୁ ଆରମ୍ଭ ହୋଇଛି। ଗଜଲକ୍ଷ୍ମୀ ଯୁବକ ସଂଘ ଘୋଡାଘାଟପଡା ପକ୍ଷରୁ ଏହି ପୂଜା ଆୟୋଜିତ ହେଉଛି। କରୋନା ମହାମାରୀ ପାଇଁ ଗତ ଦୁଇ ବର୍ଷ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆୟୋଜନ ହୋଇ ପାରି ନ ଥିଲା। ତେଣୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଆଡମ୍ବର ସହକାରେ ପାଳନ ହେଉଛି। ପୂଜାରେ ସାଜସଜ୍ଜା, ପାର୍ଶ୍ୱ ଦେବାଦେବୀ, ଆଲୋକ ସଜ୍ଜା, ବଲିଉଡ୍ ନାଇଟ୍‌ସ, ଭଜନ ସନ୍ଧ୍ୟା ଓ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ପୂଜା ମଣ୍ଡପ ଓ ପଡାର ସମସ୍ତ ରାସ୍ତାପାର୍ଶ୍ୱକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ସୁବର୍ଣ୍ଣପୁରର ଐତିହ୍ୟ ଓ ପରମ୍ପରାକୁ ନେଇ ନିର୍ମିତ ପାର୍ଶ୍ୱ ଦେବାଦେବୀ ବେଶ ଆକର୍ଷଣୀୟ ହୋଇଛି। ଭିନ୍ନ ଭିନ୍ନ ସ୍ଥାନରେ ଲଙ୍କା ପୋଡି, ଶଶୀସେଣା, ବଳି ଓ ଭୀମଭୋଇଙ୍କ ପ୍ରତିକୃତି କରାଯାଇଛି। ଛୋଟ ପିଲା ମାନେ ମୀନାବଜାରର ବେଶ ମଜା ନେଉଛନ୍ତି। ରାଧେଶ୍ୟାମ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପୂଜା ପାଇଁ ରବିବାର ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ରତଧାରୀମାନେ ନିଷ୍ଠାର ସହିତ ପୂଜା କରୁଛନ୍ତି। ହିମାଂଶୁ ଶତପଥୀ ଓ ତାଙ୍କ ପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ସଭାପତି ଜିତେନ୍ଦ୍ର କୁମାର ସାହୁ, ଉପସଭାପତି ତାପସ ରଞ୍ଜନ ମହାନ୍ତି, ସମ୍ପାଦକ ସୁମିତ ପୂଜାହାରୀ, କୋଷାଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ଆଶିଷ ନାୟକ, ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଜିତେନ୍ଦ୍ର ପଟ୍ଟନାୟକ, ମୃଣ୍ମୟ ସିଂ ବକ୍ସି, ସୁଧୀର କୁମାର ପଣ୍ଡା, ରାମକୃଷ୍ଣ ପଟ୍ଟନାୟକ, ସୀତାରାମ ପଣ୍ଡା ଓ ସତ୍ୟଜିତ ସାହୁଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପାଦିତ ହେଉଛି। ସୋମବାର ସନ୍ଧ୍ୟାରେ କିର୍ତ୍ତନ୍ୟ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ବଲାଙ୍ଗୀରର ଧନେଶ୍ୱର ଦାସ ଓ ସାଥୀଙ୍କ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପରିବେଷଣ ହୋଇଛି। ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରର ରବିନ୍ଦ୍ର ମହାପାତ୍ରଙ୍କ ଭଜନ ସମାରୋହ, ଗୁରୁବାର ଭୁବନେଶ୍ୱରର ସୌରଭ ନାୟକ ଓ ସାଥୀଙ୍କ ଭଜନ ସମାରୋହ, ୧୪ ତାରିଖ ଶୁକ୍ରବାର ସୋନପୁର କଲେଜ ପଡିଆରେ ବଲିଉଡ କଣ୍ଠଶିଳ୍ପୀ ବାବୁଲ ସୁପ୍ରିଓ ଓ ସାରିକା ସିଂଙ୍କ କାର୍ଯ୍ୟକ୍ରମ ରହିଛି। ଶନିବାର ଶତ୍ରୁଘ୍ନ ଲୁହା ଓ ପଦ୍ମିନୀ ଦୋରାଙ୍କ ସମ୍ବଲପୁରୀ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଅଛି । ସେହିଭଳି ୧୬ ତାରିଖ ରବିବାର ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଦୁଲଦୁଲି, ଘଣ୍ଟବାଦ୍ୟ, କଲିକତା ରେକର୍ଡ ଡ୍ୟାନ୍ସ, ଆଦିବାସୀ ନୃତ୍ୟ, ବାଘ ନାଚ ଓ ଡି ଜେ ବେଣ୍ଡ ଶୋଭାଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ଓ ରାଜ୍ୟ ବାହାରର ଶତାଧିକ କଳାକାର ଭସାଣି ଶୋଭାଯାତ୍ରାରେ ସାମିଲ ହେବେ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ସୋନପୁର ଘୋଡାଘାଟପଡା ପୂଜାମଣ୍ଡପରେ ମା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା, ୨ ଗିରଫ

ବୌଦ୍ଧ,୧୧।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ରେଘାମୁଣ୍ଡାଠାରେ ଗତ ୬ ତାରିଖ ଦିନ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିଲା । ମଙ୍ଗଳବାର ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ମୁତାବକ, ଫାଇନାନ୍ସ କର୍ମଚାରୀ ହିତାଂଶୁ ତାଙ୍କ ଘଟଣାଦିନ କଣ୍ଟାମାଳ ଥାନାର ବିଭିନ୍ନ ଅଞ୍ଚଳରୁ କିସ୍ତି ଆଦାୟ କରି ଫେରୁଥିବା ବେଳେ ରେଘାମୁଣ୍ଡା ପାଣିଟାଙ୍କି ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ୭୧ ହଜାର ୪୭୩ ଟଙ୍କା, ଦୁଇଟି ମୋବାଇଲ ଓ କାଗଜପତ୍ର ଲୁଟି ନେଇ ପଳାଇଥିଲେ। ଏନେଇ ଗତ ୭ ତାରିଖରେ ତାଙ୍କ କଣ୍ଟାମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୪୮/୨୨ରେ ମାମଲା ରୁଜୁ କରି ଚଢାଉ କରିଥିଲା। ଚଢାଉ ସମୟରେ କଣ୍ଟାମାଳ ଥାନା ଅଧୀନ ସିଲେଟପଡା ଗ୍ରାମର ରଶାନ୍ତ ରଣା (୨୧) ଓ ସୋନପୁର ଜିଲା ତରଭା ଥାନା କମସରା ଗ୍ରାମର ପ୍ରେମାନନ୍ଦ ନାଗ (୨୮) ସନ୍ଦେହ ଘେରକୁ ଆସିଥିଲେ। ସେମାନଙ୍କୁ ଜେରା କରିବା ସମୟରେ ସେମାନେ ନିଜର ଦୋଷ ସ୍ୱୀକାର କରିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୦ ହଜାର ଟଙ୍କା, ଏକ ମୋଟର ସାଇକେଲ, ମୁଖା ଓ ଦୁଇଟି ବାଉଁଶ ବାଡି ଜବତ କରିଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରଶିକ୍ଷଣ

ବିନିକା,୧୧।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମଙ୍ଗଳବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ଆରମ୍ଭ ହୋଇଯାଇଛି। ଓଡିଶା ଡିଜାଷ୍ଟର ମ୍ୟାନେଜମେଣ୍ଟ ସୋନପୁର, ବିନିକା ଏନଏସି ଓ ସ୍ପୋର୍ଟ୍ସ କ୍ଲବ ବିନିକା ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୁଏ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସିଦ୍ଧାର୍ଥ ଜୁନିୟର କଲେଜ ଅଧ୍ୟକ୍ଷ ରେଖା ପଧାନ, ମୁଖ୍ୟବକ୍ତା ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧୀରେନ୍ଦ୍ର ନାୟକ, ଅନ୍ୟତମ ଅତିଥି ଏକଜିକ୍ୟୁଟିଭ ଅଫିସର ଶ୍ରୀକୁମାର ରଥ, ଟ୍ରେନର ସୁଦାମ ଚରଣ ସ୍ୱାଇଁ, ଅମିତ କୁମାର ରୋହିତ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ସାମନା କରାଯିବ ତାହା ଉପରେ ପ୍ରଶିକ୍ଷଣ ଦେଇଥିଲେ। ସ୍ପୋର୍ଟ କ୍ଲବ ସଭାପତି ସୋମନାଥ ମିଶ୍ର ପରିଚୟ ପ୍ରଦାନ କରିଥିଲେ। ସ୍ପୋର୍ଟ କ୍ଲବ ସମ୍ପାଦକ ମନୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ କାଉନସିଲର ବିଜୟ ବରାଇ, ପ୍ରଦୀପ ବାଘ, ଜିତୁ ମଲ୍ଲିକ, ଏନଏସି କର୍ମଚାରୀ ପୃଥ୍ୱୀରାଜ ପଧାନ, ସରୋଜ ବାଘ, ସତ୍ୟ ରାଜହଂସ, ରାଜା ପଧାନ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୦ଦିନ ଧରି ଚାଲିବ। ପ୍ରଶିକ୍ଷଣରେ ୩୦ଜଣ ଯୁବତୀଯୁବକ ଅଂଶଗ୍ରହଣ କରୁଛନ୍ତି।




## ୫-ଟି ସ୍କୁଲ ପରିଦର୍ଶନ କଲେ ଜିଲାପାଳ

ବିନିକା,୧୧।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଥିବା ୫ଟି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଜିଲାପାଳ ଅବୋଲି ସୁନୀଲ ନରୱଣେ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ନୀଳାଚଳ ମେହେର ଙ୍କ ସହିତ ସମସ୍ତ ଶ୍ରେଣୀ ଗୃହ ବୁଲିଥିଲେ। ଏହି ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ପ୍ରକାଶଥାଉକି ଗତ ସେପ୍ଟେମ୍ବର ୧୧ ତାରିଖରେ ଏହି ସ୍କୁଲରେ ଅଧ୍ୟୟନରତ ଛାତ୍ରଙ୍କୁ ସ୍ମାର୍ଟ ବ୍ଲାକବୋର୍ଡ ପରିବର୍ତ୍ତେ ଜଣେ ଶିକ୍ଷୟିତ୍ରୀ ଆଲମିରାରେ ଶିକ୍ଷାଦାନ କରୁଥିବା ନେଇ ଖବର ପ୍ରକାଶ ପାଇବା ପରେ ଚର୍ଚ୍ଚାର ବିଷୟ ହୋଇଥିଲା।

## ଗଜଲକ୍ଷ୍ମୀ ପୂଜାରେ ମୁରାସୁର ଦରବାର


ମୁରାସୁର ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ମୁରାସୁର।

ଅମରପାଲି,୧୧।୧୦(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ୪୦ତମ ଗଜଲକ୍ଷ୍ମୀ ପୂଜାର ମଙ୍ଗଳବାର ଥିବା ଦ୍ୱିତୀୟ ଦିବସ। ଏହି ଅବସରରେ ମୁରାସୁର ଦରବାର ଉଦ୍‌ଘାଟିତ ହୋଇଯାଇଛି। ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁରାସୁର ଦରବାରକୁ ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟା ରୀତା ଗର୍ଡିଆ,ସାମାଜିକ କର୍ମୀ ସତ୍ୟଞ୍ଜିବ ମିଶ୍ର, ପୂଜା କମିଟି ଉପସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧକ୍ଷ ସତ୍ୟମୋହନ ବେଦପାଣି, ସହସମ୍ପାଦକ ବିଦ୍ୟାଧର ଖୁର୍ଡିଆ, ପ୍ରକାଶ ପଣ୍ଡା, ଉପଦେଷ୍ଟା କୁଶ କୁମାର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ମୁରାସୁର ଦରବାରରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ମୁରାସୁରଙ୍କ କର୍ଣ୍ଣାଟ ରାଜ୍ୟରେ ରାଜ୍ୟାଭିଷେକ ଅଭିନୀତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଡା. ଶିବାନନ୍ଦ ଚାଉଲିଆ, ଡା.ଦେବେନ୍ଦ୍ର କୁମାର ସାହୁ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ବାଗବର ସରପଞ୍ଚ ନିରୂପମା ବଗର୍ତି ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ନାଟ୍ୟଭିକ୍ରମରେ ମୁରାସୁରଙ୍କ ମର୍ତ୍ତ୍ୟପୁର ଆକ୍ରମଣ ଓ ଦେବତାମାନଙ୍କୁ ପରାସ୍ତ, ଦେବତାମାନେ ବିଷ୍ଣୁଙ୍କୁ ଗୁହାରୀ, ବିଷ୍ଣୁ ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେବାକୁ ଦେବତାମାନଙ୍କୁ ପ୍ରତିଶ୍ରୁତି ଆଦି ପରିବେଷଣ ହୋଇଥିଲା। ଏଥିରେ ମୁରାସୁର ଭୂମିକାର ଅନ୍ତର୍ଡା(ବିନିକା)ର ଗୋପାଳ ପଣ୍ଡାଙ୍କ ସମେତ ଦାରୁଣ କିରଟୀ ମିଶ୍ର, ସୁଭିଦ୍ଧ ସୁନୀଲ ରାଓ, ବ୍ରହ୍ମା ପାର୍ଥ ଆଟୀ, ଇନ୍ଦ୍ର ଦେବାନନ୍ଦ ନନ୍ଦ, ପ୍ରହରୀ ବାବୁଲାଲ ଭୋଇ ଏବଂ ବରୁଣ ରାଜା ଭୂମିକାରେ ବୈଶୟାନନ୍ଦ ସାହୁଙ୍କ ଅଭିନୟ ଦର୍ଶକଙ୍କୁ ଆମୋଦିତ କରୁଛି। ଏହା ସହିତ ମଞ୍ଚରେ ସମ୍ବଲପୁରୀ ନୃତ୍ୟ ସହିତ ଆଧୁନିକ ନୃତ୍ୟ ଓ ଲୋକନୃତ୍ୟ ପରିବେଷଣ ହେଉଛି। ଦିନବେଳା କର୍ଲାମୁଣ୍ଡା(କଳାହାଣ୍ଡି) ର ପଣ୍ଡିତ ଅଜିତ ଦାଶଙ୍କ ଦ୍ୱାରା ରାମାୟଣ ପାରାୟଣ କରାଯାଉଛି।

## ଦ୍ୱିତୀୟ ମା' ଭୈରବୀ ମହୋତ୍ସବର ଲୋଗୋ ଉନ୍ମୋଚନ


ମା' ଭୈରବୀ ମହୋତ୍ସବର ଲୋଗୋ ଉନ୍ମୋଚନ ସମୟରେ ମନ୍ତ୍ରୀ ଓ ଅନ୍ୟମାନେ।

### ନଭେମ୍ବର ୨୨ରୁ ମହୋତ୍ସବ

ବୌଦ୍ଧ,୧୧।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ଦ୍ୱିତୀୟ ମହୋତ୍ସବ ଆସନ୍ତା ନଭେମ୍ବର ୨୨ ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି । ମଙ୍ଗଳବାର ପୁରୁଣାକଟକର ମା' ଭୈରବୀଙ୍କ ପୀଠରେ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବର ଲୋଗୋ ଉନ୍ମୋଚନ କରିଥିଲେ। ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ କୋଭିଡ ଯୋଗୁ ଦୀର୍ଘ ୨ ବର୍ଷ ଧରି ବନ୍ଦ ରହିଥିଲା। କରୋନା କଟକଣା ହଟିବା ପରେ ମହୋତ୍ସବ କମିଟି ପକ୍ଷରୁ ଚଳିତବର୍ଷ ମା' ଭୈରବୀଙ୍କ ମହୋତ୍ସବ ପାଳନ କରିବା ନେଇ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ମହୋତ୍ସବ ନଭେମ୍ବର ୨୨ ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଲୋଗ ଉନ୍ମୋଚନ ସମୟରେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲା, ହରଭଙ୍ଗା ବିଡିଓ ରବୀନ୍ଦ୍ର ନାଥ କହଁର, ଅତିରିକ୍ତ ତହସିଲଦାର ହରିଓମ୍ ଭୋଇ , ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋସ୍ନା କାଉଁରୀ ଓ କମିଟିର ଆବାହାକ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



## ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ତୁଣ୍ଡଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବେଲଖଣ୍ଡି ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଏବଂ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଭାରତ ବେମାଲ, ପିସିସି ସଭ୍ୟ ସାଗରଚରଣ ଦାସ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, ପରମାନନ୍ଦ ମାଝି, ବିଭୁତି ମହାକୁଡ଼ଙ୍କ ସମେତ କଂଗ୍ରେସ ନେତା ଏବଂ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

# ପାଇକ ରେଜିମେଣ୍ଟ ଦାବି ଜୋର ଧରିଲା

**ଜୁନାଗଡ଼,୧୧।୧୦(ଡି.ଏନ.ଏ.)**


ଜୁନାଗଡ଼ରେ ରାଜପୁତ କ୍ଷେତ୍ରିୟ ପାଇକ ସମାଜର ଶୋଭାଯାତ୍ରା।

### ରାଜପୁତ କ୍ଷେତ୍ରିୟ ପାଇକ ସମାଜର ଦଶମ ମହାସଭା

ସ୍ୱାଧୀନତା ଆଣିବାରେ କ୍ଷେତ୍ରିୟ ବା ପାଇକମାନଙ୍କ ଭୂମିକା ଅତୁଳନୀୟ। ଏହି ଯୋଦ୍ଧାମାନେ ଇଂରେଜଙ୍କ ସହିତ ଲଢେଇ କରିଥିଲେ। ସରକାର ଏହି ଯୋଦ୍ଧାମାନଙ୍କୁ ଅଣଦେଖା କରୁଛନ୍ତି। ତେଣୁ ସରକାର ପାଇକ ରେଜିମେଣ୍ଟ କରିବାକୁ ଦାବି ହୋଇଛି। ମଙ୍ଗଳବାର କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କୁଳିହାରିଠାରେ ଭଇଁରୀଗୁଡା ପଶ୍ଚିମ ମଣ୍ଡଳ ରାଜପୁତ କ୍ଷେତ୍ରିୟ ପାଇକ ସମାଜ ପକ୍ଷରୁ ଦଶମ ମହାସଭା ଉଦ୍‌ଘାଟନ ସମାରୋହରେ ଅତିଥିମାନେ କହିଥିଲେ। ଏହି ଉପଲକ୍ଷେ ଆରମ୍ଭରେ ଜୁନାଗଡ଼ ସହରରେ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ଲାଙ୍କେଶ୍ୱରୀ ମନ୍ଦିରଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ହୋଇଥିଲା। କୁଳିହାରିଠାରେ ଉଦ୍‌ଘାଟନୀ ଉତ୍ସବରେ ପଶ୍ଚିମ ମଣ୍ଡଳ ଅଭ୍ୟର୍ଥନା କମିଟି ସଭାପତି ପରମାନନ୍ଦ ପୂଝରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କଳାହାଣ୍ଡି କୁଳାଧକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ପୂର୍ବ କୁଳାଧକ୍ଷ ଗୁଣନିଧି ମାଝି, ପଶ୍ଚିମ ମଣ୍ଡଳ କୁଳପତି ଅର୍ଜୁନ ସିଂ ଠାକୁର, ପୂର୍ବ ମଣ୍ଡଳ କୁଳପତି ପ୍ରଦୀପ ଘଡେଇ, ଖଡ଼ିଆଳ ପାଟଣା କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ପୂର୍ବକୁଳପତି ଜ୍ୟୋତି ପ୍ରକାଶ ବାଣୁଆ, ଲାଲୁ ପ୍ରସାଦ ଦଣ୍ଡସେନା, ଚାରୁଚନ୍ଦ୍ର ବାଣୁଆ, ଅଶ୍ୱିନୀ କୁମାର ବାଣୁଆ, ଘସିରାମ ରାଉତ, ସତ୍ୟ ନାରାୟଣ ମୁଣ୍ଡଛିନା, ଘନଶ୍ୟାମ ଗୁରୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଲକ୍ଷ୍ମୀନାରାୟଣ ବାଣୁଆ ଓ ହେମନ୍ତ କୁମାର ପ୍ରଧାନୀ ମଞ୍ଚ ପରିଚାଳନା କରିଥିବା ବେଳେ ସଦାନନ୍ଦ ଦଳପତି ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ

**କର୍ଲାମୁଣ୍ଡା,୧୧।୧୦(ଡି.ଏନ.ଏ.)**


ଚିକିତ୍ସା ଅଧିକାରୀ ଓ ବ୍ଲକ ଅଧକ୍ଷାଙ୍କ ସହିତ ଜିଲାପାଳ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ଅଞ୍ଚଳ ମଙ୍ଗଳବାର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଗସ୍ତ କରିଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକ ଅଧକ୍ଷା କୁନି ସାହୁ, ଭାରପ୍ରାପ୍ତ ବିଡିଓ ଶିଧେଶ୍ୱର ମେହେରଙ୍କ ସମେତ ମିଶନ ଶକ୍ତି କର୍ମକର୍ତ୍ତାମାନେ ଫୁଲ ତୋଡାଦେଇ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ କିଛି ସମୟ ଆଲୋଚନା କରିବା ପରେ ଜିଲାପାଳ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ଧରୁଆଙ୍କୁ ସାକ୍ଷାତ କରି ଅସ୍ଥାୟୀ କୋଭିଡ୍ ଗୃହ ନିର୍ମାଣ କାର୍ଯ୍ୟ ସପ୍ତାହ ମଧ୍ୟରେ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଡାକ୍ତରଖାନାରେ ଏକ୍ସରେ ମେଶିନ ଥାଇ ସୁଦ୍ଧା ଲୋକଙ୍କ କାମରେ ଲାଗି ପାରୁ ନ ଥିବା ଜାଣିବାକୁ ପାଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଜିଲାପାଳ ୫-ଟି ଅନ୍ତର୍ଭୁକ୍ତ ରିଞ୍ଜା ହାଇସ୍କୁଲ, ଭଟାପଲା ଓ ରେଗଡା ହାଇସ୍କୁଲ ପରିଦର୍ଶନ କରିବା ସହିତ ରାଜପୁର ଗ୍ରାମପଞ୍ଚାୟତ ପରିଦର୍ଶନ କରିଥିଲେ।

# ଚଣ୍ଡୀ ଭୈରବୀ ପୂଜା ସହ ନାଗବାଚା ପୂଜା ସମ୍ପନ୍ନ

**ପଲମ,୧୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଲ ଗ୍ରାମରେ ୨ଦିନ ଧରି ଚାଲିଥିବା ମା’ ଚଣ୍ଡୀ ଓ ଭୈରବୀ ପୂଜା ସହ ନାଗବାଚା ପୂଜା ମଙ୍ଗଳବାର ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ପୂଜନୋତ୍ସବରେ ଶିକ୍ଷାଗୁରୁ ଦନାର୍ଦ୍ଦନ କୁମୁରା, ତାଣ୍ଡିଗାଁ ବଲାଙ୍ଗୀର ଖଇରମାଲ ଗ୍ରାମକୁ ଆସି ନାଗଦେବୀଙ୍କ ପୂଜା ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଆଜକୁ ପ୍ରାୟ ୩୨ବର୍ଷ ହେଲା ପାରମ୍ପରିକ ରୀତିନୀତି ମତେ ପୂଜାର୍ଚ୍ଚନା କରି ଆସୁଛନ୍ତି। ପୂଜକ ଭାବେ ଗ୍ରାମର ଗୋବିନ୍ଦ ଧରୁଆ ରହି ପ୍ରତ୍ୟହ ସୋମବାର ନାଗଦେବୀ ପୂଜା କରି ଆସୁଛନ୍ତି। ପ୍ରଥମ ଦିନରେ ବାଟବରଣ ତଥା ଦାଣ୍ଡପୂଜା ଆୟୋଜନ କରିଥାନ୍ତି। ଦ୍ୱିତୀୟ ଦିନ ଚଣ୍ଡି ଭୈରବୀ ପୂଜା ସହ ନିଛାଟିଆ ଜଙ୍ଗଲ ମଧ୍ୟରେ ପୂଜାର୍ଚ୍ଚନା କରିଥାନ୍ତି। ପୂଜା କାର୍ଯ୍ୟରେ ବୋଦା ବଳି ମଧ ଦିଆଯାଇଥାଏ। ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସଭାପତି ମନୋରଜ ଧରୁଆ, ସମ୍ପାଦକ ପୃଥ୍ୱିରାଜ ସାହୁ ରହି ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଗ୍ରାମର ଭକ୍ତ ଭାସ୍କର ଧରୁଆ, ରୁଦ୍ର ଧରୁଆ, ବୈଲୁଚନ ସାହୁ, ମିଛୁ ଧରୁଆ, ରାଜିବ ପୁଟେଲ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ନାଗବାଚା ଭକ୍ତ ଓ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ଭୋଜିର ଆୟୋଜନ କରି ସମସ୍ତ ଭକ୍ତ ତଥା ଜନସାଧାରଣ ପ୍ରସାଦ ସେବନ କରିଥାନ୍ତି।

# ସଲଣ୍ଡିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**କର୍ଲାମୁଣ୍ଡା,୧୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସଲଣ୍ଡିଆମୁଣ୍ଡାଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ସଲଣ୍ଡିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା ଏକାଦଶ ବର୍ଷରେ ପଦାର୍ପଣ କରିଛି। ଏଥିରେ ପୂଜକ ଭାବେ ରୁଦ୍ରଦେବ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ହୃଷିକେଶ ଭୋଇ ଓ ପୁଷ୍ପା ଭୋଇ ରହିଥିଲେ। ପୂଜା କମିଟି ସଭାପତି ବାବୁଲି ଚରଣ ପରିଡା, ସମ୍ପାଦକ ନରୋତ୍ତମ ସେଲମା, ବାସୁଦେବ ସେଲମା, ହେମନ୍ତ ଭୋଇ, ରଞ୍ଜନ ନାଏକ, ପାର୍ଥ ସାହୁ, ସୁନୀଲ ବେହେରା, ମାୟାଧର ଭୋଇ, କାନ୍ତ ରଣା, ନରେନ୍ଦ୍ର ସେଲମା, ଅଶୋକ ପାତ୍ର, ଯୁଧିଷ୍ଠିର ସାହୁ, ଲଛମନ ଭୋଇ, ସିପୁନ, ଦିପୁନ, ପିଙ୍କୁ ଜିତୁ, ଲିଙ୍କୁ, ତନ୍ମୟ, ସୋନୁ, ପିୟୁଷ, ମୁକେଶ ସହଯୋଗ କରିଛନ୍ତି।

# ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ

**ଭବାନୀପାଟଣା,୧୧।୧୦(ସ୍ୱ.ପ୍ର.)**



ଫୁଟବଲ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିବୃନ୍ଦ।

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମଠାରେ ମଙ୍ଗଳବାର ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନ୍ାମେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଫୁଟବଲକୁ ଲୋକପ୍ରିୟ କରିବା ପାଇଁ ବିଦ୍ୟାଳୟସ୍ତର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହା ଆୟୋଜିତ କରାଯାଉଛି। ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବିଶିଷ୍ଟ ଅତିଥି ଓଡ଼ିଶା ଅଲମ୍ପିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶାରୀରିକ ସୁସ୍ଥତା ସହ ମାନସିକ ସ୍ଥିରତା ଆଣିଥାଏ। ସେହିଭଳି ଫୁଟବଲ ଚିତ୍ତବିନୋଦନ ସହ ସ୍ୱାସ୍ଥ୍ୟଗତ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଡିଇଓ ଟେମଲାଲ ଦୁବେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇପିଇ ମହେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଘୁମୁରା ପରିବେଷଣ କରିଥିଲେ ବାଳଗୋପାଳ ସେବା ନିକେତନ ଛାତୀଛାତ୍ରମାନେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ହେମନ୍ତ ମୁଣ୍ଡ। ଏହି ଅବସରରେ ନର୍ଲା ଓ କୋକସରା ବ୍ଲକର ୫ଟି ହାଇସ୍କୁଲକୁ ଫୁଟବଲ ବଣ୍ଟନ କରାଯାଇଥିଲା। ୭ଦିନ ବ୍ୟାପି ହେବାକୁ ଥିବା ଏହି ଖେଳରେ ପ୍ରତିଦିନ ଉଭୟ ବାଳକ ଓ ବାଳିକା ବିଭାଗ ମ୍ୟାଚ ହେବ। ଉଦ୍‌ଘାଟନୀରେ ୩ଟି ମ୍ୟାଚ ଖେଳା ଯାଇଛି। ବାଳକ ବିଭାଗ ପ୍ରଥମ ମ୍ୟାଚ ନର୍ଲା-କୋକସରା, ୨ୟ କେସିଙ୍ଗା-ଜୁନାଗଡ଼ ମଧ୍ୟରେ ହୋଇଥିଲା। ବାଳିକା ବିଭାଗରେ ଭବାନୀପାଟଣା-ମ.ରାମପୁର ମଧ୍ୟରେ ହୋଇଥିଲା। ଖେଳ ପରିଚାଳନା କରିଥିଲେ ରେଫରି ନବୀନ ନାଏକ, ଜିତେନ୍ଦ୍ର ରଥ ଓ ନାରାୟଣ ପ୍ରଧାନ, ଜୁବିନ ଲହଜଲ, ସନ୍ତୋଷ ପାଣିଗ୍ରାହୀ, ସନ୍ତୋଷ ନାଏକ, ଅମିତ ମହାନ୍ତି, ରଘୁନାଥ ହେମ୍ବ୍ରମ। ପ୍ରତିଦିନ ୩ଟି ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଜିଲାର ସମସ୍ତ ବିଇଓ, କ୍ରୀଡା ଶିକ୍ଷକ, ମୋ ସ୍କୁଲ ସଂଯୋଜକ ସୁକାନ୍ତ ସାହୁ, ଡିଇଓ ଅଫିସର ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ଜନଜାତି ସାଧନ କେନ୍ଦ୍ର ସଂଯୋଜକ ଡିଲେଶ୍ୱର ରଣା, ସରିଆଁ ସିଆରସିସି ସୁଧୀର ଧଙ୍ଗଡାମାଝି, ଷ୍ଟାଡିୟମ କର୍ମକର୍ତ୍ତା, ବାଳଗୋପାଳ ସେବା ନିକେତନର ସ୍କାଉଟ ଏବଂ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗାଇଡ଼ ପ୍ରମୁଖ ସହଯୋଗ କରିଥିଲେ।

# ୫୦ ପ୍ରାଣୀ ପାଳକଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ଜିଲାପାଳ ଜଣେ ପ୍ରାଣୀ ପାଳକଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ବଲାଙ୍ଗୀର ଅଫିସ,୧୧।୧୦**

ବଲାଙ୍ଗୀର ଜିଲାସ୍ତରୀୟ କାର୍ଯ୍ୟାଦେଶ ବଣ୍ଟନ ଏବଂ ବୈଷୟିକ ଜ୍ଞାନ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ସ୍ଥାନୀୟ ସାମ୍ବାଦିକ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି ଓ ଜିଲାପାଳ ଚଞ୍ଚଳ ରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ସନ୍ତୋଷ କୁମାର ପଣ୍ଡା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏଥିରେ ବଲାଙ୍ଗୀର ଜିଲାର ବିଭିନ୍ନ ପ୍ରାନ୍ତର ପ୍ରାୟ ୭୦ ଜଣ ପ୍ରାଣୀ ପାଳକ ଯୋଗଦାନ କରିଥିଲେ। ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିନରେ ଚାଲୁଥିବା ବିଭିନ୍ନ ରିହାତି ଥିବା ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ୫୦ ପ୍ରାଣୀପାଳକଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜିଲାପାଳ ରାଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରାଣୀପାଳକଙ୍କୁ ଯୋଜନାଗୁଡ଼ିକର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟାଦେଶ ପାଇଥିବା ଚାଷୀମାନେ କିଭଳି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜି ପାରିବେ ସେ ବିଷୟରେ କହିଥିଲେ। ମୁଖ୍ୟଅତିଥି ଦେବକୀ ସାହୁ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକରୁ ଚାଷୀ କିପରି ଲାଭ ଉଠାଇ ପାରିବେ ଆଲୋକପାତ କରିଥିଲେ। ବୈଷୟିକ ଜ୍ଞାନ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଡା. ଆଲୋକ କୁମାର ନାଏକ, ଏଡିଭିଓ ଏଲ୍.ପି. ଉପସ୍ଥିତ ପ୍ରାଣୀ ପାଳକମାନଙ୍କୁ ଏହି ଯୋଜନାଗୁଡ଼ିକର ସଫଳ ରୂପାୟନ ବିଷୟରେ ବିଭିନ୍ନ ବୈଷୟିକ ସୂଚନା ଦେଇଥିଲେ। ଡା. ତପନ କୁମାର ପଲାଇ ବୈଜ୍ଞାନିକ କୃଷି ବିକାଶ କେନ୍ଦ୍ର ବଲାଙ୍ଗୀର ଗୋ ସମ୍ପଦର ରକ୍ଷଣା ବେକ୍ଷଣ ସହିତ କୁକୁଡ଼ା ଚାଷକୁ ଏକ ଲାଭଦାୟକ ବ୍ୟବସାୟ ରୂପେ ଗ୍ରହଣ କରିବା ପାଇଁ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଆଲୋକପାତ କରିଥିଲେ। ଡିଇଓ ପ୍ରଫୁଲ୍ଲ କୁମାର ପଣ୍ଡା ଚାଷୀମାନଙ୍କୁ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳୀ ଓ ଏହାର ସଫଳ ବ୍ୟବସାୟ ଉପରେ ଆଲୋଚନା କରିଥିଲେ। ଡା. ଶୁଭାଶିଷ ସାମନ୍ତ, ଡା. ଦେବସ୍ମିତା ଦେବତା, ଡା. ଚିନ୍ମୟୀ ମିଶ୍ର, ଡା. ସଞ୍ଜୟ ମହାକୁର, ଡା. ଅଭିନାଶ ପଟେଲ ଓ ଡା. ପ୍ରକାଶ ବେହେରା ଏହି ଅବସରରେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡର ଇ-ନିଲାମ**

ସଂ. C/SBP/P & U and Parking/e Auction-22, ତା.30.09.2022ରିଖ

**ଷ୍ଟେସନ ର ନାମ:** (1) ରେଙ୍ଗାଖୋଲ-2 ଏବଂ 4 ଚକିଆ (ମିଶ୍ରିତ) ଏବଂ (2) ସମ୍ବଲପୁର-2 ଏବଂ 4 ଚକିଆ (ମିଶ୍ରିତ)।

**ନିଲାମ ଆରମ୍ଭ ତାରିଖ ଓ ସମୟ:** ତା.17.10.2022 ରିଖ 1200 ଘଟିକାରେ (କ୍ରମ ସଂ.1 ନିମନ୍ତେ) ଏବଂ ତା.18.10.2022 ରିଖ 1200 ଘଟିକାରେ (କ୍ରମ ସଂ.2 ନିମନ୍ତେ)।

**ନିଲାମ ଶେଷ ତାରିଖ ଓ ସମୟ:** ତା.17.10.2022 ରିଖ 1230 ଘଟିକାରେ (କ୍ରମ ସଂ.1 ନିମନ୍ତେ) ଏବଂ ତା.18.10.2022 ରିଖ 1230 ଘଟିକାରେ (କ୍ରମ ସଂ.2 ନିମନ୍ତେ)।

EMD: 5% (ସମସ୍ତ କ୍ରମ ସଂ. ନିମନ୍ତେ), ସର୍ବନିମ୍ନ ବୃଦ୍ଧି: 0.2% (ସମସ୍ତ କ୍ରମ ସଂ. ନିମନ୍ତେ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-587/N/22-23

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C-NIT-MPS-BLGR-UR-PF01, ତା.03.10.2022ରିଖ

**କାର୍ଯ୍ୟର ନାମ:** 05(ପାଞ୍ଚ) ବର୍ଷ ସମୟାବଧି ନିମନ୍ତେ ବଲାଙ୍ଗୀର ଷ୍ଟେସନ ସ୍ଥିତ ପ୍ଲାଟଫର୍ମ ନଂ.1 ଠାରେ ବହୁ ଉପଯୋଗୀ ଦୋକାନ (Multi Purpose Stall)। **ବାର୍ଷିକ ସଂରକ୍ଷଣ ମୂଲ୍ୟ (ଟଙ୍କାରେ):** 1,04,000/-, EMD (ଟଙ୍କାରେ): 10,500/- (ନେଟ୍ ବ୍ୟାଙ୍କିଙ୍ଗ କିମ୍ବା ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠ), ଟେଣ୍ଡର ନଥିପତ୍ରର ମୂଲ୍ୟ (ଫେରସ୍ତଯୋଗ୍ୟ ନୁହେଁ)(ଟଙ୍କାରେ): 2500/- + 18% GST= 2,950/- , (ଟେଣ୍ଡର ମୂଲ୍ୟ କେବଳ ଅନ୍‌ଲାଇନ୍ ନେଟ୍ ବ୍ୟାଙ୍କିଙ୍ଗ ଗେଟ୍‌ୱେ ମାଧ୍ୟମରେ ସ୍ୱୀକାର କରାଯିବ), ସମୟ ଅବଧି: 05 ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.10.2022 ରିଖ 1100 ଘଟିକାରେ (କେବଳ ଅନ୍‌ଲାଇନ୍ www.ireps.gov.in ଜରିଆରେ), **ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ:** ତା.26.10.2022 ରିଖ 1130 ଘଟିକାରେ(କେବଳ ଅନ୍‌ଲାଇନ୍ www.ireps.gov.in ଜରିଆରେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-II, ସମ୍ବଲପୁର
PR-593/N/22-23

E-Mail - sencrwangul@yahoo.co.in, Ph:06764-236404

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
No. 1993 Dt. 10.10.2022

**e-Procurement Notice for CAPEX PLAN ROAD WORKS in Odisha**

**No.O-1091:**1. Name of the work : Road work. 2. Total No. of work : 04 Nos. 3. Estimated cost : Rs. 367.73 Lakhs to Rs.602.46 Lakhs. 4.Class of Contractor : ‘A’ & Special Class. 5.Period of completion : 09 and 11 Calendar Months. 6.Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | CAPEX On-line -AGL-12/ 2022-23 | 20.10.2022 at 10.00 A.M. | 03.11.2022 upto 3.00 P.M. | 02.11.2022 upto 1.00 P.M. | 03.11.2022 upto 4.00 P.M. | Intimated latter on |

For detailed Notice Inviting Tenders, Please visit to the website www.tendersorissa.gov.in.
Sd./- D.Padhi
OIPR-25180/11/0018/2223 Chief Construction Engineer, Rural Works Circle, Angul

**GOVERNMENT OF ODISHA** No. O-1092
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
Ph. No. 0674-2301787, Fax No. 0674-2300965, E-Mail ID: eerw_bbsr@yahoo.co.in
No. Tender-Online-BBSR Divn. - 24 Date: 10.10.2022

**e-Procurement NOTICE**

1. Name of the work : Repair/Maintenance of road work
2. Total No. of Roads : 01 No. of Road
3. Class of Contractor :
   a) Above Rs.20 lakh and upto 3 Crore : ‘B’ Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : ‘C’ Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : ‘D’ Class (of Odisha PWD) or equivalent class of other licensing authorities.
4. Estimate cost of individual projects : Rs.44.90 lakh
5. Time for completion : 3 (Three) Calendar months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn. - 24 | 20.10.2022 at 11.00 A.M. | 26.10.2022 upto 5.00 P.M. | 27.10.2022 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR-25066/11/0026/2223 Sd./- Superintending Engineer, Rural Works Divn., BBSR

**THE BOLANGIR-KALAHANDI-NUAPADA REGIONAL CO-OPERATIVE MILK PRODUCERS’ UNION LTD.**
INSIDE VETERINARY HOSPITAL CAMPUS, HATISALPADA, BOLANGIR
DIST.-BOLANGIR-767001 (ODISHA) Tel:06652-230334
Email-omfedbknmul@yahoo.com .Website: www.bknmilkunion.com

**TENDER NOTICE FOR PURCHASE OF FURNITURE & FIXTURE UNDER WODC FUND**

Sealed Tenders are invited from the reputed Manufacturers/ Authorised Distributors/Dealers/Retailers for supply of furniture & fixture (Alamirah, Table and Chair) for the period of 12 month .from the date of finalization of tender. The tender documents shall be downloaded at BKN Co-op. Milk Union Office website mentioned below from 12.10.2022 to 03.11.2022 which shall be received up to 1 P.M. on dtd.03.11.2022 and shall be opened on the same day i.e. 03.11.2022 at 3 P.M.(Technical Bid) and 04.11.22 at 3 P.M (Price Bid) at BKN Milk Union Head Office in presence of Bidders. Any addendum, corrigendum or update shall be posted only on BKN website.

BKN reserves the right to cancel any or all the offers without assigning any reason thereof. For details please visit our website **www.bknmilkunion.com**.

Sd./- General Manager

**OFFICE OF THE COLLECTOR & DISTRICT MAGISTRATE, KENDRAPARA**
**(SOCIAL WELFARE SECTION)**
No. 1545 Dtd.10.10.2022

**TENDER CALL NOTICE**

No. g-59: Sealed tenders are invited in prescribed form from intending registered Transporting Contractors/ Agents/Firms for undertaking transportation of rice and wheat under SNP for the year 2022-23 (from 22.10.2022 to 21.10.2023) in Kendrapara District.
The tender paper along with details of terms and conditions of tender can be obtained on payment of Rs.10,000/- (Ten thousand) only by Cash/Bank Draft in favour of the District Social Welfare Officer, Kendrapara from the Office of the District Social Welfare Officer, Kendrapara from 11.00 A.M. to 3.00 P.M. on any working days from 10.10.2022 to 27.10.2022. The tender will be opened on 27.10.2022 at 4.00 P.M.
For details about the Tender Call Notice, please visit Kendrapara District Website i.e. **http://www.kendrapara.nic.in**.

Sd./- Collector, Kendrapara
OIPR-24032/11/0002/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 18585/IND-II-PH-1091 ତାରିଖ 10.10.2022
No. CAD-2105

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗୁରୁଣ୍ଡିଆ ତହସିଲଦାର ଓଡ଼ିଶାର ସୁନ୍ଦରଗଡ ଜିଲ୍ଲା, ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ- ଖ ଗ୍ରାମରେ ୮.୦୧୨ ହେକ୍ଟର ପରିମିତ ଅଞ୍ଚଳରେ ଖାତା ନଂ.୦୧ ଅନ୍ତର୍ଗତ ପ୍ଲଟ ନଂ. ୧୮/P ସ୍ଥିତ ନରେନ୍ଦ୍ର ବାଲିଘାଟ-୨ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୧୧।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ନରେନ୍ଦ୍ର ସ୍ଥିତ ଜି.ପି. କାର୍ଯ୍ୟାଳୟ ନିକଟ ନରେନ୍ଦ୍ର ମଣ୍ଡିଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0312/2223 ସ୍ୱା./-ସଦସ୍ୟ ସଚିବ

## ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଡୁଣ୍ଡଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବେଲଖଣ୍ଡି ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଏବଂ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଭାରତ ବେମାଲ, ପିସିସି ସଭ୍ୟ ସାଗରଚରଣ ଦାସ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, ପରମାନନ୍ଦ ମାଝି, ବିଭୂତି ମହାକୁଡ଼ଙ୍କ ସମେତ କଂଗ୍ରେସ ନେତା ଏବଂ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

# ସେମିରେ ଲାଲ୍ ସ୍ପୋର୍ଟିଂ ସୋନପୁର

## ଶହୀଦ ବିଭୀଷଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ


ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳି ଓ ଅତିଥି।

ଅମରପାଲି,୧୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ପଣ୍ଡିଆପାଲି ଗ୍ରାମରେ ମଙ୍ଗଳବାର ୧୫ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ମୀନକେତନ ମହାକୁର ମୁଖ୍ୟ ଅତିଥି, ୱାର୍ଡସଭ୍ୟ ରୁପେନ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଗୁଞ୍ଜିପାଲି ଓ ଡାହାଣିପାଲି ମଧ୍ୟରେ ହୋଇଥିଲା। ଗୁଞ୍ଜିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୧୪୪ରନ କରିଥିଲା। ଜବାବରେ ଡାହାଣୀପାଲି ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୦୫ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବୀରମହାରାଜପୁର ବଜରଙ୍ଗ କ୍ଲବ ଓ ସୋନପୁର ଲାଲ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ଲାଲ ସ୍ପୋର୍ଟିଂ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ହରାଇ ୧୦୯ରନ କରିଥିଲା। ଜବାବରେ ବଜରଙ୍ଗ କ୍ଲବ ସମସ୍ତ ଉଇକେଟ ହରାଇ ୬୬ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ଗୁଞ୍ଜିପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ଲାଲା ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ଏଥିରେ ଗୁଞ୍ଜିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ ଉଇକେଟ ହରାଇ ୫୩ରନ କରିଥିବା ବେଳେ ସୋନପୁର ଲାଲ ସ୍ପୋର୍ଟିଂ ୫୮ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ପ୍ରଫୁଲ୍ଲ ବେହେରା, ସୁବ୍ରତ ବେହେରା, ବିକାଶ ଭୋଇ ଓ ହିମାଂଶୁ ବେହେରା ଅମ୍ପେୟାରଭାବେ ଖେଳ ପରିଚାଳନା କରିଥିଲେ। ହେମନ୍ତ ବେହେରା ଓ ଟିମନ ପଧାନ ସ୍କୋରିଂ ଏବଂ ସୁରଥ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଲଣ୍ଡିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

କର୍ଲାମୁଣ୍ଡା,୧୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସଲଣ୍ଡିଆମୁଣ୍ଡାଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ସଲଣ୍ଡିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା ଏକାଦଶ ବର୍ଷରେ ପଦାର୍ପଣ କରିଛି। ଏଥିରେ ପୂଜକ ଭାବେ ରୁଦ୍ରଦେବ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ହୃଷିକେଶ ଭୋଇ ଓ ପୁଷ୍ପା ଭୋଇ ରହିଥିଲେ। ପୂଜା କମିଟି ସଭାପତି ବାବୁଲି ଚରଣ ପରିଡା, ସମ୍ପାଦକ ନରୋତ୍ତମ ସେଲମା, ବାସୁଦେବ ସେଲମା, ହେମନ୍ତ ଭୋଇ, ରଞ୍ଜନ ନାଏକ, ପାର୍ଥ ସାହୁ, ସୁନୀଲ ବେହେରା, ମାୟାଧର ଭୋଇ, କାନ୍ତ ରଣା, ନରେନ୍ଦ୍ର ସେଲମା, ଅଶୋକ ପାତ୍ର, ଯୁଧିଷ୍ଠିର ସାହୁ, ଲଛମନ ଭୋଇ, ସିପୁନ, ଦିପୁନ, ପିଙ୍କୁ ଜିତୁ, ଲିଙ୍କୁ, ତନ୍ମୟ, ସୋନୁ, ପିୟୁଷ, ମୁକେଶ ସହଯୋଗ କରିଛନ୍ତି।

## ଆତ୍ମନିର୍ଭର କୃଷକ ଅଭିଯାନ

ଅମରପାଲି,୧୧।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କମଲପୁର ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପକେନ୍ଦ୍ର ତରଫରୁ ଆତ୍ମ ନିର୍ଭର କୃଷକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମା କୁମାରୀ ସୁମନଙ୍କ ସଭାପତିତ୍ୱରେ ବ୍ଲକ କୃଷି ଅଧିକାରୀ ମକରଧଜ ପଟେଲ ମୁଖ୍ୟ ଅତିଥି ଏବଂ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ସହକାରୀ ବୈଷୟିକ କୃଷି ଅଧିକାରୀ ମିନକେତନ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କୃଷି ଓ କୃଷକର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅକ୍ଟୋବର ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ସଚେତନ କାର୍ଯ୍ୟକ୍ରମ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଅତିଥିମାନେ ଏହି ଅବସରରେ ସଚେତନ ରଥକୁ ଉଦ୍‌ଘାଟନ କରିଥିଲେ। ବେଦ ପ୍ରକାଶ ସଭା ପରିଚାଳନା କରିଥିବାବେଳେ ମଧୁସୁଦନ କର୍ଣ୍ଣ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।


ଆତ୍ମ ନିର୍ଭଶୀଳ କୃଷକ ଅଭିଯାନ ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ମା' ସୁରେଶ୍ୱରୀଙ୍କ ଭଜନ କ୍ୟାସେଟ୍ ଉନ୍ମୋଚିତ


ଅତିଥି ବୃନ୍ଦ କ୍ୟାସେଟ୍ ମା' ସୁରେଶ୍ୱରୀ ଘେନ ଜୁହାରକୁ ଉନ୍ମୋଚନ କରୁଛନ୍ତି।

ସୋନପୁର,୧୧।୧୦(ନି.ପ୍ର)

ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ କୋସଲି ଭଜନ କ୍ୟାସେଟ୍ ସୁରେଶ୍ୱରୀ ଘେନ ଜୁହାର ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ଅଡିଓ/ଭିଡିଓ କ୍ୟାସେଟ୍‌କୁ କଲିକତା ହାଇକୋର୍ଟର ବରିଷ୍ଠ ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମ୍ୟୁନିସିପାଲିଟି ଅଧକ୍ଷା ତାମସି ତାମସ୍ମିତା ନାଏକ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ ଓ ଅଭିମନ୍ୟୁ କୁଶଳ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଭଜନରେ କଣ୍ଠଦାନ କରିଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ଟି ସୌରୀ, ଦିପ୍ତିରେଖା ପାଢୀ ଓ ରମାକାନ୍ତ ହରିପାଲ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବ୍ରହ୍ମ କୁମ୍ଭାର। ଗୀତ ରଚନା କରିଛନ୍ତି ସୁଦାମ ନାଏକ ଓ ପଣାନ କଲ୍ୟାଣୀ ପଣ୍ଡା। ମା'ଙ୍କ ଉପରେ ପ୍ରସ୍ତୁତ ଏହି କୋସଲି ଭଜନ ଦେଖିବା ଓ ଶୁଣିବା ପରେ ଏହା ବହୁତ ସୁନ୍ଦର, ଶ୍ରୁତି ମଧୁର ହୋଇଥିବା ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ମାଁର ଗୁନ୍‌ଗାଥା ନାମରେ ଏକ ଛୋଟ କୋସଲି ମୁଭି ପ୍ରସ୍ତୁତ କରାଯିବ ବୋଲି ଏହି କାର୍ଯ୍ୟକ୍ରମର ମୁଖ୍ୟ ପଠାନ କୁମାର ପଣ୍ଡା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ମନ୍ଦିରର ପୂଜକ ବୃନ୍ଦ ଯୋଗଦାନ କରିଥିଲେ।

# ସରୀସୃପଙ୍କ ବାସସ୍ଥାନ ପାଲିଟିଛି ଶିଶୁ ଉଦ୍ୟାନ


ଶିଶୁ ଉଦ୍ୟାନ ଅନାବନା ଗଛ ଓ ଲତାରେ ଭର୍ତ୍ତି ହୋଇଯାଇଛି ।

ସୋନପୁର,୧୧।୧୦(ନି.ପ୍ର)

ସୁରେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ଥିବା ଶିଶୁ ଉଦ୍ୟାନ ଫାଟକରେ ସବୁବେଳେ ତାଲା ଝୁଲୁଛି। ଶିଶୁଙ୍କ ଆମୋଦ ପ୍ରମୋଦ ପାଇଁ ନିର୍ମିତ ଉଦ୍ୟାନ ଏବେ ସରୀସୃପଙ୍କ ବାସସ୍ଥାନ ପାଲଟିଛି। ପୌର ପରିଷଦର ଅବହେଳା କାରଣରୁ ଏପରି ହୋଇଛି। ଉଦ୍ୟାନ ସଫେଇ ହେଉ ନଥିବା କାରଣରୁ ଗଛଲତା ଓ ଅନାବନା ଗଛ ବଢି ଜଙ୍ଗଲ ହୋଇଗଲାଣି। ଉଦ୍ୟାନରେ ଶିଶୁମାନେ ବୁଲିବା ବଦଳରେ ଏବେ ସାପ, ବେଙ୍ଗ ଓ ମୂଷାମାନେ ରହୁଛନ୍ତି। ପୌର ପରିଷଦ ଦାୟିତ୍ୱରେ ଥିବା ଶିଶୁ ଉଦ୍ୟାନର ଏଭଳି ସ୍ଥିତି ଦେଖି ସହରବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ୧୫ ବର୍ଷ ପୂର୍ବରୁ ସହର ବାସୀଙ୍କ ପାଇଁ ଏହି ପ୍ରଥମ ପାର୍କ ପ୍ରତିଷ୍ଠା ହୋଇଥିଲା। ପିଲାଙ୍କ ପାଇଁ ଦୋଳି, ଚେୟାର, ପାଦଚଲା ରାସ୍ତା, ସ୍ପ୍ରିଙ୍କଲର ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇଥିଲା। ବିଭିନ୍ନ ପ୍ରକାର ଫୁଲ ଓ ସୌଖିନ ଗଛ ମଧ୍ୟ ଲାଗିଥିଲା। ମଝିରେ ମଝିରେ ନୂଆ ଦୋଳି, ଆଲୋକ ବ୍ୟବସ୍ଥା, ମରାମତି ଓ ରଙ୍ଗଦେବାରେ ପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଉଦ୍ୟାନଟି ଶିଶୁଙ୍କ କାମରେ ଆସୁନି। ସୁରେଶ୍ୱରୀ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଉଦ୍ୟାନ ବନ୍ଦ ଥିବା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ପୌରପରିଷଦର ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ କୁହନ୍ତି, କୋଭିଡ ପାଇଁ ଅଢେଇ ବର୍ଷ ଧରି ଚିଲଡ୍ରେନ୍‌ସ ପାର୍କ ବନ୍ଦ ଥିଲା। ମଝିରେ ପାର୍କକୁ ଟେଣ୍ଡର ଦିଆଯାଇଥିଲା। ଅଭିଯୋଗ ହେବା ପରେ ଆଉ କାହାରିକୁ ଟେଣ୍ଡର ଦିଆଯାଇନି। ମାଣିକେଶ୍ୱରୀ ସ୍ମାର୍ଟ ପାର୍କ ନିର୍ମାଣ ହେବା ପରେ ଏହି ଛୋଟ ପାର୍କକୁ ଅଳ୍ପ ସଂଖ୍ୟକ ଲୋକ ଆସୁଛନ୍ତି। ତେଣୁ ପାର୍କକୁ ବନ୍ଦ କରାଯାଇଛି। ସୁରେଶ୍ୱରୀ ମନ୍ଦିର ପଟୁ ଏହି ପାର୍କକୁ ରାସ୍ତା କରିବା ପାଇଁ ଯୋଜନା ହୋଇଛି। ଅନାବନା ଗଛ ଲତା ସଫା ପରେ ସୁରେଶ୍ୱରୀ ମନ୍ଦିର ପଟୁ ରାସ୍ତା କରାଯିବ। ଖୁବ୍‌ଶୀଘ୍ର ଏହା ସର୍ବସାଧାରଣଙ୍କ ପାଇଁ ଖୋଲାଯିବ ବୋଲି ଇଓ ରୁଟ୍ ପ୍ରତିଶ୍ରୁତି ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡର ଇ-ନିଲାମ**

ସଂ. C/SBP/P & U and Parking/e Auction-22, ତା.30.09.2022ରିଖ

ଷ୍ଟେସନ ର ନାମ: (1) ରେଢ଼ାଖୋଲ-2 ଏବଂ 4 ଚକିଆ (ମିଶ୍ରିତ) ଏବଂ (2) ସମ୍ବଲପୁର-2 ଏବଂ 4 ଚକିଆ (ମିଶ୍ରିତ) ।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.17.10.2022 ରିଖ 1200 ଘଟିକାରେ (କ୍ରମ ସଂ.1 ନିମନ୍ତେ) ଏବଂ ତା.18.10.2022 ରିଖ 1200 ଘଟିକାରେ (କ୍ରମ ସଂ.2 ନିମନ୍ତେ) ।

ନିଲାମ ଶେଷ ତାରିଖ ଓ ସମୟ: ତା.17.10.2022 ରିଖ 1230 ଘଟିକାରେ (କ୍ରମ ସଂ.1 ନିମନ୍ତେ) ଏବଂ ତା.18.10.2022 ରିଖ 1230 ଘଟିକାରେ (କ୍ରମ ସଂ.2 ନିମନ୍ତେ) ।

EMD: 5% (ସମସ୍ତ କ୍ରମ ସଂ. ନିମନ୍ତେ), ସର୍ବନିମ୍ନ ବୃଦ୍ଧି: 0.2% (ସମସ୍ତ କ୍ରମ ସଂ. ନିମନ୍ତେ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍‌ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-587/N/22-23

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C-NIT-MPS-BLGR-UR-PF01, ତା.03.10.2022ରିଖ

କାର୍ଯ୍ୟର ନାମ: 05(ପାଞ୍ଚ) ବର୍ଷ ସମୟାବଧି ନିମନ୍ତେ ବଲାଙ୍ଗୀର ଷ୍ଟେସନ ସ୍ଥିତ ପ୍ଲାଟଫର୍ମ ନଂ.1 ଠାରେ ବହୁ ଉପଯୋଗୀ ଦୋକାନ (Multi Purpose Stall) ।

ବାର୍ଷିକ ସଂରକ୍ଷଣ ମୂଲ୍ୟ (ଟଙ୍କାରେ): 1,04.000/-, EMD (ଟଙ୍କାରେ): 10,500/- (ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠ), ଟେଣ୍ଡର ନଥିପତ୍ରର ମୂଲ୍ୟ (ଫେରସ୍ତଯୋଗ୍ୟ ନୁହେଁ)(ଟଙ୍କାରେ): 2500/- + 18% GST= 2,950/- , (ଟେଣ୍ଡର ମୂଲ୍ୟ କେବଳ ଅନ୍‌ଲାଇନ୍ ନେଟ୍ ବ୍ୟାଙ୍କିଙ୍ଗ୍ ଗେଟୱେ ମାଧ୍ୟମରେ ସ୍ୱୀକାର କରାଯିବ), ସମୟ ଅବଧି: 05 ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.10.2022 ରିଖ 1100 ଘଟିକାରେ (କେବଳ ଅନ୍‌ଲାଇନ୍ www.ireps.gov.in ଜରିଆରେ), ଟେଣ୍ଡର ଖୋଲା ହେବା ତାରିଖ ଓ ସମୟ: ତା.26.10.2022 ରିଖ 1130 ଘଟିକାରେ(କେବଳ ଅନ୍‌ଲାଇନ୍ www.ireps.gov.in ଜରିଆରେ) ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-II, ସମ୍ବଲପୁର

PR-593/N/22-23

E-Mail - sencrwangul@yahoo.co.in, Ph:06764-236404

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER**

**RURAL WORKS CIRCLE, ANGUL**

No. 1993 Dt. 10.10.2022

**e-Procurement Notice for CAPEX PLAN ROAD WORKS in Odisha**

No.O-1091:1. Name of the work : Road work. 2. Total No. of work : 04 Nos. 3. Estimated cost : Rs. 367.73 Lakhs to Rs.602.46 Lakhs. 4.Class of Contractor : 'A' & Special Class. 5.Period of completion : 09 and 11 Calendar Months. 6.Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | CAPEX On-line -AGL-12/ 2022-23 | 20.10.2022 at 10.00 A.M. | 03.11.2022 upto 3.00 P.M. | 02.11.2022 upto 1.00 P.M. | 03.11.2022 upto 4.00 P.M. | Intimated latter on |

For detailed Notice Inviting Tenders, Please visit to the website www.tendersorissa.gov.in.

Sd./- D.Padhi
Chief Construction Engineer, Rural Works Circle, Angul

OIPR-25180/11/0018/2223

**GOVERNMENT OF ODISHA** No. O-1092

**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**

Ph. No. 0674-2301787, Fax No. 0674-2300965, E-Mail ID: eerw_bbsr@yahoo.co.in

No. Tender-Online-BBSR Divn. - 24 Date: 10.10.2022

**e-Procurement NOTICE**

1. Name of the work : Repair/Maintenance of road work
2. Total No. of Roads : 01 No. of Road
3. Class of Contractor :
   a) Above Rs.20 lakh and upto 3 Crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of individual projects : Rs.44.90 lakh
5. Time for completion : 3 (Three) Calendar months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn. - 24 | 20.10.2022 at 11.00 A.M. | 26.10.2022 upto 5.00 P.M. | 27.10.2022 at 11.00 A.M. |

Further details can be seen from the website **www.tendersorissa.gov.in**.

OIPR-25066/11/0026/2223 Sd./- Superintending Engineer, Rural Works Divn., BBSR

**THE BOLANGIR-KALAHANDI-NUAPADA REGIONAL CO-OPERATIVE MILK PRODUCERS' UNION LTD.**

INSIDE VETERINARY HOSPITAL CAMPUS, HATISALPADA, BOLANGIR
DIST.-BOLANGIR-767001 (ODISHA) Tel:06652-230334
Email-omfedbknmul@yahoo.com .Website: www.bknmilkunion.com

**TENDER NOTICE FOR PURCHASE OF FURNITURE & FIXTURE UNDER WODC FUND**

Sealed Tenders are invited from the reputed Manufacturers/ Authorised Distributors/Dealers/Retailers for supply of furniture & fixture (Alamirah, Table and Chair) for the period of 12 month .from the date of finalization of tender. The tender documents shall be downloaded at BKN Co-op. Milk Union Office website mentioned below from 12.10.2022 to 03.11.2022 which shall be received up to 1 P.M. on dtd.03.11.2022 and shall be opened on the same day i.e. 03.11.2022 at 3 P.M.(Technical Bid) and 04.11.22 at 3 P.M (Price Bid) at BKN Milk Union Head Office in presence of Bidders. Any addendum, corrigendum or update shall be posted only on BKN website.

BKN reserves the right to cancel any or all the offers without assigning any reason thereof. For details please visit our website **www.bknmilkunion.com**.

Sd./- General Manager

**OFFICE OF THE COLLECTOR & DISTRICT MAGISTRATE, KENDRAPARA**

**(SOCIAL WELFARE SECTION)**

No. 1545 Dtd.10.10.2022

**TENDER CALL NOTICE**

No. g-59: Sealed tenders are invited in prescribed form from intending registered Transporting Contractors/ Agents/Firms for undertaking transportation of rice and wheat under SNP for the year 2022-23 (from 22.10.2022 to 21.10.2023) in Kendrapara District.

The tender paper along with details of terms and conditions of tender can be obtained on payment of Rs.10,000/- (Ten thousand) only by Cash/Bank Draft in favour of the District Social Welfare Officer, Kendrapara from the Office of the District Social Welfare Officer, Kendrapara from 11.00 A.M. to 3.00 P.M. on any working days from 10.10.2022 to 27.10.2022. The tender will be opened on 27.10.2022 at 4.00 P.M.

For details about the Tender Call Notice, please visit Kendrapara District Website i.e. **http://www.kendrapara.nic.in**.

Sd./- Collector, Kendrapara

OIPR-24032/11/0002/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮

ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 18585/IND-II-PH-1091 ତାରିଖ 10.10.2022

No. CAD-2105

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗୁରୁଣ୍ଡିଆ ତହସିଲଦାର ଓଡ଼ିଶାର ସୁନ୍ଦରଗଡ ଜିଲ୍ଲା, ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ- ଖ ଗ୍ରାମରେ ୮.୦୧୨ ହେକ୍ଟର ପରିମିତ ଅଞ୍ଚଳରେ ଖାତା ନଂ.୦୧ ଅନ୍ତର୍ଗତ ପ୍ଲଟ ନଂ. ୧୮/P ସ୍ଥିତ ନରେନ୍ଦ୍ର ବାଲିଘାଟ-୨ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୧୧।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ନରେନ୍ଦ୍ର ସ୍ଥିତ ଜି.ପି. କାର୍ଯ୍ୟାଳୟ ନିକଟ ନରେନ୍ଦ୍ର ମଣ୍ଡିଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0312/2223 ସ୍ୱା./-ସଦସ୍ୟ ସଚିବ

**ଚକ୍ଷୁ ପରୀକ୍ଷା ଶିବିର**

**ଲୋଇସିଂହା,(ଡି.ଏନ.ଏ):** ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଥମରୁ ଦଶମ ଶ୍ରେଣୀର ୩୦୯ ଛାତ୍ରୀଛାତ୍ରଙ୍କ ଆଖି ପରୀକ୍ଷା କରାଯାଇଥିଲା। ୭୧ସ୍ୱଳ୍ପ ଦୃଷ୍ଟି ବାଧିତ ପିଲାଙ୍କୁ ଚଷମା ପ୍ରଦାନ ପାଇଁ ଚିହ୍ନଟ ହୋଇଥିଲେ। ୫ଜଣଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ଏବିଓ ବ୍ୟାସଦେବ ରାଏ କହିଛନ୍ତି। ଶିବିରରେ ଡା ବିଷ୍ଣୁପ୍ରସାଦ ମିଶ୍ର ଚକ୍ଷୁ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ କର୍ମଚାରୀ ପିନାକି ପ୍ରହରାଜ, ସୌମ୍ୟରଞ୍ଜନ ବିଭାର, ଶିକ୍ଷା ବିଭାଗ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଉଦ୍ଧାର ହେଲେ ଅପହୃତ ନାବାଳିକା

**ଲାଠୋର,୧୧।୧୦(ଡି.ଏନ.ଏ.):** ଅପହରଣର ୫ଦିନ ପରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ହଲନଭଟା ଗ୍ରାମର ଜଣେ ନାବାଳିକାଙ୍କୁ ପୋଲିସ ଛତିଶଗଡ଼ ରାଜ୍ୟ ବାଗବାହାରା ଥାନା ଅଧୀନ ଫୁଲବାରିପାରା ଗ୍ରାମରୁ ଉଦ୍ଧାର କରିଛି। ଏଥିସହିତ ତାଙ୍କୁ ଅପହରଣ କରି ନେଇଥିବା ନାବାଳକ(୧୬) ଅଭିଯୁକ୍ତଙ୍କୁ ସେହିଠାରୁ ଧରାପଡିଛନ୍ତି। ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ବୟାନ ରେକର୍ଡ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ରାଉରକେଲାସ୍ଥିତ ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି। ହଲନଭଟାର ସମ୍ପୃକ୍ତ ୧୬ ବର୍ଷୀୟା ନାବାଳିକାଙ୍କୁ ଗୁର୍ଜିଭଟାର ଜଣେ ନାବାଳକ ଗତ ଅକ୍ଟୋବର ୬ତାରିଖରେ ଅପହରଣ କରି ନେଇଥିବା ଥାନାରେ ପୀଡିତାଙ୍କ ବାପା ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ତୁରେକେଲା ଥାନାରେ ଦଫା ୩୬୩ରେ ଏକ ମାମଲା(୧୮୩/୨୨)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିଲା। ସମ୍ପୃକ୍ତ ନାବାଳିକା ଛତିଶଗଡ଼ ଅଞ୍ଚଳରେ ଥିବା ପୋଲିସ ଅନୁସନ୍ଧାନରୁ ଜାଣି ପାରିଥିଲା। ପରେ ତୁରେକେଲା ଥାନାର ଏକ ଟିମ୍ ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

### ବଜ୍ରପାତରେ ବୃଦ୍ଧା ଗୁରୁତର, ୪ ଛେଳି ମୃତ

**ରୁପ୍ରା ରୋଡ୍,୧୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ଼ ପଞ୍ଚାୟତ ବୋରିଙ୍ଗପଦରରେ ମଙ୍ଗଳବାର ବଜ୍ରପାତରେ ଜଣେ ବୃଦ୍ଧା ଗୁରୁତର ହୋଇଥିବା ବେଳେ ୪ ଛେଳିଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ଗ୍ରାମର ବୃଦ୍ଧା ମହିଳା ଟେଖାଇ ମାଝି (୬୪) ଛେଳି ଚରାଇବାକୁ ନିକଟ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ୪ଟି ଛେଳି ମରିଯାଇଥିବା ବେଳେ ବୃଦ୍ଧା ମହିଳା ଗୁରୁତର ହୋଇଥିଲେ। ପରିବାରର୍ଗ ଏବଂ ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନର୍ଲା ଗୋଷ୍ଠୀକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି।

### ଜଳ ସତ୍ୟାଗ୍ରହ ପ୍ରତ୍ୟାହୃତ

**ଖପ୍ରାଖୋଲ,୧୧।୧୦(ଡି.ଏନ.ଏ.):** ହରିଶଙ୍କରରୁ ନୃସିଂହନାଥକୁ ରୋପୱେ ନିର୍ମାଣ ଦାବିରେ ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ କୋଶଲ ରାଜ୍ୟ ମୁକ୍ତିମୋର୍ଚ୍ଚା ତରଫରୁ ଚାଲିଥିବା ଜଳ ସତ୍ୟାଗ୍ରହ ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ସୁଶୀଳ ଗୁରୁଙ୍କ ନେତୃତ୍ୱରେ ଚାଲିଥିବା ଜଳ ସତ୍ୟାଗ୍ରହରେ ଡିଙ୍ଗର କୁମ୍ଭାର, ଚିନ୍ମୟ ସାହୁ, ରବୀନ୍ଦ୍ର ମେହେର, ନାରାୟଣ ମେହେର, ଆଲୋକ ବୁଡେକ ପ୍ରମୁଖ ସୋମବାରଠାରୁ ପାପନାଶିନୀ ଝରଣାରେ ଜଳ ସତ୍ୟାଗ୍ରହ କରିଥିଲେ। ସୋମବାର ରାତିରେ ଆଲୋକ ବୁଡେକ ଗୁରୁତର ହେବାରୁ ଖପ୍ରାଖୋଲ ଡାକ୍ତରଖାନ ନିଆଯାଇଥିଲା। ମଙ୍ଗଳବାର ସତ୍ୟାଗ୍ରହକୁ ହରିଶଙ୍କର ବଣିକ ସଂଘ ସମର୍ଥନ କରି ଦୋକାନ ବଜାର ବନ୍ଦ କରି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଉଚ୍ଚ ପଦସ୍ଥ ଅଧିକାରୀ ନ ଆସିବାରୁ ଆନ୍ଦୋଳନକାରୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବଲାଙ୍ଗୀର, ପାଟଣାଗଡ଼ ଓ ଖପ୍ରାଖୋଲ ବନ୍ଦ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜଳ ସତ୍ୟାଗ୍ରହୀଙ୍କ ସହ ସୁବାସ ଆଚାର୍ଯ୍ୟ, ଶଶୀ ପୂଝାରି, ବିପ୍ର ବିଶି, କର୍ଣ୍ଣ ସିଂ ଠାକୁର, ପ୍ରବୀଣ ଅଗ୍ରୱାଲ, ବଣିକ ସଂଘ ସଭାପତି ପଞ୍ଚମ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନଗଛ ପୋତି ପ୍ରତିବାଦ କଲେ ଛାତ୍ରୀଛାତ୍ର

**ଲୋଇସିଂହା,୧୧।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ପଞ୍ଚାୟତଅନ୍ତର୍ଗତବଡଖଲିଆପାଲିଗାଁସ୍କୁଲ ରାସ୍ତା କର୍ଦ୍ଦମାକ୍ତ ହୋଇ ପଡିଛି। ଏହି ରାସ୍ତା ଉନ୍ନତୀକରଣ ଦିଗରେ ଦୃଷ୍ଟି ଦିଆଗଲାନି। ଏହାର ପ୍ରତିବାଦରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କର୍ଦ୍ଦମାକ୍ତ ରାସ୍ତାରେ ଧାନଗଛ ପୋତି ପ୍ରତିବାଦ କରିଛନ୍ତି।

୨ ୱାର୍ଡ ବିଶିଷ୍ଟ ବଡଖଲିଆପାଲି ଗାଁଠାରୁ ଅଧ କିଲୋମିଟର ଦୂରରେ ରହିଛି ପୁରାତନ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ୧୫ ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ମାଟିମୋରମ ରାସ୍ତା ବର୍ଷାଦିନରେ କର୍ଦ୍ଦମାକ୍ତ ହୋଇଯାଉଛି। ଲୋକେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଦୁଅ ସରସର ହୋଇ ଛାତ୍ରୀଛାତ୍ରମାନେ ସ୍କୁଲ ଯାଉଛନ୍ତି। ଏପରିକି ଗତ ସ୍ୱାଧୀନତା ଦିବସରେ ପିଲାମାନେ ସେହି ରାସ୍ତାରେ ଗ୍ରାମ ପରିକ୍ରମା କରିଥିଲେ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଉକ୍ତ ରାସ୍ତା ଉନ୍ନତୀକରଣ ନହେବାକୁ ନେଇ ଗ୍ରାମରେ ସେତେବେଳେ ଅସନ୍ତୋଷ ପ୍ରକାଶ



ଧାନଗଛ ପୋତି ପ୍ରତିବାଦ କରୁଛନ୍ତି ଛାତ୍ରୀଛାତ୍ର।

**ସ୍କୁଲ ରାସ୍ତା ଉନ୍ନତୀକରଣ ହେଲାନି**

ପାଇଥିଲା। ଗଣମାଧ୍ୟମ ଜରିଆରେ ଜିଲାପାଳଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥିଲେ ଗ୍ରାମବାସୀ। ସେହିପରି ଗ୍ରାମର ଶ୍ୟାମସୁନ୍ଦର ସାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯିବାରୁ ଗତ ୮ ତାରିଖ ରାତିରେ ଆମ୍ବୁଲାନ୍ସ ଡକାଯାଇଥିଲା। ହେଲେ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ବାଟରେ ଦବି ରହିଥିଲା। ଆମ୍ବୁଲାନ୍ସ କର୍ମଚାରୀଙ୍କଠାରୁ ଖବର ପାଇଁ ଅସୁସ୍ଥଙ୍କ ପରିବାର ଲୋକେ ଆସି ଗାଡିକୁ ଉଠାଇ ଥିଲେ। ଏସବୁ ସତ୍ତ୍ୱେ ସମ୍ପୃକ୍ତ ରାସ୍ତାର ମରାମତି କିମ୍ବା ଉନ୍ନତୀକରଣ କରାଯାଇନାହିଁ। ଏହାର ପ୍ରତିବାଦ ସ୍ୱରୂପ ଛାତ୍ରୀଛାତ୍ରମାନେ ମଙ୍ଗଳବାର ପାଖ ଜମିରୁ ଧାନଗଛ ଆଣି ସେହି କାଦୁଅ ରାସ୍ତାରେ ପୋତି ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସୁରୁ ମହଲା କହିଛନ୍ତି, ପଞ୍ଚାୟତଠାରୁ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇ ଆସିଛୁ। ହେଲେ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ପ୍ରଶାନ୍ତ ସା ଓ ଗ୍ରାମବାସୀ ଦାବି କରିଛନ୍ତି।

# ହାଇୱା ଧକ୍କାରେ ଦମ୍ପତି ମୃତ

**ବଲାଙ୍ଗୀର ଅଫିସ, ୧୧।୧୦**

ବଲାଙ୍ଗୀର-ସଇଁତଲା ୨୬ ନମ୍ବର ଜାତୀୟ ରାଜପଥର ସିନ୍‌ଖମନ ଛକରେ ମଙ୍ଗଳବାର ଏକ ସଡକ ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲା ଏମ୍ ରାମପୁର ବ୍ଲକ୍‌ର ଏକତାରା ଗ୍ରାମର ପ୍ରଦୀପ ସାହୁ (୩୫) ଓ ତାଙ୍କ ସ୍ତ୍ରୀ ପ୍ରତିମା ସାହୁ (୩୦)। ଉଭୟେ ଏକ ବାଇକରେ ବଲାଙ୍ଗୀର ପଟରୁ ନିଜ ଗାଁକୁ ଫେରୁଥିବାବେଳେ ପଛପଟରୁ ଆସୁଥିବା ଏକ ହାଇୱା ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସେମାନେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ସ୍ୱାମୀଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛି ଦିନ ତଳେ ପ୍ରତିମା ଦଶହରା ଅବସରରେ ଭାଇଜିଉଁନ୍ତିଆ କରିବା ପାଇଁ ଏକତାରା ଗ୍ରାମରୁ ବଲାଙ୍ଗୀର ରାମେଶ୍ୱରନଗର ଘରକୁ ଆସିଥିଲେ। ମଙ୍ଗଳବାର ପ୍ରଦୀପ ତାଙ୍କ ସ୍ତ୍ରୀ ପ୍ରତିମାଙ୍କୁ ନେବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରୁ ଘରୁ ବାହାରି ସେମାନେ ଏକତାରା ଗ୍ରାମ ଅଭିମୁଖେ ବାହାରିଥିଲେ। ସିନ୍‌ଖମନ ଛକ ଠାରେ ସେମାନେ ବାଇକରେ ଯାଉଥିବାବେଳେ ପଛପଟରୁ ଧକ୍କା ଦେଇଥିଲା। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଦିଆଯାଇଥିଲା।

# ବାପପୁଅଙ୍କୁ ଗିରଫ କଲା ପୋଲିସ

**ଦେଓଗାଁ, ୧୧।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗାଁର ଚାଷୀ ଅନଙ୍ଗ ମଲ୍ଲିକଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟଣାରେ ପୋଲିସ ବାପପୁଅଙ୍କୁ ଗିରଫ କରିଛି। ମୃତକ ଚାଷୀଙ୍କ ପୁଅ ରୁପେଶଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ କରି ଅଟକ ସେହି ଗାଁର ଗଙ୍ଗାଧର ସାହୁ ଓ ତାଙ୍କ ପୁଅ ସୁମନ୍ତ ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି। ସୂଚନାନୁସାରେ ଚାଷୀ ଅନଙ୍ଗ ମଲ୍ଲିକ ରବିବାର ସନ୍ଧ୍ୟାରେ ନିଜ କ୍ଷେତକୁ ଯିବା ସମୟରେ ଗଙ୍ଗାଧର ସାହୁଙ୍କ କ୍ଷେତ ସୀମାରେ ବାର୍‌ହା ଫାଶ ପାଇଁ ବିଦ୍ୟୁତ ତାର ସଂଯୋଗ ହୋଇଥିଲା। ଫଳରେ

**ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ ଘଟଣା**

ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅନଙ୍ଗର ମୃତ୍ୟୁ ଘଟିଥିଲା। ଦେଓଗାଁ ପୋଲିସ ତଥା ବନ୍ଧପଡା ଫାଣ୍ଡି ଅଧିକାରୀ ସରୋଜ କୁମାର ରଥ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ପୁଅ ରୂପେଶ ପୂର୍ବ ଶତୃତାକୁ କେନ୍ଦ୍ର କରି ତାଙ୍କ ବାପାଙ୍କୁ ଷଡଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ଥାନାରେ ଲିଖିତଭାବେ ଅଭିଯାଗ କରିଥିଲେ। ଅପରପକ୍ଷରେ ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମନମୋହିଲା ନାଟକ ମୁଁ ଜଣେ ଝିଅ





କନ୍ୟା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଅତିଥି, ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ।

**ବଲାଙ୍ଗୀର ଅଫିସ/ପୁଇଁତଲା, ୧୧।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ଜବାହରଲାଲ ସରକାରୀ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସ୍ୱାଧୀନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ତପସ୍ୱିନୀ ବିଶ୍ୱାଳ ଯୋଗଦେଇ କିଶୋରୀ ସ୍ୱାସ୍ଥ୍ୟ, ଶିକ୍ଷା ଅଧିକାର, ବ୍ଯକ୍ତିଗତ ପରିଚ୍ଛନ୍ନତା, ବାଲ୍ୟ ବିବାହ ଓ ଅନ୍ୟାନ୍ୟ ଶିଶୁ ସୁରକ୍ଷା ସମ୍ପର୍କିତ ବିଷୟ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ

**ବିଲେଇସର୍ଡା ହାଇସ୍କୁଲରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ**

ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ବେଟି ବଚାଓ ବେଟି ପଢାଓ ଯୋଜନା ସମ୍ପର୍କରେ କହିଥିଲେ। ଏଥିସହ ଅଭିଭାବମାନଙ୍କ ମାନସିକତା ବଦଳିଲେ ହିଁ ବାଳିକାମାନଙ୍କ ପ୍ରତି ସମାଜର ଦୃଷ୍ଟିକୋଣ ବଦଳିବ ବୋଲି କହିଥିଲେ। ପ୍ରଧାନଶିକ୍ଷକ ସାହୁ ନିଜ ସଭାପତିତ୍ୱ ଅଭିଭାଷଣରେ ଝିଅମାନଙ୍କର ଭବିଷ୍ୟତ ଯେତେ ଉଜ୍ଜ୍ୱଳ ହେବ, ଆଗାମୀ ପିଢି ପାଇଁ ତାହା ବରଦାନ ସାବ୍ୟସ୍ତ ହେବ ବୋଲି କହିଥିଲେ। ଚଳିତ ବର୍ଷ ଏହି ଦିବସର ବିଷୟ ବର୍ତ୍ତମାନ ଆମ ସମୟ-ଆମ ଅଧିକାର ଆମ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ନାଟକ 'ମୁଁ ଜଣେ ଝିଅ' ମଞ୍ଚସ୍ଥ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ତୃପ୍ତିମୟୀ ମିଶ୍ର, କିରନ ମିଶ୍ର, ପ୍ରତିଭା ସଲମା, ସୁହାନୀ ନାଏକ, ସୁନୈନା ସାହୁ, ମୌସୁମୀ ବିଶ୍ୱାଳ, ପାୟଲ ପ୍ରଧାନ, ଚୁମକି ପଧାନ, ଜାହ୍ନବୀ ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ରଞ୍ଜିତ ମିଶ୍ର କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ସୁବାସିନୀ ସେଠୀ।

# ୧୦ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୧୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ହାଇସ୍କୁଲ ଛକରେ ପାଟ୍ରୋଲିଂ ପୋଲିସ ଏକ ବୋଲେରୋରେ ଚାଲାଣ ବେଳେ ୧୦ଦାଦନ ଶ୍ରମିକଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ସେମାନଙ୍କ ସହ ୫ଜଣ ଛୋଟ ପିଲା ବି ଅଛନ୍ତି। ଉଦ୍ଧାର ଶ୍ରମିକମାନଙ୍କୁ ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଦାଦନ ଚାଲାଣ ଅଭିଯୋଗରେ ବେଲପଡା ଥାନା ଜାମଜୁରି ଗାଁର ବିଶ୍ୱନାଥ ତାଣ୍ଡି ଓ ଗାଡ଼ି ଡ୍ରାଇଭର ଧ୍ରୁବୁଲେଶ୍ୱର ସାହୁଙ୍କୁ ପୋଲିସ ଅଟକ ରଖି ପଚରା ଉଚୁରା କରୁଛି। ଚାଲାଣରେ ବ୍ୟବହୃତ ବୋଲେରୋ (ଓଆର ୦୫ ଟି ୪୧୫୦)କୁ ଜବତ କରାଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୬୩/୨୨)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଏସଆଇ ଗୋପୀନାଥ ମହାକୁଡ଼ଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋକୁ ସନ୍ଦେହରେ ଅଟକାଇ ପୋଲିସ ପଚରାଉଚରା କରିଥିଲା। ଏଥଇରୁ ବୋଲେରୋରେ ବେଆଇନ ଦାଦନ ଚାଲାଣ ହେଉଥିବା ଜଣା ପଡିଥିଲା। ପଚରାଉଚରା ବେଳେ ଶ୍ରମିକମାନେ ଭାନପୁର ଓ ବରଗଡ଼ ଜିଲା ପାଇକମାଲ ଥାନା ନିଲାଥର ଗାଁର ବୋଲି ଜଣାଯାଇଥିଲା।

# ଅମିତକୁ ସମ୍ବର୍ଦ୍ଧିତ କଲା ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ



ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ ପକ୍ଷରୁ ଅମିତ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଲୋଇସିଂହା,୧୧।୯(ଡି.ଏନ.ଏ)**

ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବଲାଙ୍ଗୀର ଜିଲା ଲୋଇସିଂହାର ଅମିତ ମେହେରଙ୍କୁ ଜନକଲ୍ୟାଣ ଯୁବ ସାମୁଖ୍ୟ କ୍ଲବ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ସଭାରେ କ୍ଲବ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ନବକିଶୋର ନାଏକ, ଶିକ୍ଷାବିତ୍ ବିଭୂତିଭୂଷଣ ସାହାଣୀ, ଉତ୍ତରକୁମାର ହେର୍ଣ୍ଣା, ବିଶ୍ୱନାଥ ଭୂୟାଁ, ଶିବକୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ବେହେରା ତାଙ୍କ ଅଭିଭାଷଣରେ ପ୍ରତିକୂଳ ପରିସ୍ଥିତିରେ କଠିନ ପରିଶ୍ରମ କରି କିପରି ସଫଳତା ହାସଲ କରାଯାଇ ପାରେ ତାହା ଅମିତ ଦେଖାଇଛନ୍ତି ବୋଲି କହିଥିଲେ। ସଫଳତା ଦୌଡରେ ମା', ମାଟିକୁ ଭୁଲି ନ ଯିବାକୁ ପରାମର୍ଶ ଦେଇଥିଲେ। ଅମିତକୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା। ଅମିତ ନିଜର ଚରିତ୍ର ପ୍ରମାଣପତ୍ର ପାଇଁ ବିଡିଓଙ୍କ ପାଖକୁ ଯାଇଥିବାବେଳେ ହଟହଟାର ସମ୍ମୁଖୀନ ହୋଇଥିଲେ। ଭଲପାଠ ପଢି ପ୍ରଶାସନିକ ଅଧିକାରୀ ହୋଇ ଗରିବ, ମେଧାବୀ ଛାତ୍ର ଏବଂ ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ସେହିଦିନ ପ୍ରତିଜ୍ଞା କରିଥିଲେ। ପରିବାର ବର୍ଗ ଏବଂ ଗୁରୁଜନଙ୍କ ଆଶୀର୍ବାଦରେ ଆଜି ଏହା ସଫଳ ହୋଇଛି ବୋଲି ସମ୍ବର୍ଦ୍ଧନା ଉତ୍ତରରେ ଅମିତ କହିଥିଲେ। ସମ୍ବର୍ଦ୍ଧନା ସଭାକୁ ସରୋଜ ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଅଭିଲାଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# କାନ୍ଦୁଲବୁଢ଼ା ଯାତ୍ରା ଉଦ୍‌ଯାପିତ

**ପଶୁପକ୍ଷୀ ବଳିରେ ରକ୍ତରଞ୍ଜିତ ହେଲା ପୀଠ**

**ଦେଓଗାଁ,୧୧।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଲା ଗ୍ରାମ ନିକଟ ଡଙ୍ଗରପଡା ଦେଶଗୁଡି ଖଳାରେ ୩ଦିନ ଧରି ଚାଲିଥିବା କାନ୍ଦୁଲବୁଢ଼ା ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଦେବତା ଛତର ସହ ନୃତ୍ୟକରି ମାନସିକଧାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଦିନ ଶତାଧିକ ଛେଳି, ମେଣ୍ଢା, ବତକ, କୁକୁଡା ଆଦି ବଳି ଦିଆଯାଇଥିଲା। ଏନେକ ପଶୁପକ୍ଷୀଙ୍କ ରକ୍ତରେ ପୀଠ ରକ୍ତରଞ୍ଜିତ ହୋଇଥିଲା। ପ୍ରତିବର୍ଷ ଦଶହରା ଚତୁର୍ଦ୍ଦଶୀରୁ ଆରମ୍ଭ ହେଉଥିବା ଯାତ୍ରା ନିକଟସ୍ଥ ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟ ସିନ୍ଦୁର ଆସିବା ପରେ ଏହି କାନ୍ଦୁଲବୁଢ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଯାତ୍ରାରେ ମୁଖ୍ୟ ପରିଚାଳକ ଅମିତ କୁମାର ସିଂ ନିନା, ମୁଖ୍ୟ ବରୁଆ ଶିବା ପ୍ରଧାନୀ, ଛତରଧାରୀ ବୁଦ୍ଧଦେବ ପ୍ରଧାନୀ, ହେଡମଲ୍ଲିକ ବାସୁଦେବ ସିଂ ନିନା, ଚକ୍ରାନନ୍ଦ ବଗର୍ତ୍ତା ଓ ଗୌର ବାଗ, ସଦାନନ୍ଦ ସିଂ ନିନା ଓ ହରୀ ବଗର୍ତ୍ତି, ପୂଝାରୀ ଚନ୍ଦ୍ର ପ୍ରଧାନୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ୧୮ଖଣ୍ଡ ଗାଁର ଗଉଁନ୍ତିଆ, ଝାଙ୍କର ତଥା କାନ୍ଦୁଲଡଙ୍ଗର ଦେଶ କମିଟି କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# 'ଜାତୀୟ ଶିକ୍ଷାନୀତି-୨୦ ବାତିଲ କର'

**ବଲାଙ୍ଗୀର ଅଫିସ, ୧୧।୧୦**

ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦ ବାତିଲ ଦାବିରେ ଦେଶବ୍ୟାପୀ ୧କୋଟି ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ସଂଗୃହୀତ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ଅବସରରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଶିକ୍ଷାନୀତି ଶିକ୍ଷାର ମୂଳ ଉଦ୍ଦେଶ୍ୟ ତଥା ପ୍ରକୃତ ନିର୍ଯାସ ନଷ୍ଟ କରିବ। ଇସିସିଇ ବିଦ୍ୟାଳୟ କମ୍ପ୍ଲେକ୍ସ ନାଁରେ ସରକାରୀ ବିଦ୍ୟାଳୟ ବନ୍ଦ କରିବା, ବ୍ଲେଣ୍ଡେଡ୍ ପଦ୍ଧତିରେ ଶିକ୍ଷା ଦେବା, ୪ ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ, ଧନ୍ଦାମୁଖୀ କରିବା, ଅଯୌକ୍ତିକ ଭାଷାନୀତି, ନବମ ଶ୍ରେଣୀରୁ ସେମିଷ୍ଟାର, ଏକାଧିକ ପ୍ରବେଶ ଓ ପ୍ରସ୍ଥାନ, ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍, ଏମ୍‌ଫିଲ ଉଠାଇ ଦେବା, ୪ବର୍ଷିଆ ଡିଗ୍ରୀ କୋର୍ସ ପରେ ପିଏଚ୍‌ଡି, ରାଷ୍ଟ୍ରୀୟ ଗବେଷଣା ଅନୁଷ୍ଠାନ ପ୍ରଭୃତି ଦ୍ୱାରା ସାମଗ୍ରୀକ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେବ। ତେଣୁ ଏହାକୁ ବାତିଲ କରିବା ପାଇଁ ଶିକ୍ଷାପ୍ରେମୀ ଆଗେଇ ଆସନ୍ତୁ ବୋଲି ବକ୍ତାମାନେ କହିଥିଲେ। ଏହି ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ଜିଲା ସମ୍ପାଦକ ମଧୁସୂଦନ ବାଗ, ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଗୋସେବ୍ ବାଗ, ତାମସ ବେହେରା, ଗୌରୀ ରାଉତ, ସିଦ୍ଧାନ୍ତ ମହାକୁର, ଅହଲ୍ୟା ସାହୁ, ତ୍ରିଲୋଚନ ସାହୁ, ଗୀତା ଷାଣ୍ଢେ ସାମିଲ ଥିଲେ।





ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଟିଟିଲାଗଡ଼, ୧୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲଶ ଟିଟିଲାଗଡ ବ୍ଲକ ଅଦାବାହାଲ ପଞ୍ଚାୟତ ସିଲଣ୍ଡା ଗ୍ରାମବାସୀ ପ୍ରାୟ ମାସେ ହେଲା ଅନ୍ଧାରରେ ରହିଛନ୍ତି। ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ଏହି ଅବସ୍ଥା ଉପୁଜିଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି। ଏାର ପ୍ରତିବାଦ କରି ମଙ୍ଗଳବାର ଗ୍ରାମବାସୀ ଟିଟିଲାଗଡସ୍ଥିତ ଟାଟା କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପଜିଲାପାଳଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ। ବକେୟା ବିଦ୍ୟୁତ ବିଲ୍ ଭରଣା ପରେ ନୂଆ ଟ୍ରାନ୍ସଫର୍ମର ଲଗାଯିବ ବୋଲି କମ୍ପାନୀ କହୁଛି। ଏହା ସମ୍ଭବ ହେଉ ନ ଥିବାରୁ ଗ୍ରାମର ୪୦ ପରିବାର ଅନ୍ଧକାର ତଥା ପ୍ରବଳ ଗରମ, ମଶାମାଛି ଦାଉରେ ନାହିଁ ନ ଥିବା ସମସ୍ୟାର





ଟାଟା କମ୍ପାନୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ମାସେ ହେଲା ବିଦ୍ୟୁତ୍ ନାହିଁ**

ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ହେଲେ ଛାତ୍ରଛାତ୍ରୀଙ୍କ ପାଠ ପଢା ବନ୍ଦ। ବିଦ୍ୟୁତ ସଂଯୋଗ ନଥିବାରୁ ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଅପରପକ୍ଷରେ ମାସେ ହେଲା ବିଦ୍ୟୁତ୍ ସଂଯୋଗ ନଥିବା ସତ୍ତ୍ୱେ ବିଲ୍ ଆସିଛି। ଏହାକୁ ନେଇ ଟିଟିଲାଗଡ ଗରିବ ସେନା ସଭାପତି ଆଇନଜୀବୀ ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିଦ୍ୟୁତ ସେବା ନାମରେ ଟାଟା କମ୍ପାନୀ ଶୋଷଣ ନୀତି ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଗ୍ରାମରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରା ନ ଗଲେ ଗ୍ରାମବାସୀ ଟିଟିଲାଗଡ ସହରକୁ ଆସି ସରକାରୀ କାର୍ଯ୍ୟାଳୟ ଗୁଡିକରେ ରାତ୍ରିଯାପନ କରିବେ ବୋଲି ବାଗ ଚେତାବନୀ ଦେଇଛନ୍ତି।

## ବୀରାଙ୍ଗନା କର୍ମଶାଳା ଶୁଭାରମ୍ଭ

ବରଗଡ଼ ଅଫିସ୍,୧୧।୧୦: ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ମହିଳା ଆତ୍ମସୁରକ୍ଷା ପାଇଁ ବୀରାଙ୍ଗନା କର୍ମଶାଳାର ଶୁଭାରମ୍ଭ କରାଯାଇଛି। ଏସ୍‌ପି ସ୍ମିଥ୍ ପି. ପରମାର୍ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ପୋଲିସ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଉକ୍ତ କର୍ମଶାଳାରେ ବରଗଡ଼ ଟାଏକୋଣ୍ଡୋ ଅନୁଷ୍ଠାନର ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଜିଲାର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପୋଲିସ କର୍ମଚାରୀମାନେ ଆତ୍ମସୁରକ୍ଷା ନେଇ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଏସ୍‌ପି ପରମାର୍ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ବୀରାଙ୍ଗନାଙ୍କୁ ଆତ୍ମସୁରକ୍ଷା ତାଲିମ

ସରଣ୍ଡା, ୧୧।୧୦(ଡି.ଏନ.ଏ.): ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ବରଗଡ଼ ଜିଲା ଅତାବିରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବୀରଙ୍ଗନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଥାନାଧିକାରୀ ଅନିଲ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବାଳିକାମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। ଅତାବିରା ଏନ୍‌ଏସି ଅଞ୍ଚଳରେ ଥିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଲାଦେରପାଲି ସ୍ଥିତ ସେବାଶ୍ରମ ସ୍କୁଲର ଛାତ୍ରୀମାନଙ୍କୁ ଟ୍ରେନର ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ମହିଳା କନଷ୍ଟେବଲ ଲିଲିମା ନାଏକ, ସରସ୍ୱତୀ ତନସନା ତାଲିମ ପ୍ରଦାନ କରିଥିଲେ। ଅନ୍ୟ ୨୪ଟି ବିଦ୍ୟାଳୟରେ ବରଗଡ଼ ଜିଲା ପୋଲିସର ତାଲିମପ୍ରାପ୍ତ ୧୮ଜଣ ପ୍ରଶିକ୍ଷକ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଏହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

### ତୁଲଣ୍ଡିରେ ସମଲେଶ୍ୱରୀଙ୍କ ବାର୍ଷିକୋତ୍ସବ

ବରପାଲି,୧୧।୧୦(ଡି.ଏନ.ଏ.): ବରପାଲି ବ୍ଲକ ତୁଲଣ୍ଡି ଗ୍ରାମର ସମଲେଶ୍ୱରୀ ମନ୍ଦିରରେ ଦ୍ୱିଦିବସୀୟ ବାର୍ଷିକ ପୂଜନୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ପଣ୍ଡିତ ଅବିନାଶ ମହାପାତ୍ରଙ୍କ ସମେତ ଦଇତାରୀ ପଣ୍ଡା, ଆଲୋକ ଶତପଥୀ, ସନ୍ତୋଷ ଶତପଥୀଙ୍କ ଦ୍ୱାରା ସମୂହ ପୂଜାର୍ଚ୍ଚନା, ହବନ, ଚଣ୍ଡୀ ପାଠ ହୋଇଥିଲା। ହରିବୋଲ ସାହୁ ଓ ଜଗତ ସେଠ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କଳସ ସ୍ଥାପନ, ଅଧିବାସ, ପୀଠ ପୂଜନ, ମା'ଙ୍କ ମହାସ୍ନାନ ପୂର୍ବକ ପୂଜାମାନ ଅନୁଷ୍ଠିତ ହୋଇଥିଲା। ପୂଜା କାର୍ଯ୍ୟରେ ସୁବଳ ଶତପଥୀ, ସଞ୍ଜୀବ ବଗର୍ତ୍ତି, ବନବାସ ନାୟକ, ବିପ୍ଲବ ପ୍ରଧାନ, ପ୍ରେମ ରାଜ ପ୍ରଧାନ, ଅଗସ୍ତି ବଡେଇ, ସ୍ମୃତିରଞ୍ଜନ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଲବଦନ ସେଠ, ରାତ୍ର ସାହୁ, ସୁଦାମ ଶତପଥୀ, ସୋନାଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ବୈଠକ

ବରଗଡ଼ ଅଫିସ୍,୧୧।୧୦: ବରଗଡ଼ ଧନୁଯାତ୍ରା ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହୋଇ ୨୦୨୩ ଜାନୁଆରୀ ୬ତାରିଖରେ ଶେଷ ହେବ। ଏହି କ୍ରମରେ ମଙ୍ଗଳବାର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର କର୍ମକର୍ତ୍ତା ମନୋନୟନ ପାଇଁ ବୈଠକ ହୋଇଥିଲା। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଆବାହକ ଏବଂ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମିଶ୍ର ସହ ଆବାହକ ମନୋନିତ ହୋଇଥିଲେ। ସେହିପରି ଅନ୍ୟ ୧୦ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ କମିଟିର ସଭ୍ୟ ଭାବେ ମନୋନୀତ କରାଯାଇଥିଲା। ଆସନ୍ତା ୨୦ତାରିଖରେ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା।

# ଶିଶୁକନ୍ୟା ଦେଶ ପ୍ରଗତିର ପ୍ରତୀକ

ବରଗଡ଼ ଅଫିସ୍,୧୧।୧୦



ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଶିଶୁକନ୍ୟାମାନେ ।

ଶିଶୁକନ୍ୟାଙ୍କ ଉନ୍ନତି ବିନା ଦେଶ, ଜାତି ତଥା ସମାଜର ଉନ୍ନତି ପରିକଳ୍ପନା ଅସମ୍ଭବ। ଶିଶୁକନ୍ୟା ଦେଶ ପ୍ରଗତିର ପ୍ରତୀକ। ବରଗଡ଼ ଜିଲା ଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନରେ ଏହା ମତପ୍ରକାଶ ପାଇଛି। ସ୍ଥାନୀୟ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁକନ୍ୟାଙ୍କ ଉନ୍ନତିରେ ଦେଶର ଉନ୍ନତି ବୋଲି କହିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କପିଳ ରଥ, ଲଳିତା ପ୍ରଧାନ, ବାଳିକା ଶିକ୍ଷା ସଂଯୋଜିକା ସ୍ୱର୍ଣ୍ଣପ୍ରଭା ପଣ୍ଡା, ଶୁଭାସିନୀ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସିଆର୍‌ସିସି ନମିତା ପଟ୍ଟନାୟକ, ଶିକ୍ଷକ ଅରବିନ୍ଦ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଟ୍, ପାରା ଜମ୍ପ କ୍ରୀଡ଼ାବିତ୍ ମୁସ୍କାନ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲିପିକା ଏବଂ ମୁସ୍କାନଙ୍କୁ ମଧ୍ୟ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଅମ୍ବାଭୋନା ବ୍ଲକ ଲଖନପୁର ସ୍ଥିତ କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ପୋଲିସ କର୍ମଚାରୀମାନେ ଝିଅମାନଙ୍କୁ ଆତ୍ମସୁରକ୍ଷା କୌଶଳ ଶିଖାଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭୁକ୍ତା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ବରଗଡ଼ ପୋଲିସ ପକ୍ଷରୁ ବୀରାଙ୍ଗନା କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପୋଲିସ ଇନ୍‌ସପେକ୍ଟର ଟଙ୍କଧର ନାୟକ ଉପସ୍ଥିତ ଥିବାବେଳେ ରିଙ୍କି ବରିହା, ମଞ୍ଜୁଲତା ଭୋଇ ଆତ୍ମସୁରକ୍ଷା କୌଶଳ ଶିଖାଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସୋର୍ନାରେ ଶିବଶକ୍ତି ପୂଜକ ଥନାପତି ସମାବେଶ

ସରଣ୍ଡା,୧୧।୧୦(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ବ୍ଲକ ସୋର୍ନା ଅଷ୍ଟଶମ୍ଭୁ ସ୍ୱପ୍ନେଶ୍ୱର ଶୈବ ପୀଠରେ ମଙ୍ଗଳବାର ଶୈବଶକ୍ତି ପୂଜକ ଥନାପତି ସମାବେଶ ସହ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଯାଇଛି। ଏଥିରେ ସୋର୍ନା ଆଞ୍ଚଳିକ ସଭା ୮ଟି ଗ୍ରାମର ସଦସ୍ୟଙ୍କ ସମେତ ବହୁ ଗ୍ରାମସଭାର ସଭ୍ୟମାନେ ଯୋଗ ଦେଇଥିଲେ। ସମାବେଶରେ ଥନାପତି ଜାତି ସମାଜ କଲ୍ୟାଣ ସକାଶେ ମହାସଭାର ୧୩ ଆଞ୍ଚଳିକ ସଭାକୁ ସକ୍ରିୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୧୬ ତାରିଖରେ ଝାରସୁଗୁଡା ଠାରେ ହେବାକୁ ଥିବା ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘ ଓଡ଼ିଶାର ରାଜ୍ୟସ୍ତରୀୟ ବୈଠକରେ ସହବନ୍ଧିତ ଭାବେ ୨୦ଜଣିଆ ପ୍ରତିନିଧି ଯୋଗ ଦେବାକୁ ସଦସ୍ୟ ମନୋନିତ କରାଯାଇଥିଲା। ପୂର୍ବତନ ସଭାପତି ଆନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ସୋର୍ନା ଆଞ୍ଚଳିକ ସଭାର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ରଘୁନାଥ ମହାପାତ୍ର ସଭାପତି, ରାଧେଶ୍ୟାମ ମହାପାତ୍ର ଉପସଭାପତି, ମାନଭଞ୍ଜନ ମହାପାତ୍ର ସମ୍ପାଦକ, ବିଶ୍ୱାମିତ୍ର ମହାପାତ୍ର ସହ ସମ୍ପାଦକ, ସୁନୀଲ ନାଏକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଥିଲା। ସେହିପରି ୭ଜଣଙ୍କୁ ଉପଦେଷ୍ଟା କମିଟି ସଦସ୍ୟ ଏବଂ ୮ ଗ୍ରାମରୁ ୧୧ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା।


ସମାବେଶରେ ଉପସ୍ଥିତ ପୂଜକବୃନ୍ଦ।

# ସରକାରୀ ଜମି ହସ୍ତାନ୍ତର ନ କରିବାକୁ ଦାବିପତ୍ର

ଜାମଟିକ୍ରା, ୧୧।୧୦(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ କେନ୍ଦୁପାଲି ମୌଜାର ଏକ ସରକାରୀ ଜମି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ହସ୍ତାନ୍ତର କରିବା ପାଇଁ ସ୍ଥିର କରାଯାଇଛି। ଏହାକୁ ବିରୋଧ କରି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଗୋଡଭଗା ଖଣ୍ଡ ଓ ଅତାବିରା ପ୍ରଖଣ୍ଡର ସଦସ୍ୟମାନେ ମଙ୍ଗଳବାର ଅତାବିରାର ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ, ଏହି ଜମି ଆବାଦଯୋଗ୍ୟ ଅନାବାଦି ପତିତ କିସମର ଅଟେ। ଏହାକୁ ଭବିଷ୍ୟତରେ ଅଞ୍ଚଳର ଭୂମିହୀନମାନଙ୍କୁ ଦିଆଯାଇପାରେ। ଗୋଡଭଗା ଅଞ୍ଚଳରେ ବହୁ ଭୂମିହୀନ ପରିବାର ଦୀର୍ଘଦିନରୁ ରହିଆସୁଛନ୍ତି। ତେଣୁ ଉକ୍ତ ସରକାରୀ ଜମିକୁ କୌଣସି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ହସ୍ତାନ୍ତର ନ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ବଜରଙ୍ଗ ଦଳର ପ୍ରଶାନ୍ତ ଭୋଇ, ମୁନା ଗୁପ୍ତା, ପରମେଶ୍ୱର ପଟେଲ, ଅଶ୍ୱିନୀ ମେହେର, ସୁଧୀର ଭୋଇ, ମଣ୍ଟୁ କଠାର, ତରୁଣ କୁମାର, ବିଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସୁପ୍ରିୟା ସ୍ମାରକୀ ଫୁଟବଲ: ମାଲିପାଲି, ଲେଣ୍ଡା ବିଜୟୀ

ବରଗଡ଼ ଅଫିସ୍,୧୧।୧୦

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ମାଲିପାଲି ଏବଂ ଲେଣ୍ଡା ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ମାଲିପାଲି ଓ ଗୋବିନ୍ଦପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା ଏବଂ ମାଲିପାଲି ୫-୪ ଗୋଲରେ ବିଜୟୀ ହୋଇଥିଲା। ଶୁଭମ ପାତ୍ର, ନୀଳରଞ୍ଜନ ପଣ୍ଡା, ବଷ୍ଟି ପ୍ରଧାନ, ଶଙ୍କର୍ଷଣ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଲେଣ୍ଡା ଏବଂ ଗର୍ଭନା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଉକ୍ତ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ ଏବଂ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଲେଣ୍ଡା ୪-୩ ଗୋଲରେ ବିଜୟୀ ହୋଇଥିଲା। ସନ୍ତୋଷ ପଟେଲ, ପ୍ରଶାନ୍ତ ବେହେରା, ଗୋପାଳ ନାୟକ, ନାରାୟଣ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ବ୍ରାହ୍ମଣୀପାଲି ଓ ରକ୍ସା ଏବଂ ଦ୍ୱିତୀୟ ମ୍ୟାଚ ଘେଁସ୍ ଓ ଜୁଲଟ୍ ମଧ୍ୟରେ ହେବାର କାର୍ଯ୍ୟକ୍ରମ ରହିଛି ।

# ବିଶ୍ୱ ମାନସିକ ସାସ୍ଥ୍ୟ ଦିବସ ପାଳିତ

ବରପାଲି,୧୧।୧୦(ଡି.ଏନ.ଏ.)

ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର କୃପାସିନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାକ୍ତର ନୀଳମାଧବ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନାକର ଭୋଇ, ପିଏଚ୍‌ଇଓ କୁବେର ଚନ୍ଦ୍ର ଯୋଶୀ, ପ୍ରଧାନ ଶିକ୍ଷକ ବିଭୂତି ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଏଏମ୍ ଦୀପକ ପ୍ରଧାନ, ବିଡିଏଏମ୍ କ୍ଷୀରୋଦ୍ର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ଜଗବନ୍ଧୁ ସାହୁ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଛାତ୍ରୀ ଉପସ୍ଥିତ ଥିଲେ।

# କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ


ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଭେଡ଼େନ ବ୍ଲକ ଉଦେପୁରରେ ସଚେତନତା ପଦଯାତ୍ରା।

ଅତାବିରା,୧୧।୧୦(ଡି.ଏନ.ଏ)

ବରଗଡ଼ ଜିଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ମଙ୍ଗଳବାର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଛି । ଭେଡ଼େନ ବ୍ଲକ ଉଦେପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶଭଟଲି ମହିଳା ସ୍ୱାସ୍ଥ୍ୟକର୍ମୀ ଲୀଳାବତୀ ପଟେଲ, ଆଶା ମୁକ୍ତା ଦନ୍ତା, ଅଙ୍ଗନୱାଡ଼ି କର୍ମୀ ରୀନା ଦନ୍ତା, ଅଙ୍ଗନୱାଡ଼ି କର୍ମୀ ଜ୍ୟୋତ୍ସ୍ନାମୟୀ ଛୁରିଆ, ସହାୟିକା ସ୍ନେହଲତା ଝାଙ୍କର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଶିଶୁକନ୍ୟାଙ୍କ ମଧ୍ୟରେ ନାଚଗୀତ ହୋଇଥିବାବେଳେ ସଚେତନତା ସଭା, ଶୋଭାଯାତ୍ରା ହୋଇଥିଲା। ସଚେତନତା ସଭାରେ କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ବୋଲି ମତପ୍ରକାଶ ପାଇଥିଲା ।

# କ୍ରିକେଟ: ଶିକ୍ଷକ ଏକାଦଶ ବିଜୟୀ

ପଦ୍ମପୁର, ୧୧।୧୦(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ଲମ୍ବରଜୁନା ଖେଳ ପଡିଆରେ ମଙ୍ଗଳବାର ଶିକ୍ଷକ ଏକାଦଶ ଓ ଲମ୍ବରଜୁନା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ଏକାଦଶ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ବିକାଶ କୈବର୍ତ୍ତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସମ୍ବର୍ଦ୍ଧିତ କରିଥିଲେ। ଅଚ୍ୟୁତ ସାହୁ, ସଞ୍ଜୀବ ବାରିକ ଖେଳ ପରିଚାଳନା କରିଥିବା ବେଳେ ରଜତ ସାହୁ ସ୍କୋରିଂ କରିଥିଲେ। ମନୀଷ ସାହୁ, ବାପିନା ସାହୁ, ସୁଶାନ୍ତ ମହାନନ୍ଦ, ସନାତନ ମେହେର ପ୍ରମୁଖ ସହଯୋଗ କରିଥିଲେ। କିଶନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷୀରାପାଲି ୨-୧ ଗୋଲରେ ବିଜୟୀ


ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ ।

ବରଗଡ଼ ଅଫିସ୍,୧୧।୧୦

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡାଠାରେ ଚାଲିଥିବା ଆଜାଦୀ କପ୍ ଫୁଟବଲ ମହୋତ୍ସବର ଚତୁର୍ଥ ଦିବସ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ କ୍ଷୀରାପାଲି ଦଳ ପ୍ରତିପକ୍ଷ ଗଣ୍ଡିଆପାଲି ଦଳକୁ ୨-୧ ଗୋଲରେ ହରାଇ ବିଜୟୀ ହୋଇଛି । କ୍ଷୀରାପାଲି ଦଳର କରନ ସାହୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଝାରସୁଗୁଡ଼ା ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଟହଲୁ ସାହୁ ମୁଖ୍ୟଅତିଥି ଏବଂ ଅଧ୍ୟାପିକା ମନ୍ଦାକିନୀ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶିବାନନ୍ଦ ଦାଶ, ଅନିଲ ବାଗ, ନିରଞ୍ଜନ ମହାକୁର ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାର ଚିଚିଣ୍ଡା ଏବଂ ଜାଙ୍ଗେଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ପେନ୍‌ଚାକ୍ ସିଲାଟ୍ ପ୍ରତିଯୋଗିତାରେ ବରଗଡ଼ର କୃତିତ୍ୱ

ବରଗଡ଼ ଅଫିସ୍,୧୧।୧୦

ରାଜ୍ୟସ୍ତରୀୟ ପେନ୍‌ଚାକ୍ ସିଲାଟ୍ ପ୍ରତିଯୋଗିତାରେ ବରଗଡ଼ ଜିଲାର ଖେଳାଳିମାନେ କୃତିତ୍ୱ ଅର୍ଜନ କରିଛନ୍ତି। ଝାରସୁଗୁଡ଼ାରେ ଗତ ୮ ଓ ୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବରଗଡ଼ ଜିଲାର ଖେଳାଳିମାନେ ବିଭିନ୍ନ ବର୍ଗରେ ୯ ସ୍ୱର୍ଣ୍ଣ, ୭ ରୌପ୍ୟ, ୭ କାଂସ୍ୟ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ସତ୍ୟବ୍ରତ ପଣ୍ଡା, ଦିଶାନ୍ତ ମେହେର, ହିତ୍ ଆହୁଜା, ଅନୋଖା ରାଜନ, ଆଦ୍ୟାଶା ପଣ୍ଡା, ଜିଶାନ ଅହମ୍ମଦ, ଆକାଶ କୁମ୍ଭାର, ଆଶିଷ ବେହେରା, ଏମ୍‌ଡ଼ି ଚାନ୍ଦ ଶାହା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏସ. ଲକ୍ଷ, ପ୍ରିନ୍ସ ଦର୍ଶନ ଦାଶ, ସୋମେଶ ପ୍ରଧାନ, ଶ୍ରେୟଶ ପନସାରୀ, ଶ୍ରୀନିବାସ ହୋତା, ଏ. ବିକାଶ ପ୍ରିୟାଂଶୁ ପଣ୍ଡାଙ୍କୁ ରୌପ୍ୟ ପଦକ ମିଳିଛି। ସେହିପରି ସୁବ୍ରତ କୁମାର ପଣ୍ଡା, ତନୁ ମେହେର, ରାହୁଲ ପଶାୟତ, ଦୀପପ୍ରକାଶ ପାତ୍ର, ବିଟୁ ସିଂ, ଦିଲୀପ ମେହେର, କମଳପ୍ରୀତ ସିଂ କାଂସ୍ୟ ପଦକ ପାଇଛନ୍ତି। ବରଗଡ଼ ଜିଲା ପେନଚାକ୍ ସିଲାଟ୍ ଆସୋସିଏଶନର ଗୁରୁଶ୍ରୀ ଆଶୁତୋଷ ନାଏକଙ୍କ ପ୍ରଶିକ୍ଷଣରେ ଜିଲାର ୨୫ଜଣ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନିହାର ରଞ୍ଜନ ପଣ୍ଡା, ଏସ୍. ରାଜନ, ମନୋଜ ମେହେର ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।



ପେନ୍‌ଚାକ୍ ସିଲାଟ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀବୃନ୍ଦ ।

# ବରଗଡ଼, ଗାଇସିଲେଟ୍ ବିଜୟୀ

ବରଗଡ଼ ଅଫିସ୍,୧୧।୧୦

ବରଗଡ଼ ଶିକ୍ଷାଜିଲା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଆନ୍ତଃ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବରଗଡ଼ ସହର ଉପକଣ୍ଠ ସିମେଣ୍ଟ ନଗର ଖେଳ ପଡ଼ିଆରେ ଚାଲିଥିବା ଉକ୍ତ ପ୍ରତିଯୋଗିତାକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଫୁଟବଲ ବଣ୍ଟନର ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ରାଧାକାନ୍ତ ଛତ୍ରୀ ବିବରଣୀ ପ୍ରଦାନ କରିଥିଲେ।

ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ, ଭେଡ଼େନ ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ, ପ୍ରଧାନ ଶିକ୍ଷକ ଡଃ ମନୋଜ କୁମାର ସାହୁ, ଆୟୋଜକ କମିଟି ସମ୍ପାଦକ ଡୋଲାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଣାପ୍ରତାପ ହାଇସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବାର କାର୍ଯ୍ୟକ୍ରମ ରହିଛି ।

ଏହି ଅବସରରେ ବରଗଡ଼ ଓ ସୋହେଲା ବାଳକ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଏଥିରେ ବରଗଡ଼ ୩-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ବରଗଡ଼ ଓ ସୋହେଲା ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟାଇବ୍ରେକର ଜରିଆରେ ବରଗଡ଼ ୨-୧ ଗୋଲରେ ବିଜୟୀ ହୋଇଥିଲା । ଗାଇସିଲେଟ ଓ ପାଇକମାଳ ବାଳକ ଦଳ ମଧ୍ୟରେ ତୃତୀୟ ମ୍ୟାଚ୍ ହୋଇଥିଲା। ଉକ୍ତ ମ୍ୟାଚରେ ଗାଇସିଲେଟ ୪-୩ ଗୋଲରେ ବିଜୟୀ ହୋଇଥିଲା । ଅଶ୍ୱିନୀ ବାରିକ, ଗୌରାଙ୍ଗ ପାଣ୍ଡେ, ରାଜେନ୍ଦ୍ର ଭୋଇ ମ୍ୟାଚ୍ ପରିଚାଳନା କରିଥିଲେ।



ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।

### ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ